# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୨/୨୦୨୨ (୧୬ ପୃଷ୍ଠା) | Bhubaneswar, Tuesday, July 12/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୨୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଅପରାଜିତାଙ୍କୁ ଗୁରୁଦାୟିତ୍ୱ**

ଭାରତର ଏକମାତ୍ର ମହିଳା ଭାବେ ଚେସ୍ ଅଲିମ୍ପିଆଡ୍‌ର ଫେୟାର ପ୍ଲେ ପ୍ୟାନେଲରେ ସାମିଲ ହୋଇଛନ୍ତି ଓଡ଼ିଶାର ଅପରାଜିତା ଗୋଚ୍ଛିକାର।

୧୬

୧୨

**୧୧୯ କୋଟିର ଆପାର୍ଟମେଣ୍ଟ କିଣିଲେ ରଣବୀର**

ବଲିଉଡ ଅଭିନେତା ରଣବୀର ସିଂ ମୁମ୍ବାଇର ସାଗର ରେଶମ ରେସିଡେନ୍ସିଆଲ ଟାୱାରରେ ୧୧୯ କୋଟି ଟଙ୍କାର ଏକ ବିଳାସପୂର୍ଣ୍ଣ ଘର କିଣିଛନ୍ତି।



## ଦୁଃଖ



ଝାରସୁଗୁଡ଼ା ଜିଲା ଲଇକେରାରେ ଥିବା ସମ୍ବଲପୁର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଶାଖା ସମ୍ମୁଖରେ ଚାଷୀମାନେ ଫସଲବୀମା ରାଶି ଉଠାଇବା ପାଇଁ ରାତି ୩ଟାରୁ ଧାଡ଼ିରେ ନିଜ ହେଲ୍‌ମେଟ୍ ଏବଂ ବ୍ୟାଗ୍ ରଖି ଅପେକ୍ଷା କରି ରହିଛନ୍ତି।




ରନ୍ଧନ ଗ୍ୟାସ୍‌ର ଅହେତୁକ ଦରବୃଦ୍ଧି ହାଣ୍ଡିଶାଳରେ ଚଡ଼କ ପକାଇଛି। କେନ୍ଦ୍ର ସରକାରଙ୍କ ଏହି ଜନମାରଣ ନୀତି ପ୍ରତିବାଦରେ ସୋମବାର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଭୁବନେଶ୍ୱର ଜିଲା ମହିଳା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସୁଖ



ନୂଆ ପାର୍ଲାମେଣ୍ଟ ଭବନର ଛାତ ଉପରେ ୬.୫ ମିଟର ଉଚ୍ଚତାବିଶିଷ୍ଟ ଜାତୀୟ ପ୍ରତୀକର ବ୍ରୋଞ୍ଜ ପ୍ରତିକୃତିକୁ ସୋମବାର ଅନାବରଣ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଦିବ୍ୟାଂଶୁ ମଲ୍ଲ ରାଜ୍ୟ ଟପ୍ପର

**ଭୁବନେଶ୍ୱର, ୧୧।୭(ବ୍ୟୁରୋ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ସୋମବାର ଜେଇଇ(ମେନ୍) ସେସନ-୧ ରେଜଲ୍ଟ ପ୍ରକାଶ ପାଇଛି। ୧୪ଜଣ ଛାତ୍ରୀଛାତ୍ର ୧୦୦ ପର୍ସେଣ୍ଟାଇଲ ସ୍କୋର୍ ରଖିଥିବାବେଳେ ଓଡ଼ିଶାର ଦିବ୍ୟାଂଶୁ ମଲ୍ଲ ୯୯.୯୮୯ ପର୍ସେଣ୍ଟାଇଲ୍ ସହ ରାଜ୍ୟ ଟପ୍ପର ହୋଇଛନ୍ତି। ଏହି ପରୀକ୍ଷା ଜୁନ୍ ୨୪ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଦେଶ ବିଦେଶରୁ ☞ପୃଷ୍ଠା-୪

**ଜେଇଇ(ମେନ୍) ସେସନ-୧ ରେଜଲ୍ଟ**

୨୧ ତାରିଖରୁ ଜେଇଇ ମେନ୍ ସେସନ-୨




**✓ ସରୋଜ କାନ୍ତ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି**



ତୁମେ ଗଲାବର୍ଷ ମହାପ୍ରଭୁଙ୍କର ନୀଳାଦ୍ରି ବିଜେ ଦିନ ଆମମାନଙ୍କୁ ଛାଡ଼ି ଚାଲିଗଲ। ତୁମେ ପୁଣ୍ୟାତ୍ମା ଥିଲ ବୋଲି ଠାକୁରେ ତୁମକୁ ସାଙ୍ଗରେ ନେଇ ନୀଳାଦ୍ରି ବିଜେ କଲେ। ଆମ ପାଇଁ କିନ୍ତୁ ସବୁ କିଛି ସେହିଦିନ ସରିଗଲା। ଏହି ନିଷ୍ଠୁର ସତ୍ୟକୁ ଗ୍ରହଣ କରିବା ଆମମାନଙ୍କ ପାଇଁ ଖୁବ୍ ଯନ୍ତ୍ରଣାଦାୟକ। ସଚକ୍ଷୁରେ ତୁମକୁ ଦେଖି ପାରୁନାହୁଁ କିନ୍ତୁ ତୁମର ଅସ୍ତିତ୍ୱ ଓ ଉପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ। ତୁମର ସହୃଦୟତା, ସଚ୍ଚୋଟତା, ନିର୍ଭୀକତା, ଧର୍ମପରାୟଣତା ସବୁ ବେଳେ ଆମମାନଙ୍କର କର୍ମରେ ପ୍ରତିଫଳିତ ହେଉ।

ଆଜି କରୁଣାମୟ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ ତାଙ୍କର ଶ୍ରୀଚରଣରେ ତୁମକୁ ବହୁତ ସୁଖ ଓ ଶାନ୍ତିରେ ରଖନ୍ତୁ।

ପତ୍ନୀ-ଜ୍ୟୋତ୍ସ୍ନା ମିଶ୍ର, କନ୍ୟା-ମିତା, ରୀତା, ଗୀତା, ରୀନା, ମିନୁ, ଝୁମା
ଜାମାତା-ସରୋଜ, ଲକ୍ଷ୍ମୀକାନ୍ତ, କିଶୋର, ଦୀପଙ୍କର, ହେମନ୍ତ
ନାତି-ଦେବଦତ୍ତ, ଅରୁଣ, ନାତୁଣୀ-ତାରା, ଲିଟୁ
ଶୈଳଶ୍ରୀ ବିହାର, ଭୁବନେଶ୍ୱର


# ୨୦୨୩ରେ ଚାଇନାକୁ ଟପିବ ଭାରତ

**ୟୁଏନ୍, ୧୧।୭(ପି.ଟି.)**

ବିଶ୍ୱର ଦୁଇ ପ୍ରମୁଖ ଜନବହୁଳ ଦେଶ ହେଉଛି ଚାଇନା ଏବଂ ଭାରତ। ଜନସଂଖ୍ୟା ଦୃଷ୍ଟିରୁ ବର୍ତ୍ତମାନ ଚାଇନା ପ୍ରଥମ ସ୍ଥାନରେ ଥିବାବେଳେ ଦ୍ୱିତୀୟରେ ରହିଛି ଭାରତ। ଏଭଳି ସ୍ଥିତି ଆଉ ବେଶି ଦିନ ରହିବ ନାହିଁ। ଖୁବ୍‌ଶୀଘ୍ର ଭାରତ ବିଶ୍ୱର ସବୁଠୁ ବଡ଼ ଜନବହୁଳ ଦେଶ ପାଲଟିବ। ଏନେଇ ମିଳିତ ଜାତିସଂଘ (ୟୁଏନ୍) ପକ୍ଷରୁ ସୋମବାର ଏକ ରିପୋର୍ଟ ପ୍ରକାଶ ପାଇଛି। ସେଥିରେ ଦର୍ଶାଯାଇଛି ଯେ, ୨୦୨୩ ସୁଦ୍ଧା ଭାରତ ଜନସଂଖ୍ୟା କ୍ଷେତ୍ରରେ ଚାଇନାକୁ ପଛରେ ପକାଇଦେବ।

ସୋମବାର ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ଜାତିସଂଘ ପକ୍ଷରୁ ଜାରି ହୋଇଥିବା ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ଚାଇନାର ଜନସଂଖ୍ୟା ୧୪୨ କୋଟି ୬୦ ଲକ୍ଷ ଥିବାବେଳେ ଭାରତର ଜନସଂଖ୍ୟା ରହିଛି ୧୪୧ କୋଟି ୨୦ ଲକ୍ଷ। ୨୦୨୩ ସୁଦ୍ଧା ବିଶ୍ୱ ଜନସଂଖ୍ୟା ବହୁଳ ଦେଶ ତାଲିକାରେ ଭାରତ ଶୀର୍ଷରେ ରହିବା ସାଙ୍ଗକୁ ୨୦୫୦ ସୁଦ୍ଧା ଏହାର ଜନସଂଖ୍ୟା ୧୬୬ କୋଟି ୮୦ ଲକ୍ଷକୁ ପହଞ୍ଚିଥିବ। କିନ୍ତୁ ସେତେବେଳକୁ ଚାଇନାର ଜନସଂଖ୍ୟା ହ୍ରାସ



ପାଇ ୧୩୧ କୋଟି ୭୦ ଲକ୍ଷ ରହିଥିବ ବୋଲି ଜାତିସଂଘ ପକ୍ଷରୁ ଆକଳନ କରାଯାଇଛି।

ଦ୍ରୁତ ଜନସଂଖ୍ୟା ବୃଦ୍ଧି ଯୋଗୁ ଦାରିଦ୍ର୍ୟ ଦୂରୀକରଣ, କ୍ଷୁଧା ଓ ପୁଷ୍ଟିହୀନତାର ମୁକାବିଲା, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବ୍ୟବସ୍ଥା ଅଧିକ ଦୁର୍ବଳ ହୋଇଯାଇଥାଏ। ବୟସ୍କ ଲୋକଙ୍କ ଯତ୍ନ ନେବା ମଧ୍ୟ କଷ୍ଟକର ହୋଇପଡେ। ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବା, ବିଶେଷକରି ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଲିଙ୍ଗଗତ ସମାନତା ସହିତ ଜଡ଼ିତ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ଭାରତ ଭଳି ବିକାଶଶୀଳ ଦେଶ ପାଇଁ ଏହା ନିହାତି ଚିନ୍ତାଜନକ ବୋଲି ତଥ୍ୟଭିଜ୍ଞମାନେ ମତ ଦେଉଛନ୍ତି।

ଜାତିସଂଘର ଅର୍ଥନୈତିକ ଏବଂ ସାମାଜିକ ବ୍ୟାପାର ବିଭାଗର ଜନସଂଖ୍ୟା ଡିଭିଜନ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏହି ରିପୋର୍ଟ ମୁତାବକ, ୨୦୨୨ ନଭେମ୍ବର ୧୫ ସୁଦ୍ଧା ବିଶ୍ୱ ଜନସଂଖ୍ୟା ୮୦୦ କୋଟି ହେବା ନେଇ ଆକଳନ କରାଯାଇଛି। ୧୯୫୦ ମସିହାରୁ ବିଶ୍ୱର ଜନସଂଖ୍ୟା ମନ୍ଥର ଗତିରେ ବଢୁଛି ଏବଂ ୨୦୨୦ରେ ଏହା ୧% ହ୍ରାସ ପାଇଛି। ମିଳିତ ଜାତିସଂଘର ସର୍ବଶେଷ ଆକଳନ ଅନୁଯାୟୀ

**ଜନସଂଖ୍ୟା**

- ୨୦୮୦ ସୁଦ୍ଧା ୧୦୦୦ କୋଟି ପାର ହେବ ବିଶ୍ୱ ଲୋକସଂଖ୍ୟା
- ଭାରତ ସମେତ ୮ ଦେଶରେ ବଢୁଛି, ଚାଇନାରେ କମୁଛି

୨୦୩୦ରେ ବିଶ୍ୱ ଜନସଂଖ୍ୟା ପ୍ରାୟ ୮୫୦କୋଟି ଏବଂ ୨୦୫୦ ମସିହାରେ ୯୭୦ କୋଟିକୁ ବୃଦ୍ଧି ପାଇପାରେ। ତେବେ ୨୦୮୦ ବେଳକୁ ବିଶ୍ୱ ଜନସଂଖ୍ୟା ଶିଖରରେ ପହଞ୍ଚି ୧୦୪୦ କୋଟି ହେବ ଏବଂ ୨୧୦୦ ମସିହା ପର୍ଯ୍ୟନ୍ତ ସେହି ସ୍ତର ରହିବ ବୋଲି ଆକଳନ କରାଯାଇଛି।

ମହାଦେଶଗୁଡ଼ିକ ଦେଖିଲେ, ଏସିଆ ୪୭୦ କୋଟି ଜନସଂଖ୍ୟା ସହିତ ଶୀର୍ଷରେ ରହିଛି, ଯାହାକି ବିଶ୍ୱ ଜନସଂଖ୍ୟାର ୬୧%। ସେହିପରି ଆଫ୍ରିକାରେ ୧୩୦ କୋଟି (୧୭%), ୟୁରୋପରେ ୭୫ କୋଟି (୧୦%), ଲାଟିନ ଆମେରିକା ଏବଂ କାରିବିଆନ୍‌ରେ ୬୫ କୋଟି (୮%), ଉତ୍ତର ଆମେରିକାରେ ୩୭ କୋଟି ଏବଂ ଓସେନିଆରେ ୪.୩ କୋଟି ଲୋକ ବାସ କରନ୍ତି। ୨୦୨୨ରେ ବିଶ୍ୱର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଭାରତ ନଂ.୧

**ଲଘୁଚାପ ସତ୍ତ୍ୱେ ୧୧ ଜିଲାରେ ନିଅଣ୍ଟିଆ ବର୍ଷା**

ପୃଷ୍ଠା-୩

## ଜୀବନ୍ତ ଜଳିଗଲେ ଦିବ୍ୟାଙ୍ଗ ଯୁବତୀ

**କଟକ ଅଫିସ, ୧୧।୭:** କଟକ ସୂତାହାଟ ଅଞ୍ଚଳର ଖ୍ରୀଷ୍ଟିଆନ ସାହିରେ ସୋମବାର ରାତିରେ ଅଗ୍ନିକାଣ୍ଡରେ ଜଣେ ଦିବ୍ୟାଙ୍ଗ ଯୁବତୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତା ହେଲେ ୨୧ ବର୍ଷୀୟା ଲତିଫା ଶେଖ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ଲାଲବାଗ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସୂତାହାଟ ଅଞ୍ଚଳର ଏକ ତିନି ମହଲା କୋଠାର ଦ୍ୱିତୀୟ ମହଲାରେ ସେକ୍ ସାଜିଦ ଅଲ୍ଲୀ ପରିବାର ସହ ରୁହନ୍ତି। ସନ୍ଧ୍ୟାରେ ସାଜିଦ୍ ନିଜ ଦୋକାନରେ ଥିବାବେଳେ ତାଙ୍କ ସ୍ତ୍ରୀ କୌଣସି କାର୍ଯ୍ୟରେ ସିଡିଏ ଅଞ୍ଚଳକୁ ଯାଇଥିଲେ। ଘରେ ଦିବ୍ୟାଙ୍ଗ ଝିଅ ଲତିଫା ଏକାକୀ ଥିଲେ। ରାତି ପ୍ରାୟ ସାଢେ ୮ଟାରେ ତାଙ୍କ ଘର ଝରକା ପଟୁ ନିଆଁ ଜଳୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେମାନେ ☞ପୃଷ୍ଠା-୪

# ୪ ସହରରେ ସଂକ୍ରମଣ ବଢୁଛି

### ସମସ୍ତଙ୍କୁ ମାଗଣାରେ ଟିକା ଦେବା ପାଇଁ କେନ୍ଦ୍ରକୁ ଅନୁରୋଧ କରିବୁ: ସ୍ୱାସ୍ଥ୍ୟ ସଚିବ

**ଭୁବନେଶ୍ୱର, ୧୧।୭(ବ୍ୟୁରୋ)**

ରାଜ୍ୟରେ ଏବେ କରୋନା ଉପରମୁହାଁ ରହିଛି। ୪ଟି ସହରରେ ସଂକ୍ରମଣ ବଢ଼ିବାରେ ଲାଗିଛି। ଭୁବନେଶ୍ୱର, କଟକ, ପୁରୀ ଏବଂ ରାଉରକେଲାରେ କରୋନା ସଂକ୍ରମଣ ବଢୁଥିବା ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ଧଳ କହିଛନ୍ତି। ସେ କହିଛନ୍ତି, ଯଦିଓ ସଂକ୍ରମଣ ଏବେ ବଢୁଛି, କିନ୍ତୁ ସ୍ଥିତି ନିୟନ୍ତ୍ରଣରେ ଅଛି। ରାଜ୍ୟରେ ସକ୍ରିୟ ମାମଲା ପ୍ରାୟ ୩୨୦୦ ରହିଛି। ମାତ୍ର ୧ ପ୍ରତିଶତ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ମାସକ ତଳେ ୧୦ ହଜାର ଟେଷ୍ଟିଂ ହେଉଥିବାବେଳେ ଏବେ ୧୫ ହଜାର ହେଉଛି। ରବିବାର ଏବଂ ଅନ୍ୟ ଛୁଟି ଦିନରେ ଟେଷ୍ଟିଂ କମ୍ ରହିବ। ଆମେ ଦିନକୁ ୨୫ ହଜାର ପର୍ଯ୍ୟନ୍ତ ଟେଷ୍ଟିଂ କରିବାର ଯୋଜନା ରଖିଛୁ ବୋଲି ସ୍ୱାସ୍ଥ୍ୟ ସଚିବ ପ୍ରକାଶ କରିଛନ୍ତି। ରାଜ୍ୟରେ ଟିକାକରଣ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ପୂର୍ବରୁ ଦ୍ୱିତୀୟ ଓ ତୃତୀୟ ଡୋଜ ଭିତରେ ୯ ମାସର ବ୍ୟବଧାନ ରହୁଥିଲା। ଏବେ ତାହାକୁ କମାଇ ୬ ମାସ କରାଯାଇଛି। ସରକାର ସମ୍ମୁଖ ଯୋଦ୍ଧା, ୬୦ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାଗଣାରେ ଟିକା ଦେଉଛନ୍ତି। ୧୮ରୁ ୫୯ ବର୍ଷ ବୟସର ଲୋକଙ୍କୁ ଘରୋଇ ☞ପୃଷ୍ଠା-୪

### ଦିନକରେ ୫୭୨ ଆକ୍ରାନ୍ତ ଚିହ୍ନଟ

ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୫୭୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୩୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ୨୩୬ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେହିପରି ଏମାନଙ୍କ ମଧ୍ୟରେ ୬୯ ଜଣ ୧୮ ବର୍ଷରୁ କମ୍ ବୟସର ଅଛନ୍ତି। ୨୫ଟି ଜିଲାରୁ ୫୭୨ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୫ଟି ଜିଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଅନ୍ୟପକ୍ଷରେ ☞ପୃଷ୍ଠା-୪




**୨ ଆତଙ୍କବାଦୀ ନିହତ**

ଜମ୍ମୁ-କଶ୍ମୀର ପୁଲୱାମା ଜିଲାରେ ସୋମବାର ଜୈଶ-ଇ-ମହମ୍ମଦର ଦୁଇ ଆତଙ୍କବାଦୀ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜୈଶର ଟପ୍ ଆତଙ୍କବାଦୀ କୈସେର କୋକା ସାମିଲ ଥିବା କୁହାଯାଉଛି। ଗୋଇନ୍ଦା ସୂଚନା ପାଇବା ପରେ କଶ୍ମୀରର ଅୱନ୍ତିପୋରାର ଓ୍ୱାଣ୍ଡାକପୋରାରେ ସୁରକ୍ଷକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା। ଘଟଣାସ୍ଥଳରୁ ୟୁଏସ୍ଏ ତିଆରି ରାଇଫଲ, ଗୋଟିଏ ପିସ୍ତଲ ଓ ଏକାଧିକ ବିସ୍ଫୋରକ ସାମଗ୍ରୀ ହସ୍ତଗତ ହୋଇଥିବା ପୋଲିସ ସୂଚନା ଦେଇଛି।

# ଏଆଇଏଡିଏମ୍‌କେରେ ବିଦ୍ରୋହ

## ପାଲାନିସ୍ୱାମୀ ବନାମ ପନିରସେଲଭମ

### ଇପିଏସ୍ ନୂଆ ମୁଖ୍ୟ, ଓପିଏସ୍ ବହିଷ୍କୃତ

ଚେନ୍ନାଇ, ୧୧।୭

ତାମିଲନାଡୁର ମୁଖ୍ୟ ବିରୋଧୀ ଦଳ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ଼ ମୁନ୍ନେତ୍ରା କାଜାଗମ୍ (ଏଆଇଏଡିଏମ୍‌କେ)ରେ ଥିବା ଅନ୍ତଃକନ୍ଦଳ ଖୋଲାଖୋଲି ସାମ୍ନାକୁ ଆସିଛି। ଦଳର ଦୁଇ ବରିଷ୍ଠ ନେତା ଇଡାପାଡି କେ ପାଲାନିସ୍ୱାମୀ (ଇପିଏସ୍) ଏବଂ ଓ. ପନିରସେଲଭମ୍(ଓପିଏସ୍) ପାର୍ଟି କମାଣ ସମ୍ଭାଳିବାକୁ ନେଇ ପରସ୍ପର ବିରୋଧରେ ବିଦ୍ରୋହ କରିଛନ୍ତି। ସୋମବାର ଅନୁଷ୍ଠିତ ଏଆଇଏଡିଏମ୍‌କେର ସାଧାରଣ ପରିଷଦ ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ପାଲାନିସ୍ୱାମୀଙ୍କୁ ଦଳର ଅନ୍ତରୀଣ ସାଧାରଣ ସମ୍ପାଦକ ନିଯୁକ୍ତି ପାଇଁ ଏକ ପ୍ରସ୍ତାବ ପାରିତ ହୋଇଛି। ଏଥିସହ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍‌କେ ନେତ୍ରୀ ଜେ. ଜୟଲଲିଥାଙ୍କ ମୃତ୍ୟୁପରେ ଦଳରେ ଚାଲିଥିବା ଦୋହରା ନେତୃତ୍ୱ ମଡେଲକୁ ଶେଷ କରିବା ପାଇଁ ମଧ୍ୟ ପ୍ରସ୍ତାବ ଆଗତ ହୋଇଛି। ପାର୍ଟି ଚଲାଇବା ନିମନ୍ତେ ପାଲାନିସ୍ୱାମୀଙ୍କୁ ସମସ୍ତ କ୍ଷମତା ପ୍ରଦାନ ପରେ ୨୦୧୭ ସେପ୍ଟେମ୍ବର ୧୨ରେ ହୋଇଥିବା ଦଳର କୋଅର୍ଡିନେଟର ଏବଂ ଜଏଣ୍ଟ କୋଅର୍ଡିନେଟର ପଦକୁ ହଟାଇ ଦିଆଯାଇଛି। ଏହି ଦୁଇ ପଦ ଯଥାକ୍ରମେ ଓପିଏସ୍ ଏବଂ ଇପିଏସ୍ ସମ୍ଭାଳିଥିଲେ। ଅପରପକ୍ଷେ ପାଲାନିସ୍ୱାମୀଙ୍କୁ ଦଳର ସବୁ କ୍ଷମତା ଦିଆଯିବାକୁ ଓପିଏସ୍ ବିରୋଧ କରି ପାର୍ଟିରେ ବିଦ୍ରୋହ କରିଛନ୍ତି। ଫଳରେ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଓପିଏସ୍ ଏବଂ ତାଙ୍କ ସମର୍ଥକଙ୍କୁ ଦଳରୁ ବହିଷ୍କାର କରାଯାଇଛି।


ସମର୍ଥକଙ୍କ ସହ ଇଡାପାଡି କେ ପାଲାନିସ୍ୱାମୀ (ମଝି)।

ଏଆଇଏଡିଏମ୍‌କେ ସାଧାରଣ ପରିଷଦ ବୈଠକ ଉପରେ ରହିତାଦେଶ ଜାରି କରିବାକୁ ପୂର୍ବରୁ ପନିରସେଲଭମ ମାଡ୍ରାସ୍ ହାଇକୋର୍ଟରେ ଆବେଦନ କରିଥିଲେ। ଦଳର ସଂଖ୍ୟାଗରିଷ୍ଠ ସଦସ୍ୟ ଏହି ବୈଠକ ହେଉ ବୋଲି ଚାହୁଁଥିବା କହି ଜଷ୍ଟିସ୍ କ୍ରିଷ୍ଣନ୍ ରାମାସ୍ୱାମୀଙ୍କ ଏକକ ଖଣ୍ଡପୀଠ ଏହାକୁ ମଞ୍ଜୁରୀ ଦେବା ପରେ ଓପିଏସ୍‌ଙ୍କୁ ଝଟକା ଲାଗିଥିଲା। କୋର୍ଟଙ୍କ ଅନୁମତି ପରେ ଏ. ତାମିଲ ମହନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ପନିରସେଲଭମ୍ ଏବଂ ତାଙ୍କ ନିକଟତମ ସହଯୋଗୀ ଆର୍. ବୈଥୟାଲିଙ୍ଗମ୍, ମନୋଜ ପ୍ରଧାନ ଏବଂ ଜେ. ସି. ଡି. ପ୍ରଭାକରଙ୍କୁ ଦଳର ପ୍ରାଥମିକ ସଦସ୍ୟତା ପଦରୁ ହଟାଯିବା ପାଇଁ ଆଗତ ପ୍ରସ୍ତାବ ପାରିତ ହୋଇଥିଲା। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ପନିରସେଲଭମ ସଙ୍ଗେ ସଙ୍ଗେ ପାଲାନିସ୍ୱାମୀ ଏବଂ କେ. ପି. ମୁନିସାମୀଙ୍କୁ ପଦରୁ ବହିଷ୍କୃତ କରିଥିଲେ। କିନ୍ତୁ ପାଲାନିସ୍ୱାମୀ ଦଳର ସର୍ବୋଚ୍ଚ ନେତା ହେବା ପରେ ପନିରସେଲଭମ୍‌ଙ୍କ ଏହି ପଦକ୍ଷେପ ମୂଲ୍ୟହୀନ ହୋଇଛି। ବୈଠକରେ ସ୍ୱତନ୍ତ୍ର ପ୍ରସ୍ତାବ ଆଣିଥିବା ଏଆଇଏଡିଏମ୍‌କେର ଆର୍. ବିଶ୍ୱନାଥନ କହିଥିଲେ, ପନିରସେଲଭମ୍ ଶାସକ ଡିଏମ୍‌କେ ଇଶାରାରେ ଯାଇ ଅନୁଚିତ କାମକୁ ବିରୋଧ ପରିବର୍ତ୍ତେ ରାଜ୍ୟ ସରକାରଙ୍କୁ ସମର୍ଥନ କରୁଛନ୍ତି। ଏପରି କରି ସେ ଏଆଇଏଡିଏମ୍‌କେକୁ ଦୁର୍ବଳ କରିବାକୁ ଉଦ୍ୟମ ଚଳାଇଛନ୍ତି। ଦଳର ସାଧାରଣ ପରିଷଦ ବୈଠକ ବିରୋଧରେ ଅଭିଯୋଗ କରି ଏହାକୁ ବନ୍ଦ କରିବା ନିମନ୍ତେ ଓପିଏସ୍ କୋର୍ଟ ଯିବା ପାର୍ଟି ନିୟମ ବିରୋଧୀ। ତେଣୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଓପିଏସ୍‌ଙ୍କ ସମେତ ତାଙ୍କ ସମର୍ଥକଙ୍କୁ ଦଳରୁ ବିଦା କରାଯାଇଥିବା ସେ କହିଛନ୍ତି।

୨୦୧୬ ଡିସେମ୍ବରରେ ଜୟଲଲିଥାଙ୍କ ମୃତ୍ୟୁ ପରେ ତାଙ୍କ ବିଶ୍ୱସ୍ତ ଭି. କେ. ଶଶିକଳାଙ୍କୁ ଅନ୍ତରୀଣ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଥିଲା। ଶଶିକଳାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ସେ ଗିରଫ ହୋଇ ଜେଲ ଦଣ୍ଡାଦେଶ ପାଇଥିଲେ। ଏଆଇଏଡିଏମ୍‌କେ ୨୦୧୭ରେ ଶଶିକଳାଙ୍କୁ ଏହି ପଦରୁ ହଟାଇଥିଲା। ଅନ୍ୟପକ୍ଷରେ ବୈଠକରେ ପାରିତ ହୋଇଥିବା ଆଉ ଏକ ପ୍ରସ୍ତାବ ଅନୁସାରେ ସୋସିଆଲ ଜଷ୍ଟିସ୍ ଆଇକନ୍ ସ୍ୱର୍ଗତ ପେରିୟାର ଇ. ଭି. ରାମାସାମୀ, ଦ୍ରାବିଡିଆନ୍ ଆନ୍ଦୋଳନର ଜନକ ସି. ଏନ୍. ଆନାଦୁରାଇ ଏବଂ ଏଆଇଏଡିଏମ୍‌କେ ସୁପ୍ରିମୋ ସ୍ୱର୍ଗତ ଜେ. ଜୟଲଲିଥାଙ୍କୁ ମରଣୋତ୍ତର ଭାରତ ରତ୍ନ ସମ୍ମାନ ପ୍ରଦାନ ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯିବାକୁ ନିଷ୍ପତ୍ତି ହୋଇଛି।

## ସମର୍ଥକ ମୁହାଁମୁହିଁ


ଓପିଏସ୍‌ଙ୍କ ସମର୍ଥକମାନେ ଦଳୀୟ କାର୍ଯ୍ୟାଳୟ କବାଟ ଭାଙ୍ଗି ଦେଉଛନ୍ତି।

ଏଆଇଏଡିଏମ୍‌କେ ସାଧାରଣ ପରିଷଦ ବୈଠକରେ ଦଳର ସାଧାରଣ ସମ୍ପାଦକ ନିଯୁକ୍ତ ହେବା ପରେ ପାଲାନିସ୍ୱାମୀ ଓପିଏସ୍‌ଙ୍କୁ ଟାର୍ଗେଟ କରିଥିଲେ। ଇପିଏସ୍ କହିଥିଲେ, ପନିରସେଲଭମ୍ ସର୍ବଦା ଦଳ ପାଇଁ ତ୍ୟାଗ କରିଥିବା ପ୍ରଚାର କରୁଛନ୍ତି। କିନ୍ତୁ ସେ କ'ଣ କରିଛନ୍ତି। ପାର୍ଟି ପାଇଁ ଆମେ ହିଁ ବଳିଦାନ ଦେଇଛୁ ବୋଲି ଇପିଏସ୍ କହିଥିଲେ। ପାଲାନିସ୍ୱାମୀଙ୍କ ଏହି ମନ୍ତବ୍ୟକୁ ନେଇ ଦୁଇ ନେତାଙ୍କ ସମର୍ଥକ ମୁହାଁମୁହିଁ ହୋଇଥିଲେ। ରୋୟାପେଟ୍ଟା ସ୍ଥିତ ଦଳୀୟ କାର୍ଯ୍ୟାଳୟ ମଧ୍ୟକୁ ପଶି ସେମାନେ ଭଙ୍ଗାରୁଜା କରିବା ସହ ପରସ୍ପର ଉପରକୁ ଚେୟାର, ଢେଲାମାଡ଼ କରିଥିଲେ। ଏଥିରେ

### ଦଳୀୟ ମୁଖ୍ୟାଳୟ ସିଲ୍

ଓପିଏସ୍‌ଙ୍କ ସମର୍ଥକ ତଥା କୋଲଥପୁର ଜିଲା ସମ୍ପାଦକ କ୍ରିଷ୍ଣାମୂର୍ତ୍ତିଙ୍କ ସମେତ ଅନେକ ଆହତ ହୋଇଛନ୍ତି। ଉଭୟଙ୍କ ସମର୍ଥକ ସେଠାରେ ପୋଷ୍ଟର, ବ୍ୟାନର ଆଦି ଚିରିବା ସହ ସେଥିରେ ନିଆଁ ଲଗାଇ ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ସ୍ଥାନୀୟ ପ୍ରଶାସନ ଏଆଇଏଡିଏମ୍‌କେ ମୁଖ୍ୟାଳୟକୁ ସିଲ୍ କରିଛି।



"ଦେଢ଼ କୋଟି ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଏଆଇଏଡିଏମ୍‌କେ କୋଅର୍ଡିନେଟର ନିର୍ବାଚିତ ହୋଇଥିଲି। ତେଣୁ ତାଙ୍କୁ ଦଳରୁ ବହିଷ୍କାର କରିବା ଅଧିକାର ପାଲାନିସ୍ୱାମୀ କିମ୍ବା ଅନ୍ୟ କେଉଁ ନେତାଙ୍କର ନାହିଁ। ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହେବି।

**–ଓ ପନିରସେଲଭମ୍, ଏଆଇଏଡିଏମ୍‌କେରୁ ବହିଷ୍କୃତ ନେତା**

## ସଂକ୍ଷେପରେ

### ନୂଆ ପାର୍ଲାମେଣ୍ଟ ଅଶୋକ ସ୍ତମ୍ଭ ଅନାବରଣ କଲେ ମୋଦି

**ନୂଆଦିଲ୍ଲୀ,୧୧।୭:** ଦିଲ୍ଲୀରେ ନିର୍ମାଣାଧୀନ ନୂଆ ପାର୍ଲାମେଣ୍ଟ ବିଲ୍ଡିଂର ଅଶୋକ ସ୍ତମ୍ଭକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅନାବରଣ କରିଛନ୍ତି। ପାର୍ଲାମେଣ୍ଟ ବିଲ୍ଡିଂର ଛାତରେ ଅଶୋକ ସ୍ତମ୍ଭଟି ନିର୍ମାଣ ହୋଇଛି। ଏହାର ଉଚ୍ଚତା ୬.୪ ମିଟର ହୋଇଥିବାବେଳେ ଓଜନ ୯,୫୦୦ କିଲୋଗ୍ରାମ ରହିଛି। ସ୍ତମ୍ଭଟି ବ୍ରୋଞ୍ଜରେ ତିଆରି କରାଯାଇଛି। ସ୍ତମ୍ଭକୁ ସପୋର୍ଟ ପାଇଁ ଷ୍ଟିଲ୍‌ରେ ନିର୍ମାଣ ହୋଇଥିବା ଆଧାରର ଓଜନ ୬,୫୦୦ କିଲୋଗ୍ରାମ। ଏ ଅବସରରେ ସ୍ତମ୍ଭ ତିଆରି କାର୍ଯ୍ୟରେ ନିୟୋଜିତ କାରିଗରମାନଙ୍କ ସହିତ ମୋଦି କଥା ହେଉଥିବାର ଦେଖିବାକୁ ମିଳିଥିଲା।

### ହଜ୍ ପାଇଁ ୬,୫୦୦ କି.ମି. ଚାଲିଲେ



**ଲଣ୍ଡନ,୧୧।୭:** ବ୍ରିଟେନରେ ରହୁଥିବା ଇରାକୀ-କୁରଦିଶ ବଂଶୋଦ୍ଭବ ଆଦମ ମହମ୍ମଦ (୫୨) ହଜ୍ ପାଇଁ ୬,୫୦୦ କି.ମି. ଦୂର ଚାଲିକରି ମକ୍କାରେ ପହଞ୍ଚିଛନ୍ତି। ସାଉଦି ଆରବରେ ପହଞ୍ଚିବା ପାଇଁ ଆଦମ ନେଦରଲ୍ୟାଣ୍ଡ, ଜର୍ମାନୀ, ଅଷ୍ଟ୍ରେଲିଆ, ହଙ୍ଗେରି, ସର୍ବିଆ, ବୁଲଗେରିଆ, ତୁର୍କୀ, ଲେବାନନ ଏବଂ ଜୋର୍ଡାନ ଦେଶ ଅତିକ୍ରମ କରି ଆସିଛନ୍ତି। ସାଉଦି ଆରବ ମକ୍କାରେ ପହଞ୍ଚିବାକୁ ତାଙ୍କୁ ୧୦ ମାସ ୨୫ ଦିନ ସମୟ ଲାଗିଥିଲା। ଗତବର୍ଷ ଅଗଷ୍ଟ ୧ରୁ ଆଦମ ବ୍ରିଟେନରୁ ନିଜର ଏହି ଯାତ୍ରା ଆରମ୍ଭ କରିଥିଲେ। ପ୍ରତ୍ୟେକ ଦିନ ସେ ୧୭.୮ କି.ମି. ଦୂର ଅତିକ୍ରମ କରୁଥିବାବେଳେ ନିଜ ସାଥୀରେ ସେ ଏକ ଘରତିଆରି ଟ୍ରଲି ଆଣିଥିଲେ, ଯାହାର ଓଜନ ୩୦୦ କେ.ଜି.। ଉକ୍ତ ଟ୍ରଲିରେ ସ୍ପିକର ଖଞ୍ଜା ଯାଇଥିବାବେଳେ ଇସଲାମିକ୍ ପ୍ରାର୍ଥନା ଶୁଣି-ଶୁଣି ସେ ଏହି ଯାତ୍ରାକୁ ପୂରା କରିଥିବା କହିଛନ୍ତି। ଆଦମଙ୍କ ଏ ପ୍ରକାର ନିଆରା ପ୍ରୟାସର ମୂଳ କାରଣ ଦୁନିଆରେ ଶାନ୍ତି ଏବଂ ସମାନତାର ମନ୍ତ୍ର ପ୍ରଚାର କରିବା।

# ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ନିଷ୍ପତ୍ତି ନ ନିଅନ୍ତୁ ବାଚସ୍ପତି: ସୁପ୍ରିମକୋର୍ଟ

### ମହାରାଷ୍ଟ୍ର ରାଜନୀତି

ନୂଆଦିଲ୍ଲୀ, ୧୧।୭

ମହାରାଷ୍ଟ୍ରରେ ଶିବସେନା ଓ ବିଦ୍ରୋହୀଙ୍କ ମଧ୍ୟରେ ଲାଗି ରହିଥିବା କନ୍ଦଳକୁ ନେଇ ସୋମବାର ସୁପ୍ରିମକୋର୍ଟ ଉଭୟ ଗୋଷ୍ଠୀର ଆବେଦନ ଉପରେ ରୋକ ଲଗାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଗୋଷ୍ଠୀ ଏବଂ ବିଦ୍ରୋହୀ ନେତା ତଥା ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ପକ୍ଷରେ ଥିବା ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ହୋଇଥିବା ଆବେଦନ ଉପରେ ନବ ନିର୍ବାଚିତ ବାଚସ୍ପତି ରାହୁଲ ନରୱେକର ଏବେ କୌଣସି ନିଷ୍ପତ୍ତି ନ ନିଅନ୍ତୁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଭାରତର ପ୍ରଧାନ ବିଚାରପତି(ସିଜେଆଇ) ଜଷ୍ଟିସ୍ ଏନ୍. ଭି. ରମନା, ଜଷ୍ଟିସ୍ କ୍ରିଷ୍ଣା ମୁରାରୀ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଦାଲତଙ୍କ ପରବର୍ତ୍ତୀ ଫଇସଲା ନ ଆସିବା ପର୍ଯ୍ୟନ୍ତ ମାମଲା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

ମହାରାଷ୍ଟ୍ର ରାଜନୀତି ସହ ଜଡ଼ିତ ସମସ୍ତ ଆବେଦନର ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ଜୁଲାଇ ୧୧ ତାରିଖ ଧାର୍ଯ୍ୟ କରିଥିଲେ। କିନ୍ତୁ ସୋମବାର ସୁପ୍ରିମକୋର୍ଟରେ ଏହି ମାମଲା ଲିଷ୍ଟିଂ ହୋଇ ନ ଥିଲା। ଉଦ୍ଧବଙ୍କ ଗୋଷ୍ଠୀଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ ସିବଲ ଏହାର ତ୍ୱରିତ ଶୁଣାଣି ପାଇଁ ସିଜେଆଇଙ୍କ ନିକଟରେ ନିବେଦନ କରିଥିଲେ। କିନ୍ତୁ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ନିଷ୍ପତ୍ତି ନ ନେବା ସଂକ୍ରାନ୍ତରେ ବାଚସ୍ପତିଙ୍କୁ ଜଣାଯିବାକୁ ଖଣ୍ଡପୀଠ କହିଥିଲେ। ଏହି ମାମଲାର ବିଚାର ପାଇଁ ସମୟ ଆବଶ୍ୟକ। ସଙ୍ଗେସଙ୍ଗେ ଏଥିନିମନ୍ତେ ଖଣ୍ଡପୀଠ ଗଠନ କରାଯାଇପାରିବ ନାହିଁ। ସୁପ୍ରିମକୋର୍ଟ ପ୍ରଥମେ ସମସ୍ତ ପକ୍ଷର କଥା ଶୁଣିବେ। ଏହା ପରେ ହିଁ ବାଚସ୍ପତି କୌଣସି ନିଷ୍ପତ୍ତି ନେଇପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।


ଏକନାଥ ଶିନ୍ଦେ | ଉଦ୍ଧବ ଠାକ୍‌ରେ


ପ୍ରବଳ ବର୍ଷାରେ ଗୋଦାବରୀ ନଦୀ ଜଳସ୍ତର ବଢ଼ିବା ଯୋଗୁ ମହାରାଷ୍ଟ୍ରର ଗଙ୍ଗାପୁର ଡ୍ୟାମ୍‌ରୁ ପାଣି ଛଡ଼ାଯାଇଛି। ବନ୍ୟାପାଣିରେ ନାସିକ୍‌ରେ ଥିବା କେତେକ ମନ୍ଦିର ବୁଡ଼ିଯାଇଛି।

# ଦ୍ରୌପଦୀଙ୍କୁ ସମର୍ଥନ ଦେବ ଟିଡିପି

### ରାଷ୍ଟ୍ରପତି ନିର୍ବାଚନ

ନୂଆଦିଲ୍ଲୀ,୧୧।୭

ରାଷ୍ଟ୍ରପତି ନିର୍ବାଚନରେ ତେଲୁଗୁ ଦେଶମ୍ ପାର୍ଟି(ଟିଡିପି) ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଦେବ। ସୋମବାର ଟିଡିପି ଜାତୀୟ ସଭାପତି ତଥା ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ଏ ନେଇ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ଚନ୍ଦ୍ରାବାବୁ କହିଛନ୍ତି ଯେ, ଦଳ ସର୍ବଦା ସାମାଜିକ ନ୍ୟାୟ ପ୍ରତି ପ୍ରତିବଦ୍ଧତା ଦେଖାଇଛି। ଅତୀତରେ ଦଳ କେ.ଆର୍. ନାରାୟଣନ, ଏପିଜେ ଅବ୍‌ଦୁଲ କଲାମଙ୍କୁ ମଧ୍ୟ ରାଷ୍ଟ୍ରପତି ନିର୍ବାଚନରେ ସମର୍ଥନ କରିଛି। ସେହିପରି ଟିଡିପି ପୂର୍ବତନ ବାଚସ୍ପତି ଜିଏମ୍‌ସି ବାଲାଯୋଗୀଙ୍କୁ ବାଚସ୍ପତି ନିର୍ବାଚନ ବେଳେ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କୁ ମଧ୍ୟ ସମର୍ଥନ ଦେଇଛି। ଏ ସବୁ ଦୃଷ୍ଟିରୁ ଟିଡିପି ଆସନ୍ତା ରାଷ୍ଟ୍ରପତି ନିର୍ବାଚନରେ ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବ ବୋଲି ଘୋଷଣା କରିଛି। ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ମୁର୍ମୁଙ୍କୁ ଅଣ ଏନ୍‌ଡିଏ ଦଳ ମଧ୍ୟରୁ ବିଜେଡି ଓ ଟିଡିପି ନିଜର ସମର୍ଥନ ଦେବାକୁ ଘୋଷଣା କରିଛନ୍ତି। ଫଳରେ ଦ୍ରୌପଦୀଙ୍କ ନିର୍ବାଚନ ବିଜୟ ଏକପ୍ରକାର ନିଶ୍ଚିତ ହୋଇଯାଇଛି।

## ଉବର କେଳେଙ୍କାରୀ

# ଚଢ଼ାଉରୁ ବର୍ତ୍ତିବା ପାଇଁ 'କିଲ୍ ସ୍ୱିଚ୍'

- ବେଆଇନ ଭାବେ ଟେକ୍ନୋଲୋଜି ବ୍ୟବହାର
- ସହଯୋଗ କରିଛନ୍ତି ରାଜନେତା, ଅଧିକାରୀ

ସାନ୍ ଫ୍ରାନ୍ସିସ୍କୋ/ନୂଆଦିଲ୍ଲୀ, ୧୧।୭

ବିଭିନ୍ନ ଦେଶରେ କ୍ୟାବ୍ ସର୍ଭିସ୍ ଦେଉଥିବା କମ୍ପାନୀ ଉବର ବିରୋଧରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଇଣ୍ଟରନ୍ୟାଶନାଲ କନ୍‌ସୋର୍ସିୟମ୍ ଅଫ୍ ଇନ୍‌ଭେଷ୍ଟିଗେଟିଭ୍ ଜର୍ନାଲିଷ୍ଟ (ଆଇସିଆଇଜେ) ଏବଂ ଇଣ୍ଡିଆନ୍ ଏକ୍ସପ୍ରେସ୍ 'ଉବର ଫାଇଲ୍ସ' ନାମରେ ଅନେକ ଗୁପ୍ତ ତଥ୍ୟ ପ୍ରଘଟ କରିଛି। ଉବର କିପରି ନିଜ କାରବାର ବଢ଼ାଇବା ପାଇଁ ନିୟମ ଉଲଂଘନ କରିଛି ଏବଂ ବିଭିନ୍ନ ସରକାର ତଥା ରାଜନେତାଙ୍କ ସହଯୋଗରେ ନିଜ ହିସାବରେ ଆଇନକୁ ମୋଡ଼ି ଫାଇଦା ଉଠାଇଛି ତାହା ଏହି ରିପୋର୍ଟରେ ଦର୍ଶାଯାଇଛି। ଏହି କମ୍ପାନୀ ଟିକସ ଫାଙ୍କିବା ଏବଂ ଚଢ଼ାଉରୁ ବର୍ତ୍ତିବା ପାଇଁ ସ୍ୱତନ୍ତ୍ର ଟେକ୍ନୋଲୋଜି ବ୍ୟବହାର କରିଛି। ପ୍ରାୟ ୧ଲକ୍ଷ ୨୦ ହଜାରୁ ଊର୍ଦ୍ଧ୍ୱ ମେଲ୍, ଟେକ୍ସଟ୍ ମେସେଜ୍ ଏବଂ ଅନ୍ୟ ଆଭ୍ୟନ୍ତରୀଣ ଡକ୍ୟୁମେଣ୍ଟର ଯାଞ୍ଚ ପରେ ଉବର କେଳେଙ୍କାରୀ ଉପରୁ ପରଦା ଉଠିଛି। ବ୍ରିଟିଶ୍ ଖବରକାଗଜ ଦ ଗାର୍ଡିଅନ୍‌ରେ ମଧ୍ୟ ଏ ସଂକ୍ରାନ୍ତ ରିପୋର୍ଟ ପ୍ରକାଶ ପାଇଛି।

୨୦୦୯ରେ ଆରମ୍ଭ ହୋଇଥିବା ଉବର ଟ୍ୟାକ୍ସି ରେଗୁଲେଶନ୍ ବା ନିୟମ କୋହଳ ପାଇଁ ଦାବି କରିବା ସହ ଏକ ଆପ୍ଲିକେଶନ୍ ମାଧ୍ୟମରେ ଶସ୍ତାରେ ଲୋକଙ୍କୁ ନେବା ଆଣିବା ପାଇଁ ଅଫର୍ ଦେଇଥିଲା। ଏହାପରେ କମ୍ପାନୀ ୪୦ରୁ ଊର୍ଦ୍ଧ୍ୱ ଦେଶରେ ବ୍ୟବସାୟ ବଢ଼ାଇ ନିଜକୁ ପ୍ରତିଷ୍ଠିତ କରିପାରିଛି। ରିପୋର୍ଟ ଅନୁସାରେ, ଉବର କାରବାର ବୃଦ୍ଧି ପାଇଁ ଅନେକ ବେଆଇନ ପନ୍ଥା ଆପଣାଇଛି। ତଦନ୍ତକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ ହେଉଥିବା ଚଢ଼ାଉରୁ ବର୍ତ୍ତିବା ପାଇଁ ଉବର ଏକ ସ୍ୱତନ୍ତ୍ର ସଫ୍ଟୱେର୍ 'କିଲ୍ ସ୍ୱିଚ୍'ର ସାହାଯ୍ୟ ନେଇଛି। ଏହି କ୍ୟାବ୍ ସର୍ଭିସ୍ ପ୍ରଦାନକାରୀ କମ୍ପାନୀ କାରବାର ଚଳାଉଥିବା ସବୁ ଦେଶରେ ଏହି ସଫ୍ଟୱେରର ବ୍ୟବହାର କରିଛି। କିଲ୍ ସ୍ୱିଚ୍ ଟେକ୍ନୋଲୋଜି ମାଧ୍ୟମରେ କମ୍ପାନୀକୁ ଚଢ଼ାଉ ପୂର୍ବରୁ ସୂଚନା ମିଳିଥାଏ। ଏହାର ଆଇଟି ଷ୍ଟାଫ୍ ଆଲର୍ଟ ହୋଇଯିବାପରେ କମ୍ପାନୀର ଇଣ୍ଟରନାଲ ସଫ୍ଟୱେର୍ ସଙ୍ଗେସଙ୍ଗେ ବନ୍ଦ ହୋଇଯାଏ। ଫଳରେ ଆୟକର ଅଧିକାରୀ କିମ୍ବା ତଦନ୍ତକାରୀ ଏଜେନ୍ସିଗୁଡ଼ିକ ଉବର ଡାଟା ହାସଲ କରିପାରି ନ ଥାନ୍ତି।




ଭାରତରେ ମଧ୍ୟ ଉବର କମ୍ପାନୀ ଉପରେ ଏକାଧିକ ଥର ଚଢ଼ାଉ ହୋଇଛି।

୨୦୧୪ ଡିସେମ୍ବରରେ ଉବରର ଜଣେ ଡ୍ରାଇଭର ଦିଲ୍ଲୀରେ ଜଣେ ୨୫ ବର୍ଷୀୟ ମହିଳା ଯାତ୍ରୀଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣା ପରେ ଦିଲ୍ଲୀ ସରକାର କମ୍ପାନୀକୁ ତାଗିଦ୍ କରିଥିଲେ। କିନ୍ତୁ ତଦନ୍ତରେ ସବୁ ଦୋଷ ଡ୍ରାଇଭର ଏବଂ ତାଙ୍କୁ ଦିଆଯାଇଥିବା ଲାଇସେନ୍ସ ବ୍ୟବସ୍ଥାକୁ ଦାୟୀ କରାଯାଇଥିଲା। ଏହାପରେ କମ୍ପାନୀ ନିଜ ଡ୍ୟାମେଜ୍ କଣ୍ଟ୍ରୋଲ୍ କରିବାକୁ ଚେଷ୍ଟା କରିଥିଲା। ଏହି ଘଟଣାର ୬ ଦିନ ପରେ ଉବରର ଜଣେ କର୍ମଚାରୀ କରିଥିବା ଇମେଲ୍ ବାବଦରେ ମଧ୍ୟ ଜଣାପଡ଼ିଛି। ଏଥିରେ ସେ ଲେଖିଥିଲେ ସବୁକିଛି ଆମ ନିୟନ୍ତ୍ରଣରେ ନାହିଁ। କେତେକ ସମୟରେ ଏଭଳି ପରିସ୍ଥିତି ଆସେ, ଯେଉଁଠାରେ ନିୟମ ଭାଙ୍ଗିବାକୁ ପଡ଼େ। ଏହାପରେ କମ୍ପାନୀ କ୍ୟାବ୍‌ଗୁଡ଼ିକରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ଏକ ପ୍ୟାନିକ୍ ବଟନ୍ ଆଣିବା ପାଇଁ କହିଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ଲିକ୍ ତଥ୍ୟରୁ ଆହୁରି ମଧ୍ୟ ଜାଣିବାକୁ ମିଳିଛି ଯେ, କମ୍ପାନୀକୁ ଅନେକ ରାଷ୍ଟ୍ରର ସରକାରଙ୍କ ପକ୍ଷରୁ ମଧ୍ୟ ସହଯୋଗ ମିଳିଛି। କେତେକ ସରକାର ଉବର ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ଲବି କରିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁନ ଓ କମ୍ପାନୀର ଜଣେ କର୍ତ୍ତୃପକ୍ଷଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ମଧ୍ୟ ଲିକ୍ ହୋଇଛି। ମାକ୍ରଁନ୍ ଉବରକୁ ଅନେକ ଉପାୟରେ ସାହାଯ୍ୟ କରିଥିବା ରିପୋର୍ଟରେ କୁହାଯାଇଛି। ଏହା ଉପରେ ଉବର କହିଛି, ପୂର୍ବରୁ କେତେକ ତ୍ରୁଟି ହୋଇଥିଲା। କିନ୍ତୁ ଏବେ ସେସବୁରେ ସୁଧାର ଅଣାଯାଇଛି।

### ଶ୍ରୀଲଙ୍କା ସଙ୍କଟ

## ଦେଶରେ ଅଛନ୍ତି ଗୋଟାବାୟା

କଲମ୍ବୋ,୧୧।୭

ଘୋର ଆର୍ଥିକ ସଙ୍କଟ ଭିତରେ ଗତି କରୁଥିବା ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ଏପ୍ରକାର ଘଡ଼ିସନ୍ଧି ମୁହୂର୍ତ୍ତରେ ଦେଶରେ ରାଜନୈତିକ ଅସ୍ଥିରତା ମଧ୍ୟ ଜାରି ରହିଛି। ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଦେଶ ଛାଡ଼ିବା ନେଇ ବାଚସ୍ପତି ମହିନ୍ଦା ୟାପା ଆବେୟୱାରଡେନା ଯେଉଁ ବୟାନ ଦେଇଥିଲେ ସୋମବାର ସେଥିରୁ ଓହରିଛନ୍ତି। ରାଜପାକ୍ସେଙ୍କ ଲୋକେଶନ୍ ଟ୍ରେସ୍ କରିବା ସମ୍ଭବପର ହେଉ ନ ଥିବା ପୂର୍ବରୁ ମହିନ୍ଦା ୟାପା ଆବେୟୱାରଡେନା ସୂଚନା ଦେଇଥିଲେ। ତେବେ ରାଷ୍ଟ୍ରପତି କେଉଁଆଡ଼େ ଯାଇ ନାହାନ୍ତି ବରଂ ଦେଶ ଭିତରେ ହିଁ ଅଛନ୍ତି ବୋଲି ବାଚସ୍ପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପଦରୁ ଇସ୍ତଫା ଦେବା ପାଇଁ ରାଜପାକ୍ସେ ଆସନ୍ତା ୧୩ରେ ଶ୍ରୀଲଙ୍କା ଆସିବେ। ଏଥିସହ ଆସନ୍ତା ସପ୍ତାହରେ ହିଁ ଦେଶର ନୂଆ ରାଷ୍ଟ୍ରପତି ବଛାଯିବ ବୋଲି ୟାପା ପ୍ରକାଶ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୬,୦୮,୬୨,୦୧୧ | ୬୩,୬୩,୩୮୦ | ୫୩,୩୮,୬୯,୮୦୨ |
| ଭାରତ | ୪,୩୬,୩୯,୩୨୯ | ୫,୨୫,୪୫୪ | ୪,୨୯,୮୩,୧୬୨ |
| ଓଡ଼ିଶା | ୧୨,୯୪,୦୭୬ | ୯୧୨୬(+୫୩) | ୧୨,୮୧,୮୬୬ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଲଘୁଚାପ ସତ୍ତ୍ୱେ ୧୧ ଜିଲାରେ ନିଅଣ୍ଟିଆ ବର୍ଷା

■ ୧୬ରୁ ଦୁର୍ବଳ ହୋଇପାରେ ମୌସୁମୀ
■ ବଢ଼ିଲା ଚାଷୀଙ୍କ ଚିନ୍ତା

ଭୁବନେଶ୍ୱର,୧୧।୭(ବ୍ୟୁରୋ)

ମୌସୁମୀ ସକ୍ରିୟ ହେବାପରେ ଓଡ଼ିଶା ଓ ଏହାର ଆଖପାଖ ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଲଘୁଚାପ ଦାନା ବାନ୍ଧୁଛି। ହେଲେ ସେହି ପରିମାଣର ବର୍ଷା ହେଉନି। ପାଣିପାଗ ବିଭାଗ ହିସାବ କହୁଛି, ଜୁଲାଇ ମାସରେ ଲଗାତର ୨ଟି ଲଘୁଚାପ ହୋଇଥିବା ବେଳେ ଆଉ ଗୋଟିଏ ଲଘୁଚାପ ଉତ୍ତର ପଶ୍ଚିମ ବଙ୍ଗୋପସାଗରର ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୧୪ ଓ ୧୫ ତାରିଖରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହା ଓଡ଼ିଶା ନିକଟ ସମୁଦ୍ର ଉପକୂଳରେ ରହୁଥିବାରୁ ରାଜ୍ୟକୁ ଭଲ ବର୍ଷା ମିଳିବା ସମ୍ଭାବନା କମ୍। ଅନ୍ୟପକ୍ଷରେ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରବେଶକୁ ମାସେ ହୋଇଗଲାଣି। ଏପର୍ଯ୍ୟନ୍ତ ରାଜ୍ୟକୁ ଭଲ ବର୍ଷା ଦି'ଟୋପା ମିଳିଲା ନାହିଁ।

ଜୁନ୍ ପହିଲାରୁ ଜୁଲାଇ ୧୧ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଠାରୁ ମାତ୍ର ୧୫% କମ୍ ବର୍ଷା ହୋଇଥିବା ସୂଚାଉଛି। ବାସ୍ତବ କ୍ଷେତ୍ରରେ ଯଦି ଦେଖାଯିବ ତେବେ ରାଜ୍ୟର ଅଧାରୁ ଅଧିକ ଜିଲା ଶୁଖିଲା ପଡ଼ିଛି। କେଉଁଠି ବିଲ ଘାସପଡ଼ିଆ ହୋଇ ରହିଛି ତ ଆଉ କେଉଁଠି ପାଣି ଅଭାବରୁ ଧାନତଳି ପଡ଼ିପାରୁନି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଜୁନ୍ ପହିଲାରୁ ଜୁଲାଇ ୧୧ ମଧ୍ୟରେ ପୁରୀ ଜିଲାରେ ସ୍ୱାଭାବିକଠାରୁ ୫୧% କମ୍ ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼ ୪୩, ଖୋର୍ଦ୍ଧା ୪୦, କେନ୍ଦ୍ରାପଡ଼ା ୩୪, ସମ୍ବଲପୁର ୩୧, ବଲାଙ୍ଗୀର ୩୦, ନବରଙ୍ଗପୁର ୨୧, କଟକ ୨୨, ଭଦ୍ରକ ୨୨, କଳାହାଣ୍ଡି ୨୦, ମୟୂରଭଞ୍ଜ ଜିଲାରେ ୨୨ ପ୍ରତିଶତ କମ୍ ବର୍ଷା ହୋଇଛି। ବିଲରେ ପାଣି ନ ଥିବାରୁ ଚାଷୀମାନେ ମୌସୁମୀ ବର୍ଷାକୁ ଅପେକ୍ଷା କରି ରହିଛନ୍ତି। ଲଘୁଚାପଜନିତ ବର୍ଷା ହେଉ ନ ଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ସୋମବାର ବଙ୍ଗୋପସାଗରରେ ଯେଉଁ ଲଘୁଚାପ ଦାନା ବାନ୍ଧିଛି ତାହା ଓଡ଼ିଶା ପାଇଁ ସେତେଟା ବର୍ଷା ଦେବନାହିଁ ବୋଲି ପାଣିପାଗ ବିଶେଷଜ୍ଞ ଆକଳନ କଲେଣି। ଓଡ଼ିଶା ନିକଟ ସମୁଦ୍ରରେ ଲଘୁଚାପ ଦାନା ବାନ୍ଧୁଥିବାରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବ ନାହିଁ। ଏହାର ଫାଇଦା ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଆଭ୍ୟନ୍ତରୀଣ ରାଜ୍ୟକୁ ମିଳିବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି।

ଅନ୍ୟପକ୍ଷରେ ଆସନ୍ତା ୧୬ ତାରିଖରୁ ରାଜ୍ୟରେ ମୌସୁମୀ ଦୁର୍ବଳ ହେବା ନେଇ ସୂଚନା ମିଳିଲାଣି। ଏହା ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇବା ଆଶଙ୍କା ସୃଷ୍ଟି କଲାଣି। ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଥିବାରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ନୂଆପଡ଼ା, କଳାହାଣ୍ଡି, ସୋନପୁର, ବରଗଡ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୋଳ ଓ ବଲାଙ୍ଗୀରର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଏହି ସମୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୪ ତାରିଖରେ ଭଦ୍ରକ, ଯାଜପୁର, କେନ୍ଦୁଝର, ସୁନ୍ଦରଗଡ଼ ଓ ବରଗଡ଼ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ତଳିଆ ଅଞ୍ଚଳ ଜଳାର୍ଣ୍ଣବ ହୋଇପାରେ। କଚ୍ଚାରାସ୍ତା ବର୍ଷା ଯୋଗୁ ଧୋଇଯିବାର ଆଶଙ୍କା ଥିବାରୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ଚାପରେ ନିର୍ଦ୍ଦେଶ ବଦଳିଲା

## ବିଦ୍ୟାଳୟ ପରିସରକୁ ଗଣମାଧ୍ୟମର ପ୍ରବେଶ ଉପରେ କଟକଣା ପ୍ରସଙ୍ଗ

ଢେଙ୍କାନାଳ ଅଫିସ୍, ୧୧।୭

ବିଦ୍ୟାଳୟ ପରିସରକୁ ଗଣମାଧ୍ୟମ ପ୍ରତିନିଧିମାନେ କ୍ୟାମେରା ନେଇ ଯାଇପାରିବେ ନାହିଁ। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ଏଭଳି ଏକ ବିବାଦୀୟ ନିର୍ଦ୍ଦେଶନାମାକୁ ନେଇ ସାରା ରାଜ୍ୟରେ ତୁମ୍ଭିତୋଫାନ ଉଠିବା ପରେ ନିଷ୍ପତ୍ତି ବଦଳିଛି। କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ପୂର୍ବ ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନିଆଯାଇଛି। ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ଏକ ଚିଠି (ନଂ. ୧୦୯୬/ ୧୧.୭.୨୦୨୨) ପ୍ରକାଶିତ ହୋଇଛି। ବିନା ଅନୁମତିରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବ୍ଲକର କୌଣସି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ଗତ ଜୁନ୍ ୮ରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଚିଠି (ନଂ. ୧୦୬୬)ରେ ଯେଉଁ ନିର୍ଦ୍ଦେଶ ଦିଆଯାଇଥିଲା, ତାହାକୁ ପ୍ରତ୍ୟାହାର କରି ନିଆଯାଇଥିବା ଏଥିରେ ଦର୍ଶାଯାଇଛି।

ରାଜ୍ୟର କେତେକ ଜିଲାର ବ୍ଲକ ଶିକ୍ଷାଧିକାରୀମାନେ ଅନୁରୂପ ନିର୍ଦ୍ଦେଶନାମା ଜାରି କରିବା ପରେ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ତୀବ୍ର ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିଥିବାବେଳେ ଅଭିଭାବକ ସଂଘ ସ୍କୁଲରେ ତାଲା ପକାଇବ ବୋଲି ଚେତାବନୀ ଦେଇଥିଲା। ଏପରି କି ଗଣମାଧ୍ୟମ ସମ୍ମୁଖକୁ ଆସି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ସ୍ପଷ୍ଟୀକରଣ ଦେବାକୁ ପଡ଼ିଥିଲା। ଏଭଳି ବିବାଦୀୟ ନିର୍ଦ୍ଦେଶକୁ ନେଇ ସମାଲୋଚନାର ଶିକାର ହେବା ପରେ ଚାପରେ ପଡ଼ି ବ୍ଲକ ଶିକ୍ଷା ବିଭାଗ ନିଷ୍ପତ୍ତି ବଦଳାଇଥିବା ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ନେବା ପାଇଁ ବିଇଓ ହରିହର ଦେହୁରୀଙ୍କ ମୋବାଇଲ (ନଂ. ୯୪୩୮୬୨୯୯୫୫, ୯୬୬୮୩୪୪୮୪୯) ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ୍ ସୁଇଚ୍ ଅଫ୍ ଥିଲା।

ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ଦୁଇଦିନ ତଳେ ଏକ ଚିଠି କରାଯାଇଥିଲା। ଏଥିରେ ଉଲ୍ଲେଖ କରାଯାଇଥିଲା, କିଛି ଲୋକ କ୍ୟାମେରା ଧରି ସ୍କୁଲ ଭିତରେ ପଶି ପିଲା ଓ ଶିକ୍ଷକଙ୍କୁ ପ୍ରଶ୍ନ ପଚାରୁଛନ୍ତି। ଏହାକୁ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରଣ କରୁଛନ୍ତି, ଯାହା ଗ୍ରହଣଯୋଗ୍ୟ ନୁହେଁ। ଏଣିକି ସ୍କୁଲରେ ପ୍ରବେଶ ପୂର୍ବରୁ ସମ୍ପୃକ୍ତ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଅନୁମତି ନେବାକୁ ପଡ଼ିବ। ଏହାକୁ ଅବମାନନା କଲେ ସେହି ସ୍କୁଲର ପ୍ରଧାନ ଶିକ୍ଷକ ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ନାମରେ ଥାନାରେ ଏତଲା ଦେବେ। କେବଳ ଏତିକି ନୁହେଁ, ଢେଙ୍କାନାଳ ଜିଲା ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ କାର୍ଯ୍ୟାଳୟରୁ ମଧ୍ୟ ଅନୁରୂପ ଚିଠି କରାଯାଇ ନିର୍ଦ୍ଦେଶ କଡ଼ାକଡ଼ି ପାଳନ କରାଯିବାକୁ କୁହାଯାଇଥିଲା।

### ଯାଇପାରିବେ, କିନ୍ତୁ ପାଠପଢ଼ା ସମୟରେ ନୁହେଁ: ଜିଲାପାଳ

ବିଦ୍ୟାଳୟ ପରିସରକୁ ଗଣମାଧ୍ୟମର ପ୍ରବେଶ ଉପରେ କଟକଣା ପ୍ରସଙ୍ଗ ରାଜ୍ୟ ରାଜନୀତିକୁ ସରଗରମ କରିଥିବାବେଳେ ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ ମତ ରଖିଛନ୍ତି। ସେ କହିଛନ୍ତି, ସ୍କୁଲ ପରିସରକୁ ଗଣମାଧ୍ୟମ ପ୍ରତିନିଧି ଯାଇପାରିବେ, କିନ୍ତୁ ପାଠପଢ଼ା ସମୟରେ ନୁହେଁ। କାରଣ କ୍ୟାମେରା ଧରି ସ୍କୁଲ ହତାକୁ ପ୍ରବେଶ କରିବା ଫଳରେ ଶିକ୍ଷାଦାନ ପ୍ରଭାବିତ ହେଉଛି। ତେଣୁ ଗଣମାଧ୍ୟମ ପ୍ରତିନିଧି ଚାହିଁଲେ ପାଠପଢ଼ା ସରିବା ପରେ ସ୍କୁଲ ପରିଚାଳନା କମିଟି, ପୁରାତନ ଛାତ୍ର ସଂଘ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିପାରିବେ।


**ବିକ୍ରୟ ନୋଟିସ କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା**

ସୁବର୍ଣ୍ଣ ସୁଯୋଗ!!!

ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ ଅଧୀନରେ
**କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍-** ପରିସମାପନାଧୀନର
ବିକ୍ରୟ ନୋଟିସରେ ନିଲାମ ବିଡ୍ ଆମନ୍ତ୍ରଣ କରାଯାଉଛି
**ଇ-ନିଲାମର ତାରିଖ ଓ ସମୟ: ୨୬ ଅଗଷ୍ଟ, ୨୦୨୨ ପୂର୍ବାହ୍ଣ ୧୧ରୁ ଅପରାହ୍ଣ ୫ ଘଟିକା**

କର୍ପୋରେଟ୍ ଋଣୀ ମେସର୍ସ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍- ପରିସମାପନାଧୀନର ବ୍ୟବସାୟକୁ ଚାଲୁ ବ୍ୟବସାୟ ଭିତ୍ତିରେ ତଥା "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ", "ଯେପରି ଅଛି ଯାହା ଅଛି ଭିତ୍ତିରେ", "ସେଠାରେ ଯାହା ବି ଅଛି ଭିତ୍ତିରେ", ଏବଂ "ବିନା ଅବଲମ୍ବନ ଭିତ୍ତିରେ" ଇ-ନିଲାମ ବିକ୍ରୟ।

| ଇ-ନିଲାମର ତାରିଖ | ବ୍ୟବସାୟ / ପରିସମ୍ପତ୍ତିର ପ୍ରକୃତି | ସଂରକ୍ଷିତ ମୂଲ୍ୟ (ଆଇଏନ୍‌ଆର୍) | ଅମାନତ ଜମା ରାଶି (ଆଇଏନ୍‌ଆର) | ବୃଦ୍ଧିଶୀଳ ବିଡ୍ ପରିମାଣ (ଆଇଏନ୍‌ଆର) |
|---|---|---|---|---|
| ୨୬ ଅଗଷ୍ଟ ୨୦୨୨ | ମାର୍ଜିନ୍ ରାଶି ଏବଂ ନଗଦ ଓ ବ୍ୟାଙ୍କ ବାଲାନ୍ସକୁ ଛାଡ଼ି ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ | ୭୬,୦୦,୦୦,୦୦୦ (ଛଅସ୍ତରି କୋଟି ଟଙ୍କା ମାତ୍ର) | ୨,୦୦,୦୦,୦୦୦ (ଦୁଇ କୋଟି ଟଙ୍କା ମାତ୍ର) | ୫୦,୦୦,୦୦୦ (ପଚାଶ ଲକ୍ଷ ଟଙ୍କା ମାତ୍ର) |

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ:
୧. ପରିସମ୍ପତ୍ତି, ସମ୍ପତ୍ତି ଇତ୍ୟାଦିର ବର୍ଣ୍ଣନା ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜରେ ପ୍ରଦାନ କରାଯାଇଛି।
୨. ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ସମ୍ପୂର୍ଣ୍ଣ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ: www.kgsip.com, www.kvknilachalpower.com, https://right2vote.in ଇ-ମେଲ୍: kvknilachalkgs2019@gmail.com
୩. ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ ନିମନ୍ତେ ଇ-ନିଲାମ ୨୬ ଅଗଷ୍ଟ, ୨୦୨୨ ଦିନ ସଞ୍ଚାଳନ ହେବ।
୪. କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଅଫର(ଗୁଡ଼ିକୁ) ଗ୍ରହଣ କରିବା, ଖାରଜ କରିବା କିମ୍ବା ଇ-ନିଲାମକୁ ମୁଲତବୀ/ସ୍ଥଗିତ ରଖିବା/ବାତିଲ କରିବା ଅଥବା ଯେକୌଣସି ପର୍ଯ୍ୟାୟରେ ନିଲାମ ପ୍ରକ୍ରିୟାରୁ ଯେକୌଣସି ସମ୍ପତ୍ତି କିମ୍ବା ତାହାର ଅଂଶକୁ ପ୍ରତ୍ୟାହାର କରିବାର ନିରଙ୍କୁଶ ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ।

**ସ୍ୱା./- ରାଜେନ୍ଦ୍ର ପ୍ରସାଦ ଟାକ - ପରିସମାପକ**
ଆଇବିବିଆଇ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୨୬/୨୦୧୭-୧୮/୧୦୯୫୧
କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ୩/୧୫, ୪ର୍ଥ ମହଲା, ଆସଫ ଅଲି ରୋଡ୍, ନୂଆଦିଲ୍ଲୀ-୧୧୦୦୦୨
ଇମେଲ୍ ଆଇଡି kvknilachalkgs2019@gmail.com,
ଯୋଗାଯୋଗ ନମ୍ବର: ୦୧୧-୪୧୪୨୬୬୬୨, ୦୧୧-୨୩୨୭୭୬୭୭, ୯୩୧୩୧୦୨୫୫୨















**ଆଜିର ମନ୍ତବ୍ୟ**

"ଏଆଇଏଡିଏମ୍‌କେ ସାଧାରଣ ସମ୍ପାଦକ ଭାବେ ଇପିଏସ୍‌ଙ୍କ ନିଯୁକ୍ତି ଅଗ୍ରହଣୀୟ, ସେ ଓପିଏସ୍‌ଙ୍କୁ ବହିଷ୍କାର କରିପାରିବେ ନାହିଁ।
– ଶଶୀକଳା, ଏଆଇଏଡିଏମ୍‌କେ ପୂର୍ବତନ ସାଧାରଣ ସମ୍ପାଦକ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ମୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖରା ସହେ ମେରୁ,
ଖରା ସହେ ଗୋରୁ,
ଖରା ସହେ ମୂଲିଆ ବାପୁଡ଼ା,
ଖରା ସହେ ତରୁ।**

ପ୍ରକୃତି ସହ ଜଡ଼ିତ ଥିବା ପାହାଡ଼, ପର୍ବତ, ଗଛ ଲତା ମାନ ଖରାକୁ ଭ୍ରୂକ୍ଷେପ ନ କରି ଦଣ୍ଡାୟମାନ ହୋଇ ଜଗତକୁ ଶୀତଳତା ପ୍ରଦାନ କରିଥାନ୍ତି। ସେହିପରି ଗୋରୁ ବା ବଳଦ ଖରାରେ ଚାଷ କାର୍ଯ୍ୟରେ ନିୟୋଜିତ ହେଉଥିବାବେଳେ ଚାଷି ମୂଲିଆ ପେଟ ପାଟଣା ପାଇଁ ଖରାରେ କାମ କରିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଖାଇ ନ ଜାଣି ଭାତର ଦୋଷ,
ଦେଇ ନ ଜାଣି ପତର ଦୋଷ।**

ଖାଇ ନ ଜାଣି ଭାତ ଭଲରେ ରନ୍ଧା ଯାଇ ନ ଥିବା କହିବା ଭଳି ଠିକ୍‌ରେ ପରଷି ନ ଜାଣି ପତରର ଦୋଷ ଥିବା କଥା କହିବା ନିହାତି ହାସ୍ୟାସ୍ପଦ କଥା ହୋଇଥାଏ। ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବୀମା ଟଙ୍କା ପାଇଁ ରାତି ୩ଟାରୁ ଧାଡ଼ି

**ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକରେ ଫସଲ ବୀମା ଟଙ୍କା ପାଇଁ ଏସ୍‌ଡିସିସି ବ୍ୟାଙ୍କ ସମ୍ମୁଖରେ ରାତି ୩ଟାରୁ ଚାଷୀମାନେ ଲମ୍ବାଧାଡ଼ି ଲଗାଉଥିବାର ଦୃଶ୍ୟ ସରକାରୀ ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।**

ଝାରସୁଗୁଡ଼ା ଅଫିସ୍, ୧୧।୭

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକରେ ଥିବା ସମ୍ବଲପୁର ଜିଲା କେନ୍ଦ୍ରୀୟ ସମବାୟ (ଏସ୍‌ଡିସିସି) ବ୍ୟାଙ୍କରୁ ଫସଲ ବୀମା ଟଙ୍କା ପାଇବା ପାଇଁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କରେ ଗୋଟିଏ ମାତ୍ର କାଉଣ୍ଟର ଥିବାରୁ ଲୋକଙ୍କୁ ଟଙ୍କା ପ୍ରଦାନ କରିବାରେ ବିଳମ୍ବ ହେଉଛି। ଘଣ୍ଟା ଘଣ୍ଟା ଧରି ଚାଷୀ ମାନେ ବ୍ୟାଙ୍କ ସମ୍ମୁଖରେ ଲମ୍ବା ଧାଡ଼ି ଲଗାଉଛନ୍ତି। ସୋମବାର ରାତି ୩ଟାରୁ ବ୍ୟାଙ୍କ ସମ୍ମୁଖରେ ଶତାଧିକ ଚାଷୀ ଲମ୍ବାଧାଡ଼ି ଲାଗାଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଚାଷୀମାନେ ଲମ୍ବାଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇଥିବାବେଳେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି କି କେତେଜଣ ଦୀର୍ଘ ସମୟ ଧରି ଛିଡ଼ାହେବା ପରେ ନିଜର ହେଲ୍‌ମେଟ ଏବଂ ବ୍ୟାଗ୍ ଧାଡ଼ିରେ ରଖି ଛାଇର ଆଶ୍ରୟ ନେଉଥିବା ଦେଖିବାକୁ ମିଳିଥିଲା। ଏଭଳି ସମସ୍ୟା ଗତ ସପ୍ତାହ ହେବ ଲାଗି ରହିଥିଲେ କୌଣସି ସମାଧାନ ନ ହେଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ବର୍ଷା ଋତୁରେ ଚାଷୀମାନେ ନିଜର ଚାଷକାମ ଛାଡ଼ି ଫସଲବୀମା ରାଶି ଉଠାଇବା ପାଇଁ ବ୍ୟାଙ୍କକୁ ଆସୁଛନ୍ତି। ଫଳରେ ଚାଷୀଙ୍କ ଚାଷକାମ ବାଧାପ୍ରାପ୍ତ ହେବାରେ ଲାଗିଛି। ଲଇକେରା ବ୍ଲକରେ ଏକମାତ୍ର ଏସ୍‌ଡିସିସି ବ୍ୟାଙ୍କ ରହିଥିବାବେଳେ ଏହା ଉପରେ ଲଇକେରା, କିର୍ମିରା ଓ କୋଲାବିରା ବ୍ଲକର ୭ହଜାରରୁ ଊର୍ଦ୍ଧ୍ୱ ଚାଷୀ ନିର୍ଭର କରନ୍ତି। ବୀମାରାଶି ଜମା, ଉଠାଣ ସାଙ୍ଗକୁ ଚାଷୀମାନେ ଋଣ ନେବା ଓ ପରିଶୋଧ କରିବା ଆଦି କାର୍ଯ୍ୟ କରିଥାନ୍ତି। ତେଣୁ ବ୍ୟାଙ୍କରେ ଭିଡ଼ ହେଉଥିବାରୁ ଟଙ୍କା ଉଠାଣ ପାଇଁ ଚାଷୀମାନଙ୍କୁ କ୍ରମିକ ନଂ. ଥିବା ଟୋକନ ଦିଆଯାଉଛି। ଚାଷୀମାନେ ନମ୍ବର ପାଇବା ଲାଗି ବାଧ ହୋଇ ରାତିରୁ ଆସି ଲମ୍ବା ଧାଡ଼ିରେ ଛିଡ଼ା ହେଉଛନ୍ତି। ଏନେଇ ବ୍ୟାଙ୍କର ଶାଖା ପରିଚାଳକ ସେବାରାମ ପଣ୍ଡା କହିଛନ୍ତି, ବ୍ୟାଙ୍କ ଆଗରେ ଲମ୍ବା ଧାଡ଼ି ରହୁଥିବା ଦେଖୁଛୁ। ୩ଟି ବ୍ଲକର ଚାଷୀଙ୍କ ପାଇଁ ଗୋଟିଏ ବ୍ୟାଙ୍କ ହୋଇଥିବାରୁ ଆଗୁଆ ଟଙ୍କା ଉଠାଣ ପାଇଁ ଚାଷୀମାନେ ଧାଡ଼ି ଲଗାଉଛନ୍ତି। ଏ ସମ୍ପର୍କରେ କୋଲାବିରା ବ୍ଲକ ଗୁଡ଼ିଗାଁର ଚାଷୀ ଝସକେତନ ପଟେଲ କହିଛନ୍ତି, ୩ଟି ବ୍ଲକ ପାଇଁ ୩ଟି ଶାଖା ବ୍ୟାଙ୍କ ରହିଲେ ଏଭଳି ଭିଡ଼ ହୁଅନ୍ତା ନାହିଁ। ଆଗୁଆ ଟଙ୍କା ଉଠାଇବା ପାଇଁ ଚାଷୀମାନେ ବ୍ୟାକୁଳ ହେଉଥିବାରୁ ଧାଡ଼ିରେ ଆସି ଛିଡ଼ା ହେଉଛନ୍ତି ବୋଲି ଝସକେତନ କହିଛନ୍ତି।

# ଆମାଜନ ଜଙ୍ଗଲ: ୨୦୨୨ରେ ରେକର୍ଡ ଧ୍ୱଂସ



## କ୍ଷତି ପରିମାଣ ନ୍ୟୁୟର୍କ ସହରର ୫ଗୁଣ

ମାନାଉସ୍ (ବ୍ରାଜିଲ), ୧୧।୭

ଚଳିତବର୍ଷ ପ୍ରଥମ ୬ ମାସରେ ବ୍ରାଜିଲର ଆମାଜନ ଜଙ୍ଗଲର ରେକର୍ଡ ଧ୍ୱଂସ ଘଟିଛି। ନ୍ୟୁୟର୍କ ସହରର ୫ ଗୁଣ ଏବଂ ଦିଲ୍ଲୀର ଅଢ଼େଇ ଗୁଣ ଆକାରର ଜଙ୍ଗଲ ଅଞ୍ଚଳ ନଷ୍ଟ ହୋଇଥିବା ସରକାରୀ ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ବ୍ରାଜିଲର ନ୍ୟାଶନାଲ ସ୍ପେସ୍ ରିସର୍ଚ୍ଚ ଏଜେନ୍ସି 'ଇନ୍‌ପେ' ଦ୍ୱାରା ଉତ୍ତୋଳିତ ସାଟେଲାଇଟ୍ ଚିତ୍ରରୁ ଜଣାପଡୁଛି ଯେ, ଗତ ଜାନୁୟାରୀରୁ ଜୁନ୍ ମଧ୍ୟରେ ୩,୯୮୮ ବର୍ଗ କିଲୋମିଟର ଆମାଜନ ଜଙ୍ଗଲ ପଦା ହୋଇଛି, ଯାହାକି ଗତ ବର୍ଷ ସମାନ ସମୟ ମଧ୍ୟରେ ୧୦.୬% ଅଧିକ ଏବଂ ୨୦୧୫ଠାରୁ ସର୍ବାଧିକ। ଏଭଳି ତଥ୍ୟ ପରିବେଶବିତ୍‌ଙ୍କ ମଧ୍ୟରେ ଗଭୀର ଚିନ୍ତା ବଢ଼ାଇଛି। କାରଣ ପୃଥିବୀର ଅମ୍ଳଜାନ ଏବଂ ଅଙ୍ଗାରକାମ୍ଳ ଚକ୍ରକୁ ବଜାୟ ରଖିବାରେ ଏହି ଗ୍ରୀଷ୍ମମଣ୍ଡଳୀୟ ବୃଷ୍ଟିବନାଞ୍ଚଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ତେଣୁ ଆମାଜନ ଜଙ୍ଗଲରେ ହେଉଥିବା କ୍ଷତି ମାନବଜାତିକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରୁଛନ୍ତି।

ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୧ ଜାନୁୟାରୀରୁ ଜୁନ୍ ମଧ୍ୟରେ ୩,୦୮୮ ବର୍ଗ କିଲୋମିଟର ଆମାଜନ ଜଙ୍ଗଲ ଧ୍ୱଂସ ହୋଇଥିଲା। ଚଳିତବର୍ଷ କେବଳ ଜୁନ୍‌ରେ ୧୧୨୦ ବର୍ଗ କିଲୋମିଟର ଜଙ୍ଗଲ ପଦା ହୋଇଛି, ଯାହାକି ଗତବର୍ଷ ଜୁନ୍‌ଠାରୁ ୫.୫% ଅଧିକ। ବିଶ୍ୱର ଏହି ସର୍ବବୃହତ୍ ଜଙ୍ଗଲ ଏକ ବଡ଼ ଅଙ୍ଗାରକ କୁଣ୍ଡ ଭାବେ ମଣିଷର କଲ୍ୟାଣ କରୁଛି। କାରଣ ବିପୁଳ ପରିମାଣର ଅଙ୍ଗାରକାମ୍ଳକୁ ଶୋଷି ନେଉଛି ଏହି ଘଞ୍ଚ ଜଙ୍ଗଲ। ଏହା ଦ୍ରୁତ ଧ୍ୱଂସାଭିମୁଖୀ ହୋଇଥିବାରୁ ବାୟୁମଣ୍ଡଳକୁ ଉତ୍ତପ୍ତ ହେବା ସହ ଜଳବାୟୁ ପରିବର୍ତ୍ତନ ପାଇଁ ବାଟ ଫିଟାଉଛି।

## ପ୍ରଥମ ପୃଷ୍ଠାରୁ...

### ୨୦୨୩ରେ ଚାଇନାକୁ...

୨ ଜନବହୁଳ ଅଞ୍ଚଳ ହେଉଛି ପୂର୍ବ ଏବଂ ଦକ୍ଷିଣ-ପୂର୍ବ ଏସିଆ, ଯେଉଁଠି ୨୩୦ କୋଟି ଲୋକ ରହୁଛନ୍ତି। ତାହା ବିଶ୍ୱ ଲୋକସଂଖ୍ୟାର ୨୯%। ସେହିପରି ମଧ୍ୟ ଏବଂ ଦକ୍ଷିଣ ଏସିଆରେ ୨୧୦ କୋଟି ଲୋକ ରହୁଛନ୍ତି, ଯାହାକି ବିଶ୍ୱ ଜନସଂଖ୍ୟାର ୨୬%। କେବଳ ଚାଇନା ଏବଂ ଭାରତରେ ୨୮୩ କୋଟିରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି।

୨୦୫୦ ପର୍ଯ୍ୟନ୍ତ ବିଶ୍ୱ ଜନସଂଖ୍ୟାରେ ଯେଉଁ ବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି ତାହାର ଅଧାରୁ ଅଧିକ ୮ଟି ଦେଶକୁ ନେଇ ଆଧାରିତ। ସେଗୁଡ଼ିକ ହେଲା ଭାରତ, ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋ, ଇଜିପ୍ଟ, ଇଥିଓପିଆ, ନାଇଜେରିଆ, ପାକିସ୍ତାନ, ଫିଲିପାଇନ୍ସ ଏବଂ ତାଞ୍ଜାନିଆ। ଏହି ୮ ଦେଶରେ ଲୋକସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଗତ ଦଶନ୍ଧି ମଧ୍ୟରେ କେତେକ ଦେଶରେ ପ୍ରଜନନ କ୍ଷମତା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ପ୍ରଜନନ କ୍ଷମତା ନିରନ୍ତର ଭାବେ ନିମ୍ନ ସ୍ତରରେ ରହିବା ଯୋଗୁ ୬୧ ଦେଶର ଜନସଂଖ୍ୟା ୨୦୨୨ରୁ ୨୦୫୦ ମଧ୍ୟରେ ପ୍ରାୟ ୧% ହ୍ରାସ ପାଇପାରେ। ଅନ୍ୟପକ୍ଷରେ ହାରାହାରି ବୟସ ବୃଦ୍ଧି ପାଇବ, କିନ୍ତୁ ମହାମାରୀ କୋଭିଡ୍ ଆୟୁଷ ହ୍ରାସ କରିଦେଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶ୍ୱରେ ହାରାହାରି ଆୟୁଷ ୨୦୧୯ରେ ୭୨.୮ ବର୍ଷ ରହିଛି। ୨୦୫୦ ବେଳକୁ ମୃତ୍ୟୁହାର ହ୍ରାସ ପାଇବା ସହ ହାରାହାରି ଆୟୁଷ ବୃଦ୍ଧି ପାଇ ୭୭.୨ ବର୍ଷ ରହିବ ବୋଲି ଅନୁମାନ କରାଯାଇଛି। ୧୯୯୦ ପରଠୁ ୯ ବର୍ଷ ଉନ୍ନତି ଘଟିଥିବାବେଳେ ମହାମାରୀ କୋଭିଡ୍ ଯୋଗୁ ୨୦୨୧ରେ ବୈଶ୍ୱିକ ହାରାହାରି ଆୟୁଷ ୭୧ ବର୍ଷକୁ ହ୍ରାସ ପାଇଥିଲା। ବିଶେଷକରି ବିକଶିତ ଦେଶଗୁଡ଼ିକରେ ଆୟୁଷ ବୈଶ୍ୱିକ ହାରାହାରି ଆୟୁଷଠାରୁ ୭ବର୍ଷ କମ୍ ରହିଛି।

### ୪ ସହରରେ...

ହସ୍ପିଟାଲରେ ଟିକା ନେବାକୁ ପଡ଼ିବ। ୧୫ରୁ ୫୯ ବର୍ଷ ବୟସର ଲୋକଙ୍କୁ ମାଗଣାରେ ତୃତୀୟ ଡୋଜ ଦିଆଯିବ କି ନାହିଁ ସେ ସମ୍ପର୍କରେ କେନ୍ଦ୍ର ସରକାର ନିଷ୍ପତ୍ତି ନେବେ। ଚଳିତ ସପ୍ତାହରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚସ୍ତରୀୟ ବୈଠକ ଅଛି। ସେଠାରେ ଏ ନେଇ ଆଲୋଚନା କରାଯିବ। ଆବଶ୍ୟକ ପଡ଼ିଲେ ତୃତୀୟ ଡୋଜ ମାଗଣା ଦେବା ନେଇ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବୁ ବୋଲି ସ୍ୱାସ୍ଥ୍ୟ ସଚିବ ଧଳ କହିଛନ୍ତି। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ସମଗ୍ର ଦେଶରେ ସଂକ୍ରମଣ ବଢ଼ିଥିବାବେଳେ ଆମ ରାଜ୍ୟରେ ବି ଏବେ ୫ଶହ ଉପରେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ହେଲେ ଏବେ ଆକ୍ରାନ୍ତ ପୂର୍ବପରି ଗୁରୁତର ହେଉନାହାନ୍ତି। ପ୍ରଥମ ଓ ଦ୍ୱିତୀୟ ଲହରରେ ୧୫% ଲୋକ ମେଡିକାଲ ଯାଉଥିଲେ। ଏବେ ପ୍ରାୟ ୧% ଆକ୍ରାନ୍ତ ହସ୍ପିଟାଲରେ ରହିଛନ୍ତି। ଅଧିକାଂଶ ଲୋକ ବିନା ଲକ୍ଷଣଯୁକ୍ତ ରହୁଥିବାବେଳେ ଗୁରୁତର ହେଉନାହାନ୍ତି। ଓଡ଼ିଶାରେ ସେହି ଓମିକ୍ରନ ଭାରିଆଣ୍ଟ ରହିଛି। ଗତ ୪ ମାସ ହେବ ରାଜ୍ୟରେ ଆଉ ଡେଲଟା ଭାରିଆଣ୍ଟର ଉପସ୍ଥିତି ନାହିଁ। ମାତ୍ର ଲକ୍ଷଣ ଥିଲେ ପରୀକ୍ଷା କରି ଆଇସୋଲେଟ ହୋଇ ରୁହନ୍ତୁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ଆମ ରାଜ୍ୟରେ ଉପରମୁହାଁ ହେଉଥିବା ଟ୍ରେଣ୍ଡ କିଛି ପରିମାଣରେ ବଢ଼ିବ, ମାତ୍ର ସେପରି ଭୟଙ୍କର ହେବ ନାହିଁ। ଯାହା ଅନୁମାନ କରାଯାଉଛି, ଏହା ବେଶି ଦିନ ରହିବ ନାହିଁ ଏବଂ ଖୁବ୍ ଶୀଘ୍ର ତଳମୁହାଁ ହେବ ବୋଲି ମିଶ୍ର ପ୍ରକାଶ କରିଛନ୍ତି।

### ଦିନକରେ ୫୭୨...

ସୁନ୍ଦରଗଡ଼ ଏବଂ ସମ୍ବଲପୁରରେ ହଠାତ୍ ସଂକ୍ରମଣ ବଢ଼ିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୧୯, ସୁନ୍ଦରଗଡ଼ରୁ ୬୩ ଓ ସମ୍ବଲପୁରରୁ ୪୧ ଜଣ ରହିଛନ୍ତି। ସେହିପରି କଟକରୁ ୬୮, ମୟୂରଭଞ୍ଜ ୧୬, ଯାଜପୁର ୧୫, ଅନୁଗୋଳ ୧୪, ବାଲେଶ୍ୱର ୧୨, ପୁରୀ ୧୨, ବରଗଡ଼ ୧, ଭଦ୍ରକ ୩, ବଲାଙ୍ଗୀର ୨, ବୌଦ୍ଧ ୧, ଦେବଗଡ଼ ୨, ଗଜପତି ୮, ଜଗତ୍‌ସିଂହପୁର ୮, ଝାରସୁଗୁଡ଼ା ୬, କଳାହାଣ୍ଡି ୫, କେନ୍ଦ୍ରାପଡ଼ା ୧, କେନ୍ଦୁଝର ୩, କୋରାପୁଟ ୪, ନୟାଗଡ଼ ୫, ନୂଆପଡ଼ା ୮, ରାୟଗଡ଼ା ୨, ସୁବର୍ଣ୍ଣପୁର ୩ ଏବଂ ଷ୍ଟେଟପୁଲରୁ ୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୨,୯୪,୦୭୬ରେ ପହଞ୍ଚିଛି।

### ଜୀବନ୍ତ ଜଳିଗଲେ...

ଏନେଇ ସାଜିଦ୍ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ପ୍ରଥମେ ବକ୍ସିବଜାର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହାପରେ ୨ଟି ଦମକଳ ଗାଡ଼ି ସହ ବିଡ଼ାନାସୀ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ। ନିଆଁର ଅତ୍ୟଧିକ ପ୍ରକୋପ ଯୋଗୁ ଦମକଳ ବାହିନୀ ଘର ମଧ୍ୟକୁ ପ୍ରବେଶ କରି ପାରି ନ ଥିଲେ। ପ୍ରାୟ ୧ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ସେତେବେଳକୁ ଘର ଭିତରେ ଥିବା ଲତିଫା ସମ୍ପୂର୍ଣ୍ଣ ଜଳି ଯାଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଲାଲବାଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲକୁ ପଠାଇଥିଲା।

### ଦିବ୍ୟାଂଶୁ ମଲ୍ଲୁ...

୭,୬୯,୫୮୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଦେଶ ବାହାରର ୧୭ ସହର ସମେତ ଓଡ଼ିଶା ତଥା ଦେଶର ମୋଟ ୪୦୭ ସହରରେ ୫୮୮ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଓଡ଼ିଆ ସମେତ ୧୩ଟି ଭାଷାରେ ପରୀକ୍ଷା ହୋଇଥିଲା। ଛାତ୍ରୀଛାତ୍ର ସେମାନଙ୍କ ସ୍କୋର୍‌କାର୍ଡ jeemain.nta.nic.inରୁ ଡାଉନଲୋଡ୍ କରିପାରିବେ। ଦ୍ୱିତୀୟ ପର୍ଯ୍ୟାୟ (ସେସନ-୨) ଜେଇଇ ମେନ୍ ଆସନ୍ତା ୨୧ରୁ ୩୦ ତାରିଖ ମଧ୍ୟରେ ହେବ। ଛାତ୍ରୀଛାତ୍ର ଉଭୟ ପରୀକ୍ଷା ଦେଇପାରିବେ। ଫାଇନାଲ୍ ମେରିଟ୍ ଲିଷ୍ଟ ପାଇଁ ସର୍ବାଧିକ ମାର୍କକୁ ବିଚାରକୁ ନିଆଯିବ ବୋଲି ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ରାଜ୍ୟ ଟପ୍ପର ଦିବ୍ୟାଂଶୁଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି। ସେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ପଢ଼ିବା ସହିତ ଜେଇଇ ପାଇଁ ଆଲେନ୍ କ୍ୟାରିୟରରେ କୋଚିଂ ନେଉଥିଲେ। ବର୍ତ୍ତମାନ ସେ ମୁମ୍ବାଇରେ ରହି ଜେଇଇ(ଆଡ୍‌ଭାନ୍ସଡ) ପାଇଁ ପ୍ରସ୍ତୁତ ହେଉଛନ୍ତି। ଦିବ୍ୟାଂଶୁଙ୍କ ଏହି ସଫଳତାରେ ଖୁସିବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେ କହିଛନ୍ତି, ଦିବ୍ୟାଂଶୁ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ସହ ସମଗ୍ର ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଏଥିସହ ସ୍କୁଲ୍‌ର ଆଉ ୧୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଜେଇଇ ମେନ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ଏହି ସ୍କୁଲ ପ୍ରତିଷ୍ଠାଠାରୁ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇଆସିଛି। ଫଳରେ ଏହାର ଛାତ୍ରୀଛାତ୍ର କେବଳ ଶିକ୍ଷା ନୁହେଁ, ଅନ୍ୟ ସମସ୍ତ କ୍ଷେତ୍ରରେ ସଫଳତା ହାସଲ କରିଆସୁଛନ୍ତି। ଏ ଦିଗରେ ନିରନ୍ତର ଉଦ୍ୟମ ଜାରି ରଖିଥିବା ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ ଓ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆରଙ୍କୁ ସାମନ୍ତ ଧନ୍ୟବାଦ ଜଣାଇଛନ୍ତି। ଅପରପକ୍ଷରେ ଦିବ୍ୟାଂଶୁ ଓ ତାଙ୍କ ଅଭିଭାବକ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଯାତ୍ରା, ବାଣିଜ୍ୟ, ସଭାସମିତି, ବନ୍ଧୁ ମିଳନ, ନୂତନ କର୍ମାରମ୍ଭ ସନ୍ତୋଷଜନକ ରହିବ। ମାତ୍ର ଅଶ୍ୱିନୀ ନକ୍ଷତ୍ର ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବା ସୂଚନା ରହିଛି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ବୃଷ** – ଯେତେ ବାଧାବିଘ୍ନ ଆସୁନା କାହିଁକି, କୌଣସି କାମ ଅଟକିବ ନାହିଁ। ଆଲୋଚନା ପରିସରରେ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ରୋହିଣୀ ନକ୍ଷତ୍ର ନିର୍ମାଣରେ ସମୟ ଅତିବାହିତ କରିପାରନ୍ତି। ମନର କଥା ମନରେ ରଖି ବନ୍ଧୁଙ୍କୁ ନିଜ କାମରେ ଲଗାଇ ଇଚ୍ଛିତ କାର୍ଯ୍ୟ ହାସଲ କରିବେ।

**ମିଥୁନ** – ସବୁ ସୁବିଧା ଥାଇ ମଧ୍ୟ କେତେକ କାମ ନ ହେବା କାରଣରୁ ମନ ଭଲ ରହିବ ନାହିଁ। ପୁନର୍ବସୁର ବିଭିନ୍ନ ପ୍ରକାର କାର୍ଯ୍ୟବ୍ୟସ୍ତତା କାରଣରୁ ସ୍ୱାସ୍ଥ୍ୟହାନି ଦେଖାଦେଇପାରେ। କର୍ମକ୍ଷେତ୍ରରେ ଉତ୍ସାହର ସହ କାମ କରିବେ। ହୋଟେଲ, ଛୋଟ ଦୋକାନୀ, ଲାଭବାନ୍ ହେବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ସମସ୍ୟା ଆସିବ।

**କର୍କଟ** – ଆଶା ମଉଳିବାକୁ ଯାଉଥିବା ଅନୁଭବକରି କୌଣସି କାମରେ ଉତ୍ସାହ ଲାଗିବ ନାହିଁ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପୁଷ୍ୟାର ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବ। ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ଉପସ୍ଥିତି ବୁଦ୍ଧି ପ୍ରୟୋଗକରି ବିପଦ ମୁକ୍ତ ହେବେ।

**ସିଂହ** – ବିଭିନ୍ନ କ୍ଷେତ୍ରରୁ ମିଥ୍ୟା ଅଭିଯୋଗ ଆସିପାରେ, କିନ୍ତୁ ଆପଣଙ୍କ ସକାଶେ କୌଣସି ଅସୁବିଧା ହେବନାହିଁ। ଅକୁହା କଥାକୁ ବନ୍ଧୁଙ୍କ ଆଗରେ ବଖାଣି ଘର ଲୋକଙ୍କ ବିରାଗ ଭାଜନ ହୋଇପାରନ୍ତି। କେତେକ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। କର୍ମକ୍ଷେତ୍ରରେ ଦୃଢ଼ତା ହେତୁ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**କନ୍ୟା** – ବିଭିନ୍ନ ପ୍ରକାର ପାରିବାରିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଅଚାନକ ଭାବରେ ଅଶୌଚ ଖବର ଶୁଣି ବିସ୍ମିତ ହୋଇପାରନ୍ତି। ବିଭିନ୍ନ ପ୍ରକାର ସମସ୍ୟା ହେତୁ କର୍ମକ୍ଷେତ୍ରରେ ଅନିଶ୍ଚିତତା ମଧ୍ୟରେ ଗତି କରିବେ। କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ।

**ତୁଳା** – କାର୍ଯ୍ୟଦକ୍ଷତା ଓ ନିର୍ଭୀକତା ହେତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ। ମାତ୍ର ଖଳ ଲୋକମାନଙ୍କ କଥାକୁ ବିଶ୍ୱାସକଲେ ଅସୁବିଧାରେ ପଡ଼ିପାରନ୍ତି। ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। କାର୍ଯ୍ୟବ୍ୟସ୍ତତା ଯୋଗୁ ସାମାନ୍ୟ ବିଶ୍ରାମ କିମ୍ବା ଲଘୁଭୋଜନର ଅବସର ପାଇବେ ନାହିଁ।

**ବିଛା** – ଆଜି ଆପଣ ଆଲୋଚନା କ୍ଷେତ୍ରରେ, ପ୍ରଶାସନିକ କାମରେ, ଯାତ୍ରା ଓ ସଭା ସମିତିରେ ଆଶାଜନକ ଫଳ ପାଇବେ। ଭ୍ରମଣ ଅବକାଶରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଅର୍ଥ ସମ୍ପର୍କିତ ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ମିଳିବ। ସାହାଯ୍ୟର ପ୍ରତିଶ୍ରୁତି ବନ୍ଧୁଙ୍କଠାରୁ ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ଧନୁ** – ପରିବାରର ସଦସ୍ୟମାନେ ଆପଣଙ୍କୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଅତି ନିଜର ପ୍ରିୟ ବ୍ୟକ୍ତି ଜଣକ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ବିରୋଧରେ କଥା କହିବେ। କର୍ମକ୍ଷେତ୍ରରେ କାମଗୁଡ଼ିକ ଠିକ୍ ଭାବେ ସମ୍ପନ୍ନହେବାରେ କେତେକ ପ୍ରତିବନ୍ଧକ ସୃଷ୍ଟି ହେବ। ପୂର୍ବାଷାଢ଼ା ନକ୍ଷତ୍ରର ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ।

**ମକର** – ଆଜିର ଯାତ୍ରାରେ ଅର୍ଥ ପ୍ରାପ୍ତିର ଆଶା ପୂରାମାତ୍ରାରେ ରହିଛି। ଉତ୍ତରାଷାଢ଼ା ନକ୍ଷତ୍ରର ଦୁର୍ବଳ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ସହ ବୁଝାମଣା ଠିକ୍ ରହି ନ ପାରେ। ଚେଷ୍ଟା କରୁଥିବା କାମରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ। ଚୁପ୍‌ଚାପ୍ ବସି ରହିଲେ ବହୁ କ୍ଷତି ସହିବାକୁ ପଡ଼ିବ।

**କୁମ୍ଭ** – ନିଜ ସମ୍ପର୍କୀୟମାନେ ବିନା କାରଣରେ କଳହ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହୁଥିଲେ ମଧ୍ୟ କାମଟିକୁ ଛାଡ଼ିପାରିବେ ନାହିଁ। ଗୋପନରେ ଶତ୍ରୁତା କରୁଥିବା କେହି ଜଣେ ବ୍ୟକ୍ତି ଅସୁବିଧାରେ ପକାଇପାରନ୍ତି। ହଠାତ୍ ଯାତ୍ରା କରିବାକୁ ମନସ୍ଥ କରି ବାଟରୁ ଫେରି ଆସିବାକୁ ପଡ଼ିପାରେ।

**ମୀନ** – ଆଶା କରୁଥିବା ସବୁ ସୁବିଧା ସୁଯୋଗ ପାଇ ଖୁସି ହେବେ। ପଡ଼ୋଶୀ କିମ୍ବା ଆତ୍ମୀୟଙ୍କଠାରୁ ଅଯାଚିତ ଭାବେ ସହାୟତା ପାଇବେ। ପରିସ୍ଥିତିବଶତଃ ଅଧସ୍ତନ କର୍ମଚାରୀ କିମ୍ବା ସହକର୍ମୀଙ୍କୁ କଟୁକଥା ପ୍ରୟୋଗକରି ସୁସମ୍ପର୍କ ହରାଇବେ। ଈର୍ଷା କରୁଥିବା ଲୋକମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱରରେ Rs.350/- sqft.ରେ installment ସୁବିଧାରେ ସ୍ଥିତିବାନ୍ plot ବିକ୍ରିହେବ। 9937816565, 8249017091. D-966

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277

ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ **700mtr** ଦୂରତାରେ **Adyanta** କଲେଜ **backside**ରେ **yellowzone** ପ୍ଲଟ୍ ମିଳୁଛି। **9556368377.** D-73270

ସ୍ଥିତିବାନ୍ ପ୍ଲଟ୍ ୧୫୦୦ sqft. ଭୁବନେଶ୍ୱର ଜୟଦୁର୍ଗାନଗରରେ ତୁରନ୍ତ ବିକ୍ରୟ ହେବ। 9853376326. D-962

ଭୁବନେଶ୍ୱର **IIT** ଅରଗୁଳ ରେଲ୍‌ୱେ ଷ୍ଟେସନ୍ ନିକଟରେ **Road,** ଇଲେକ୍ଟ୍ରିପୋଲ୍, **Plantation** ଥାଇ **well developed** ପ୍ଲଟ୍ **sqft.-270/-**ରେ କିଣନ୍ତୁ। **8018603523, 9348767829.** D-73273

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita-9853150290. D-73271

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-.8114929186.** D-73936

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। 6371200121. D-73279

Commercial shop for sale, 192sqft. super built-up, Forest Park, Unit-6, Bhubaneswar. Contact: 9853511278, 9937928349. D-70281

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost , balance 5years installment, no interest. 7809525452.** D-73928

**Duplex sale at Bhubaneswar @ 45 lakhs and apartment @ 42lakhs. 9439206202.** D-73275

ଭୁବନେଶ୍ୱର Ravi Talkies 1.5k.m. ଭିତରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-73841

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School**କୁ ଲାଗି **30' road, electricity** ସୁବିଧା ଥାଇ **gated society** ଘରବାରି **plot @9,00,000/-** ଘର କରନ୍ତୁ। **(Bank loan available). 9437691481.** D-73260

**PURCHASE**

Wanted land in Bhubaneswar based on sharing & marketing. 9937816565, 8249017091. D-967

**construction**

**Construct your home @850/-, 1330/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73278

**healthcare**

Ayurvedic full body massage ladies, gents with best therapy. 9040900385. D-73933

Newly open Spa @899/- full body massage expert Therapist - 8093577103. D-73838

Refreshing your mind and body with the best therapy, 7873794731. D-872

Trupti Spa, 9861550765. Our genuinety is our strength. Stay safe. D-925

**One hour any therapy by expert therapist @999 only. 9078484455.** D-73621

Newly open full body massage ladies & gents available. 8093726714. D-73620

**AFFIDAVIT**

By virtue of an affidavit before Notary Public, Bhubaneswar, I have changed my name from Jyotsna Mahapatra (as per Board Certificate) to Jyotsna Rani Swain which is reflected in Aadhaar and PAN Card. So I declare that Jyotsna Mahapatra & Jyotsna Rani Swain is one & same person & henceforth I shall be known as Jyotsna Rani Swain for all purpose. D-974

I, Ulu Behera, changed the name of my daughter to Santoshi Behera and Date of Birth to 01.01.1985 with disability of 75% due to suffering from seizophernia vide affidavit dt 20.06.2022 sworn before the Court of Executive Magistrate, Angul. D-936

**ପାଠକଙ୍କ ପାଇଁ ସୂଚନା।**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଋଣ ଭାର ୧.୧୨ ଲକ୍ଷ କୋଟି ଟପିବ

ଭୁବନେଶ୍ୱର,୧୧।୭(ବ୍ୟୁରୋ)

ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣଭାର ଏକ ଲକ୍ଷ ୧୨ ହଜାର କୋଟି ଟଙ୍କାକୁ ଟପିଯିବ। ଚଳିତ ବର୍ଷ ରାଜ୍ୟ ସରକାର ବିଭିନ୍ନ ଖର୍ଚ୍ଚ ତୁଲାଇବାକୁ ପ୍ରାୟ ୧୧ହଜାର କୋଟି ଟଙ୍କା ଋଣ କରିବାକୁ ଯୋଜନା କରିଛନ୍ତି। ଚଳିତ ବର୍ଷ ଏପ୍ରିଲ ପହିଲା ସୁଦ୍ଧା ରାଜ୍ୟର ଋଣଭାର ୧ ଲକ୍ଷ ୩ ହଜାର କୋଟି ଟଙ୍କା ଥିବା ବେଳେ ୨୦୨୩ ମାର୍ଚ୍ଚ ୩୧ ବେଳକୁ ଏହା ୧,୧୨,୪୦୧ କୋଟି ଟଙ୍କା ହୋଇଯିବ ବୋଲି ଆକଳନ କରାଯାଇଛି। ରାଜ୍ୟ ସରକାର ଯେତିକି ଋଣ କରୁଛନ୍ତି ତାହା ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠାରେ ବ୍ୟୟ କରୁଛନ୍ତି। ଋଣ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବିନିଯୋଗ ହେଉଥିବା ଯୋଗୁ ସରକାର ଋଣ ପରିଶୋଧ କରିବା କ୍ଷେତ୍ରରେ ଅସୁବିଧାରେ ପଡୁନାହାନ୍ତି। ଋଣ କରି ଯଦି ବ୍ୟୟରେ ବିନିଯୋଗ ହେଉଥାନ୍ତା, ତାହେଲେ ସରକାରଙ୍କ ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଥାଆନ୍ତା।

ମଧ୍ୟମ ମିଆଦୀ ଆକଳନ ଅନୁଯାୟୀ, ରାଜ୍ୟର ମୋଟ୍ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଅନୁପାତରେ ମୋଟ ଋଣ ୨୦୨୫-୨୬ ଆର୍ଥିକ ବର୍ଷରେ ୧୮.୧ ପ୍ରତିଶତ ସ୍ତରରେ ପହଞ୍ଚିବ ବୋଲି ଅନୁମାନ କରାଯାଇଛି। ଫିସ୍‌କାଲ ରେସ୍‌ପନ୍‌ସିବିଲିଟି ଆଣ୍ଡ୍ ବଜେଟ ମ୍ୟାନେଜ୍‌ମେଣ୍ଟ(ଏଫ୍‌ଆର୍‌ବିଏମ୍) ଆଇନ-୨୦୦୩ ଅନୁଯାୟୀ ଋଣଭାର ଜିଏସ୍‌ଡିପିର ୨୫ ପ୍ରତିଶତ ମଧ୍ୟରେ ରହିବା କଥା। ଏଫ୍‌ଆରବିଏମ୍ ଧାର୍ଯ୍ୟ କରିଥିବା ସୀମାରେଖା ମଧ୍ୟରେ ଋଣ ହେଉଥିବାରୁ କୌଣସି ସମସ୍ୟା ନାହିଁ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି।

ଅଭିବୃଦ୍ଧି ଅଧିକ ହେଉଥିବା ଯୋଗୁ ସୁଧ ପୈଠ କ୍ଷେତ୍ରରେ କୌଣସି ସମସ୍ୟା ନାହିଁ। ରାଜ୍ୟର ରାଜସ୍ୱ ଅଭିବୃଦ୍ଧିର ହାର ଜାତୀୟ ଅଭିବୃଦ୍ଧି ହାରଠାରୁ ଅଧିକ ରହିଛି। ଦେଶ ଓ ରାଜ୍ୟର ଋଣଭାର ସଂକ୍ରାନ୍ତରେ ହୋଇଥିବା ଅନୁଧ୍ୟାନରୁ ଜଣାଯାଏ ଯେ, ଓଡ଼ିଶାର ଋଣଭାର ଜିଏସ୍‌ଡିପିର ୧୫.୮ ପ୍ରତିଶତ ଥିବାବେଳେ ଦେଶର ଋଣଭାର ମୋଟ୍ ଘରୋଇ ଉତ୍ପାଦ(ଜିଡିପି)ର ୬୧ ପ୍ରତିଶତରେ ପହଞ୍ଚିଲାଣି।

## ରାଜ୍ୟର ମୁଣ୍ଡ ପିଛା ଋଣ ଭାର ୨୩ ହଜାର

ଖୋଲା ବଜାରରୁ ଋଣ ନ ଉଠାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଖୋଲାବଜାର ଋଣ ପାଇଁ ସରକାରଙ୍କୁ ଉଚ୍ଚହାରରେ ସୁଧ ଦେବାକୁ ହୋଇଥାଏ। ତାହା ନ କରି ସ୍ୱଳ୍ପ ସୁଧହାରରେ ବିଶ୍ୱ ବ୍ୟାଙ୍କ, ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ(ଏଡିବି), ଇଣ୍ଟରନ୍ୟାଶନାଲ ଫଣ୍ଡ୍ ଫର୍ ଏଗ୍ରିକଲ୍‌ଚରାଲ୍ ଡେଭେଲପ୍‌ମେଣ୍ଟ, ଜାପାନ ଇଣ୍ଟରନ୍ୟାଶନାଲ କର୍ପୋରେଶନ ଏଜେନ୍ସି, ନାବାର୍ଡ, ଓଡ଼ିଶା ଖଣିଜ ଅଞ୍ଚଳ ବିକାଶ ନିଗମ (ଓଏମ୍‌ବିଏଡିସି) ପାଣ୍ଠି ଏବଂ କ୍ଷତିପୂରକ ବନୀକରଣ (କାମ୍ପା) ପାଣ୍ଠିରୁ ସରକାର ସ୍ୱଳ୍ପ ସୁଧହାରରେ ଋଣ ନେଉଛନ୍ତି।

ସରକାର ଖୋଲା ବଜାରରୁ ଋଣ କରୁନାହାନ୍ତି। ୨୦୨୧-୨୨ ମଧ୍ୟରେ ଖୋଲାବଜାର ଋଣ ପରିମାଣ ଶୂନ ଥିବାବେଳେ ୨୦୨୨-୨୩ରେ ଏହା ସମାନ ସ୍ତରରେ ରହିବ। ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟ ସରକାର ସରକାରୀ ସଂସ୍ଥା, ପୌରସଂସ୍ଥା ଏବଂ ସମବାୟ ଅନୁଷ୍ଠାନକୁ ମୋଟ୍ ୬,୧୪୦.୯୧ କୋଟି ଟଙ୍କା ଋଣ ଗ୍ୟାରେଣ୍ଟି ଦେଇଛନ୍ତି। ଏହା ଜିଏସ୍‌ଡିପିର ୦.୯୬ ପ୍ରତିଶତ। ଏହି ଗ୍ୟାରେଣ୍ଟି ସରକାରଙ୍କ ଋଣଭାରର ଅଂଶ ନୁହେଁ। ଏହି ଋଣକୁ ଉପରୋକ୍ତ ସଂସ୍ଥା ପରିଶୋଧ କରିଥାନ୍ତି।

ସମସ୍ତ ଋଣ ସାମାଜିକ ଲାଭଦାୟକ ପୁଞ୍ଜି ପ୍ରକଳ୍ପରେ ବ୍ୟବହୃତ ହୋଇଛି, ଯାହା ଅର୍ଥନୈତିକ କାର୍ଯ୍ୟକଳାପ, ନିଯୁକ୍ତି ସୃଷ୍ଟି ଏବଂ ରାଜ୍ୟବାସୀଙ୍କ ଜୀବନ ଧାରଣରେ ଉନ୍ନତି ଆଣିବା ପାଇଁ ସହାୟକ ହେଉଛି। ସେହି ଅନୁଯାୟୀ ଭଲ ପ୍ରକଳ୍ପ ଚିହ୍ନଟ କରିବାକୁ ନିଷ୍ପତ୍ତି ନିଆଯାଇଛି। ତେଣୁ ଅପେକ୍ଷାକୃତ କମ୍ ପରିମାଣର ଋଣ, ସ୍ୱଳ୍ପ ସୁଧହାରରେ ଋଣ ସଂଗ୍ରହ ଦ୍ୱାରା ରାଜ୍ୟର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ, ୨୦୦୯-୧୦ରେ ରାଜ୍ୟରେ ମୁଣ୍ଡ ପିଛା ଋଣ ୯୧୮୦ ଟଙ୍କା ଥିବା ବେଳେ ୧୦ ବର୍ଷ ପରେ ଅର୍ଥାତ୍ ୨୦୨୧-୨୨ରେ ଏହା ୨୩ ହଜାର ୫୨୪ ଟଙ୍କାରେ ପହଞ୍ଚିଛି।

## ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ

**ଖୁଣ୍ଟୁଣୀ,୧୧।୭(ଡି.ଏନ.ଏ):** ବିବାହ ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଖୁଣ୍ଟୁଣୀ ଥାନା ଅଧିକାରୀ ସୋମବାର ଜଣେ ଯୁବକଙ୍କୁ ଗିରଫ କରିଛି। ଏଥିସହ ଅପହୃତା ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳର ବୋଲି ସୂଚନା ମିଳିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୨୯/୨୨) ରୁଜୁ କରିଛି।

ଧରିତ୍ରୀ DHARITRI
ବରିଷ୍ଠ ଖବରଦାତା ଆବଶ୍ୟକ
କଟକ ସହର ଲାଗି ବରିଷ୍ଠ ଖବରଦାତା ଆବଶ୍ୟକ। ପ୍ରାର୍ଥୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୩ ସହ ଖବରଦାତା ଭାବେ ସର୍ବନିମ୍ନ ୫ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। ସାମ୍ବାଦିକତା ଶିକ୍ଷା ଲାଭ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
**ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।**
ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ପ୍ରାର୍ଥୀମାନେ ନିମ୍ନଲିଖିତ ଇ-ମେଲ୍‌ରେ ଆବେଦନ କରିପାରିବେ।
Email: recruitment@dharitri.com

# ୨୧ରେ ଓଡ଼ିଶା ଫୁଡ୍ ପ୍ରୋ-୨୦୨୨

## ଖାଦ୍ୟ ପ୍ରକ୍ରିୟାକରଣକୁ ଫୋକସ



ଭୁବନେଶ୍ୱର,୧୧।୭(ବ୍ୟୁରୋ)

ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ଅଧିକ କ୍ରିୟାଶୀଳ କରିବାକୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସହଯୋଗରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ପକ୍ଷରୁ ଜୁଲାଇ ୨୧ ତାରିଖରେ ଭୁବନେଶ୍ୱରଠାରେ ଓଡ଼ିଶା ଫୁଡ୍ ପ୍ରୋ-୨୦୨୨ ଆୟୋଜନ ହେବ। ଏଥିରେ ପୁଞ୍ଜି ନିବେଶକ, ଉତ୍ପାଦକ, ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ, ଷ୍ଟାର୍ଟଅପ୍ ତଥା ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଜଡ଼ିତ ଥିବା ବିଭିନ୍ନ ଗୋଷ୍ଠୀ ସାମିଲ ହେବେ। ରାଜ୍ୟର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ନୂତନ ବୈଷୟିକ ଜ୍ଞାନ କୌଶଳ, ଦକ୍ଷତା ଓ ଅଧିକ ପୁଞ୍ଜି ଯୋଗାଇବା ତଥା ଏଥିସହ ଜଡ଼ିତ ସ୍ୱୟଂ ସହାୟକ ଗୋଷ୍ଠୀ, ସମବାୟ ସଂସ୍ଥା, କୃଷକ ଉତ୍ପାଦନ ସଂଗଠନ ଓ ଏକକ ଉଦ୍ୟୋଗଗୁଡ଼ିକୁ ମୁଖ୍ୟସ୍ରୋତରେ ସାମିଲ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ରାଜ୍ୟକୁ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ପାଇଁ ପୁଞ୍ଜି ନିବେଶକମାନଙ୍କୁ ଆକୃଷ୍ଟ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ଉଦ୍ୟମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ସୋମବାର ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରାକ୍ ସୂଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହାକୁ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଫୁଡ୍ ପ୍ରୋ-୨୦୨୨ର ଏକ ଭିଡିଓର ଶୁଭାରମ୍ଭ କରି ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ସରକାରଙ୍କ ନୀରବଚ୍ଛିନ୍ନ ଉଦ୍ୟମ ଉପରେ ଆଲୋକପାତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ଦିଗରୁ ଅଧିକ ପୁଞ୍ଜି ନିବେଶର ଆଗମନ ହୋଇପାରିବ। ଏହାଦ୍ୱାରା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ସ୍ୱାଗତ ଭାଷଣ ଦେଇ ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା କହିଛନ୍ତି ଯେ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ଏକ ଆକର୍ଷକ ଖାଦ୍ୟ ପ୍ରକ୍ରିୟାକରଣ ହବ୍ ଭାବେ ଗଢ଼ିତୋଳିବା ସକାଶେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ।

ଏହି ଅବସରରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ, ପ୍ରତିଷ୍ଠିତ ଶିଳ୍ପ ଉଦ୍ୟୋଗ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃଷି ଉତ୍ପାଦନ କମିଶନର ସଞ୍ଜୀବ ଚୋପ୍ରା, ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ସଭାପତି ଓମ୍‌କାର ରାୟ, ଶିଳ୍ପ ସଚିବ ହେମନ୍ତ ଶର୍ମା, ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲମ, ଇପିକଲ ଏମ୍‌ଡି ଭୂପିନ୍ଦର ସିଂ ପୁନିଆ, ଆପିକଲ ଏମ୍‌ଡି ପ୍ରଭାତ କୁମାର ରାଉଳ ପ୍ରମୁଖ ଯୋଗ ଦେଇଥିଲେ।

# ମାଟ୍ରିକ ପରୀକ୍ଷା ଖାତା ପୁନଃ ଯାଞ୍ଚ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ

କଟକ ଅଫିସ,୧୧।୭

ମାଟ୍ରିକ ପରୀକ୍ଷାଫଳକୁ ନେଇ ଅସନ୍ତୁଷ୍ଟ ଥିବା ପରୀକ୍ଷାର୍ଥୀଙ୍କ ନିମନ୍ତେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ସୋମବାରଠାରୁ ଉତ୍ତର ଖାତା ପୁନଃ ଯାଞ୍ଚ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ପରୀକ୍ଷାର୍ଥୀମାନେ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିପାରିବେ। ଏଥିପାଇଁ ବିଷୟ ପ୍ରତି ୧୦୦ ଟଙ୍କା ଲେଖାଏ ଆବେଦନ ଫି ଧାର୍ଯ୍ୟ କରାଯାଇଛି। ପରୀକ୍ଷାର୍ଥୀଙ୍କୁ ଉଭୟ ସବ୍‌ଜେକ୍ଟିଭ ଏବଂ ଅବ୍‌ଜେକ୍ଟିଭ ପେପର ଯାଞ୍ଚ ପାଇଁ ପୃଥକ ଭାବେ ଫି ଦେବାକୁ ପଡିବ। ସେହିଭଳି ଯଦି ଉତ୍ତରଖାତାର ଫଟୋକପି ପରୀକ୍ଷାର୍ଥୀମାନେ ନେବାକୁ ଚାହୁଁଥାନ୍ତି, ତା'ହେଲେ ୨୦୦ ଟଙ୍କା ଦେବାକୁ ହେବ। ଆବେଦନ ପ୍ରକ୍ରିୟାର ସବିଶେଷ ତଥ୍ୟ ବୋର୍ଡ ୱେବସାଇଟରେ ଦିଆଯାଇଥିବା ସମ୍ପାଦକ ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

**୨୫ ତାରିଖ ଯାଏ ଅନ୍‌ଲାଇନରେ ହୋଇପାରିବ ଆବେଦନ**

ମାଟ୍ରିକ ପରୀକ୍ଷା ଉତ୍ତରଖାତା ଯାଞ୍ଚ ପାଇଁ ପରୀକ୍ଷାର୍ଥୀଙ୍କୁ ପ୍ରଥମେ ପଞ୍ଜୀକରଣ କରିବାକୁ ହେବ। ଯଦି ସେମାନେ ପୂର୍ବରୁ ପଞ୍ଜୀକୃତ ହୋଇଥିବେ ତା'ହେଲେ ନିଜର ପରୀକ୍ଷା ରୋଲ ନମ୍ବର ଏବଂ ପାସୱାର୍ଡ ଲଗ ଇନ୍ କରି ଆପ୍ଲିକେଶନ ଫର୍ମ ପୂରଣ କରିପାରିବେ। ଆବେଦନ ଫର୍ମରେ ନିଜର ପରୀକ୍ଷା ରୋଲ ନମ୍ବର, ମାଆଙ୍କ ନାମ, ମୋବାଇଲ ନମ୍ବର ଦାଖଲ କରିବେ। ଏହାପରେ ଉକ୍ତ ମୋବାଇଲ ନମ୍ବରକୁ ଯାଇଥିବା ଏକ ଭେରିଫିକେଶନ କୋଡକୁ ଦେବା ପରେ ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କ ସମସ୍ତ ତଥ୍ୟ ବୋର୍ଡ ୱେବସାଇଟରେ ପ୍ରଦର୍ଶିତ ହେବ। ପରୀକ୍ଷାର୍ଥୀମାନେ ଉକ୍ତ ପେଜ୍‌ରେ ଯେଉଁ ବିଷୟରେ ପୁନଃ ଯାଞ୍ଚ କରିବାକୁ ଚାହୁଁଥିବେ ତାହା ଚୟନ କରିବେ। ସେହି ଅନୁଯାୟୀ ତାଙ୍କ ଅନଲାଇନ ମାଧ୍ୟମରେ ଫି ପୈଠ କରିବାକୁ ପଡିବ। ଫି ଦେବାପରେ ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ବୋଲି ବୋର୍ଡ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ସୂଚନାଥାଉକି, ଚଳିତବର୍ଷର ମାଟ୍ରିକ ପାସ୍ ହାର ୯୦.୫ ପ୍ରତିଶତ ରହିଥିଲା। ୫ଲକ୍ଷ ୨୬ହଜାର ୮୧୮ଜଣ ପରୀକ୍ଷାର୍ଥୀଙ୍କ ଭିତରୁ ୨ଲକ୍ଷ ୫୬ହଜାର ୮୭୭ ଛାତ୍ର ଓ ୨ଲକ୍ଷ ୬୦ହଜାର ୯୭୦ଜଣ ଛାତ୍ରୀଙ୍କୁ ମିଶାଇ ମୋଟ ୫ଲକ୍ଷ ୧୭ହଜାର ୮୪୭ଜଣ କୃତକାର୍ଯ୍ୟ ହୋଇଥିଲେ। ଯଦି ପରୀକ୍ଷାର୍ଥୀମାନେ ବୋର୍ଡ ପକ୍ଷରୁ କରାଯାଇଥିବା ମୂଲ୍ୟାୟନରେ ଅସନ୍ତୁଷ୍ଟ ଥିବେ ତା'ହେଲେ ସେମାନଙ୍କୁ ପୁନଃ ଯାଞ୍ଚ ପାଇଁ ସୁଯୋଗ ଦିଆଯିବ ବୋଲି ପୂର୍ବରୁ ବୋର୍ଡ ପକ୍ଷରୁ ଘୋଷଣା କରାଯାଇଥିଲା।




ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ– ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା। **–ଶ୍ରୀଅରବିନ୍ଦ**



# ଭାରତ ନଂ.୧

ଆସନ୍ତା ୨୦୨୩ କେବଳ ଆଉ ଏକ ନୂଆବର୍ଷ ହେବ ନାହିଁ, ଏହା ଭାରତୀୟଙ୍କ ପାଇଁ ଏକ ଉଲ୍ଲାସର ବାର୍ତ୍ତା ନେଇ ଆସିବ। ଯାହା କିଛି ବର୍ଷ ପୂର୍ବରୁ ଜାଣିଥିଲୁ ତାହାକୁ ଜାତିସଂଘ ତରଫରୁ ଏବେ ବିଧିବଦ୍ଧ ସ୍ୱୀକୃତି ମିଳିଛି। ଜୁଲାଇ ୧୧ ବିଶ୍ୱ ଜନସଂଖ୍ୟା ଦିବସ ଉପଲକ୍ଷେ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ବ୍ୟାପାର (ଜନସଂଖ୍ୟା ଶାଖା) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି, ୨୦୨୩ ବେଳକୁ ଭାରତର ଜନସଂଖ୍ୟା ଚାଇନାକୁ ଅତିକ୍ରମ କରିଯିବ। ଏଥିରେ ଆହୁରି କୁହାଯାଇଛି, ଚଳିତବର୍ଷ ନଭେମ୍ବରକୁ ବିଶ୍ୱ ଜନସଂଖ୍ୟା ୮୦୦ କୋଟି ଏବଂ ୨୦୮୦ ବେଳକୁ ଏହା ଏକ ହଜାର କୋଟି ଅତିକ୍ରମ କରିଯାଇଥିବ। ଜନସଂଖ୍ୟା ଅଭିବୃଦ୍ଧି ହାର ହ୍ରାସ ନ ପାଇଲେ ଏଭଳି ପ୍ରଦର୍ଶିତ ପରିସଂଖ୍ୟାନ ବାସ୍ତବରେ ପରିଣତ ହୋଇପାରେ।

ସରକାରୀ ଭାବେ କୁହାଯାଉଛି ଭାରତର ଜନସଂଖ୍ୟା ୧୪୧ କୋଟି ଅତିକ୍ରମ କରିଥିବା ବେଳେ ଚାଇନାର ୧୪୨ କୋଟି ଉପରେ ରହିଛି। କିନ୍ତୁ ଭାରତୀୟମାନେ ଏହି ଗୋଟିଏ କୋଟିର ତଫାତ୍‌କୁ ହସିକରି ଉଡ଼ାଇ ଦେଇପାରିବେ। ଭାରତୀୟଙ୍କ ପାଇଁ ୧ କୋଟି ନୂତନ ସନ୍ତାନ ବଡ଼ କଥା ନୁହେଁ। ତେବେ ଚାଇନାର ଜନସଂଖ୍ୟା ବିସ୍ଫୋରଣ ଆକାର ଧାରଣ କରିବାରୁ ଏହା ୧୯୮୦ରେ ଗୋଟିଏ ମାତ୍ର ସନ୍ତାନ ନୀତି ଆପଣାଇଥିଲା। ହେଲେ ୨୦୧୫ ବେଳକୁ ଦେଖାଗଲା ସେଠାରେ ବୟସ୍କଙ୍କ ସଂଖ୍ୟା ବଢ଼ିଯାଉଛି। ସେଥିପାଇଁ ବେଜିଂ ଅକ୍ଟୋବର ୨୦୧୫ରେ ଦୁଇ ସନ୍ତାନ ନୀତି ଆପଣାଇଲା। ହେଲେ ଜନସାଧାରଣଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ଆର୍ଥିକ ଦିଗକୁ ଦେଖି ଦୁଇ ସନ୍ତାନ ଜନ୍ମ କଲେ ନାହିଁ। ଜନ୍ମହାର କମିଯାଉଥିବା ଦେଖି ପୁନଶ୍ଚ ୨୦୨୧ରେ ଚାଇନା ତିନି ସନ୍ତାନ ନୀତି ପ୍ରଣୟନ କରିବା ସହ ଏଥିଲାଗି ଦମ୍ପତିଙ୍କୁ ପ୍ରୋତ୍ସାହନ ଦିଆଯିବା ବିଷୟ ଘୋଷଣା କରିଥିଲା। ତଥାପି ଚାଇନାର ଜନ୍ମହାର କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ସମ୍ଭବତଃ ଏସବୁ ପାଇଁ ଚାଇନା ଓ ଭାରତ ମଧ୍ୟରେ ଜନସଂଖ୍ୟାକୁ ନେଇ ଯେଉଁ ବୃହତ୍ ଫାଙ୍କ ଥିଲା, ତାହା ଧୀରେ ଧୀରେ କମିଆସିଲା। ଏବେ ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ହେବାକୁ ଯାଉଛି। ମନେରଖିବାକୁ ହେବ ଯେ, ଭାରତ ତୁଳନାରେ ଚାଇନାର ଭୌଗୋଳିକ କ୍ଷେତ୍ର ପ୍ରାୟ ୩ ଗୁଣା ଅଧିକ। ଏହାବ୍ୟତୀତ ଭାରତର ସୀମାନ୍ତ ଅଞ୍ଚଳରୁ ଅନେକ ଅଂଶ ଚାଇନା ମାଡ଼ିବସିଥିବା ହେତୁ ଏହି ବ୍ୟବଧାନ ଅଣାନୁଷ୍ଠାନିକ ଭାବେ ଅଧିକ।

> **ମାଗଣା ସୁବିଧା ସୁଯୋଗଗୁଡ଼ିକୁ ଭେଣ୍ଡିଆମାନେ ହାତେଇ ନେଇ ମାଦଳ ହୋଇ ପଡ଼ି ରହିବାକୁ ପସନ୍ଦ କରୁଛନ୍ତି। ଦୋଷ ଭୋଟବ୍ୟାଙ୍କ ସୃଷ୍ଟି କରିବାର ଉଦ୍ୟମର ନୁହେଁ, ଦୁର୍ବଳତା ଆମ ସମସ୍ତଙ୍କର ଅଳସୁଆମି।**

ଗୋଟିଏ ଦେଶର ଜନସଂଖ୍ୟା ତା'ର ସମ୍ବଳ ଭାବେ ଗଣାଯିବା କଥା। କିନ୍ତୁ ଯେଉଁ ସମ୍ବଳ ମୂଲ୍ୟଯୁକ୍ତ ହୋଇ ଦେଶର ପ୍ରଗତିରେ ସହାୟକ ହେବ ନାହିଁ, ତାହା ରାଷ୍ଟ୍ର ପାଇଁ ସମ୍ବଳ ପରିବର୍ତ୍ତେ ବୋଝ ହେବା ସୁନିଶ୍ଚିତ। ଅର୍ଥଶାସ୍ତ୍ରରେ କୁହାଯାଇଥାଏ ଦମ୍ପତିଙ୍କର ଏକାଧିକ ସନ୍ତାନ ଥିଲେ ସେମାନେ ପରିବାର ପାଇଁ ଅଧିକ ଅର୍ଥ ଉପାର୍ଜନ କରିଥାଆନ୍ତି ଓ ସୁରୁଖୁରୁରେ ଚଳିଥାଆନ୍ତି। ବାସ୍ତବରେ ଯଦି ପିଲାମାନେ ଉଦ୍ୟମୀ ଓ ଉପାର୍ଜନକ୍ଷମ ହୋଇ ନ ଥିବେ, ତାହା ହେଲେ ସେମାନଙ୍କ ସଂଖ୍ୟା ପରିବାରକୁ ଆର୍ଥିକ କ୍ଷତିରେ ପହଞ୍ଚାଇବ। ପୁଣି ବୈଷୟିକ ଦିଗରୁ ଦେଖିଲେ ନୂଆଦିଲ୍ଲୀଠାରୁ ବେଜିଂ ଯଥେଷ୍ଟ ଆଗରେ। ତେଣୁ ମାନବ ସମ୍ବଳକୁ ପରିଚାଳନା କରିବାରେ ଭାରତ ବାରମ୍ବାର ବିଫଳ ହୋଇଆସୁଛି। ଗତ କିଛିବର୍ଷ ହେବ ବେକାର ଯୁବତୀଯୁବକଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ଏହି ଚିନ୍ତା ଆହୁରି ତୀବ୍ର ରୂପ ଧାରଣ କରିଛି। ଏହାବ୍ୟତୀତ ଭାରତର କେତେକ ଶାସକ ବାରମ୍ବାର କହୁଛନ୍ତି ଯେ, ଅଧିକ ସନ୍ତାନ ଜନ୍ମକରିବା ଆବଶ୍ୟକ। ନଚେତ୍ ମୁସଲମାନ ସମ୍ପ୍ରଦାୟ ହିନ୍ଦୁଙ୍କଠାରୁ ଅଧିକ ହୋଇଯିବେ। ଏଭଳି ମିଛ ଉପରେ ଆଧାରିତ ପ୍ରତିଯୋଗିତା ସୃଷ୍ଟି କରାଇବା ପଛରେ ଦେଶର ଅଧିକ କ୍ଷତି ଘଟୁଛି।

ଅର୍ଥନୀତିଜ୍ଞ ମାଲ୍‌ଥ୍ୟୁସ୍‌ଙ୍କ କହିବା ଅନୁଯାୟୀ ଅଧିକ ଜନସଂଖ୍ୟାର ଅର୍ଥ ହେଉଛି କାର୍ଯ୍ୟ କରିବା ପାଇଁ ଅଧିକ ହାତ ମିଳିବେ। କିନ୍ତୁ ବିଚରା ମାଲ୍‌ଥ୍ୟୁସ୍ ଭାରତୀୟଙ୍କ ସଂସ୍ପର୍ଶରେ କେବେ ହେଲେ ଆସି ନ ଥିଲେ। ବୃଦ୍ଧ ହେବା ପର୍ଯ୍ୟନ୍ତ ଯଦି ସମ୍ଭବପର ହେଉଛି ତେବେ ଅନେକ ଭାରତୀୟ ମାତାପିତାଙ୍କ ଉପରେ ବୋଝ ହୋଇ ଜୀବନଯାପନ କରିବାକୁ ଚାହାନ୍ତି। ଏହିଭଳି ମାନସିକତା ପୋଷଣ କରୁଥିବା ଜାତିକୁ ବୁଝି ରାଜନେତାମାନେ ସବୁ ପ୍ରକାର ମାଗଣା ସୁବିଧା ଓ ସୁଯୋଗ ଦେବାର ବ୍ୟବସ୍ଥା କରିଚାଲିଛନ୍ତି। ଏହା ସ୍ୱୀକାରଯୋଗ୍ୟ ଯେ, ଏକ ଜନମଙ୍ଗଳ ରାଷ୍ଟ୍ରରେ କେହି ଭୋକ ଉପାସରେ ରହି ମୃତ୍ୟୁମୁଖରେ ପଡ଼ିବା କଥା ନୁହେଁ। ସେଥିପାଇଁ ଅତି ଗରିବଙ୍କୁ ସାମାଜିକ ଓ ଆର୍ଥିକ ନିରାପତ୍ତା ମିଳିବା ଅତ୍ୟନ୍ତ ଆବଶ୍ୟକ। ତାହା ଯୋଗାଉଥିବା ସରକାର ନିଶ୍ଚିତ ଭାବେ ଉଚ୍ଚକୋଟୀର କାର୍ଯ୍ୟ କରୁଛନ୍ତି। କିନ୍ତୁ ସେହି ସୁବିଧା ସୁଯୋଗଗୁଡ଼ିକୁ ଭେଣ୍ଡିଆମାନେ ହାତେଇ ନେଇ ମାଦଳ ହୋଇ ପଡ଼ି ରହିବାକୁ ପସନ୍ଦ କରୁଛନ୍ତି। ଦୋଷ ଭୋଟବ୍ୟାଙ୍କ ସୃଷ୍ଟି କରିବାର ଉଦ୍ୟମର ନୁହେଁ, ଦୁର୍ବଳତା ଆମ ସମସ୍ତଙ୍କର ଅଳସୁଆମି।

## su|do|ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 5 | | | | 7 | | | | 2 |
| | | 9 | | | | | | 6 |
| 7 | | | | | | | 9 | |
| 3 | | | | | 7 | | 5 | |
| 2 | | | | 6 | | 1 | | |
| | | 4 | | | 5 | 3 | | 8 |
| 8 | 2 | | | 5 | | | 1 | |
| | | | | | | 4 | | 7 |
| | | | 1 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 5 | 2 | 7 | 1 | 9 | 4 | 8 |
| 1 | 8 | 2 | 6 | 4 | 9 | 3 | 7 | 5 |
| 7 | 4 | 9 | 8 | 3 | 5 | 6 | 1 | 2 |
| 9 | 5 | 6 | 7 | 1 | 4 | 2 | 8 | 3 |
| 4 | 7 | 8 | 3 | 6 | 2 | 1 | 5 | 9 |
| 3 | 2 | 1 | 9 | 5 | 8 | 4 | 6 | 7 |
| 5 | 1 | 3 | 4 | 9 | 7 | 8 | 2 | 6 |
| 2 | 9 | 7 | 1 | 8 | 6 | 5 | 3 | 4 |
| 8 | 6 | 4 | 5 | 2 | 3 | 7 | 9 | 1 |

ଗତକାଲିର ଉତ୍ତର



# ଶ୍ରୀଲଙ୍କା ଜନବିଦ୍ରୋହ ଅନ୍ତରାଳେ

ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ ଶନିବାର ଶ୍ରୀଲଙ୍କାରେ ଏକ ଅଭୂତପୂର୍ବ ଗଣବିଦ୍ରୋହ ଦେଖିବାକୁ ମିଳିଛି। ଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂଖ୍ୟାରେ ଲୋକ ଆସି ରାଜଧାନୀ କଲମ୍ବୋରେ ରାଷ୍ଟ୍ରପତି ଭବନ ଓ ସଂସଦକୁ ଏକରକମ ଦଖଲ କରି ନେଇଛନ୍ତି। ପ୍ରଧାନମନ୍ତ୍ରୀ ରନିଲ ୱିକ୍ରମସିଂଘେଙ୍କ ବାସଭବନରେ ନିଆଁ ଲଗାଇ ଦେଇଛନ୍ତି। ପରିସ୍ଥିତି ଏତେ ଭୟାନକ ହୋଇଛି ଯେ ସେଠାକାର ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଦେଶ ଛାଡ଼ି ବାହାରକୁ ଚାଲିଯିବାକୁ ବାଧ୍ୟ ହୋଇଛନ୍ତି। ଜନବିଦ୍ରୋହରେ ଭୟଭୀତ ହୋଇ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଇସ୍ତଫା ଦେବାକୁ ଘୋଷଣା କରିଥିବା ବେଳେ ଦେଶକୁ ରାଜନୈତିକ ସଙ୍କଟରୁ ଉଦ୍ଧାର କରିବା ପାଇଁ ଏକ ସର୍ବଦଳୀୟ ସରକାର ଗଠନର ଉଦ୍ୟମ ଆରମ୍ଭ ହୋଇଛି।

ଶ୍ରୀଲଙ୍କାର ବୈଦେଶିକ ମୁଦ୍ରାଭଣ୍ଡାରରେ ବିଦେଶୀ ମୁଦ୍ରାର ଅଭାବ ଯୋଗୁ ବିଦେଶରୁ ପେଟ୍ରୋଲଜାତ ଦ୍ରବ୍ୟ, ଖାଦ୍ୟଶସ୍ୟ, ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷର ଆମଦାନୀ ପ୍ରାୟତଃ ବନ୍ଦ ହୋଇଯାଇଛି। ଫଳରେ ସେଠାରେ ଖାଦ୍ୟଶସ୍ୟ, ଜାଳେଣି ଓ ଔଷଧପତ୍ରର ଘୋର ଅଭାବ ଦେଖାଦେଇଛି। ବଜାରରେ ଯାହା ବି ଜିନିଷ ମିଳୁଛି ତାକୁ ପାଇବା ପାଇଁ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନରେ ଠିଆ ହେବାକୁ ପଡ଼ୁଛି। ସଙ୍କଟ ଏତେ ଖରାପ ସ୍ଥିତିରେ ପହଞ୍ଚିଛି ଯେ ପେଟ୍ରୋଲ ଟାଙ୍କି ଠାରୁ ଆରମ୍ଭକରି ଔଷଧ ଦୋକାନ ପର୍ଯ୍ୟନ୍ତ ସବୁଠି ସେନା ମୁତୟନ କରିବାକୁ ପଡ଼ୁଛି। ଶକ୍ତି ସଙ୍କଟ ଏତେ ଉତ୍କଟ ହୋଇଛି ଯେ ଦୈନିକ ହାରାହାରି ୩–୪ ଘଣ୍ଟା ହିଁ ବିଦ୍ୟୁତ୍ ଉପଲବ୍ଧ ହେଉଛି ଏବଂ ବିଦ୍ୟୁତ୍ ଅଭାବରୁ ସେଠାକାର କଳକାରଖାନା ସବୁ ନିଜର ଉତ୍ପାଦନ ପ୍ରାୟତଃ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। ଦେଶରେ ଔଷଧପତ୍ର ଅଭାବରେ ଲୋକେ ଅକାଳରେ ପ୍ରାଣ ହରାଉଛନ୍ତି।

୨୦୦୯–୧୨ ମଧ୍ୟରେ ୮–୯ % ବିକାଶ ଦର ସହିତ ଶ୍ରୀଲଙ୍କାର ଅର୍ଥନୀତି ଭଲ ଅବସ୍ଥାରେ ରହିଥିଲା। ଚା, ରବର ଓ କପଡ଼ା ରପ୍ତାନିରେ ଏହା ବିଶ୍ୱର ଏକ ଅଗ୍ରଣୀ ଦେଶ ଥିଲା। ତେବେ ଆର୍ଥିକ ଭାବେ ସମୃଦ୍ଧ ହେଲେ ବି ଏହାର ଅର୍ଥନୀତି ସ୍ୱୟଂସମ୍ପୂର୍ଣ୍ଣ ନ ଥିଲା। ଦେଶର ଖାଦ୍ୟ ଆବଶ୍ୟକତାର ସିଂହଭାଗଟି ଦେଶ ଭିତରୁ ପୂରଣ ହେଉଥିବା ବେଳେ ବଳକା ବିଦେଶରୁ ଆମଦାନୀ ଉପରେ ନିର୍ଭର କରୁଥିଲା। ପର୍ଯ୍ୟଟନ ସାଙ୍ଗକୁ ଚା', କଫି ତଥା କପଡ଼ାର ରପ୍ତାନି ଦେଶର ଆୟର ମୁଖ୍ୟସ୍ରୋତ ହୋଇଥିବା ବେଳେ ପଶ୍ଚିମ ଏସିଆରେ କାର୍ଯ୍ୟରତ ଦେଶର ଶ୍ରମିକମାନେ ବି ବୈଦେଶିକ ମୁଦ୍ରା ଆୟର ଏକ ବଡ଼ ସ୍ରୋତ ହୋଇ ଆସିଛନ୍ତି। ତେବେ କୋଭିଡ୍ ମହାମାରୀ ପର୍ଯ୍ୟଟନ ସମେତ ତା'ର ରପ୍ତାନିଭିତ୍ତିକ ଅର୍ଥନୀତିକୁ ଏକଦମ ଧ୍ୱଂସ କରିଦେଲା। ଏଭଳି ପରିସ୍ଥିତିରେ ଦେଶର ବୈଦେଶିକ ମୁଦ୍ରାଭଣ୍ଡାର ହ୍ରାସ ପାଇବା ସହ ଡଲାର ଅଭାବରେ ସେମାନେ ନିଜର ଆବଶ୍ୟକୀୟ ଜାଳେଣି, ଖାଦ୍ୟଶସ୍ୟ ଓ ଔଷଧ ପରି ଜରୁରୀ ଜିନିଷକୁ ଆମଦାନୀ କରିବା ଅସମ୍ଭବ ହୋଇପଡ଼ିଲା।



ଶ୍ରୀଲଙ୍କାର ସଙ୍କଟ ପାଇଁ ଦେଶର ବିପୁଳ ବିଦେଶୀ ଋଣଭାର ଦାୟୀ, ଯାହାକି ଲଗାତର ବୃଦ୍ଧି ପାଇ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ମୋଟ ଋଣଭାର ଭାରତୀୟ ଟଙ୍କାରେ ୩.୭୫ ଲକ୍ଷ କୋଟିରେ ପହଞ୍ଚିଛି ଯାହାକି ଦେଶର ଜିଡିପି ତୁଳନାରେ ଅନୁପାତ ୧୧୯ % ରହିଛି। ତେବେ ଦେଶର ମୋଟ ବୈଦେଶିକ ଋଣର ୪୭% ଖୋଲାବଜାରରୁ ଉଠାଯାଇଥିବା ବେଳେ ୧୩ % ଏସୀୟ ବିକାଶ ବ୍ୟାଙ୍କରୁ ଏବଂ ବଳକା ଜାପାନ (୧୦%), ଚାଇନା (୧୦%), ବିଶ୍ୱବ୍ୟାଙ୍କ (୧୦%) ଓ ଭାରତ (୨%) ଆଦି ଦେଶର ରହିଛି। ଆର୍ଥିକ ସଙ୍କଟ ଯୋଗୁ ସେଠାକାର ମୁଦ୍ରାର ବ୍ୟାପକ ଅବମୂଲ୍ୟାୟନ ହୋଇଛି। ଗତ ମାର୍ଚ୍ଚରେ ଡଲାର ତୁଳନାରେ ତାହା ୨୦୦ ଟଙ୍କା ଥିଲା ବେଳେ ଗତ କିଛି ମାସ ମଧ୍ୟରେ ତାହା ୮୨% ହ୍ରାସ ପାଇ ଏବେ ୩୬୩ ଟଙ୍କାରେ ପହଞ୍ଚିଛି। ଦରବୃଦ୍ଧି ହାର ଗତ ବର୍ଷ ତୁଳନାରେ ୧୩ % ବୃଦ୍ଧି ପାଇ ୧୮%ରେ ପହଞ୍ଚିଛି। ଗତ ମାସ ସୁଦ୍ଧା ସେଠାକାର ମୁଦ୍ରାଭଣ୍ଡାରରେ ମାତ୍ର ୧୬,୦୦୦ କୋଟି ଟଙ୍କା ରହିଥିବା ବେଳେ ଚଳିତ ବର୍ଷ ଋଣ ବାବଦରେ ମୋଟ ୫୬,୦୦୦ କୋଟି ଟଙ୍କାର ବୈଦେଶିକ ଋଣ ପରିଶୋଧ ପାଇଁ ରହିଛି। ସେଥିମଧ୍ୟରୁ ପ୍ରାୟ ୮ ହଜାର କୋଟି ଟଙ୍କାର ଋଣ ବଣ୍ଡକୁ ଚଳିତ ଜୁଲାଇରେ ଶୁଝାଯିବାର ରହିଛି। ଦେଶର ମୋଟ ଆୟ ୧୨ ନିୟୁତ ଡଲାର ହୋଇଥିବା ବେଳେ ଖର୍ଚ୍ଚ ୨୨ ନିୟୁତ ଡଲାରରେ ପହଞ୍ଚିଛି।

ଶ୍ରୀଲଙ୍କାର ରାଜନୀତି ଓ ଶାସନରେ ରାଜପାକ୍ସେ ପରିବାରର ଏକାଧିପତ୍ୟ ମୂଳରେ ରହିଛି ସିଂହଳୀ ଜାତୀୟତାବାଦର ରାଜନୀତି। ସର୍ବପ୍ରଥମେ ସଂଖ୍ୟାଲଘୁ ତାମିଲଙ୍କ ନିଧନ ଅଭିଯାନରୁ ଆରମ୍ଭ ହୋଇଥିବା ଏହି ସାମ୍ପ୍ରଦାୟିକ ଜାତୀୟତାବାଦ ପରେ ମୁସଲମାନ ଓ ଖ୍ରୀଷ୍ଟିଆନଙ୍କ ପରି ଅନ୍ୟ ସଂଖ୍ୟାଲଘୁଙ୍କୁ ନିଜର ଲକ୍ଷ୍ୟବସ୍ତୁ କରିଛି। ଆମ ଦେଶ ପରି ସେଠାରେ ମଧ୍ୟ ଗତ କିଛି ବର୍ଷ ଧରି ସରକାରୀ ପୃଷ୍ଠପୋଷକତାରେ ସଂଖ୍ୟାଲଘୁ ବିରୋଧୀ ଉଗ୍ର ସିଂହଳୀ ଜାତୀୟତାବାଦୀ ରାଜନୀତିକୁ ଶକ୍ତିଶାଳୀ କରାଯାଇଛି। ବୌଦ୍ଧ ମୌଳବାଦୀଙ୍କ ଚାପରେ ସରକାର ଦେଶରେ ହଲାଲ ଓ ହିଜାବ୍‌କୁ ବେଆଇନ କରିଛନ୍ତି। ସରକାରଙ୍କ ପ୍ରୋତ୍ସାହନରେ ସଂଖ୍ୟାଲଘୁମାନଙ୍କ ମସ୍‌ଜିଦ୍ ଓ ଚର୍ଚ୍ଚ ଉପରେ ଲଗାତର ଆକ୍ରମଣ ହୋଇଛି। ତେବେ ଲୋକେ ଏଭଳି ସାମ୍ପ୍ରଦାୟିକ ବିଦ୍ୱେଷ ଓ ହିଂସାରେ ମାତିଥିବା ବେଳେ ରାଜପାକ୍ସେଙ୍କ ଜନବିରୋଧୀ ନୀତି ଦେଶର ଅର୍ଥନୀତି ସହ ଦେଶବାସୀଙ୍କୁ କାଙ୍ଗାଳ କରି ଦେଇଛି।

ଶ୍ରୀଲଙ୍କାର ଅର୍ଥନୈତିକ ସଙ୍କଟ ପାଇଁ ବେଶି ଦାୟୀ ହେଉଛି ସେଠାକାର ସରକାରଙ୍କ ନବଉଦାର ଅର୍ଥନୀତି ଏବଂ ଏକଚ୍ଛତ୍ରବାଦୀ ଶାସନ ନୀତି। ରାଜପାକ୍ସେଙ୍କ ସରକାର ଫାସିବାଦୀ ନୀତିରେ ଦେଶର ଶ୍ରମିକ ଓ କୃଷକଙ୍କ ଆନ୍ଦୋଳନ ସହ ସମସ୍ତ ପ୍ରକାର ଭିନ୍ନମତକୁ ଦମନ କରି ଆସିଛନ୍ତି। ତରବରିଆ ଭାବେ ବିନା କୌଣସି ପୂର୍ବ ପ୍ରସ୍ତୁତିରେ କୃଷକଙ୍କ ମତାମତ ନ ନେଇ ସରକାର ଦେଶକୁ ସମ୍ପୂର୍ଣ୍ଣ ଜୈବିକ କରିବା ନାଁରେ ରାସାୟନିକ ସାର ଓ କୀଟନାଶକର ବ୍ୟବହାରକୁ ନିଷିଦ୍ଧ ଘୋଷଣା କରିଛନ୍ତି। ଏହା କୃଷିକୁ ଭୟଙ୍କର ସଙ୍କଟ ଭିତରକୁ ଠେଲିଦେଇଛି ଓ କୃଷି ଉତ୍ପାଦନରେ ୨୦ % ହ୍ରାସ ପାଇଛି। ଏହାବ୍ୟତୀତ ରାଜପାକ୍ସେଙ୍କ ଶାସନ କାଳରେ ସରକାରୀ ସମ୍ପତ୍ତିର ଘରୋଇକରଣ ସହ ଦେଶର ସ୍ୱଚ୍ଛଳ ବର୍ଗଙ୍କୁ ବିପୁଳ ଆର୍ଥିକ ଅନୁକମ୍ପା ପ୍ରଦର୍ଶନ କରାଯାଇଛି। ଲୋକଙ୍କ ଉପରେ ଟିକସ ବୋଝ ବଢ଼ାଯାଇଛି। ୨୦୧୯ରେ ପୁଣିଥରେ କ୍ଷମତାକୁ ଆସିବା ପରେ ରାଜପାକ୍ସେ ଦେଶର ଧନୀମାନଙ୍କ ଉପରେ ପୂର୍ବରୁ ରହିଥିବା ୨% ଜାତୀୟ ନିର୍ମାଣ ଟିକସକୁ ଉଚ୍ଛେଦ କରିବା ସହ ସେମାନଙ୍କ ସମ୍ପତ୍ତି କରକୁ ହ୍ରାସ କରିଛନ୍ତି। ବ୍ୟବସାୟୀମାନଙ୍କୁ ଖୁସି କରିବାକୁ ଭାଟ୍‌ର ହାରକୁ ୧୫% ରୁ ୮%କୁ ହ୍ରାସ କରିଥିବା ବେଳେ ଦେଶର ଧର୍ମାନୁଷ୍ଠାନଗୁଡ଼ିକୁ ସମ୍ପୂର୍ଣ୍ଣ କରମୁକ୍ତ କରିଛନ୍ତି। ସରକାରଙ୍କ ଏଭଳି ଧନୀ ଓ କର୍ପୋରେଟ୍ ସପକ୍ଷବାଦୀ ନୀତି ଲାଗି ଦେଶର ମୋଟ ଟିକସର ହାର ଜିଡିପିର ୯%କୁ ହ୍ରାସ ପାଇଥିବା ବେଳେ ଲୋକଙ୍କ ପାଇଁ ଖର୍ଚ୍ଚ କରିବାକୁ ଅର୍ଥର ଅଭାବ ଦେଖାଯାଇଛି।

ଶ୍ରୀଲଙ୍କାର ସଂଖ୍ୟାଗରିଷ୍ଠ ସିଂହଳୀ ଜନତା ଧାର୍ମିକ ଘୃଣା ଉପରେ ଆଧାରିତ ଜାତୀୟତାବାଦରୁ ଊର୍ଦ୍ଧ୍ୱକୁ ଯାଇ ବର୍ତ୍ତମାନ ନିଜର ତଥା ଦେଶର ଅର୍ଥନୀତିକୁ ବଞ୍ଚାଇବା ପାଇଁ ଆଗେଇ ଆସିଛନ୍ତି। ସେମାନେ ସେଠାକାର ଏକଚ୍ଛତ୍ରବାଦୀ ତଥା ଲୁଟେରା ରାଜପାକ୍ସେ ପରିବାର ସହିତ ସେମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଜନବିରୋଧୀ ଏବଂ ଦେଶ ବିରୋଧୀ ନୀତିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି। ବିଶ୍ୱବାସୀ ବି ଶ୍ରୀଲଙ୍କାର ଏହି ସଙ୍କଟ ସମୟରେ ସହଯୋଗର ହାତ ବଢ଼ାଇବା ସହିତ ସେଠାକାର ସ୍ଥିତିରୁ ଶିକ୍ଷା ନେବା ଜରୁରୀ ହୋଇପଡ଼ିଛି।

**ମୋ : ୯୪୩୭୧୬୬୩୯୧**



# ମାଗି ଓଳଗି

ରଞ୍ଜନ କୁମାର ଦାସ

ଅନ୍ନମୟ ପ୍ରାଣ। ବିନା ଖାଦ୍ୟରେ ଦେହ ଧାରଣ କରି ରହିବା ଅସମ୍ଭବ। ତେଣୁ ମଣିଷ ହେଉ ବା ପ୍ରାଣୀ ତାକୁ ବଞ୍ଚିବାକୁ ହେଲେ ଖାଦ୍ୟ ଗ୍ରହଣ କରିବାକୁ ପଡ଼େ। ମାତ୍ର ଯିଏ ଯେତେ ସମ୍ଭ୍ରମ ଭାବରେ ଖାଦ୍ୟ ଗ୍ରହଣ କରେ ସେ ସେତେ ସଭ୍ୟ ଓ ଶିକ୍ଷିତ ରୂପେ ପରିଗଣିତ ହୁଏ। ଆଦିମ ମଣିଷ କଞ୍ଚାମାଂସ ଖାଉଥିଲା। ବାଘ,ସିଂହଠାରୁ ଆରମ୍ଭକରି ଶୃଗାଳ, କୁକୁର, କଟାଶ ଯାଏ ସମସ୍ତେ ଅନ୍ୟକୁ ମାରି ମାଂସ ଖାଇଯାଆନ୍ତି। ତେଣୁ ସେମାନଙ୍କ ପଶୁତୁଲ୍ୟ ବ୍ୟବହାର ପାଇଁ ସେମାନେ ଘୃଣ୍ୟ ବିବେଚିତ ହୁଅନ୍ତି। ଯେଉଁ ମଣିଷ ଏମାନଙ୍କ ଭଳି ଆଚରଣ କରେ ସେ ବି ଘୃଣ୍ୟ ବିବେଚିତ ହୁଅନ୍ତି। ଋଷିଙ୍କର ଖାଦ୍ୟ ଦରକାର, ପଶୁର ବି ଖାଦ୍ୟ ଦରକାର। ମାତ୍ର ଋଷି ଗଛକୁ ମାରି ଫଳ ଖାଆନ୍ତିନାହିଁ। ଅତି ଯତ୍ନରେ ଫଳ ତୋଳି ଖାଆନ୍ତି। ଗଛକୁ ବଞ୍ଚେଇ ରଖିବାକୁ ସେଥିରେ ଖତ, ସାର, ମାଟି, ପାଣି ସବୁ ଦିଅନ୍ତି। ତେଣୁ ଗଛ ତାଙ୍କ ପାଇଁ ଶ୍ରଦ୍ଧାରେ ଆହୁରି ଆହୁରି ଫଳ ଫଳାଏ। ମାତ୍ର ହିଂସ୍ର ପଶୁଟିଏ ଅନ୍ୟ ଏକ ପଶୁକୁ ମାରି ଖାଇଯାଏ। ଖାଦ୍ୟ ଗ୍ରହଣ ପ୍ରକ୍ରିୟାରେ ତା'ର ଶ୍ରଦ୍ଧା, ସମବେଦନା ବା ସମ୍ଭ୍ରତା ନ ଥାଏ। ତେଣୁ ସେ କେବେ ଆଦରଣୀୟ ହୁଏନା। ଘରେ ସେମିତି ଯିଏ ହାତ ପୂରେଇ ହାଣ୍ଡିରୁ ଖାଏ ସେ ଚୋର ଭଳି ବିଚାର୍ଯ୍ୟ ହୁଏ। ତାକୁ ସମସ୍ତେ ଛେଇଛେଇ କରନ୍ତି। ମାତ୍ର ଯେଉଁ ଅତିଥି ନାହିଁ ନାହିଁ କରୁଥାଏ ଆମେ ତାକୁ ବଳେଇ ବଳେଇ ଖୁଆଉ। ଜଣେ ନାହିଁ ନାହିଁ କରୁଥିବ, ତାକୁ ବଳେଇ ବଳେଇ ଖୁଆଉଥିବ ସେଥିରେ ଯେଉଁ ମଜା, ମାଗି ଖାଇବାରେ, ଛଡ଼େଇ ଖାଇବାରେ ସେ ମଜା ନ ଥାଏ। ଆଗେ ଗାଁଗହଳରେ ଭୋଜିରେ ସମସ୍ତେ ଧାଡ଼ିକରି ପଙ୍ଗତରେ ବସୁଥିଲେ। ଖାଦ୍ୟ ସମ୍ମାନର ସହ ବାଢ଼ି ଦିଆହେଉଥିଲା। ଅନେକ ଲୋକଙ୍କୁ ଭୋଜିରେ ନିଜ ପାଇଁ ମାଗିବାକୁ ଲାଜ ଲାଗିଥାଏ ବା ଭଲ ଲାଗି ନ ଥାଏ। ତାଙ୍କ ପାଇଁ ପାଖଲୋକ କେହି ମାଗି ଦେଉଥିଲା। ମାତ୍ର ଭୋଜି ଭାତରେ ବଫେ ସିଷ୍ଟମ ଆରମ୍ଭ ହେଲା ଦିନଠୁ ସେ ମୁଖଲଜ୍ଜା ଆମେ ଛାଡ଼ି ସାରିଛେ। ଖାଇବା ପାଇଁ ଥାଳି ପତେଇ ଲାଇନ କରି ଠିଆହେବାକୁ ପଡ଼ୁଛି। ଏବେ ବି ଗାଁ ଗହଳରେ ଅନେକ ସ୍ୱାଭିମାନୀ ବୟସ୍କ ଲୋକ ଅଛନ୍ତି ଯେଉଁମାନେ ଏ ବଫେ ଭୋଜିରେ ଖାଇବାକୁ ସମ୍ମାନହାନି କାରକ ବୋଲି ଭାବନ୍ତି। ମାଗିଖିଆ ଭଳି କିଏ ଯାଇ ଥାଳି ଧରି ଠିଆ ହୋଇ ଖାଇବାକୁ ମାଗିବ ବୋଲି ସେମାନେ ଆଧୁନିକ ଭୋଜିକୁ ଯାଆନ୍ତି ନାହିଁ।

ଦେହ ପାଇଁ ଯେମିତି ଖାଦ୍ୟ ଦରକାର ମନ ପାଇଁ ମଧ୍ୟ ସେମିତି ଖାଦ୍ୟ ଦରକାର। ମନ ପାଇଁ ଖାଦ୍ୟ ହେଲା ଶାନ୍ତି, ସମ୍ମାନ, ସୌଜନ୍ୟତା, ସୌହାର୍ଦ୍ଦ୍ୟ ଓ ଶିଷ୍ଟାଚାର। ଏସବୁ ମିଳିଲେ ମଣିଷର ମନ ଭଲ ରହେ, ମାନସିକ ତୃପ୍ତି ମିଳେ। କେହି ଜଣେ ଆପଣଙ୍କୁ ସ୍ନେହ ଦେଲେ ଆଦର ଓ ପ୍ରଶଂସା କଲେ ଖୁସି ଲାଗେ। କଳାକାରଟିଏ ଅର୍ଥ ପାଉ ନ ପାଉ କରତାଳି ଟିକେ, ପୁରସ୍କାରଟିଏ, ଉପଢୌକନଟିଏ, ସମ୍ମାନ ଟିକେ ପାଇଲେ ତା'ର ରସନା ତୃପ୍ତ ହୁଏ। ମାତ୍ର ମାଗିଖିଆ ଏ ସମୟରେ ପୁରସ୍କାର ମାଗିବା, ସମ୍ମାନ ଭିକ୍ଷା କରିବା, ପ୍ରଶଂସା ଦାବି କରିବା ଏକ ନିର୍ଲଜ ପରମ୍ପରାରେ ପରିଣତ ହୋଇଗଲାଣି। ଲୋକେ ନିଜ ପାଇଁ ନିଜେ ଦାବି କରୁଛନ୍ତି, ମୁଁ ହିଁ ଶ୍ରେଷ୍ଠ, ମୋଠୁ ଆଉ କେହି ଭଲ ନାହାନ୍ତି। ମତେ ଦିଅ ସବୁ ପୁରସ୍କାର, ଉପଢୌକନ ଓ ମାନପତ୍ର। ମୁଁ ନେଇ ସଜେଇଦେବି ମୋ ଡ୍ରଇଁରୁମ୍ ଓ ଲାଇବ୍ରେରି। ଯିଏ ଘରକୁ ଆସିବ ତାକୁ ଛାତି ଫୁଲେଇ ଦେଖେଇବି ମୋ କୃତି ସମୂହଙ୍କୁ। କେଡ଼େ ବେହିଆ ଓ ନିଲଠା ହୋଇଗଲେଣି ଆମେ। କେହି ଜଣେ ସିନା ଆମକୁ ଆସି କହନ୍ତା, ହେ ଶ୍ରେଷ୍ଠ ସାଧକ ଆମେ ଆପଣଙ୍କ ପ୍ରତିଭା ଓ ସାଧନାରେ ମୁଗ୍ଧହୋଇ ଏ ପୁରସ୍କାର ପାଇଁ ଆପଣଙ୍କୁ ଚୟନ କରୁଛୁ। ଆପଣ ତାକୁ ଗ୍ରହଣ କରି ଆମକୁ ଧନ୍ୟ କରନ୍ତୁ। ଏଥିରେ ପୁରସ୍କାର ମହତ୍ତ୍ୱ ରହନ୍ତା। ପ୍ରାପକର ସମ୍ମାନ ବି ରହନ୍ତା। ମାତ୍ର ମାଗିଖିଆ ଧାରାରେ ସେ ମଜା କ'ଣ ମିଳେ?

ଈଶ୍ୱର ଆମକୁ କେବେ ପୂଜା ମାଗି ନ ଥାନ୍ତି। ଆମେ ତାଙ୍କୁ ପୂଜାକରୁ। ଶ୍ରଦ୍ଧା ଓ ସମ୍ମାନର ସହ ଭୋଗ ନୈବେଦ୍ୟ ଅର୍ପଣକରୁ। ମାତ୍ର ସଇତାନ ଓ ଅପଦେବତା ଆମକୁ ବଳି ମାଗେ, ରକ୍ତ ମାଗେ। ନ ଦେଇପାରିଲେ ଆମକୁ ଦୁର୍ଭାଗ୍ୟ ଭୋଗିବାକୁ ପଡ଼େ। ତେଣୁ ଆମେ ତାକୁ ସନ୍ତୁଷ୍ଟ କରିବାକୁ ବଳି ଦେଉ, ଭୋଗରାଗ ଦେଉ। ମାତ୍ର ସେସବୁ ଭୟଜନିତ କାରଣରୁ ଦେଉ। ମନ ଭିତରେ ଶ୍ରଦ୍ଧା ବା ସମ୍ମାନ ଥାଏ। ରାସ୍ତାରେ ଗଲାବେଳେ ଆମକୁ ଭିକାରୀ ବି ଭିକ ମାଗେ, କିନ୍ନରଟେ ତାଳି ବଜେଇ ବଟି ମାଗେ। କାପାଳିକ, ତାନ୍ତ୍ରିକଟିଏ ଅଦୃଷ୍ଟର ଭୟ ଦେଖେଇ ପ୍ରାପ୍ୟ ମାଗେ। ଆମେ ଦେଉ ମାତ୍ର ମନରେ ଶ୍ରଦ୍ଧା ନ ଥାଇ। କେବେକେବେ ଦେଲାବେଳେ ମନ ଭିତରେ ଘୃଣା ବି ଥାଏ। ସେ ଦେବାରେ ଦାତବ୍ୟପଣ ନ ଥାଏ। ଦେବାଲୋକ ସେ ଫିଙ୍ଗାଫୋପଡ଼ା ଦାନ ବା ଦକ୍ଷିଣାକୁ ନେଇ କେତେ ସୁଖ ପାଏ, ସେକଥା ସେ ହିଁ କହିପାରିବ। ହୁଏତ ତାହା କେବଳ ତା'ର ଆସୁରିକ ଆବଶ୍ୟକତାର ପୂରଣ ପାଇଁ ଯଥେଷ୍ଟ ହେଉଥିବ। ମାତ୍ର ସେଥିରେ କିଛି ଆଧ୍ୟାତ୍ମିକ, ପୂର୍ଣ୍ଣ ପ୍ରାପ୍ତି ହେଉଥିବ କି ନାହିଁ ଜଣାନାହିଁ। ଯେଉଁ ଦାନରେ ଦାତା ଓ ଗ୍ରହୀତା ଉଭୟେ ଉପକୃତ ନ ହୁଅନ୍ତି ସେ ଦାନ ଦାନ ନୁହେଁ ଆଉ କିଛି। ଯେଉଁ ପ୍ରେମରେ ପ୍ରେମିକ ଓ ପ୍ରେମିକା ଉଭୟ ତୃପ୍ତ ହୁଅନ୍ତି ନାହିଁ, ସେ ପ୍ରେମ ପ୍ରେମ ନୁହେଁ ବରଂ ଧୋକା କହିଲେ ଅତ୍ୟୁକ୍ତି ହେବ ନାହିଁ। ଯେଉଁ ଖାଦ୍ୟରେ ଖାଦ୍ୟ ଓ ଖାଦକ ଉଭୟ ଧନ୍ୟ ହୁଅନ୍ତି ନାହିଁ ତାହା ଖାଦ୍ୟ ନୁହେଁ ଅଖାଦ୍ୟ। ସେହିଭଳି ଯେଉଁ ସମ୍ମାନ ଦାବିକରି ନିଆଯାଏ ତାକୁ ଆମ ଲୋକକଥାରେ ମାଗି ଓଳଗି ବୋଲି କୁହାଯାଏ। ଯାଚି କଲ୍ୟାଣ କରୁଥିବା ଲୋକ ଓ ମାଗି ଓଳଗି ସାଉଁଟୁଥିବା ଉଭୟ ଉପହସିତ ହୁଅନ୍ତି। ଏକଥା କାଳେ କାଳେ କୁହାହୋଇ ଆସିଛି।



**ନିର୍ଦ୍ଦେଶକ, ସଂସ୍କୃତି ବିଭାଗ**
**ମୋ–୯୪୩୭୨୮୬୫୧୨**

## ଏଇ ଭାରତରେ

ଫଳ ବଗିଚାଟିଏ ଥିଲେ ତା'ଉପରେ ସମସ୍ତଙ୍କର ଆଖି ଥାଏ। ଫଳ ଲୋଭରେ ଅନେକେ ସୁଯୋଗ ଦେଖି ବଗିଚାରୁ ଚୋରି କରିବାକୁ ଭୁଲନ୍ତି ନାହିଁ, ଯେଉଁଥିପାଇଁ ଏକ ଆମ୍ବବଗିଚାକୁ ମଣିଷଙ୍କ ସହ କୁକୁରମାନଙ୍କୁ ଜଗୁଆଳି ଭାବେ ରଖାଯାଇଛି। ଏଭଳି ଏକ ବଗିଚା ଦେଖିବାକୁ ମିଳେ ମଧ୍ୟପ୍ରଦେଶର ଜବଲପୁରରେ। ଏହାର ମାଲିକ ହେଉଛନ୍ତି ସଙ୍କଳ୍ପ ସିଂ ପରିହାର। ବଗିଚାରେ ଦେଶ ବିଦେଶର ବହୁ ମୂଲ୍ୟବାନ୍ ଓ ସୁସ୍ୱାଦୁ ଆମ୍ବ ଫଳୁଥିବାରୁ ସେ ଚୋରି ରୋକିବା ଲାଗି ଏଭଳି ସୁରକ୍ଷା ବ୍ୟବସ୍ଥା କରିଛନ୍ତି। କଥା ହେଉଛି, ୪୭ ବର୍ଷୀୟ ପରିହାରଙ୍କ ୪ ଏକର ବିଶିଷ୍ଟ ବଗିଚାରେ ୨୪ଟି ଦୁର୍ଲ୍ଲଭ କିସମର ୧ ହଜାରରୁ ଊର୍ଦ୍ଧ୍ୱ ଆମ୍ବଗଛ ଲଗାଯାଇଛି। ୮ଟି କିସମର ଚାରା ସେ ବିଦେଶରୁ ଯୋଗାଡ଼ କରିଥିଲେ। ଏଥିରେ ମଲ୍ଲିକା ଓ ମିୟାଜାକୀର ଚାହିଦା ଢେର ବେଶି। ମିୟାଜାକୀ କିସମର ଆମ୍ବ କେଜି ପ୍ରତି ୧ ହଜାର ଟଙ୍କାରେ ବିକ୍ରି କରୁଛନ୍ତି ପରିହାର। ବଗିଚାରେ ଉନ୍ନତ କିସମର ଆମ୍ବ ଫଳୁଥିବାରୁ ବାହାରୁ ଲୋକେ ଏହାକୁ ଦେଖିବାକୁ ଆସୁଛନ୍ତି। ଏଥିପାଇଁ ବଗିଚା ଭିତରେ ଲୋକେ କିଭଳି ଭଲରେ ଭୋଜିକରି ସମୟ କଟାଇବେ ତାହାର ମଧ୍ୟ ବ୍ୟବସ୍ଥା କରାଯାଇଛି। ଲୋକମାନଙ୍କୁ ବିଭିନ୍ନ ଆମ୍ବ ଗଛ ଦେଖାଇବା ପାଇଁ ଗାଇଡ୍ ଭାବେ ସେ ଲୋକଙ୍କୁ ନିଯୁକ୍ତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୨ ଜୁଲାଇ ୧୯୯୭**

- ଥାଇଲାଣ୍ଡର ପଟ୍ଟାୟା ନଗରୀର ବେଳାଭୂମିରେ ଥିବା ୧୭ ମହଲା ବିଶିଷ୍ଟ ହୋଟେଲରେ ଅଗ୍ନିକାଣ୍ଡ ଘଟି ୭୪ ମୃତ।
- ବିହାରର ଆଲାଉଲି ଥାନା ଅନ୍ତର୍ଗତ ଗରିୟାଘାଟ ନିକଟରେ ଥିବା ବାଗମତୀ ନଦୀରେ ଏକ ଦେଶୀ ଡଙ୍ଗା ବୁଡ଼ିଯିବା ଫଳରେ ୫୪ ଜଣଙ୍କ ମୃତ୍ୟୁ।
- ଉତ୍ତର–ପୂର୍ବ ମୁମ୍ବାଇର ରମାବାଈ ଆମ୍ବେଦକର ନଗରଠାରେ ଉତ୍ତ୍ୟକ୍ତ ଜନତାଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଗୁଳି ଚଳାଇବାରୁ ୧୦ ନିହତ।

# ପାଠକ ଶ୍ରେଷ୍ଠ ବିଚାରକ

## ଓଡ଼ିଶାକୁ ସହାୟତା ମିଳୁ

ମହାଶୟ,

ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ଅତିକ୍ରାନ୍ତ ହୋଇଥିଲେ ହେଁ ଅଦ୍ୟାବଧି ଓଡ଼ିଶା ଏକ ବିକଶିତ ରାଜ୍ୟ ହୋଇପାରିଲା ନାହିଁ। ଓଡ଼ିଶାର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିକୁ କେନ୍ଦ୍ର ସରକାର ମାନ୍ୟତା ପ୍ରଦାନ କଲେ ନାହିଁ। ବର୍ତ୍ତମାନ ଏମ୍‌ଜିଏନ୍‌ଆରଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଏବଂ ସ୍ୱଚ୍ଛ ଭାରତ ପରି ପ୍ରଚଳିତ ପ୍ରାୟ ୧୦୦ ପ୍ରକାରର କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ଓଡ଼ିଶାକୁ ୬୦:୪୦ ଅନୁପାତରେ କେନ୍ଦ୍ରୀୟ ସହାୟତା ମିଳୁଛି ; ଅଥଚ ୮ ଗୋଟି ଉତ୍ତର–ପୂର୍ବାଞ୍ଚଳ ରାଜ୍ୟ ଓ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଏବଂ ଜମ୍ମୁ–କଶ୍ମୀର ପରି ହିମାଳୟ ପାଦଦେଶରେ ଅବସ୍ଥିତ ରାଜ୍ୟଗୁଡ଼ିକୁ ଅଦ୍ୟାବଧି ୯୦:୧୦ ଅନୁପାତରେ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଉଛି। କେନ୍ଦ୍ରର ଏତାଦୃଶ ବୈମାତୃକ ମନୋଭାବ ହେତୁ ଓଡ଼ିଶାର ବିକାଶ ହୋଇ ପାରୁନାହିଁ। କେନ୍ଦ୍ର ଓଡ଼ିଶାରୁ ଯେତିକି ରାଜସ୍ୱ ନେଉଛି, ସେହି ଅନୁପାତରେ ଓଡ଼ିଶାକୁ ଆର୍ଥିକ ସହାୟତା ପ୍ରଦାନ କରୁନାହିଁ। ଏଥିପାଇଁ ରାଜ୍ୟ ସରକାରଙ୍କ ଋଣଭାର ପ୍ରାୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କା ହେଲାଣି। ସୁତରାଂ, କେନ୍ଦ୍ର ସରକାର ଓଡ଼ିଶା ଭିତ୍ତିଭୂମିର ବିକାଶ, ଗରିବ ଜନସାଧାରଣଙ୍କ ଆର୍ଥିକ ଓ ସାମାଜିକ ବିକାଶ ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ସହାୟତାର ତୁରନ୍ତ ବ୍ୟବସ୍ଥା କରନ୍ତୁ। ଅନ୍ତତଃ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାକୁ କେନ୍ଦ୍ରୀୟ ପ୍ରବର୍ତ୍ତିତ ସମସ୍ତ ପ୍ରକାର ଯୋଜନା ଲାଗୁ ସହାୟତା ବାବଦକୁ ୯୦% ସାହାଯ୍ୟ ଓ ଅବଶିଷ୍ଟ ୧୦% ଅର୍ଥକୁ ସୁଧମୁକ୍ତ ଋଣ ଆକାରରେ ପ୍ରଦାନ କରନ୍ତୁ।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

## ଚିରନ୍ତନୀ

ରୂପସୀ ଖେଳ କିଏ ରୂପର ଖେଳନା
ନୟନେ ଭରି ଦେଇ ରସର ଝରଣା
ଅଧରେ ଗୋଲାପର ମରିଛି କଳିକା
ଦଶନେ ଫୁଟିଉଠେ ପ୍ରଦୋଷ ମଲ୍ଲିକା
ଶୁଭ୍ର ବାସେ ତବ ଜଡ଼ିଛି ବାସନା
ରୂପସୀ ଖେଳ କିଏ ରୂପର ଖେଳନା।
–(ସୁଦୂର ଗାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଭୁବନେଶ୍ୱରର ଏକ ହୋଟେଲରେ ସୋମବାର 'ଅମିତ ଶାହା ଓ ଭାଜପାର ଯାତ୍ରା' ପୁସ୍ତକକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ଅତିଥିବୃନ୍ଦ ଉନ୍ମୋଚନ କରୁଛନ୍ତି।

# 'ଅମିତ ଶାହା ଓ ଭାଜପାର ଯାତ୍ରା' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୧।୭(ବ୍ୟୁରୋ)

ଭାଜପା ଏବେ ରାଜ୍ୟର ଦୁଇ ନମ୍ବର ଦଳ। ଏକ ନମ୍ବର ଦଳ ହେବା ପାଇଁ ପ୍ରକ୍ରିୟା ଜାରି କରିଛି। ଏକ ନମ୍ବର ହେବା ଲାଗି ବହୁ ପରିଶ୍ରମ କରିବାକୁ ହେବ ବୋଲି 'ଅମିତ ଶାହା ଓ ଭାଜପାର ଯାତ୍ରା' ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି, ଭାଜପା ଗୋଟିଏ ସମୟରେ ୧୨ରୁ ୧୪ ପ୍ରତିଶତ ଭୋଟ ପାଉଥିଲା। ଏବେ ୩୦ରୁ ୩୮ ପ୍ରତିଶତ ଭୋଟ୍ ପାଇବାରେ ସକ୍ଷମ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଉପରେ ଲିଖିତ 'ଅମିତ ଶାହା ଓ ଭାଜପାର ଯାତ୍ରା' ପୁସ୍ତକଟି କେବଳ ଜଣେ ବ୍ୟକ୍ତିର ପ୍ରଶଂସା ପାଇଁ ନୁହେଁ ବରଂ ଗୋଟିଏ ବିଚାରଧାରା ଓ ଜଣେ କାର୍ଯ୍ୟକର୍ତ୍ତାର କାହାଣୀ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର ଆହୁରି କହିଛନ୍ତି, ରାଜନୈତିକ ଦୃଶ୍ୟପଟରେ ଭାଜପାକୁ ନୂଆ ଶିଖରକୁ ନେଇଥିବା ଦୃଢ଼ ସଙ୍ଗଠକ ଅମିତ ଶାହାଙ୍କ ଉପରେ ଲିଖିତ ପୁସ୍ତକର ଓଡ଼ିଆ ସଂସ୍କରଣ ପ୍ରକାଶିତ ହୋଇଥିବାରୁ ଖୁସି ଲାଗୁଛି। ପୁସ୍ତକର ମୂଳ ଇଂରାଜୀ ଲେଖକ ଅନିର୍ବାଣ ଗାଙ୍ଗୁଲି ଓ ଶିବାନନ୍ଦ ଦ୍ୱିବେଦୀ ଏବଂ ଓଡ଼ିଆ ଅନୁବାଦକ ସରୋଜ ବଳଙ୍କୁ ଧନ୍ୟବାଦ ଦେଇଥିଲେ। ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ପୂର୍ବତନ ରାଜ୍ୟ ସଭା ଏମ୍‌ପି ସପନ ଦାସଗୁପ୍ତା, ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ପୁସ୍ତକର ଲେଖକ ଅନିର୍ବାଣ ଗାଙ୍ଗୁଲି ଏବଂ ଶିବାନନ୍ଦ ଦ୍ୱିବେଦୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ସ୍ତମ୍ଭକାର, ଖବରଦାତାମାନେ ଯୋଗଦେଇ ଅଭିଭାଷଣ ରଖିଛନ୍ତି।

# ଆଜି ଦିଲ୍ଲୀ ଗସ୍ତ କରିବେ ଭାଜପାର ୨ ବିଧାୟକ

## ରାଷ୍ଟ୍ରପତି ନିର୍ବାଚନରେ କ୍ରସ୍ ଭୋଟିଂ ରୋକିବା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୧।୭(ବ୍ୟୁରୋ)

ରାଷ୍ଟ୍ରପତି ନିର୍ବାଚନରେ ଦ୍ରୌପଦୀ ମୁର୍ମୁ ଏନ୍‌ଡିଏ ପ୍ରାର୍ଥୀ ହୋଇଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ଯେପରି କ୍ରସ୍ ଭୋଟିଂ ଏବଂ ଭୋଟ୍ ନାକଚ ନ ହେବ ସେନେଇ ଭାଜପା ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏନେଇ ରାଜ୍ୟରେ ବିଧାୟକମାନଙ୍କୁ ନେଇ ମକ୍‌ଡ୍ରିଲ କରାଯିବ। ଅନ୍ୟପଟେ ଏହା ପୂର୍ବରୁ ଏନେଇ ଦିଲ୍ଲୀରେ ଏକ ଟ୍ରେନିଂ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହେବ। ଏନେଇ ଓଡ଼ିଶାରୁ ୨ ଜଣ ଭାଜପା ବିଧାୟକ ମୁକେଶ ମହାଲିଙ୍ଗ ଏବଂ ନାଉରୀ ନାଏକ ମଙ୍ଗଳବାର ଦିଲ୍ଲୀ ଗସ୍ତ କରିବେ। ବୁଧବାର ସେମାନେ ନିର୍ବାଚନ ପୂର୍ବରୁ ହେବାକୁ ଥିବା ଟ୍ରେନିଂ କ୍ୟାମ୍ପରେ ଯୋଗଦେବେ। ଦିନିକିଆ କ୍ୟାମ୍ପ ଶେଷ କରିବା ପରେ ଓଡ଼ିଶା ଫେରି ଅନ୍ୟମାନଙ୍କୁ ମଧ୍ୟ ଏହା ସମ୍ପର୍କରେ ଅବଗତ କରାଇବେ ବୋଲି ଜଣାପଡ଼ିଛି।

# ଜେଏମ୍‌ଏମ୍-କଂଗ୍ରେସ ମଧ୍ୟରେ ବଢୁଛି ଫାଟ

ରାଞ୍ଚି,୧୧।୭

ମହାରାଷ୍ଟ୍ରରେ ଶିବସେନା, କଂଗ୍ରେସ ଏବଂ ଏନ୍‌ସିପି ମିଳିତ ସରକାରର ପତନ ପରେ ଏବେ ଝାଡଖଣ୍ଡରେ ସଙ୍କଟ ଦେଖାଦେଇଛି। ଗୋଟିଏ ପଟେ କେନ୍ଦ୍ରୀୟ ଅନୁସନ୍ଧାନକାରୀ ସଂସ୍ଥା ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ତାଙ୍କର ଘନିଷ୍ଠ ସହଯୋଗୀଙ୍କ ପାଇଁ କଡା ଚ୍ୟାଲେଞ୍ଜ ସୃଷ୍ଟି କରୁଥିବା ବେଳେ ଅନ୍ୟପକ୍ଷରେ ରାଷ୍ଟ୍ରପତି ନିର୍ବାଚନ ନେଇ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ଏବଂ ସହଯୋଗୀ କଂଗ୍ରେସ ମଧ୍ୟରେ ଫାଟ ବଢିବାରେ ଲାଗିବା ନେଇ ଚର୍ଚ୍ଚା ହେଉଛି। ତେବେ ଶାସକ ମିଳିତ ମଞ୍ଚର ସହଯୋଗୀମାନେ ଏଭଳି ଆଶଙ୍କାକୁ ଖଣ୍ଡନ କରି ସବୁ ଠିକ ଅଛି ବୋଲି କହୁଛନ୍ତି।

ରାଞ୍ଚି ଏବଂ ଦିଲ୍ଲୀର ରାଜନୈତିକ କରିଡର୍‌ରେ ଝାଡଖଣ୍ଡର ଅଢ଼େଇ ବର୍ଷ ପୁରୁଣା ସରକାରକୁ ନେଇ ଏବେ ନାନା କଳ୍ପନାଜଳ୍ପନା ଜାରି ରହିଛି। ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ଭାବରେ ଦ୍ରୌପଦୀ ମୁର୍ମୁଙ୍କୁ ଛିଡ଼ା କରି ଏନ୍‌ଡିଏ ଝାଡଖଣ୍ଡରେ ଥିବା ସହଯୋଗୀ ଦଳଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରିଥିବା କୁହାଯାଉଛି। ଏଭଳି ଅବସ୍ଥା ଜାରି ରହିଲେ ମହାରାଷ୍ଟ୍ର ପରେ ଝାଡ଼ଖଣ୍ଡ ପାଳି ପଡ଼ିବ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷରେ ଭାଜପା ଜେଏମ୍‌ଏମ୍ ଏବଂ କଂଗ୍ରେସ ମେଣ୍ଟ ଉପରେ ତୀକ୍ଷ୍ଣ ନଜର ରଖିଛି। ଝାଡଖଣ୍ଡର ଆଦିବାସୀଙ୍କ ସଂଖ୍ୟା ଅଧିକ। ମୁର୍ମୁଙ୍କ ନାମ ଘୋଷଣା ପୂର୍ବରୁ ମିଳିତ ବିରୋଧୀ ଦଳ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ସମର୍ଥନ କରୁଥିବା ଜେଏମ୍‌ଏମ୍ ଆଦିବାସୀଙ୍କ ନାମରେ ରାଜନୀତି କରିଆସୁଛି। ଏଭଳି ପରିସ୍ଥିତିରେ ଝାଡଖଣ୍ଡର ରାଜ୍ୟପାଳ ଥିବା ମୁର୍ମୁଙ୍କ ବିରୋଧରେ ଯାଇ ଯଶୱନ୍ତଙ୍କୁ ଭୋଟ ଦେବା ଦଳ ପାଇଁ ଅଡୁଆ ହୋଇପାରେ ବୋଲି ଆଲୋଚନା ହେଉଛି। ତେବେ ୨୦୧୨ ଭଳି ସୋରେନ୍ ଯଶୱନ୍ତଙ୍କ ପକ୍ଷ ରଖିବାକୁ କଂଗ୍ରେସ ଚାହୁଁଛି। ସେତେବେଳେ ଝାଡ଼ଖଣ୍ଡରେ ଭାଜପା ଏବଂ ଜେଏମ୍‌ଏମ୍ ସରକାର ଥିଲା। ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡ଼ିଏ ଆଦିବାସୀ ନେତା ପିଏ ସାଙ୍ଗ୍‌ମାଙ୍କୁ ପ୍ରାର୍ଥୀ କରିଥିଲା। କିନ୍ତୁ ଜେଏମ୍‌ଏମ୍ ୟୁପିଏ ପ୍ରାର୍ଥୀ ପ୍ରଣବ ମୁଖାର୍ଜୀଙ୍କୁ ଭୋଟ ଦେଇଥିଲା। ଯଦି ସେତେବେଳେ ଜେଏମ୍‌ଏମ୍ ଏନ୍‌ଡ଼ିଏ ପ୍ରାର୍ଥୀ ସାଙ୍ଗମାଙ୍କୁ ବିରୋଧ କରିଥିଲା ତେବେ ଏଥର ମୁର୍ମୁଙ୍କୁ ବିରୋଧରେ କାହିଁକି ଯାଇପାରିବ ନାହିଁ ବୋଲି ଚର୍ଚ୍ଚା ହେଉଛି। ରାଜନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ ଜେଏମ୍‌ଏମ୍ ମୁର୍ମୁଙ୍କ ବିରୋଧରେ ଯିବା ମଧ୍ୟ କଷ୍ଟକର ହେବ। କାରଣ ଶିବୁ ସୋରେନଙ୍କ ପରିବାର ସହ ଦ୍ରୌପଦୀଙ୍କ ଭଲ ସମ୍ପର୍କ ରହିଛି। ଏପରିସ୍ଥଳେ ଶାସକ ମେଣ୍ଟରେ ଫାଟ ବଢ଼ିବାର ଆଶଙ୍କା ବଢିବା ନେଇ ଚର୍ଚ୍ଚା ହେଉଛି।

# ଗୋଆ କଂଗ୍ରେସରେ ସଙ୍କଟ: ଲୋବୋ ଓ କାମାତଙ୍କୁ ଅଯୋଗ୍ୟ ପାଇଁ ଦାବି

ପଣଜୀ,୧୧।୭

ଗୋଆ କଂଗ୍ରେସରେ ଦେଖାଦେଇଥିବା ବିଦ୍ରୋହକୁ ନେଇ ଏଠାରେ ରାଜନୈତିକ ବାତାବରଣ ବେଶ ସରଗରମ ହୋଇଛି। ବରିଷ୍ଠ କଂଗ୍ରେସ ବିଧାୟକ ଦିଗମ୍ବର କାମାତଙ୍କ ନେତୃତ୍ୱରେ ୧୧ବିଧାୟକଙ୍କ ମଧ୍ୟରୁ ଅତିକମ୍‌ରେ ୫ଜଣ ବିଧାୟକ ଭାଜପାରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏଭଳି ପରିସ୍ଥିତିକୁ ଗୋଆ କଂଗ୍ରେସ ଦାୟିତ୍ୱରେ ଥିବା ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ନେତା ଦୀନେଶ ଗୁଣ୍ଡୁ ରାଓ କହିଛନ୍ତି, ରାଜ୍ୟର ସମସ୍ତ ୧୧ ଦଳୀୟ ବିଧାୟକଙ୍କୁ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପିତ କରାଯିବ। ଇତିମଧ୍ୟରେ କଂଗ୍ରେସ ଆକ୍ସନମୁଡରେ ଆସିଛି। ବିରୋଧୀଦଳ ନେତା ପଦରୁ ମାଇକେଲ ଲୋବୋଙ୍କୁ କଂଗ୍ରେସ ହଟାଇଦେଇଛି। ଏଥିସହ ଗୋଆ ବାଚସ୍ପତି ରମେଶ ତାୱଡେକରଙ୍କ ନିକଟରେ ସୋମବାର ମାଇକେଲ ଓ କାମତଙ୍କୁ ଆୟୋଗ୍ୟ ପାଇଁ କଂଗ୍ରେସ ଦାବି କରିଛି। ବିଧାନସଭା ଅଧିବେଶନରେ ୫ଜଣ ବିଧାୟକ ଯୋଗ ନ ଦେବା ପରେ ଏଭଳି ଅବସ୍ଥା ଘଟିଥିବା କୁହାଯାଉଛି। ସୂଚନାଯୋଗ୍ୟ, ଗୋଆ କଂଗ୍ରେସ ବିଧାୟକମାନଙ୍କର ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦଳରେ କୌଣସି ଫାଟ ନାହିଁ ବୋଲି କୁହାଯାଇଥିଲା। ସୂଚନା ମୁତାବକ, ୪୦ ସଦସ୍ୟ ବିଶିଷ୍ଟ ଗୋଆ ବିଧାନସଭାରେ କଂଗ୍ରେସର ୧୧ଜଣ ବିଧାୟକ ରହିଛନ୍ତି। ସେହିପରି ଭାଜପାର ୨୦ଜଣ ବିଧାୟକ ଥିବା ବେଳେ ଏଠାରେ ସରକାରଙ୍କୁ ଏମ୍‌ଜିପିର ୨ ଓ ୩ ସ୍ୱାଧୀନ ବିଧାୟକ ସମର୍ଥନ ଦେଉଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.C-SBP-GCT-BXQ, ତା.07.07.2022ରିଖ

**କାର୍ଯ୍ୟର ନାମ :** ବୃନ୍ଦାମାଳ (BXQ) ଷ୍ଟେସନ ଠାରେ ସମ୍ପୂର୍ଣ୍ଣ ରେଳବାଇ ଭୂମିରେ ଗତି ଶକ୍ତି ମଲ୍ଟି-ମୋଡାଲ କାର୍ଗୋ ଟର୍ମିନାଲ (GCT)ର ଉନ୍ନୟନ ।

**ଟେଣ୍ଡର କାର୍ଯ୍ୟ ମୂଲ୍ୟ/ଭୂମିର ମୂଲ୍ୟ ବ୍ୟତୀତ GCT ର ଆନୁମାନିକ ପ୍ରକଳ୍ପ ମୂଲ୍ୟ(ଟଙ୍କାରେ):** 39,32,87,000/-, EMD (ଟଙ୍କାରେ) : 3,93,28,700/-, ଚୁକ୍ତି ଅବଧି : 05(ପାଞ୍ଚ) ବର୍ଷ (GCT ର ଉନ୍ନୟନ କାର୍ଯ୍ୟ ଶେଷ ହେବା ଠାରୁ), ନିର୍ମାଣ / ଉନ୍ନୟନ କାର୍ଯ୍ୟ ସମାପ୍ତ ନିମନ୍ତେ ଅବଧି : 18 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.07.2022 ରିଖ 1100 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର

PR-281/N/22-23


# ଦୋଷ ଲୁଚାଇବାକୁ ଅପଚେଷ୍ଟା: ବିରୋଧୀ

## ରୁଚିକା ମା'ଙ୍କୁ ପୋଲିସ ଉଠାଇ ନେବା ଘଟଣା

ଭୁବନେଶ୍ୱର,୧୧।୭(ବ୍ୟୁରୋ)

ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାରେ ପୋଲିସ ଏପର୍ଯ୍ୟନ୍ତ ଦୋଷୀଙ୍କୁ ଧରିବାରେ ବିଫଳ ହୋଇଛି। ତେବେ ଦୋଷୀ ଧରା ନ ହେବା ପର୍ଯ୍ୟନ୍ତ ରୁଚିକାଙ୍କ ମା' କଲେଜ ସମ୍ମୁଖରେ ଧାରଣାରେ ବସିଥିଲେ। ତାଙ୍କ ସହ କିଛି ଛାତ୍ରୀ, ସାମାଜିକ ସଙ୍ଗଠନ ସଦସ୍ୟଙ୍କ ସମେତ ଅନ୍ୟମାନେ ମଧ୍ୟ ଧାରଣା ଦେଇଥିଲେ। ହେଲେ ସୋମବାର କିନ୍ତୁ ଭିନ୍ନ ଧରଣର ପରିସ୍ଥିତି ସୃଷ୍ଟି ହୋଇଥିଲା। ରୁଚିକାଙ୍କ ମା'ଙ୍କ ସମେତ ଧାରଣାରେ ବସିଥିବା ଅନ୍ୟମାନଙ୍କୁ ପୋଲିସ ଘୋଷାରି ଘୋଷାରି ନେଇ ଗାଡ଼ିରେ ବସାଇବା ସହିତ ଆନ୍ଦୋଳନ ସ୍ଥଳରେ ଥିବା ଟେଣ୍ଟକୁ ଭାଙ୍ଗି ଦେଇଛି। ପୋଲିସ ଯେଉଁଭଳି ଭାବେ ରୁଚିକାଙ୍କ ମା'ଙ୍କୁ ଘୋଷାରି ନେଲା ତାକୁ ସବୁଆଡୁ ନିନ୍ଦା କରାଯାଇଛି। ପୋଲିସ ଗୋଟିଏ ପଟେ ଦୋଷୀଙ୍କୁ ଚିହ୍ନଟ କରିବାରେ ବିଫଳ ହୋଇଥିବା ବେଳେ ଅନ୍ୟପକ୍ଷରେ ରୁଚିକାଙ୍କ ପରିବାର ସଦସ୍ୟଙ୍କୁ ଆନ୍ଦୋଳନ ସ୍ଥଳରୁ ଏଭଳି ଢଙ୍ଗରେ ଉଠାଇବା କଥାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

କଂଗ୍ରେସ ନେତା ଶିବାନନ୍ଦ ରାୟ କହିଛନ୍ତି, ନବନିର୍ମାଣ ସଙ୍ଗଠନ ଓ ଅନ୍ୟ ଛାତ୍ରନେତାମାନେ ବିଜେବି କଲେଜ ସାମ୍ନାରେ ନ୍ୟାଯ୍ୟ ଦାବି ପୂରଣ ପାଇଁ ସପ୍ତାଏ ଧରି ଧାରଣା ଓ ଅନଶନ କରିଆସୁଥିଲେ। ସୋମବାର ରୁଚିକାଙ୍କ ଶୁଦ୍ଧିକ୍ରିୟା କରିବା ପାଇଁ ଘୋଷଣା କରାଯାଇଥିଲା। ଏହାକୁ ବରଦାସ୍ତ ନ କରି ସରକାର ପୋଲିସ ଜରିଆରେ ସମସ୍ତଙ୍କୁ ଅଚାନକ ଜୋରଜବରଦସ୍ତ ସକାଳୁ ଉଠାଇନେବା ଏକ ଅଗଣତାନ୍ତ୍ରିକ ପଦକ୍ଷେପ। ଛାତ୍ର ସମାଜର ନ୍ୟାଯ୍ୟ ଦାବି ପାଇଁ ଆନ୍ଦୋଳନକୁ ଦମନ କରିବାକୁ ପୋଲିସର ଏଭଳି ଅତ୍ୟାଚାରକୁ ବରଦାସ୍ତ କରାଯିବ ନାହିଁ। ତୁରନ୍ତ ସେମାନଙ୍କୁ ଧାରଣାସ୍ଥଳରେ ପହଞ୍ଚାଇବା ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି। ପୋଲିସ ଠିକ୍‌ଭାବେ ତଦନ୍ତ ନ କରି ଛାତ୍ର ସମାଜ ଓ ଅଭିଭାବକଙ୍କୁ ଭୁଆଁ ବୁଲାଉଛି। ଏହାର ଠିକ୍ ପଦକ୍ଷେପ ନ ନେଲେ ଯେକୌଣସି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ହେବ ତାକୁ କଂଗ୍ରେସ ସମର୍ଥନ କରିବ ବୋଲି ଶିବାନନ୍ଦ କହିଛନ୍ତି। ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି, ରୁଚିକାଙ୍କ ମା'ଙ୍କୁ ପୋଲିସ ଉଠାଇନେବା ଘଟଣା ଠିକ୍ ନୁହେଁ। ଯିଏ ଆତ୍ମହତ୍ୟା କରିଛି ସିଏ ନିଜେ ୩ ଜଣଙ୍କ ଯୋଗୁ ଏଭଳି ପଦକ୍ଷେପ ନେଇଥିବା କଥା ଉଲ୍ଲେଖ କରିଥିଲା। ତଥାପି ମଧ୍ୟ ସେମାନଙ୍କୁ ପୋଲିସ ଚିହ୍ନଟ ନ କରିପାରିବା ଏବଂ ନିଜ ବିଫଳତା ଲୁଚାଇବା ପାଇଁ ପୋଲିସ ଚେଷ୍ଟା କରିବା ନିନ୍ଦନୀୟ। ହଷ୍ଟେଲ ୱାର୍ଡେନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଏସବୁ କଥା ଭିନ୍ନ ଦିଗକୁ ଦର୍ଶାଉଛି। ଓଲଟା ପୀଡ଼ିତାଙ୍କ ମା'ଙ୍କୁ ଆନ୍ଦୋଳନ ସ୍ଥଳରୁ ଉଠାଇନେଇ କ'ଣ ପ୍ରମାଣ କରିବା ଲାଗି ପୋଲିସ ଚେଷ୍ଟା କରୁଛି ବୁଝାପଡୁନାହିଁ। ନିଶ୍ଚିତ ଏଥିରେ ବଡ଼ପଣ୍ଡାମାନଙ୍କ ହାତଥିବା କାରଣରୁ ଏଭଳି ପୋଲିସ କରୁଥିବା ସ୍ପଷ୍ଟ ହୋଇଛି ବୋଲି ଗୋଲକ କହିଛନ୍ତି। ତୁରନ୍ତ ରୁଚିକାଙ୍କ ମା'ଙ୍କୁ ପୋଲିସ ପ୍ରତିବାଦ କରିବାକୁ ସୁଯୋଗ ଦେବା ସହ ଦୋଷୀକୁ ପ୍ରଥମେ ଧରିବା ଦରକାର ବୋଲି ସେ କହିଛନ୍ତି।


**ନାଲକୋ NALCO**
National Aluminium Company Limited
(A Government of India Enterprise)
Nalco Bhawan, P/1, Nayapalli
Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY

Advt. No. 10220601

**NEEDS Railway Operational Coordinator**

NALCO a Navratna PSU intends to fill-up one position of Railway Operational Coordinator on full time contract basis for a period of two years. Interested candidates are requested to get the details of the position from the career section of the website of the company i.e. www.nalcoindia.com.

GM(H&A)-Recruitment



**OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR**

eerwrairangpur@yahoo.com

**CORRIGENDUM**

Office Order No. 2609 Date: 08.07.2022

No. O-622: In pursuance to e-procurement Notice No. 2332/we Dt.13.06.2022. Bid Identification No. RWDRRP-3 of 2022-23 the invited tender for all three works are hereby cancelled due to administrative reasons/issues.

Sd./- Superintending Engineer
Rural Works Division, Rairangpur

OIPR-25107/11/0008/2223



**OFFICE OF THE SUPERINTENDING ENGINEER, RWSS DIVISION, KORAPUT**

e-mail: eerwss_kpt@nic.in, eerwss_kpt@rediffmail.com
Ph. No.: 06852-250281 (Off), Ph. No. 06852-250680 (Res.) Fax No.: 06852-251098

No. 2869 Dated: 05.07.2022

**1st Corrigendum to e-Tender Call Notice No. 05/SE/RWSS.KPT/2022-23 / 23.06.2022**

No. O-618: Due to some unavoidable circumstances the following alternations have been made in the time schedules of this office e-Tender Call Notice No. 05/SE/RWSS/KPT/2022-23 / 23.06.2022.

| Sl. No. | e-Tender Call Notice No. 05/ SE/RWSS/KPT/2022-23 / 23.06.2022 | As per Scheduled | As per Re-scheduled |
|---|---|---|---|
| 1 | Availability of Bid document in the website | Dt.06.07.2022 at 17.00 hours to 19.07.2022 upto 17.00 hours | Dt.13.07.2022 at 17.00 hours to 26.07.2022 upto 17.00 hours |
| 2 | Date of Seeking Clarification | During the Office hours of 06.07.2022 to 18.07.2022 | During the Office hours of 13.07.2022 to 25.07.2022 |
| 3 | Date of Opening of Bid | Dt.20.07.2022 at 11.00 hours | Dt.27.07.2022 at 11.00 hours |

Sd./- Superintending Engineer
RWS&S Division, Koraput

OIPR-25034/11/0009/2223



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ,
୨ୟ ମହଲା, ଶ୍ରୀମା କନଷ୍ଟ୍ରକ୍ସନ୍ ବିଲ୍ଡିଂ, ସା/ପୋ: ମଧୁପାଟଣା, କଟକ, ଓଡ଼ିଶା, ପିନ୍-୭୫୩୦୧୦

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)
[ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି ସହିତ ସୁଧ କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ ଦଖଲ୍ରେ ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ ଇତ୍ୟାଦି ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ/ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା/ ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ପଟ୍ଟନାୟକ ଆସୋସିଏଟ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସୁଜାତା ପଟ୍ଟନାୟକ, ସା.: ଲାଲ ବାହାଦୁର ଲେନ୍, ଅରୁଣୋଦୟ ନଗର, ମଧୁପାଟଣା, ଜିଲ୍ଲା: କଟକ, ପିନ୍-୭୫୩୦୧୨ | ଜାମିନ୍‌ଦାର: ଶ୍ରୀ ଦେବଦାସ ପଟ୍ଟନାୟକ, ପିତା: ମିହିର ଚନ୍ଦ୍ର ପଟ୍ଟନାୟକ, ସା.: ଲାଲ ବାହାଦୁର ଲେନ୍, ପୋ: ଅରୁଣୋଦୟ ମାର୍କେଟ, ଜିଲ୍ଲା: କଟକ/ ସମ୍ପତ୍ତିର ମାଲିକ: ଶ୍ରୀମତୀ ସୁଜାତା ପଟ୍ଟନାୟକ | ଶ୍ରୀମତୀ ସୁଜାତା ପଟ୍ଟନାୟକଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଖାଲି ଜମି ଯାହାର ମ୍ୟୁଟେସନ୍ ଖାତା ନଂ.: ୮୬୧/ ୩୪୩, ଅନୁରୂପ ହାଲ ଖାତା ନଂ.: ୭୯୩, ପ୍ଲଟ୍ ନଂ.: ୬୭୩, କ୍ଷେତ୍ର: ଏକର୦.୦୫୦ଡିସିମିଲି, କିସମ: ଘରବାରି, ମୌଜା: କଟକ ସହର, ୟୁନିଟ୍ ନଂ. ୩୨, ମଧୁପାଟଣା, ଜିଲ୍ଲା: କଟକ, ଓଡ଼ିଶା | ୦୭.୦୫.୨୦୨୨ | ୦୮.୦୭.୨୦୨୨ | ୦୭.୦୫.୨୦୨୨ ସୁଦ୍ଧା ଟ.୨୩,୦୩,୩୭୫/- + ୦୮.୦୫.୨୦୨୨ ଠାରୁ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| ଋଣଗ୍ରହୀତାମାନେ: ୧) ମେସର୍ସ ସ୍ମାରିଟନ୍ ଲାବୋରାଟୋରିଜ୍ (ପ୍ରା.) ଲିଃ., ୨) ଶ୍ରୀମତୀ ସୁଜାତା ପଟ୍ଟନାୟକ (ପରିଚାଳନା ନିର୍ଦ୍ଦେଶକ) ଏବଂ ୩) ଦେବଦାସ ପଟ୍ଟନାୟକ (ନିର୍ଦ୍ଦେଶକ), ସମସ୍ତଙ୍କ ଠିକଣା- ସା.: ବାହାଦୁର ଲେନ୍, ଅରୁଣୋଦୟ ନଗର, ମଧୁପାଟଣା, ଜିଲ୍ଲା: କଟକ, ପିନ୍-୭୫୩୦୧୨ | ସମ୍ପତ୍ତିର ମାଲିକ: ଶ୍ରୀମତୀ ସୁଜାତା ପଟ୍ଟନାୟକ | | ୦୭.୦୫.୨୦୨୨ | ୦୮.୦୭.୨୦୨୨ | ୦୭.୦୫.୨୦୨୨ ସୁଦ୍ଧା ଟ.୪୪,୧୧,୨୯୩/- + ୦୮.୦୫.୨୦୨୨ ଠାରୁ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୧୧.୦୭.୨୦୨୨, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ


# ଗ୍ୟାସ୍ ଦର ବୃଦ୍ଧି ହାଣ୍ଡିଶାଳକୁ ମହଙ୍ଗା ମାଡ଼: କଂଗ୍ରେସ

ଭୁବନେଶ୍ୱର,୧୧।୭(ବ୍ୟୁରୋ)

ରାଜ୍ୟରେ ବିଜେଡି ଏବଂ କେନ୍ଦ୍ରରେ ଭାଜପା ସରକାର ସାଧାରଣ ଜନତାଙ୍କୁ ମିଛ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଚାଲିଛନ୍ତି। ଗତ ୨ ବର୍ଷରେ କରୋନା ଯୋଗୁ ସାଧାରଣ ଜନତାଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ସେମାନଙ୍କ ପାଇଁ ବେଢ଼ି ଉପରେ କୋରଡ଼ା ସଦୃଶ ହୋଇଛି। ୨୦୧୪ କଂଗ୍ରେସ ସରକାର ସମୟରେ ଘରୋଇ ସିଲିଣ୍ଡର ପିଛା ୪୧୪ ଟଙ୍କା ଥିବାବେଳେ ଗତ ୯ ବର୍ଷ ମଧ୍ୟରେ ବର୍ତ୍ତମାନ ଘରୋଇ ସିଲିଣ୍ଡର ୧୦୫୩ ଟଙ୍କାରେ ପହଞ୍ଚିଲାଣି। କେନ୍ଦ୍ରର ଏହି ନିଷ୍ପତ୍ତିକୁ ବିରୋଧ କରି ଭୁବନେଶ୍ୱର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଗୀତାଞ୍ଜଳି ମହାନ୍ତିଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ସୋମବାର ଏକ ବିକ୍ଷୋଭ ରାଲି କରାଯାଇଛି। ଉଭୟ ସରକାରଙ୍କୁ ସମାଲୋଚନା କରି ଗୀତାଞ୍ଜଳି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୱାର୍ଡ ମେମ୍ବରଠାରୁ ରାଷ୍ଟ୍ରପତି ନିର୍ବାଚନ ପର୍ଯ୍ୟନ୍ତ ମା' ଓ ଭଉଣୀ କହି ମହିଳା କାର୍ଡ଼ ଖେଳି ନିର୍ବାଚନ ବୈତରଣୀ ପାର ହୁଅନ୍ତି। ପ୍ରଧାନମନ୍ତ୍ରୀ ମହିଳାମାନଙ୍କ ଆଖିରୁ ଲୁହ ପୋଛିବା ପାଇଁ ଉଜ୍ଜ୍ୱଳା ଯୋଜନା ଘୋଷଣା କରିଥିଲେ। କିନ୍ତୁ ଏବେ ୧୧୦୦ ଟଙ୍କାରେ ଗ୍ୟାସ ଦର ପହଞ୍ଚାଇ ଗୃହିଣୀଙ୍କ ପ୍ରତି ମୋଦି ସରକାର ବିଶ୍ୱାସଘାତ ଓ ପ୍ରତାରଣା କରିଛନ୍ତି। ମହିଳାମାନେ ଆଗାମୀ ଦିନରେ ନିର୍ବାଚନ ସମୟରେ ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ଯୋଗଦେଇ କହିଛନ୍ତି, କେବଳ ଗ୍ୟାସ ନୁହଁ ପେଟ୍ରୋଲ, ଡିଜେଲ ଓ ଖାଦ୍ୟ ସାମଗ୍ରୀ ଅହେତୁକ ଦରଦାମ ବୃଦ୍ଧି ଯୋଗୁ ଜନସାଧାରଣ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏଣୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନବିରୋଧୀ ବୋଲି ବିଶ୍ୱଜିତ କହିଥିଲେ।


150 YEARS OF CELEBRATING THE MAHATMA
सत्यमेव जयते
रक्षा सम्पदा संगठन
Defence Estates Organisation

**Govt. of India, Ministry of Defence
Defence Estates Office, Odisha Circle
SECOND E-AUCTION NOTICE**

It is hereby notified for information of general public that there is amendment in Second E-auction notice of 398 different standing trees at Army A D College, Gopalpur in Gopalpur Mil. Stn., District Ganjam through Central Public Procurement Portal of Govt. of India i.e. www.eauction.gov.in. Now the bidders have to submit their bids online 18.07.2022 and the e-auction will be carried out on 21.07.2022. For further information if required, kindly mail deo-bhub-stats@nic.in.

Auction Id 2022 MoD 1865

Sd./- (Anindya De)
Defence Estates Officer
Odisha Circle, Bhubaneswar
Ph.No.0674-2747631,2747345



**CSIR - INSTITUTE OF MINERALS AND MATERIALS TECHNOLOGY**
**ACHARYA VIHAR, BHUBANESWAR-751013**
IMMT

**Advertisement. No. - PME/P58/2022** **Date:11.07.2022**

CSIR – Institute of Minerals and Materials Technology, Bhubaneswar invites applications from bonafide Indian citizens for the following project positions purely on temporary basis and co-terminus with the duration of the project.

| Post Code | Project No. and Duration of the Project | Name of the Position | No. of Posts |
|---|---|---|---|
| 5801 | Project No: GAP – 301 Duration : 31.03.2026 | Project Assistant | 04 |
| 5802 | Project No: GAP – 358 Duration :01.02.2025 | Project Associate - I | 01 |
| 5803 | Project No: GAP – 359 Duration :10.03.2027 | Project - JRF | 01 |
| 5804 | Project No: SSP – 438 Duration :31.03.2023 | Project Associate - I | 01 |
| 5805 | Project No: GAP - 368, Duration :13.06.2025 | Project Associate – II | 01 |
| 5806 | Project No: HCP – 42, Duration : 31.03.2025 | Senior Project Associate | 01 |
| 5807 | Project No: HCP – 42, Duration :31.03.2025 | Senior Project Associate | 01 |
| 5808 | Project No: HCP – 30, Duration : 30.06.2023 | Project Associate - I | 01 |

Eligible candidates are required to visit CSIR-IMMT website www.immt.res.in for details regarding submission of application, essential qualifications, job requirement, experience, age, monthly emoluments and other terms and conditions.

**The last date of receipt of application is 25.07.2022.**





ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ତିନି ରଥ ଉପରେ ସୋମବାର ପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅଧରପଣା ନୀତି ସମ୍ପନ୍ନ କରାଯାଉଛି।

## ସରିଲା ଅଧରପଣା ନୀତି

**ପୁରୀ ଅଫିସ,୧୧।୭:** ରଥ ଉପରେ ସୋମବାର ତିନି ଦିଅଁଙ୍କ ଅଧରପଣା ନୀତି ସମ୍ପାଦିତ ହୋଇଛି। ରାଘବଦାସ ମଠ, ବଡ଼ ଓଡ଼ିଆ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୋଟିଏ ଲେଖାଏ ରଥରେ ଦିଅଁଙ୍କୁ ଅଧରପଣା ଲାଗି କରାଯାଇଛି। ପାଣିଆ ଆପଟ ସେବକମାନେ ଅଧର ହାଣ୍ଡିରେ ପାଣି ଭର୍ତ୍ତି କରିଥିଲେ। ସାଚି, ଛେନା, ସର, ନବାତ, କ୍ଷୀର, କଦଳୀ, ଲବଙ୍ଗ, ଗୁଜୁରାତି ଆଦି ଦ୍ରବ୍ୟରେ ପଣା ପ୍ରସ୍ତୁତ ହୋଇଥିଲା। ମହାସୁଆରମାନେ ପଞ୍ଚଉପଚାରରେ ପଣା ପୂଜା କରିଥିଲେ। ଭୋଗ ପରେ ପାର୍ଶ୍ୱ ଦେବଦେବୀ ଓ ଚଣ୍ଡୀଚାମୁଣ୍ଡାଙ୍କୁ ସନ୍ତୁଷ୍ଟି କରିବା ଉଦ୍ଦେଶ୍ୟରେ ରଥ ଉପରେ ଅଧରହାଣ୍ଡି ଭଙ୍ଗାଯାଇଥିଲା। ଏହି ନୀତି ଦେଖିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ନୀତି ପରେ ଅନ୍ୟାନ୍ୟ ନୀତି ଶେଷ କରାଯାଇ ରାତ୍ର ପହୁଡ଼ ସମ୍ପାଦିତ ହୋଇଥିଲା। ଅଧରପଣା ନୀତି ଶୃଙ୍ଖଳିତ ଭାବେ ସମ୍ପାଦିତ ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ କହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- 'ସ୍ୱାବଲମ୍ବୀ ମହିଳା- ସଶକ୍ତ ଭାରତ' ଉପରେ ଆଲୋଚନାଚକ୍ର, ଜୟ ଭାରତ ଭବନ, ପୂର୍ବାହ୍ନ ୧୧ଟା।
- ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ 'ସମ୍ପର୍କ' କ୍ୟାମ୍ପ, ଭାରତ ସ୍କାଉଟସ୍ ଆଣ୍ଡ ଗାଇଡସ୍ ପରିସର, ଅପରାହ୍ନ ୪ଟା।
- କୋକିଳ ଡ୍ୟାନ୍ସ ଓ ମ୍ୟୁଜିକ୍ ଏକାଡେମୀର ପ୍ରତିଷ୍ଠା ଦିବସ, ଏକାଡେମୀ ପରିସର, ପୋଖରୀପୁଟ୍, ସନ୍ଧ୍ୟା ୭ଟା।
- ବେନାଟକ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା ୧୫।

# ଆଜି ନୀଳାଦ୍ରି ବିଜେ

## ବୁଧବାରଠାରୁ ମିଳିବ ନୀଳାଚଳ ଅବଢ଼ା

**ପୁରୀ ଅଫିସ, ୧୧।୭**

ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦିରୁ ବାହୁଡ଼ି ଆସିଛନ୍ତି ମହାବାହୁ। ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ତିନିରଥରେ ଏବେ ଅବସ୍ଥାନ କରୁଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସୋମବାର ରଥ ଉପରେ ଅଧରପଣା ନୀତି ସମ୍ପନ୍ନ ହୋଇଥିବାବେଳେ ମଙ୍ଗଳବାର ଶ୍ରୀବିଗ୍ରହମାନଙ୍କ ନୀଳାଦ୍ରିବିଜେ ନୀତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ରତ୍ନବେଦୀକୁ ବିଜେ କରିବେ ଦାରୁଦିଅଁ। ଏଥିସହ ଚଳିତବର୍ଷର ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଶେଷ ହେବ। ନୀଳାଦ୍ରି ବିଜେ ପରେ ବୁଧବାରଠାରୁ ଶ୍ରୀମନ୍ଦିରରେ ନୀଳାଚଳ ଅବଢ଼ା ପାଇବେ ଭକ୍ତ। ପୁଣି ବଡ଼ଦେଉଳରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିବ।

ନୀଳାଦ୍ରି ବିଜେ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ହୋଇଛି। ତିନି ରଥରେ ଶ୍ରୀବିଗ୍ରହମାନଙ୍କ ମଙ୍ଗଳ ଆଳତି ପ୍ରାତଃ ୪ଟାରେ ହେବ। ମଇଲମ ତଡ଼ପ ଲାଗି ୪ଟା ୩୦, ଅବକାଶ ଭୋର ୫ଟା, ବେଶ ଶେଷ ୫ଟା ୩୦, ଗୋପାଳବଲ୍ଲଭ ସକାଳ ୬ଟା ୩୦, ସକାଳ ଧୂପ ୭ଟାରୁ ୮ଟା, ମଇଲମ ୮ଟା ୩୦, ମହାସ୍ନାନ ଓ ସର୍ବାଙ୍ଗ ୯ଟା ୩୦, ବେଶ ଶେଷ ୧୦ଟା, ମଧ୍ୟାହ୍ନ ଧୂପ ୧୦ଟା ୩୦ରୁ ୧୧ଟା ୩୦, ମଇଲମ ଓ ବେଶ ୧୧ଟା ୪୫ରୁ ୧୨ଟା, ସନ୍ଧ୍ୟା ଆଳତି ୧୨ଟା ୧୫, ସନ୍ଧ୍ୟାଧୂପ ୧୨ଟା ୩୦ରୁ ୧ଟା ୩୦, ଚାରମାଳ ବନ୍ଧା ୧ଟା ୩୦ରୁ ୩ଟା ୩୦, ସିଂହାସନ ମାଜଣା ୩ଟା ୩୦, ପୁଷ୍ପାଞ୍ଜଳି ୩ଟା ୫୦, ପହଣ୍ଡି ଆରମ୍ଭ ୪ଟା, ପହଣ୍ଡି ଶେଷ ରାତି ୧୦ଟା, ରୁନ୍ଧା ଶେଷ ରାତି ୧୨ଟା ୩୦, ଦଇତାପତି ସର୍ବାଙ୍ଗ ରାତି ୧ଟା, ଶ୍ରୀମୁଖ ଖଣ୍ଟୁଆ ୧ଟା ୧୦, ଚାରମାଳ ଫିଟା ୧ଟା ୧୫ରୁ ୨ଟା ୧୫, ସୁଦର୍ଶନ ସିଂହାସନକୁ ବିଜେ ୨ଟା ୩୦, ଶ୍ରୀମୁଖ ଖଣ୍ଡିଆ ମଇଲମ ୨ଟା ୩୦, ଚକା ପୋଛା ୨ଟା ୪୫, ସିଂହାସନ ଧୁଆ ୩ଟା, ମାଧବ, ଶ୍ରୀଦେବୀ ଓ ଭୂଦେବୀ ସିଂହାସନକୁ ବିଜେ ୩ଟା ୧୦, ମହାସ୍ନାନ ଶେଷ ୩ ଟା ୩୦, ରୋଷହୋମ ୩ଟା ୩୫, ମଇଲମ ୩ଟା ୩୫, ଚନ୍ଦନଲାଗି ୩ଟା ୪୫, ସୂର୍ଯ୍ୟପୂଜା ୪ଟା, ଦ୍ୱାରପାଳ ପୂଜା ୪ଟା ୧୫, ବଡ଼ସିଂହାର ବେଶ ୪ଟା ୧୫, ବଡ଼ସିଂହାର ଭୋଗ ୪ଟା ୪୫ ଏବଂ ରାତ୍ର ପହୁଡ଼ ଭୋର ୫ଟାରେ କରାଯିବ।



ଶ୍ରୀମନ୍ଦିର ରତ୍ନ ସିଂହାସନ ଉପରେ ଲାଗିବାକୁ ଥିବା କନକମୁଣ୍ଡି ଚାନ୍ଦୁଆ ବଡ଼ ଓଡ଼ିଆ ମଠ ପରିସରରେ ପ୍ରସ୍ତୁତ କରାଯାଉଛି।

## ବଡ଼ ଓଡ଼ିଆ ମଠ ମହନ୍ତ କରନ୍ତି ସେବା

### କନକମୁଣ୍ଡି ଚାନ୍ଦୁଆ ବାନ୍ଧିବା ସହ ସିଂହାସନ ମାଜଣା

**ପୁରୀ ଅଫିସ, ୧୧।୭**

ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ଦିନ ଶ୍ରୀମନ୍ଦିର ରତ୍ନସିଂହାସନ ଉପରେ ଯେଉଁ ଚାନ୍ଦୁଆ ଲଗାଯାଏ, ତାହାକୁ କନକମୁଣ୍ଡି ଚାନ୍ଦୁଆ କୁହାଯାଏ। ଏହି ଚାନ୍ଦୁଆକୁ ବଡ଼ ଓଡ଼ିଆ ମଠ ପକ୍ଷରୁ ଲଗାଯାଏ। ବଡ଼ଓଡ଼ିଆ ମଠ ପକ୍ଷରୁ ମହାପ୍ରଭୁଙ୍କ ବିଭିନ୍ନ ସେବା ମଧ୍ୟରୁ କନକ ମୁଣ୍ଡି ଚାନ୍ଦୁଆ ସେବା ଅନ୍ୟତମ। ମହାପ୍ରଭୁଙ୍କ ପ୍ରତି ଅତିବଡ଼ୀ ଜଗନ୍ନାଥ ଦାଶଙ୍କ ଭକ୍ତି ଓ ନିଷ୍ଠା ଦେଖି ତାଙ୍କୁ କନକମୁଣ୍ଡି ଚାନ୍ଦୁଆ ସେବା କରିବାକୁ ଗଜପତି ପ୍ରତାପରୁଦ୍ର ଦେବ ଅନୁମତି ଦେଇଥିଲେ। ସେହିପରି ରତ୍ନସିଂହାସନର ସୁରକ୍ଷା ଦାୟିତ୍ୱ ଜଗନ୍ନାଥ ଦାଶ ଏବଂ ବଡ଼ଓଡ଼ିଆ ମଠକୁ ଦେଇଥିଲେ। ସେହି ଦିନଠାରୁ କନକମୁଣ୍ଡି ଚାନ୍ଦୁଆ ସେବା ବଡ଼ଓଡ଼ିଆ ମଠ ପକ୍ଷରୁ କରାଯାଉଛି। ନୀଳାଦ୍ରି ବିଜେ ଦିନ ରତ୍ନ ସିଂହାସନରେ ଚାରମାଳ ବନ୍ଧା ହେବା ପରେ ବଡ଼ ଓଡ଼ିଆ ମଠର ମହନ୍ତ ଶ୍ରୀମନ୍ଦିରକୁ ଯାଇ ସିଂହାସନ ମାଜଣା ନୀତି କରିଥାନ୍ତି। ପରେ ମଠ ପକ୍ଷରୁ ଏକ ୧୪ ହାତିଆ ବାନା ନୀଳଚକ୍ରରେ ଲଗାଯାଇଥାଏ। ଏହାପରେ ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ଲଗାଯାଏ। ହେରାପଞ୍ଚମୀ ତିଥିରୁ ଏହି ଚାନ୍ଦୁଆ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ। ନୀଳାଦ୍ରି ବିଜେ ଦିନ ରତ୍ନସିଂହାସନ ଉପରେ ଲାଗିଥାଏ ଏବଂ ସ୍ନାନପୂର୍ଣ୍ଣିମା ଦିନ କଢ଼ାଯାଇଥାଏ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାଜଣା ଲାଗି ମଠକୁ ସୂଚନା ଦିଆଯିବା ପରେ ମହନ୍ତ ପଟୁଆରରେ ଶ୍ରୀମନ୍ଦିରକୁ ଆସିଥାନ୍ତି। ସେ ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ରତ୍ନ ସିଂହାସନ ମାଜଣା କରିଥାନ୍ତି। ଏଥିଲାଗି ବଟା ଚନ୍ଦନ, କର୍ପୂର, ଚୂଆ, କେଶର, କସ୍ତୁରୀ ଆଦି ବ୍ୟବହାର କରାଯାଏ। ରତ୍ନ ସିଂହାସନ ମାଜଣା ସାରି ମହନ୍ତ ମହାପ୍ରଭୁଙ୍କ ଦର୍ଶନ କରି ସିଂହଦ୍ୱାର ଦେଇ ମଠକୁ ଫେରିଯାଇଥାନ୍ତି।

# ରୋଷଘର ଚଟାଣରେ ଲାଗିଲାନି ନୂଆ ପଥର

## ନାଟମଣ୍ଡପ ଫାଟ ମରାମତି ହୋଇନି

- ଶେଷଦିନରେ ହେଲା ଗର୍ଭଗୃହ କାର୍ଯ୍ୟ
- ଦାୟିତ୍ୱ ହସ୍ତାନ୍ତର କଲା ଏଏସ୍ଆଇ

**ପୁରୀ ଅଫିସ,୧୧।୭**



ଶ୍ରୀମନ୍ଦିର ମରାମତି ଓ ରୋଷଘର ନୂଆ ଚଟାଣ କାର୍ଯ୍ୟ ଶେଷ ହୋଇପାରିନାହିଁ। ନିର୍ଦ୍ଧାରିତ କାମ ସରି ନ ଥିବାବେଳେ ମଙ୍ଗଳବାର ନୀଳାଦ୍ରି ବିଜେ ହେବାକୁ ଥିବାରୁ ରାଜ୍ୟ ସରକାରଙ୍କୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ଦାୟିତ୍ୱ ହସ୍ତାନ୍ତର କରିଛି। ସୋମବାର ଶେଷଦିନରେ ଗର୍ଭଗୃହ କାର୍ଯ୍ୟ କରାଯାଇଥିଲା। ଦୀପ ଯୋଗୁ ଗର୍ଭଗୃହରେ ହୋଇଥିବା କଳାଦାଗକୁ ଛଡ଼ାଇ ଦିଆଯାଇଛି। ସେହିଭଳି ମଏଶ୍ଚର ଟେଷ୍ଟିଂ, କେମିକାଲ୍ ୱାଶିଂ ଓ ସେନ୍ସର କାର୍ଯ୍ୟଦକ୍ଷତା ଯାଞ୍ଚ କରାଯାଇଛି। କାନ୍ଥରେ ହେଉଥିବା ଫାଟର ମାତ୍ରାକୁ ଯାଞ୍ଚ କରିବା ଲାଗି ଚେନ୍ନାଇ ଆଇଆଇଟି ପକ୍ଷରୁ ଲଗାଯାଇଥିବା ସେନ୍ସର କାର୍ଯ୍ୟଦକ୍ଷତାକୁ ଏଏସ୍ଆଇ ଯାଞ୍ଚ କରିଛି। ସେହିଭଳି ଭୋଗମଣ୍ଡପର ଚଟାଣ ମରାମତି କରାଯାଇଛି। ଅନେକ ଖାଲଢିପକୁ ସମାନ କରାଯାଇଛି। ତେବେ ନାଟମଣ୍ଡପରେ ହୋଇଥିବା ଫାଟ ମରାମତି କରାଯାଇନାହିଁ। କିଛି ସ୍ଥାନରେ ଷ୍ଟେନଲେସ୍ ଫ୍ରେମ୍ ଲଗାଯାଇଥିବା ଏଏସ୍ଆଇ ପୁରୀ ସର୍କଲ ପକ୍ଷରୁ ସୂଚନା ମିଳିଛି। ସେହିପରି ରୋଷଘର ଚଟାଣକୁ ବଦଳାଇ ନୂଆ ଖଣ୍ଡେଲାଇଟ ପଥର ଲଗାଇବା ପାଇଁ ଯୋଜନା ହୋଇଥିଲା। ମାତ୍ର ସମୟ ଅଭାବରୁ ସମ୍ପୃକ୍ତ କାର୍ଯ୍ୟ ହୋଇପାରିନାହିଁ। କେବଳ ରୋଷଘର ଅଗଣାର ୫୦ ପ୍ରତିଶତ ଚଟାଣକୁ ବଦଳାଇ ଦିଆଯାଇଛି। ସେହିଭଳି ସିସିଟିଭି ଲଗାଇବା ନେଇ କରାଯାଇଥିବା ଆବେଦନକୁ ଏପର୍ଯ୍ୟନ୍ତ ସରକାରୀ ମଞ୍ଜୁରୀ ମିଳିନି ଓ ତାହା ଚଳିତ ବର୍ଷ ରଥଯାତ୍ରା ସମୟରେ ଲଗାଯିବା ନେଇ ଯୋଜନା ନ ଥିଲା ବୋଲି ସୂଚନା ମିଳିଛି। ପୁରୀ ଏଏସ୍ଆଇ ସର୍କଲ ପକ୍ଷରୁ କୁହାଯାଇଛି ଯେ, ସୀମିତ ସମୟରେ ଯାହା କାର୍ଯ୍ୟ ହୋଇପାରିଲା ତାହା କରାଯାଇଛି। ତେବେ ରୋଷଘର ନୂଆ ପଥର ପକାଇବା କାମ ଶେଷ ହୋଇପାରିନାହିଁ। ଶ୍ରୀମନ୍ଦିର ପ୍ରଶାସନକୁ ଏସମ୍ପର୍କରେ ଅବଗତ କରାଯାଇଛି। କୌଣସି ସମୟରେ ଅତିରିକ୍ତ ସମୟ ଦେଲେ ମରାମତି କାର୍ଯ୍ୟ କରି ନୂଆ ପଥର ଲଗାଯିବ ବୋଲି ସ୍ପଷ୍ଟ କରାଯାଇଛି। ସେହିଭଳି ରାଜ୍ୟ ସରକାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିବା ଏଏସ୍ଆଇ ଜଣାଇଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ସୀମିତ ସମୟ ମଧ୍ୟରେ ଏଏସ୍ଆଇ ରୋଷଘର ଓ ଗର୍ଭଗୃହ କାର୍ଯ୍ୟ କରିଛି। ତେବେ ରୋଷଘର କାର୍ଯ୍ୟ ଯାହା ହୋଇପାରିନାହିଁ, ତାହା ଆଉ ଆସନ୍ତା ରଥଯାତ୍ରା ପୂର୍ବରୁ କରାଯାଇ ପାରିବ ନାହିଁ। ରୋଷଘର ଭିତରକୁ ପ୍ରବେଶ କରିବା ପ୍ରାବଧାନ ନ ଥିବାରୁ ବଳକା କାମ କରାଯାଇପାରିବ ନାହିଁ। ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍ଆଇ ପାଖରେ ଥିବାରୁ ପ୍ରତିବର୍ଷ ଘୋଷଯାତ୍ରା ସମେତ ନୀଳାଦ୍ରି ବିଜେ ପୂର୍ବଦିନ ପର୍ଯ୍ୟନ୍ତ ମରାମତି ଓ ରକ୍ଷଣାବେକ୍ଷଣ କାମ କରାଯାଇଥାଏ। ମହାପ୍ରଭୁ ରତ୍ନବେଦୀରେ ନ ଥିବାରୁ ନାଟମଣ୍ଡପ, ଭୋଗମଣ୍ଡପ ଓ ଗର୍ଭଗୃହ ଇତ୍ୟାଦିର ସ୍ଥିତି ଯାଞ୍ଚ କରାଯାଇପାରେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦେବ୍



@ ପୂର୍ଣ୍ଣଚନ୍ଦ୍ର



@ ସଞ୍ଜୟ



@ ଇତିଶ୍ରୀ



@ ନନ୍ଦରାଜ



@ ରାଜେନ୍ଦ୍ର

# ଶିଶୁ ସଂକଳନ 'ଅଝଟ କାହ୍ନା' ଉନ୍ମୋଚିତ

**ଭୁବନେଶ୍ୱର,୧୧।୭(ବ୍ୟୁରୋ)**

ବରିଷ୍ଠ ଶିଶୁ ସାହିତ୍ୟିକା ସୁରମା ମିଶ୍ରଙ୍କ ତୃତୀୟ କବିତା ସଂକଳନ 'ଅଝଟ କାହ୍ନା' ରାଜଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉକ୍ତ ପୁସ୍ତକ ଉନ୍ମୋଚନ କରି 'ଅଝଟ କାହ୍ନା' ପିଲାଙ୍କ ପାଇଁ ବେଶ ଉପାଦେୟ ହେବ। ଏହାକୁ ବିଭିନ୍ନ ସ୍କୁଲ, ଲାଇବ୍ରେରିରେ ରଖାଯାଇପାରିଲେ ପିଲାମାନେ ବିଶେଷ ଜ୍ଞାନ ଆହରଣ କରିପାରିବେ ବୋଲି କହିଥିଲେ। ପୂର୍ବରୁ ଶିଶୁମାନଙ୍କ ପାଇଁ ଅତି ସରଳ ଓ ସୁବୋଧ ଭାଷାରେ କବିତା ଲେଖି ପାଠିକାପାଠକଙ୍କ ଦ୍ୱାରା ସୁରମା ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଶିଶୁମାନଙ୍କ ପାଇଁ ଏଭଳି ମନଛୁଆଁ କବିତା ଲେଖିବା ପାଇଁ ସେ ସ୍ୱାମୀ ସ୍ୱର୍ଗତ ନିରଞ୍ଜନ ମିଶ୍ରଙ୍କଠାରୁ ପ୍ରେରଣା ପାଇଥିବା କହିଛନ୍ତି। ତାଙ୍କର ଅନେକ କବିତା ନିୟମିତ ଭାବେ ବିଭିନ୍ନ ପତ୍ରପତ୍ରିକା ଏବଂ ଖବରକାଗଜରେ ପ୍ରକାଶ ପାଉଛି। କବିତା ସଂକଳନ ଉନ୍ମୋଚିତ ହେବା ସମୟରେ ତାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ।




ଭୁବନେଶ୍ୱର ସୂଚନାଭବନଠାରେ ସୋମବାର ଅନୁଷ୍ଠିତ ହେଲ୍ଥମେଟ୍‌ର ବାର୍ଷିକ ଉତ୍ସବ ଓ ପୁସ୍ତକ ଆଲୋଚନା କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ 'ବନ୍ଧୁତା'କୁ ଉନ୍ମୋଚନ କରୁଛନ୍ତି।



ରାଜଭବନ ପରିସରରେ ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶିଶୁ ସାହିତ୍ୟିକା ସୁରମା ମିଶ୍ରଙ୍କ ତୃତୀୟ ଶିଶୁ କବିତା ସଂକଳନ 'ଅଝଟ କାହ୍ନା'କୁ ଉନ୍ମୋଚନ କରୁଛନ୍ତି।





ରାଗିଂ ବନ୍ଦ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଏବିଭିପି ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା । ବାରିକେଡ୍ ଡେଇଁ ବିଧାନସଭା ଆଡକୁ ଯିବାବେଳେ ପୋଲିସ କାବୁ କରିନେଉଛି ।

# ରୁଚିକାଙ୍କ ମା'ଙ୍କୁ ବଳପୂର୍ବକ ଉଠାଇ ନେଲା ପୋଲିସ

## ରାଗିଂରୁ ବିଜେବି ଛାତ୍ରୀଙ୍କ ଆତ୍ମହତ୍ୟା ମାମଲା

- ଅସ୍ଥାୟୀ ଟେଣ୍ଟ ଭାଙ୍ଗିଲା, ସଂଗଠନ କର୍ମକର୍ତ୍ତାଙ୍କୁ ବି ଉଠାଇ ନେଲା
- ନ୍ୟାୟ ଦେଇ ନ ପାରି ସରକାର ଚାପିଦେଲେ : ବିଦ୍ୟୁତ୍‌ପ୍ରଭା
- ଆନ୍ଦୋଳନକାରୀ, ପୋଲିସ ମଧ୍ୟରେ ଟଣାଓଟରା

ଭୁବନେଶ୍ୱର,୧୧।୭ (ବ୍ୟୁରୋ)

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାରେ କମିଶନରେଟ ପୋଲିସ ତଦନ୍ତ ଆଳରେ ଅନ୍ଧାରରେ ବାଡ଼ି ବୁଲାଉଛି। ରାଗିଂରୁ ଏହି ଘଟଣା ଘଟିଥିବା ଓ ୩ଜଣ ସିନିୟର ଛାତ୍ରୀଙ୍କ ସମ୍ପୃକ୍ତି ଥିବା ଜବତ ସୁଇସାଇଡ୍ ନୋଟ୍ କହୁଛି। ହେଲେ ଘଟଣାକୁ ସୋମବାର ୧୦ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ସମ୍ପୃକ୍ତ ସିନିୟର ଛାତ୍ରୀଙ୍କୁ ଧରୁ ନାହିଁ କି ରାଗିଂର ପ୍ରମାଣ ପାଇ ପାରୁନାହିଁ। ଦୁର୍ବଳତା ଏଡ଼ାଇବାକୁ ଓଲଟା ବଳପ୍ରୟୋଗ କରି ନ୍ୟାୟ ଦାବିର ସ୍ୱରକୁ ଚପାଇ ଦେବାକୁ ଲାଗି ପଡିଛି। ସୋମବାର କଲେଜ ଫାଟକ ସାମ୍ନାରେ ଧାରଣାରେ ବସିଥିବା ରୁଚିକାଙ୍କ ମାଆ ବିଦ୍ୟୁତ୍‌ପ୍ରଭା, ପରିବାର ସଦସ୍ୟ ଓ ବିଭିନ୍ନ ଛାତ୍ର ସଙ୍ଗଠନର କର୍ମକର୍ତ୍ତାଙ୍କୁ ଜବରଦସ୍ତ ଉଠାଇ ନେଇଛି। ଏପରିକି ସେମାନଙ୍କୁ ଅମାନୁଷିକ ଭାବେ ଘୋଷାରି ନେବା ସହ ଅସ୍ଥାୟୀ ଟେଣ୍ଟକୁ ଭାଙ୍ଗି ଦେଇଛି। ନ୍ୟାୟ ବଦଳରେ ପୋଲିସର ଏଭଳି ପଦକ୍ଷେପକୁ ନେଇ ଚାରିଆଡୁ ସମାଲୋଚନା ଆରମ୍ଭ ହୋଇଛି।

ନ୍ୟାୟ ନ ମିଳିଲେ କଲେଜ ଫାଟକ ସାମ୍ନାରେ ଝିଅର ଶୁଦ୍ଧିକ୍ରିୟା କରିବି ବୋଲି ମାଆ ବିଦ୍ୟୁତ୍‌ପ୍ରଭା ରବିବାର କହିଥିଲେ। ଏହା ହୋଇଥିଲେ ସରକାର ଓ ପୋଲିସ ବଦନାମ ମୁଣ୍ଡାଇଥାନ୍ତା। ତେଣୁ ଧାରଣାକୁ ଯୋଜନାବଦ୍ଧ ଭାବେ ଭଙ୍ଗାଯାଇଥିବା କୁହାଯାଉଛି। ସକାଳ ପ୍ରାୟ ୬ଟା ୩୦ରେ ପୋଲିସ ଟିମ୍ କଲେଜ ଫାଟକ ସାମ୍ନାରେ ଅସ୍ଥାୟୀ ଟେଣ୍ଟ ଭାଙ୍ଗିବା ସହ ଧାରଣାରେ ବସିଥିବା ନବନିର୍ମାଣ ଯୁବ ଛାତ୍ର ସଂଗଠନ (ଏନ୍‌ୱାଇସିଏସ୍)ର ରାଜ୍ୟ ସଂଯୋଜକ ଏମ୍.ଡି. ମନୱର ଅଲ୍ଲୀଙ୍କ ସମେତ ଅନ୍ୟ ଆନ୍ଦୋଳନକାରୀଙ୍କୁ ଉଠାଇ ନେଇଥିଲା। ପୂର୍ବାହ୍ନ ପ୍ରାୟ ୧୦ଟାରେ ରୁଚିକାଙ୍କ ମା'ଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଧାରଣା ଦେଉଥିବାବେଳେ ପୋଲିସ ସେମାନଙ୍କୁ ଉଠାଇ ନେବାକୁ ଉଦ୍ୟମ କରିଥିଲା। ନ୍ୟାୟ ନ ମିଳିବା ଯାଏ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ହେଲେ ପୋଲିସ କିଛି ନ ଶୁଣି ହଠାତ୍ ବଳପ୍ରୟୋଗ ଆରମ୍ଭ କରିଥିଲା। ଏହାକୁ ନେଇ ଆନ୍ଦୋଳନକାରୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ରୁଚିକାଙ୍କ ମା'ଙ୍କୁ ପୋଲିସ ତଳେ ଘୋଷାରି ନେଇଥିଲା। ସେ କାନ୍ଦି କାନ୍ଦି ଚିତ୍କାର କରୁଥିଲେ ମଧ୍ୟ ପୋଲିସ ତାଙ୍କ କଥା ଶୁଣି ନ ଥିଲା। ସେ କହିଥିଲେ, ପୋଲିସର ଏହା ଗୁଣ୍ଡାରାଜ। ଏହି ମାମଲାରେ ବହୁତ ବଡ଼ ବଡ଼ ଲୋକଙ୍କ ହାତ ରହିଛି। ସେଥିପାଇଁ ପୋଲିସ ସେମାନଙ୍କୁ ଧରୁନାହିଁ। ଓଲଟି ଆମକୁ ଚୋର ଭଳି ବଳପୂର୍ବକ ନିଆଯାଉଛି। ମୋ ଝିଅକୁ ନ୍ୟାୟ ଦେଇପାରିଲେନି। ସରକାର ମାମଲାକୁ ଚପେଇ ଦେଲେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ତଦନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି, ଧାରଣା ଯୋଗୁ କଲେଜର ବାତାବରଣ ଉପରେ ପ୍ରଭାବ ପଡୁଥିବା ଅଧ୍ୟକ୍ଷ ଆମକୁ ଜଣାଇଥିଲେ। କଲେଜ ଫାଟକ ସମ୍ମୁଖ ଧାରଣା ସ୍ଥଳ ହୋଇ ନ ଥିବାରୁ ଆନ୍ଦୋଳନକାରୀଙ୍କୁ ଉଠାଇ ଦିଆଗଲା। ରୁଚିକାଙ୍କ ଆତ୍ମହତ୍ୟାର କାରଣ ଓ ରାଗିଂର ପ୍ରମାଣ ଏପର୍ଯ୍ୟନ୍ତ ମିଳିପାରିନାହିଁ। ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର ସତ୍ୟତା ସାମ୍ନାକୁ ଅଣାଯିବ। ସମସ୍ତ ଆନ୍ଦୋଳନକାରୀଙ୍କୁ ଛାଡ଼ି ଦିଆଯାଇଥିବା ସେ କହିଛନ୍ତି।

### ଏବିଭିପିର ବିଧାନସଭା ଘେରାଉ ଉଦ୍ୟମ

ମଧ୍ୟାହ୍ନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ କରାଯାଇଥିଲା। ଏବିଭିପିର ୨୦୦ରୁ ଅଧିକ କର୍ମକର୍ତ୍ତାମାନେ ବ୍ୟାନର ଓ ପତାକା ଧରି 'ବିଦ୍ୟାର୍ଥୀ ସୁରକ୍ଷା ରାଲି' କରିବା ସହ ଉଇ ୱାଣ୍ଟ ଜଷ୍ଟିସ୍ (ଆମେ ନ୍ୟାୟ ଚାହୁଁ) ନାରା ଦେଇଥିଲେ। ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଗିଂ ବନ୍ଦ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଥିଲେ। ବିଜେଡ଼ି ସରକାର, ରୋହିତ ପୂଜାରୀ, ନବୀନ ପଟ୍ଟନାୟକ ହାଏ ହାଏ ଆଦି ସ୍ଲୋଗାନ ଦେଇ ବିଧାନସଭା ଘେରାଉ କରିବାକୁ ଉଦ୍ୟମ କରି ବ୍ୟାରିକେଡ୍‌କୁ ଚଢ଼ିଥିଲେ। ଏହି ସମୟରେ ସୁରକ୍ଷାକର୍ମୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ସେମାନଙ୍କୁ ସେଠାରୁ ଉଠାଇ ନେଇଥିଲା।

### ପୋଲିସ ବିରୋଧରେ ଓଏଚ୍‌ଆର୍‌ସିରେ ଅଭିଯୋଗ

କଲେଜ ଫାଟକ ସାମ୍ନାରୁ ଧାରଣାରତ ରୁଚିକାଙ୍କ ମା'ଙ୍କୁ ପୋଲିସ ଘୋଷାରି ନେବା ଘଟଣାକୁ ନେଇ 'ନ୍ୟାୟ ପାଇଁ ଲଢ଼େଇ ପରିବାର'ର ସଦସ୍ୟ ସୁବ୍ରତ କୁମାର ଦାଶ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ରୁଚିକାଙ୍କ ମା'ଙ୍କୁ ଘୋଷାଡ଼ି ନେବା ଅତି ନିନ୍ଦନୀୟ। ତେଣୁ କମିଶନଙ୍କ ଟିମ୍ ଏହି ଘଟଣାରେ ତଦନ୍ତ କରି ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଭିଯୋଗରେ ଉଲ୍ଲେଖ କରାଯାଇଛି। କମିଶନ ଉକ୍ତ ଅଭିଯୋଗକୁ ଗ୍ରହଣ କରି ଡାଏରୀ ନଂ.୨୦୮/ଆଇଏନ୍/୨୦୨୨ ରୁଜୁ କରିଛନ୍ତି।



ଧାରଣାରେ ବସିଥିବା ରୁଚିକାଙ୍କ ମା' ବିଦ୍ୟୁତ୍‌ପ୍ରଭା ଓ ଅନ୍ୟମାନଙ୍କୁ ପୋଲିସ ଉଠାଇ ନେଉଛି।

### 'କଲେଜକୁ ବଦନାମ କରାଯାଉଛି'

ଗୋଟିଏ ପଟେ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ରୁଚିକାଙ୍କୁ ନ୍ୟାୟ ଦାବିରେ ଆନ୍ଦୋଳନ କରୁଥିବାବେଳେ ଅନ୍ୟପଟେ ଏହି ଘଟଣାରେ ବିଜେବି କଲେଜକୁ ବଦନାମ କରାଯାଉଥିବା ଛାତ୍ରୀଛାତ୍ର କହିଛନ୍ତି। ୧୦ରୁ ଅଧିକ ଛାତ୍ରୀଛାତ୍ର ବଡ଼ଗଡ଼ ଥାନାରେ ସୋମବାର ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ କରୁଥିବାବେଳେ କିଛି ରାଜନୈତିକ ଦଳର କର୍ମୀ ବ୍ୟାନର ଧରି କଲେଜ ଫାଟକୁ ବନ୍ଦ କରି ଧାରଣା ଦେଉଛନ୍ତି। ଶୈକ୍ଷିକତା ବାତାବରଣ ନଷ୍ଟ କରାଯିବା ସହ ବିଭିନ୍ନ ମନ୍ତବ୍ୟ ଦିଆଯାଇ କଲେଜକୁ ବଦନାମ କରାଯାଉଛି। ଫଳରେ ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ ପ୍ରଭାବ ପକାଉଛି। ତେଣୁ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

## ପୋଲିସ ଆଚରଣକୁ ନିନ୍ଦା

କମିଶନରେଟ ପୋଲିସର 'ଉଇ କେୟାର, ଉଇ ଡେୟାର' କେବଳ ସ୍ଲୋଗାନରେ ସୀମିତ ରହିଛି। ଅନେକ ଘଟଣାରେ ପୋଲିସର ଆଚରଣକୁ ନେଇ ଜନତାଙ୍କ ଭରସା ତୁଟୁଛି। ରାଗିଂ ପାଇଁ ଆତ୍ମହତ୍ୟା କରିଥିବା ରୁଚିକାଙ୍କୁ ନ୍ୟାୟ ଦେବାକୁ ମା' ବିଦ୍ୟୁତ୍‌ପ୍ରଭା, ପରିବାର ସଦସ୍ୟ ଓ ବିଭିନ୍ନ ସଂଗଠନ ପକ୍ଷରୁ ୧୦ଦିନ ହେଲା ବିଜେବି କଲେଜ ମୁଖ୍ୟ ଫାଟକ ସାମ୍ନାରେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଦିଆଯାଉଥିଲା। ହେଲେ ସୋମବାର ଯେପରି ଭାବରେ ପୋଲିସ ସେମାନଙ୍କୁ ଅମାନବୀୟ ଭାବରେ ବଳପୂର୍ବକ ତଳେ ଘୋଷାରି ଉଠାଇ ନେଇଥିଲା, ତାହା ଅତ୍ୟନ୍ତ ହୃଦୟବିଦାରକ ଥିଲା। ଝିଅକୁ ନ୍ୟାୟ ଦେବାକୁ ଧାରଣା ଦେଉଥିବା ଜଣେ ମା'ଙ୍କୁ ଏଭଳି ଆଚରଣ କରିବା ସବୁ ମହଲରେ ନିନ୍ଦା କରାଯାଉଛି।

### ମା'ଙ୍କ ଇଜ୍ଜତ୍‌କୁ ରାଜରାସ୍ତାରେ ନିଲାମ କରାଗଲା



ଧାରଣା ଭାଙ୍ଗିବାକୁ କଲେଜ ଅଧ୍ୟକ୍ଷ କହିଛନ୍ତି ବୋଲି ପୋଲିସ ପକ୍ଷରୁ କିଛି ବି ସୂଚନା ଦିଆଯାଇ ନ ଥିଲା। ପୋଲିସ ଆମକୁ ହଠାତ ବଳପୂର୍ବକ ଉଠାଇ ନେଇଗଲା। ରାଜ୍ୟ ସରକାର ଓ ରାଜ୍ୟ ପୋଲିସର ଏହା ହେଉଛି ମା'ଙ୍କୁ ସୁରକ୍ଷା ସ୍ଲୋଗାନ୍‌ର ବାସ୍ତବତା। ରାଜରାସ୍ତାରେ ଜଣେ ମା'ଙ୍କ ଇଜ୍ଜତ୍‌କୁ ନିଲାମ କରାଗଲା, ତାହା ଓଡ଼ିଶାବାସୀ ଦେଖିଲେ। ରୁଚିକାଙ୍କ ଶୁଦ୍ଧିକ୍ରିୟା କଲେଜ ସାମ୍ନା ରାସ୍ତାରେ ସୋମବାର ହେବ ବୋଲି କୁହାଯାଇଥିଲା। ଏହା ହୋଇଥିଲେ ସରକାର ଓ ପୋଲିସର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥାନ୍ତା।

-ସଂଘମିତ୍ରା ଜେନା, ରାଜ୍ୟ ସଭାପତି, ଏଆଇଏସ୍‌ଏଫ୍

### ଆନ୍ଦୋଳନକାରୀଙ୍କ ସ୍ୱର ଚପାଇଦେବାକୁ ଚେଷ୍ଟା



ଭାରତୀୟ ସମ୍ବିଧାନ ଅନୁସାରେ ସମସ୍ତଙ୍କର ନ୍ୟାୟ ପାଇବାର ଅଧିକାର ରହିଛି। ତାହା ପୁଣି ନ୍ୟାୟପୂର୍ଣ୍ଣ ଭାବରେ। ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପୋଲିସର କର୍ତ୍ତବ୍ୟ। ରୁଚିକାଙ୍କ ମା ଓ କିଛି ସଂଗଠନ କର୍ମକର୍ତ୍ତା ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିବାବେଳେ ପୋଲିସ ସେମାନଙ୍କୁ ବଳପୂର୍ବକ ଉଠାଇନେଇ ଭୁଲ କରିଛି। ପୋଲିସ ତଦନ୍ତ କରିପାରିବ, କିନ୍ତୁ କାହାର ଅଧିକାରକୁ ଛଡାଇ ନେଇ ପାରିବନି। ଆଜିର ଘଟଣାକୁ ଦେଖିଲେ ଏଥିରେ ଆନ୍ଦୋଳନକାରୀଙ୍କ ସ୍ୱର ଚପାଇଦେବାରୁ ଚେଷ୍ଟା କରାଯାଇଛି। କଲେଜ କର୍ତ୍ତୃପକ୍ଷ ନିଜ ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ମିଛ ଅଭିଯୋଗ କରିଛନ୍ତି।

-ଚିତ୍ତ ରଞ୍ଜନ ଦାସ, ଆଇନଜୀବୀ

### ପୋଲିସ ଦ୍ୱାରା ଆନ୍ଦୋଳନକାରୀଙ୍କୁ ଉଠାଇନେଇଛନ୍ତି ସରକାର



ବିଜେବି କଲେଜରେ ରାଗିଂରୁ ଜଣେ ମେଧାବୀ ଛାତ୍ରୀ ଆତ୍ମହତ୍ୟା କରିବା ଗୁରୁତର କଥା। ସରକାର ଏବଂ ଉଚ୍ଚଶିକ୍ଷା ବିଭାଗ ଏହି ଘଟଣାକୁ ସେହି ଦିଗରୁ ବିଚାର ନ କରି ଯେଉଁମାନେ ନ୍ୟାୟ ପାଇଁ ପ୍ରତିବାଦ କରୁଛନ୍ତି, ସେମାନଙ୍କ ଉପରେ ଦମନ କରାଯାଉଛି। କଲେଜର ଅପାରଗତାକୁ ଘୋଡ଼ାଇବାକୁ ଏହା କରାଯାଉଛି। ୧୦ ଦିନ ହେଲା ଧାରଣା ସମୟରେ କଲେଜ ଅଧ୍ୟକ୍ଷ କିମ୍ବା ସରକାରଙ୍କ ପ୍ରତିନିଧି କେହି ସେମାନଙ୍କ ସହ ଆଲୋଚନା କଲେନାହିଁ। ଏପରିକି ଜିଲା ମାଜିଷ୍ଟ୍ରେଟ୍ ଭାବେ ପୋଲିସ କମିଶନର ମଧ୍ୟ ଆଲୋଚନା କଲେନାହିଁ। ନିଜେ କାଠଗଡ଼ାରେ ଥିବା କଲେଜ ଅଧ୍ୟକ୍ଷଙ୍କ କଥାକୁ ପୋଲିସ ଗୁରୁତ୍ୱ ଦେଇ ଏଭଳି କରୁଛି। ସରକାର ପୋଲିସ ଦ୍ୱାରା କଲେଜ ବାହାରେ ଧାରଣରତ ଆନ୍ଦୋଳନକାରୀଙ୍କୁ ଏଭଳି ବଳପ୍ରୟୋଗ କରି ଉଠାଇ ନେଇଛନ୍ତି।

-ବିଶ୍ୱପ୍ରିୟ କାନୁନ୍‌ଗୋ, ମାନବାଧିକାର କର୍ମୀ

### ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପଦକ୍ଷେପ: ଡିସିପି



ବିଜେବି କଲେଜ ଫାଟକ ସାମ୍ନାରେ ଧାରଣା ଦିଆଯିବାର ପ୍ରଥମ ଦିନରୁ ଏହା ବିରୋଧରେ କେତେଜଣ ଛାତ୍ରୀଛାତ୍ର ଆମ ନିକଟରେ ଅଭିଯୋଗ କରିଆସୁଥିଲେ। କିଛିଦିନ ତଳେ ଅସନ୍ତୁଷ୍ଟ ଛାତ୍ରଗୋଷ୍ଠୀ ଧାରଣା ବିରୋଧରେ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଥିବା ଆମେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲୁ। ତେଣୁ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଲାଗି ଆମେ ଧାରଣା ଭାଙ୍ଗିବା ସହ ଆନ୍ଦୋଳନକାରୀଙ୍କୁ ଉଠାଇବାକୁ ବାଧ ହେଲୁ।

# ବୋଲେରୋ-କାର୍ ମୁହାଁମୁହିଁ ଧକ୍କା: ବାପପୁଅ ମୃତ

## ୨ ଗୁରୁତର, ୮ ଆହତ

ଖୋର୍ଦ୍ଧା ଅଫିସ/ ନିରାକାରପୁର,୧୧।୭(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ବଘେଇପୁଟ ଛକ ନିକଟ ଏକ ଘରୋଇ କମ୍ପାନୀ ସମ୍ମୁଖରେ ସୋମବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବୋଲେରୋ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ଜଣ ଆହତ ହୋଇଛନ୍ତି। ମୃତକ ହେଲେ ପି.କେ.ସାହାଣୀ ଓ ତାଙ୍କ ୩ ବର୍ଷର ପୁଅ। ଆହତମାନେ ହେଲେ ଜିତୁରାଜ ବେହେରା, ଦିଲୀପ ଦାସ, ରାକେଶ ଜାଲି, ପ୍ରକାଶ ଜାଲି, ପ୍ରହଲ୍ଲାଦ ଟହଲ, ରଞ୍ଜନ ଜାଲି, ଧ୍ରୁବଶଙ୍କର ଦାସ ଓ ରଶ୍ମିତା ସ୍ୱାଇଁ। ତେବେ ଦୁଇ ଗୁରୁତରଙ୍କ ପରିଚୟ ମିଳିପାରିନାହିଁ। ଚିକିତ୍ସା ପାଇଁ ସମସ୍ତଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ଓ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ମୁତାବକ, ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ରାସ୍ତା କାମ ଦେଖିବା ପାଇଁ କାର୍ଯ୍ୟଭାର ନେଇଥିବା ସଂସ୍ଥାର କେତେଜଣ ଅଧିକାରୀ ଆସିବା ଲାଗି ବିନା ସୂଚନାରେ ଗୋଟିଏ ପଟ ରାସ୍ତା ବନ୍ଦ କରାଯାଇଥିଲା। ଅନ୍ୟପଟ ରାସ୍ତାରେ ଉଭୟପଟୁ ଆସୁଥିବା ଯାନବାହନ ଯାତାୟାତ କରୁଥିଲା। ମଧ୍ୟାହ୍ନ ପ୍ରାୟ ୧ଟାରେ ଏକ ବୋଲେରୋ(ଓଡି୨୯ ଡି ୫୪୩୨) ଭୁବନେଶ୍ୱର ପଟୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ବିପରୀତ ପଟୁ ଭୁବନେଶ୍ୱର ଅଭିମୁଖେ ଏକ କାର୍(ଓଡି୦୨ ବିପି ୩୩୮୮) ଆସୁଥିଲା। ତେବେ ବାଲୁଗାଁ ଯିବା ପାଇଁ ଓଭରବ୍ରିଜ ଗଡାଣିଆ ଥିବାବେଳେ ବୋଲେରୋ ତଳକୁ ଯାଉଥିବା ବେଳେ ଏକ ଅଟୋ ଆପ୍ରୋଚ ରୋଡରୁ ଜାତୀୟ ରାଜପଥକୁ ଉଠୁଥିଲା। ଦୁର୍ଘଟଣା ଆଶଙ୍କା କରି ବୋଲେରୋ ଚାଳକ ଗାଡ଼ିକୁ ବୁଲାଇଦେବାରୁ ଉପରୋକ୍ତ କାର୍ ପଶି ଆସିଥିଲା। ଫଳରେ ବୋଲେରୋ-କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ ଜଙ୍କିଆ ଓ ନିରାକାରପୁର ପୋଲିସ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ସେଠାରେ ଡାକ୍ତର ସାହାଣୀ ଓ ତାଙ୍କ ୩ବର୍ଷର ପୁଅକୁ ମୃତ ଘୋଷଣା କରିଥିଲେ।



# 'ପରିବାର ନିୟୋଜନ ଜନସଂଖ୍ୟା ବିସ୍ଫୋରଣକୁ ରୋକିପାରିବ'




ବିଶ୍ୱ ଜନସଂଖ୍ୟା ଦିବସ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ସହ ଅନ୍ୟ ଅତିଥି।

## ବିଶ୍ୱ ଜନସଂଖ୍ୟା ଦିବସ

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପରିବାର ନିୟୋଜନ ଉପରେ ସଚେତନ ସୃଷ୍ଟି କରିବା ଆବଶ୍ୟକତା ରହିଛି। ପରିବାର ନିୟୋଜନ ହିଁ ଜନସଂଖ୍ୟା ବିସ୍ଫୋରଣକୁ ରୋକିବାକୁ ସମର୍ଥ ହୋଇପାରିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ସୋମବାର ସୂଚନା ଭବନରେ ରାଜ୍ୟସ୍ତରୀୟ 'ବିଶ୍ୱ ଜନସଂଖ୍ୟା ଦିବସ' ପାଳିତ ହୋଇଥିଲା। ବିଭାଗର ପ୍ରମୁଖ ସଚିବ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଚଳିତବର୍ଷର ବିଶ୍ୱ ଜନସଂଖ୍ୟା ଦିବସ ଥିମ୍ ରହିଛି 'ପରିବାର ନିୟୋଜନକୁ ଆପଣାନ୍ତୁ, ଉନ୍ନତିର ନୂତନ ଅଧ୍ୟାୟ ଲେଖନ୍ତୁ'। ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର, ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଅତିରିକ୍ତ ନିର୍ଦ୍ଦେଶକ ମୁରଲୀଧର ପାଢ଼ୀ ପ୍ରମୁଖ ଯୋଗଦେଇ ଜନସଂଖ୍ୟା ନିୟନ୍ତ୍ରଣ ଉପରେ ମତ ରଖିଥିଲେ।

ଏହି ଅବସରରେ ପରିବାର ନିୟୋଜନ ସେବା ୨୦୨୧-୨୨ ବର୍ଷ ପାଇଁ ମାଲକାନଗିରି ଓ ରାୟଗଡ଼ା, ଗର୍ଭନିରୋଧକ ଏମ୍‌ପିଏ (ଅନ୍ତରା) ବ୍ୟବହାରରେ ଦେବଗଡ଼ ଓ ଜଗତ୍‌ସିଂହପୁର, ଆଇୟୁସିଡି ବ୍ୟବହାରରେ ମାଲକାନଗିରି ଓ ସୁବର୍ଣ୍ଣପୁର, ଫ୍ୟାମିଲି ପ୍ଲାନିଂ ଲଜିଷ୍ଟିକ୍ ମ୍ୟାନେଜମେଣ୍ଟ ଇନ୍‌ଫର୍ମେଶନ ସିଷ୍ଟମ(ଏଫ୍‌ପିଏଲ୍‌ଏମ୍‌ଆଇଏସ୍)ରେ ଖୋର୍ଦ୍ଧା ଓ ନୂଆପଡ଼ା ଜିଲା, ଏଫ୍‌ପିଏଲ୍‌ଏମ୍‌ଆଇଏସ୍‌ରେ ଡିଭିଏଲ୍‌ଏମ୍ କାର୍ଯ୍ୟାନ୍ୱୟନରେ ଖୋର୍ଦ୍ଧା ଓ ଗଞ୍ଜାମ ଜିଲାକୁ ପୁରସ୍କୃତ କରାଯାଇଛି। ସେହିଭଳି ପରିବାର ନିୟୋଜନରେ ଜୀବନବ୍ୟାପୀ ସାଧନା ପାଇଁ କଳାହାଣ୍ଡିର ଡା. ସଦାନନ୍ଦ ପାଣିଗ୍ରାହୀ, କେନ୍ଦୁଝରର ଡା. ମଦନ ମୋହନ ମହାପାତ୍ର, ମାଲକାନଗିରିର ସପନ କୁମାର ଡିଣ୍ଡା, ବାଲେଶ୍ୱରର ଡା. ଅନୁପ କୁମାର ଘୋଷ, ଭଦ୍ରକର ଡା. ମୁରଲୀଧର ପାଢ଼ୀ ଏବଂ ଢେଙ୍କାନାଳର ଡା. ଦୀପକ କୁମାର ଦେହୁରୀଙ୍କୁ ପୁରସ୍କୃତ କରାଯାଇଛି।

# ସାକ୍ଷ୍ୟ ଗ୍ରହଣ ପାଇଁ କୋର୍ଟକୁ ଆସିଲେ ଅନୁଭବ

## ବର୍ଷାଙ୍କ ଆଇନଜୀବୀ ଅନୁପସ୍ଥିତ ଥିବାରୁ ହେଲାନି ଜେରା

କଟକ ଅଫିସ,୧୧।୭

କଟକ ପରିବାର ଅଦାଲତରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ଏମ୍‌ପି ଅନୁଭବ ମହାନ୍ତିଙ୍କ ବିବାଦ ମାମଲାରେ ସାକ୍ଷ୍ୟ ଗ୍ରହଣ ପାଇଁ ସୋମବାର କୋର୍ଟରେ ଉପସ୍ଥିତ ହୋଇଥିଲେ ଏମ୍‌ପି ଅନୁଭବ ମହାନ୍ତି। ପ୍ରତିପକ୍ଷ ଓକିଲ ଅର୍ଥାତ ବର୍ଷାଙ୍କ ଆଇନଜୀବୀ ତାଙ୍କୁ ଜେରା କରିବା କଥା। କିନ୍ତୁ କୋର୍ଟରେ ବର୍ଷାଙ୍କ ଆଇନଜୀବୀ ଅନୁପସ୍ଥିତ ରହିବାରୁ କୌଣସି ପ୍ରକାର ଜେରା ହୋଇପାରିଲା ନାହିଁ। ଅନୁଭବଙ୍କ ଗ୍ରହଣ ଶେଷ କରିବାକୁ ଅନୁଭବଙ୍କ ପକ୍ଷରୁ ଏକ ପିଟିଶନ ଦାଏର କରାଯାଇଛି। ଏହାକୁ ଗ୍ରହଣ କରି ପରିବାର ଅଦାଲତ ଅନୁଭବଙ୍କ ପକ୍ଷରୁ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଶେଷ କରିଛନ୍ତି। ଏବଂ ଏହାସହ ପରବର୍ତ୍ତୀ ଶୁଣାଣିରେ ବର୍ଷାଙ୍କ ପକ୍ଷର ସାକ୍ଷ୍ୟ ଗ୍ରହଣ ହେବ ବୋଲି କୋର୍ଟ କହିଛନ୍ତି। ପରବର୍ତ୍ତୀ ତାରିଖରେ ବର୍ଷାଙ୍କୁ ଜେରା କରିବେ ଅନୁଭବଙ୍କ ଓକିଲ। ବର୍ଷା ଅନୁଭବ ବିବାହ ବିଚ୍ଛେଦ ମାମଲା କଟକ ପରିବାର ଅଦାଲତରେ ଅନୁଭବଙ୍କ ପକ୍ଷରୁ ଦାଏର ହୋଇଥିବା ଛାଡପତ୍ର ଆବେଦନ ଉପରେ କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ସେ ନିଜେ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ।

ବର୍ଷା ଅନୁଭବଙ୍କ ଛାଡ଼ପତ୍ର ମାମଲା ମାମଲା ହାଇକୋର୍ଟଙ୍କ ସାପ୍ତାହିକ ଲିଷ୍ଟରେ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ଚଳିତ ସପ୍ତାହରେ ଏହାର ଶୁଣାଣି ହେବ ବୋଲି ଆଶା ରହିଛି। ଅନ୍ୟପଟେ ଛାଡପତ୍ର ମାମଲାଟିର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୦ ତାରିଖରେ ହେବ ବୋଲି ପରିବାର ଅଦାଲତ ଧାର୍ଯ୍ୟ କରିଛନ୍ତି।

# କେବିଏନ୍ ଗ୍ୟାଙ୍ଗ୍ ମୁଖ୍ୟ ବୁବୁ ଜେନା ପୁଣି ଗିରଫ

ଭୁବନେଶ୍ୱର,୧୧।୭ (ବ୍ୟୁରୋ)



କୋଇ ଭାଇ ନେହିଁ ହେ (କେବିଏନ) ଗ୍ୟାଙ୍ଗ୍‌ର ମୁଖ୍ୟଙ୍କୁ ସୋମବାର ପୁଣିଥରେ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅଧୀନ ପୋଖୋରୀପୁଟ ତାଳବଣିଆର ବୁବୁ ଓରଫ ଦେବୀ ପ୍ରସାଦ ଜେନା (୨୪)। ଜେଲରୁ ବାହାରିବା ପରେ ସେ ପୁଣି ରାତିରେ ବୁଲି ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଆତଙ୍କିତ କରିବା ସହ ବଟି ମାଗିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ ବୁବୁଙ୍କୁ ପୋଲିସ ସେହି ପୁରୁଣା ମାମଲା (ନଂ.୧୫୬/୨୨)ରେ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି। ପୂର୍ବରୁ ଦାଦାବଟିକୁ ନେଇ ଏକ ଗଣ୍ଡଗୋଳ ମାମଲାରେ ପୋଲିସ ବୁବୁଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ସେବିକା ସାଗରିକାଙ୍କ ଘରେ ରାଜ୍ୟପାଳ

**ରସୁଲପୁର,୧୧।୭(ଡି.ଏନ୍.ଏ.):** ଯାଜପୁର ଜିଲା ରସୁଲପୁର ବ୍ଲକ ମୁଗୁପାଳ ପଞ୍ଚାୟତ ଖଇରାବାଦ ଗ୍ରାମରେ ସୋମବାର ସକାଳେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ତାଙ୍କ ପୁଅ ମନି ସିଙ୍ଗଲ ପହଞ୍ଚିଥିଲେ। ଖଇରାବାଦ ଗ୍ରାମବାସୀ ରାଜ୍ୟପାଳଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ତାଙ୍କ ସେବିକା ସାଗରିକାଙ୍କ ଘରେ ରାଜ୍ୟପାଳ ପଇଡ଼ ପାଣି ପିଇବା ସହ ଜଳଖିଆ ଖାଇଥିଲେ। ଗାଁ ଲୋକଙ୍କ ଉତ୍ସାହକୁ ଦେଖି ରାଜ୍ୟପାଳ ସେମାନଙ୍କ ସହ ଆତ୍ମୀୟତା ବାଣ୍ଟିଥିଲେ। ଆରତୀ ଓଝା ଓ ଗୋପୀନାଥ ବେହେରାଙ୍କ ମଝିଆଁ ଝିଅ ସାଗରିକା ରାଜ୍ୟପାଳଙ୍କ ମୁଖ୍ୟ ସେବିକା ଭାବେ କାର୍ଯ୍ୟରତ ଅଛନ୍ତି। ରାଜ୍ୟପାଳଙ୍କ ପରିବାର ଲୋକେ ସାଗରିକାଙ୍କୁ ଖୁବ୍ ଭଲ ପାଆନ୍ତି। ରାଜ୍ୟପାଳ ତାଙ୍କ ପରିବାର ଲୋକଙ୍କୁ ଭେଟିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏହି କ୍ରମରେ ସୋମବାର ରାଜ୍ୟପାଳ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭଦ୍ରକ ଯାଉଥିଲେ। ଏହି ଅବସରରେ ସେ ସାଗରିକାଙ୍କ ଘରକୁ ଆସି ତାଙ୍କ ପରିବାର ସଦସ୍ୟଙ୍କ ସହ ଭେଟିଥିଲେ। ପ୍ରାୟ ୩୦ ମିନିଟ୍ ରହଣି ଅବସରରେ ରାଜ୍ୟପାଳ ପରିବାର ଲୋକଙ୍କ ସହ କଥାବାର୍ତ୍ତା କରିବା ସହ ଫଟୋ ଉଠାଇଥିଲେ।

### ଶିକ୍ଷକଙ୍କ ମାଡ଼ରେ ଛାତ୍ର ରକ୍ତାକ୍ତ, ଥାନାରେ ଏତଲା

**ରାଜନଗର, ୧୧।୭ (ଡି.ଏନ୍.ଏ.):** ସରକାର ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଛନ୍ତି। ହେଲେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀବରାହ ହାଇସ୍କୁଲରେ ଓଲଟା ଦେଖିବାକୁ ମିଳିଛି। ଶିକ୍ଷକଙ୍କ ମାଡ଼ରେ ସୋମବାର ଜଣେ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଦଶମ ଶ୍ରେଣୀରେ ପଢୁଥିବା ଗହ୍ମଶିଖର ଗାଁର ମହେଶ୍ୱର ସାହୁଙ୍କ ପୁଅ ସୋନୁ। ମଧ୍ୟାହ୍ନଭୋଜନ ଛୁଟି ପରେ ଶିକ୍ଷକ ଅରବିନ୍ଦ ଦାସ ଭୂଗୋଳ ପଢ଼ାଉ ଥିଲେ। ସୋନୁ ପାଠପଢ଼ା ବେଳେ ଅନ୍ୟମନସ୍କ ହୋଇ ପଛକୁ ଅନାଇ ଦେଇଥିଲେ। ସୋନୁ କାହିଁକି ପଛକୁ ଅନାଇଲେ ବୋଲି ଶିକ୍ଷକ ଦାସ ପଚାରିବା ସହ ଧରିଥିବା ବତା ଫାଳିଆରେ ଜୋରରେ ହାତ ଓ ପିଠିକୁ ବାଡ଼େଇ ଥିଲେ। ସୋନୁ ତଳେ ପଡ଼ିଯିବା ସତ୍ତ୍ୱେ ଶିକ୍ଷକ ଜଣକ ନିର୍ମମ ଭାବେ ମାଡ଼ମାରିଥିଲେ। ସେ ବାଡ଼ାଉ ଥିବା ବତାଫାଳିଆ ସୋନୁଙ୍କ ଆଖିପତାରେ ବାଜିବାରୁ ଫାଟି ଯାଇଥିଲା। ସୋନୁ ଚିତ୍କାର କରିବା ପରେ ଆଖିପତାରେ ମଲମ ଲଗାଇ ବାହାରେ କିଛି ନ କହିବାକୁ ଶିକ୍ଷକ ତାଗିଦା କରି ଛାଡି ଦେଇଥିଲେ। ଆଖିପତାରୁ ରକ୍ତ ବୋହୁଥିବା ଦେଖି ବାପା ମହେଶ୍ୱର କ'ଣ ହୋଇଛି ବୋଲି ପଚାରିଥିଲେ। ସୋନୁ ଶିକ୍ଷକ ତାଙ୍କୁ ମାରିଥିବା ନେଇ କହିବା ପରେ ମହେଶ୍ୱର ରାଜନଗର ଥାନାରେ ଅଭିଯୋଗ କରିଛନ୍ତି।

### ଜନ୍ମିତ ମା' କୋଳକୁ ଫେରିଲା ୩ ବର୍ଷର ଶିଶୁ

**ବ୍ରହ୍ମପୁର ଅଫିସ,୧୧।୭:** ପାଳିତ ମା' କୋଳରୁ ସୋମବାର ଜନ୍ମିତ ମା' କୋଳକୁ ଫେରିଛି ୩ ବର୍ଷର ଶିଶୁ। ସୋମବାର ଜିଲା ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟରେ ବାଳାଶ୍ରମ କର୍ମଚାରୀ ଓ ସାମାଜିକ କର୍ମୀଙ୍କ ଉପସ୍ଥିତିରେ ଶିଶୁଟିକୁ ତା' ପରିବାରକୁ ହସ୍ତାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ସାରଦା ବେହେରା ଓ ବ୍ରହ୍ମାନନ୍ଦ ମହାରଣା ଦୁଇ ଘନିଷ୍ଠ ବନ୍ଧୁ। ଉଭୟ ବିଶାଖାପାଟଣାରେ ନିଜ ପରିବାର ସହ ରହୁଥିଲେ। ସାରଦାଙ୍କ ଦୁଇ ପୁଅ ଓ ଗୋଟିଏ ଝିଅ ଥିବା ବେଳେ ବ୍ରହ୍ମାନନ୍ଦଙ୍କ କୌଣସି ସନ୍ତାନ ନ ଥିଲେ। ଆଜକୁ ୩ ବର୍ଷ ତଳେ ସାରଦାଙ୍କ ସ୍ତ୍ରୀ ମମତାଙ୍କ ତୃତୀୟ ପୁତ୍ର ଜନ୍ମ ହୋଇଥିଲା। ହେଲେ ଶିଶୁଟିକୁ ୬ ଦିନ ହେବା ବେଳକୁ ମମତା କୌଣସି କାରଣରୁ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏଭଳି ସ୍ଥିତିରେ ବ୍ରହ୍ମାନନ୍ଦଙ୍କ ସ୍ତ୍ରୀ ରେଣୁବାଳା, ମମତାଙ୍କ ଶିଶୁକୁ ଲାଳନପାଳନ କରିଥିଲେ। କିଛି ମାସ ପରେ ମମତା ସୁସ୍ଥ ହୋଇ ଘରକୁ ଫେରିବା ପରେ ନିଜ ପୁଅକୁ ରେଣୁବାଳାଙ୍କଠାରୁ ଆଣିବାକୁ ଚାହିଁଥିଲେ। ହେଲେ ସେତେବେଳେ କରୋନା ବ୍ୟାପୀ ଥିବାରୁ ତାହା ଶେଷ ହେବା ପରେ ପୁଅକୁ ଫେରାଇ ଦେବେ ବୋଲି ରେଣୁବାଳା କହିଥିଲେ। କିନ୍ତୁ କରୋନା ପରେ ମଧ ସେ ପୁଅକୁ ଫେରାଇ ନ ଥିଲେ। ନିଜ ପୁଅକୁ ଫେରି ପାଇବା ପାଇଁ ମମତା କିଛି ଦିନ ତଳେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବୈକୁଣ୍ଠନଗରରେ ପହଞ୍ଚିଥିଲେ ସୁଦ୍ଧା ରେଣୁବାଳା ପୁଅକୁ ଫେରାଇ ନ ଥିଲେ। ସମସ୍ତ ଚେଷ୍ଟା ସତ୍ତ୍ୱେ ପୁଅକୁ ଫେରି ନ ପାଇପାରୁ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ ସହ ବୈଦ୍ୟନାଥପୁର ଥାନାରେ ଜଣାଇଥିଲେ। ବୈଦ୍ୟନାଥପୁର ପୋଲିସ ରେଣୁବାଳାଙ୍କ ନିକଟକୁ ଯାଇ ଶିଶୁଟିକୁ ଉଦ୍ଧାର କରିଥିଲା। ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶ ପ୍ରକାରେ ଶିଶୁଟିକୁ ଉତ୍କଳ ବାଳାଶ୍ରମରେ ରଖାଯାଇଥିଲା। ସୋମବାର ବାଳାଶ୍ରମରୁ ଶିଶୁକୁ ଆଣି ତା'ର ଜନ୍ମିତ ମାଆ ମମତା ବେହେରାଙ୍କୁ ହସ୍ତାନ୍ତର କରାଯାଇଥିଲା।

# ୨ମାସ ପରେ ବି ଆରଟିଓଙ୍କ କାର୍ଯ୍ୟାନୁଷ୍ଠାନ ଶୂନ

**ଯାଜପୁର ଅଫିସ,୧୧।୭**

ଯାଜପୁର ଜିଲା ବଡ଼ଚଣା ନିକଟସ୍ଥ ୧୬ନଂ. ଜାତୀୟ ରାଜପଥର ନବନୀତ ହୋଟେଲ ସମ୍ମୁଖରେ ୩୦।୪।୨୦୨୨ ରାତିରେ ଏକ ଟ୍ରକ ପଛରେ ପିଟି ହୋଇ ୧୦୮ ଆମ୍ବୁଲାନ୍ସରେ ଥିବା ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ଚାପି ଦିଆଯାଉଛି। ଓଭରଲୋଡ଼ିଂରେ ରାମ୍‌କୋ ସିମେଣ୍ଟ ପରିବହନ ହେଉଥିବା ଉକ୍ତ ଟ୍ରକର ଚକା ଫାଟିଯିବାରୁ ରାସ୍ତାର ବେଆଇନ ପାର୍ଶ୍ୱରେ ବିନା ଇଣ୍ଡିକେଟରରେ ଠିଆ ହୋଇଥିଲା। ଏଥିପାଇଁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିବା ବଡ଼ଚଣା ଥାନା ପୋଲିସ ରିପୋର୍ଟରେ ସ୍ପଷ୍ଟ ହୋଇ ସାରିଛି। ବଡ଼ଚଣା ଥାନା ଆଇଆଇସି ଏ ସଂକ୍ରାନ୍ତରେ ୧।୫।୨୦୨୨ରୁ ରିପୋର୍ଟ ପ୍ରଦାନ କରିଥିଲେ ହେଁ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ଚାପରେ ଚାପି ହୋଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏହି କ୍ରମରେ ଉକ୍ତ ମାମଲାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ସତ୍ୟ ଲୋକଲୋଚନକୁ ଆସିବ ଓ ମୃତକଙ୍କ ପରିବାର ନ୍ୟାୟ ପାଇବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଆଇଆଇସିଙ୍କ ରିପୋର୍ଟ ଅନୁଯାୟୀ, ଘଟଣା ଦିନ ରାତିରେ ଏକ ୧୦୮ ଆମ୍ବୁଲାନ୍ସ(ନଂ.ଓଡି ୦୨ ବିଏନ ୫୩୨୫) ବାଲେଶ୍ୱରରୁ କଟକ ବଡ଼ ମେଡିକାଲକୁ

**ଆମ୍ବୁଲାନ୍ସ ଦୁର୍ଘଟଣାରେ ୩ ମୃତ ମାମଲା**




- ରାମ୍‌କୋ ସିମେଣ୍ଟ ସହ ମୂଲଚାଲ ସନ୍ଦେହ
- ନ୍ୟାୟ ଅପେକ୍ଷାରେ ମୃତକଙ୍କ ପରିବାର
- ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା ନିର୍ଦ୍ଦେଶକୁ ଫୁ

ଜଣେ ରୋଗୀଙ୍କୁ ନେଇ ଯାଉଥିଲା। ଏହି ସମୟରେ ରାମ୍‌କୋ କମ୍ପାନୀର ସିମେଣ୍ଟ ବୋଝେଇ ଟ୍ରକ(ନଂ.ଓଆର-୧୪ଟି-୧୩୨୮)ର ଆଗ ଚକା ଫାଟି ଯାଇଥିବାରୁ ସେ ବେଆଇନ ଭାବେ ରାସ୍ତାର ଭୁଲ ପାର୍ଶ୍ୱରେ ବିନା ଇଣ୍ଡିକେଟରରେ ପାର୍କିଂ କରିଥିଲା। ସମ୍ମୁଖ ପଟୁ ଆସୁଥିବା ଅନ୍ୟ ଗାଡ଼ିର ଲାଇଟରେ ଆମ୍ବୁଲାନ୍ସ ଡ୍ରାଇଭର ପାର୍କିଂ ହୋଇଥିବା ଟ୍ରକକୁ ଦେଖି ପାରି ନ ଥିଲେ। ଫଳରେ ଟ୍ରକ ପଛରେ ଆମ୍ବୁଲାନ୍ସଟି ପିଟି ହୋଇଯାଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ଭୋଗରାଇ ଅଞ୍ଚଳର ରୋଗୀ ଗୀତାଞ୍ଜଳି ପ୍ରଧାନ(୪୦), ଡ୍ରାଇଭର ଭାସ୍କର ଚନ୍ଦ୍ର ସାହୁ ଓ ଇଏମ୍‌ଟି ଷ୍ଟାଫ୍ ହେମନ୍ତ କୁମାର ବାଦିଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଚଣ୍ଡିଖୋଲ ଆରଟିଓଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇଆଇସି ଅନୁରୋଧ କରିଥିଲେ। ଏହି ଘଟଣାକୁ ୨ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଚଣ୍ଡିଖୋଲ ଆରଟିଓ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ପ୍ରଭାବଶାଳୀ ସିମେଣ୍ଟ କମ୍ପାନୀ ସହ ଆରଟିଓ ହାତ ମିଳାଇ ଏହି ମାମଲାକୁ ରଫାଦଫା କରିଥିବା ଚର୍ଚ୍ଚା ହେଉଛି। ପୋଲିସ ରିପୋର୍ଟରେ ଆହୁରି ଦର୍ଶାଯାଇଥିଲା, ଉକ୍ତ ଟ୍ରକରେ ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନକୁ ମାଲ ପରିବହନ ହେଉଥିବା ବେଳେ ଆଇନକୁ ଫାଙ୍କିବା ପାଇଁ ରାମ୍‌କୋ କମ୍ପାନୀ ପକ୍ଷରୁ ଚଞ୍ଚକତା କରାଯାଇ ସେହି ଟ୍ରକରେ ବୋଝେଇ ହୋଇଥିବା ମୋଟ ୬୨୦ ବସ୍ତା ସିମେଣ୍ଟ ବାବଦରେ ୨ଟି ଇନ୍‌ଭଏସ୍ ପ୍ରସ୍ତୁତ କରାଯାଇଥିଲା। ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବାକୁ ସୁପ୍ରିମକୋର୍ଟ ପକ୍ଷରୁ ସଡ଼କ ସୁରକ୍ଷା କମିଟି ଗଠିତ ହୋଇଛି। ଏଥିପାଇଁ ଆରଟିଓ ଏବଂ ପୋଲିସ ବିଭାଗକୁ ସ୍ପେଶିଆଲ ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢ଼ାଉ କରି ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାବାଦ୍ ପ୍ରତିବର୍ଷ ମଟରଯାନ(ଏମ୍‌ଭି) ମାମଲାରେ ଆଦାୟ ହେଉଥିବା ଜରିମାନାରୁ ୨୦% ଅର୍ଥ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମରେ ବିନିଯୋଗ କରାଯାଉଛି। ଏହି କ୍ରମରେ ୨୦୨୧ ସେପ୍ଟେମ୍ବର ୧ ରୁ ୨୦୨୨ ମେ ୩୧ ପର୍ଯ୍ୟନ୍ତ ୧୧ କୋଟି ୪ ଲକ୍ଷ ୬୬ ହଜାର ୧୩୯ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ପରିବହନ ବିଭାଗର କେତେକ ଅସାଧୁ କର୍ମଚାରୀ ଓ ଅଧିକାରୀ ନିଜ ସ୍ୱାର୍ଥ ସାଧନ ପାଇଁ ଲୋକଙ୍କ ଜୀବନ ସହିତ ଖେଳ ଖେଳୁଥିବା ଆମ୍ବୁଲାନ୍ସ ଦୁର୍ଘଟଣାରୁ ଅନୁମାନ କରାଯାଉଛି। ଏ ସଂକ୍ରାନ୍ତରେ ଚଣ୍ଡିଖୋଲ ଆରଟିଓ ସନ୍ଦୀପ କୁମାରଙ୍କୁ ପଚାରିବାରୁ ସେ କହିଛନ୍ତି, ଆମ୍ବୁଲାନ୍ସ ଦୁର୍ଘଟଣାରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଥମେ ଏହା ଥାନାର ମାମଲା ବୋଲି ସେ କହିଥିଲେ। ପରେ ପୋଲିସ ରିପୋର୍ଟ ପ୍ରଦାନ କରି ସାରିଛନ୍ତି ବୋଲି ଉତ୍ତର ରଖିବାରୁ କାଗଜପତ୍ର ଦେଖିଲେ କିଛି କହିହେବ ବୋଲି କହି ସେ ପ୍ରଶ୍ନକୁ ଏଡାଇ ଯାଇଥିଲେ।

# ଲକ୍ଷେ ଟଙ୍କାରେ ସାର୍ଟିଫିକେଟ ବିକ୍ରି କରିବେ ଛାତ୍ର

- ସୋସିଆଲ ମିଡିଆରେ ଦେଲେ ବିଜ୍ଞାପନ
- ଶିକ୍ଷକ ପଦବୀ ପାଇଁ ନିଯୁକ୍ତି ନ ଥିବାରୁ ନିରାଶ

**ନବରଙ୍ଗପୁର,୧୧।୭(ବି.ପ୍ର.)**




ସୋସିଆଲ ମିଡିଆରେ ଅପ୍‌ଲୋଡ କରାଯାଇଥିବା ବିଶ୍ୱନାଥଙ୍କ ସାର୍ଟିଫିକେଟ।

ଶିକ୍ଷକ ହୋଇ ପିଲାଙ୍କ ଭବିଷ୍ୟତ ଗଢ଼ିବା ସ୍ୱପ୍ନ ରହିଥିଲା। ଏଥିପାଇଁ ଶିକ୍ଷକ ପ୍ରଶିକ୍ଷଣ ନେବା ସହ ପରିଶ୍ରମ କରି ଓଟିଇଟି ମଧ ପାସ୍ କରିଛନ୍ତି। ହେଲେ ଚାକିରି ମିଳୁନି। ୫ ବର୍ଷ ହେଲା ସରକାର ନିଯୁକ୍ତି ନିମନ୍ତେ ବିଜ୍ଞାପନ ବାହାର କରୁନାହାନ୍ତି। ରୋଜଗାର ନ ଥିବାରୁ ନିରାଶ ହୋଇ ଜଣେ ଛାତ୍ର ନିଜ ଶିକ୍ଷକ ପ୍ରଶିକ୍ଷଣ ସାର୍ଟିଫିକେଟ ଏବଂ ଓଟିଇଟି ସାର୍ଟିଫିକେଟ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସେ ସୋସିଆଲ ମିଡିଆରେ ବିଜ୍ଞାପନ ଜାରି କରିଛନ୍ତି। ସେ ହେଲେ ନବରଙ୍ଗପୁର ସହର ଇଚ୍ଛାବତୀଗୁଡ଼ା ସାହିର ବିଜୟକେତନ ବଡ଼ନାୟକଙ୍କ ପୁଅ ବିଶ୍ୱନାଥ। ତାଙ୍କ ସାର୍ଟିଫିକେଟ ବିକ୍ରି ବିଜ୍ଞାପନ ଏବେ ଚର୍ଚ୍ଚାର ବିଷୟ ହୋଇଛି।

ବିଶ୍ୱନାଥ ଛୋଟବେଳୁ ଜଣେ ଆଦର୍ଶ ଶିକ୍ଷକ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଯୁକ୍ତ୨ ପରେ ୨୦୧୭ରେ ସେ ଉମରକୋଟ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରରୁ ପ୍ରଶିକ୍ଷଣ ନେଇଥିଲେ। ୨୦୧୬ରେ ଓଟିଇଟି ପରୀକ୍ଷାରେ ପାସ୍ କରିଥିଲେ। ପରେ ସେ ଯୁକ୍ତ୩ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିଲେ। ହେଲେ ସରକାରଙ୍କ ପକ୍ଷରୁ ନିଯୁକ୍ତି ବିଜ୍ଞାପନ ବାହାରୁ ନ ଥିବାରୁ ଅନେକ ଛାତ୍ରୀଛାତ୍ରଙ୍କ ସହ ସେ ମଧ ଚାକିରି ନ ପାଇ ବସିଛନ୍ତି। ବାରମ୍ବାର ଆନ୍ଦୋଳନ ସହ ରାଜରାସ୍ତାକୁ ଓହ୍ଲାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ତେଣୁ ବାଧହୋଇ ନିଜ ସାର୍ଟିଫିକେଟ ୧ ଲକ୍ଷ ଟଙ୍କାରେ ବିକ୍ରିକରିବାକୁ ବିଜ୍ଞାପନ ଦେଇଥିବା ବିଶ୍ୱନାଥ କହିଛନ୍ତି।

# ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ହାତୀ ମୃତ

**ଜଗି ରହିଥିଲା ଆଉ ଏକ ହାତୀ**

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୧।୭(ଡି.ଏନ୍.ଏ.)**

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳ ଗୋଳବାଇ ମୁଣ୍ଡାଆମ୍ବ ଜଙ୍ଗଲରେ ଥିବା ଏକ ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ରବିବାର ବିଳମ୍ବିତ ରାତିରେ ଏକ ହାତୀର ମୃତ୍ୟୁ ଘଟିଛି। ଏହାର ଆନୁମାନିକ ବୟସ ୨୫ରୁ ୩୦ ବର୍ଷ ହେବ। ବ୍ୟବଚ୍ଛେଦ ପରେ ମୃତଦେହକୁ ନାଳସିଂହ ଡିପିଏଫରେ ପୋତି ଦିଆଯାଇଥିବା ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ କହିଛନ୍ତି। ସୂଚନା ମୁତାବକ, ଗୋଳବାଇ ଅଞ୍ଚଳରେ ଦୁଇଟି ହାତୀ ବୁଲୁଥିବା ନେଇ ଟାଙ୍ଗୀ ବନ ବିଭାଗକୁ ସୂଚନା ମିଳିଥିଲା। ବନ କର୍ମଚାରୀମାନେ ଗୋଳବାଇରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିବା ସହ ପିଛା କରିଥିଲେ। ହାତୀଦ୍ୱୟ ମୁଣ୍ଡାଆମ୍ବ ଜଙ୍ଗଲ ଭିତରକୁ ପଶିଯାଇଥିଲେ। ତେବେ ଜଙ୍ଗଲରେ ଜଣେ ବ୍ୟକ୍ତିଙ୍କର ଫେବ୍ରିକେସନ ପାଇଁ ବସାଯାଇଥିବା ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଏକ ହାତୀର ମୃତ୍ୟୁ ଘଟିଥିଲା। ବନ କର୍ମଚାରୀମାନେ ଏକ ବଡ଼ ଶବ୍ଦ ଶୁଣି ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତ ହାତୀକୁ ଆଉ ଏକ ହାତୀ ଜଗି ରହିଥିବା ଦେଖିବାକୁ ପାଇଥିଲେ। ପରେ ବନ କର୍ମଚାରୀମାନେ ଉକ୍ତ ହାତୀକୁ ଘଉଡ଼ାଇବା ସହ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ। ବିଦ୍ୟୁତ୍ କାଟ୍ ପରେ ମୃତହାତୀକୁ ହାଇଡ୍ରା କ୍ରେନ ସାହାଯ୍ୟରେ ଉଠାଯାଇ ହାଇୱାରେ ଲୋଡ କରାଯାଇ ନିଆଯାଇଥିଲା। ବ୍ୟବଚ୍ଛେଦ ପରେ ନାଳସିଂହ ଡିପିଏଫରେ ଗାତ କରି ପୋତାଦିଆଯାଇଛି ବୋଲି ବନାଞ୍ଚଳ ଅଧିକାରୀ ଭୋଇ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ଜଙ୍କିଆ ବିଦ୍ୟୁତ୍ ଡିଭିଜନ-୨ ଏସ୍‌ଡିଓ ପ୍ରତ୍ୟୁଷ କୁମାର ସାହୁ କୁହନ୍ତି, ରବିବାର ରାତି ପ୍ରାୟ ୧ଟା ୯ରେ ବନ ବିଭାଗର ଜଣେ କର୍ମଚାରୀ ଜଙ୍କିଆ କନିଷ୍ଠଯନ୍ତ୍ରୀଙ୍କୁ ଫୋନ ଯୋଗେ ହାତୀର ଚଳପ୍ରଚଳ ସମ୍ପର୍କରେ ଖବର ଦେଇଥିଲେ। ସ୍ଥାନୀୟ ବିଦ୍ୟୁତ୍ କର୍ମଚାରୀ ୧ ଘଣ୍ଟା ୧୮ ମିନିଟ ବିଦ୍ୟୁତ୍ କାଟିଥିଲେ। ତେବେ ପୁଣି ରାତି ୨ଟା ୫୯ରେ ହାତୀ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସିଥିବା ନେଇ ଫୋନ ଆସିଥିଲା ବୋଲି ସେ କହିଛନ୍ତି। ସୂଚନାଥାଉ କି, ଗତ କିଛି ବର୍ଷ ହେବ ଏହି ଅଞ୍ଚଳରେ ବିଭିନ୍ନ କାରଣରୁ ୭ରୁ ଊର୍ଦ୍ଧ୍ୱ ହାତୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।



ଟ୍ରାନ୍ସଫର୍ମର ନିକଟରେ ମୃତ ହାତୀ।

# ବସ୍ ଧକ୍କାରେ କାର୍ ଚୂରମାର, ଚାଳକ ମୃତ

**ହସ୍ପିଟାଲରେ ମୃତଦେହ ଛାଡ଼ି ଯୁବତୀ ଫେରାର**

**ବଲାଙ୍ଗୀର ଅଫିସ, ୧୧।୭:** ବଲାଙ୍ଗୀର-ସଇଁତଲା ୨୬ ନମ୍ବର ଜାତୀୟ ରାଜପଥର ଖର୍ଲିକାନୀ ଗାଁ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଯାତ୍ରୀବାହୀ ବସ୍ (ଓଡି ୦୩-୪୬୬୮) ଧକ୍କାରେ ଏକ କାର (ଓଡି ୧୫ୟୁ ୫୬୪୧) ଚୂରମାର ହୋଇଯାଇଛି। ଦୁର୍ଘଟଣାରେ କାର୍‌ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ବଡଛପାପାଲିର ଶ୍ରୀତମ ସାହୁ (୨୫)। ଦୁର୍ଘଟଣାଗ୍ରସ୍ତ କାରରେ ଜଣେ ଯୁବତୀ ଥିଲେ। ସେ ଶ୍ରୀତମଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିବା ପରେ କୁଆଡ଼େ ଫେରାର ହୋଇଯାଇଛନ୍ତି। ବଲାଙ୍ଗୀର-ସଇଁତଲା ୨୬ ନମ୍ବର ଜାତୀୟ ରାଜପଥର ଖର୍ଲିକାନୀ ନିକଟରେ ସୋମବାର ବଲାଙ୍ଗୀର ପଟୁ ଏକ କାର ଯୋଗେ ଶ୍ରୀତମ ସାହୁ ଓ ଜଣେ ଯୁବତୀ ଟିଟିଲାଗଡ଼ ଆଡ଼କୁ ଯାଉଥିଲେ। ଏହି ସମୟରେ ଟିଟିଲାଗଡ଼ ପଟୁ ଏକ ଯାତ୍ରୀବାହୀ ବସ୍ ଆସୁଥିଲା। ଖର୍ଲିକାନୀ ନିକଟରେ ବସ୍ ସହ କାରର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ କାର ଚାଳକ ଶ୍ରୀତମ ଗୁରୁତର ହୋଇଥିଲେ। ଯୁବତୀ ଆମ୍ବୁଲାନ୍ସରେ ଶ୍ରୀତମଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ କାଜୁଆଲିଟିକୁ ଆଣିଥିଲେ। ସେଠାରେ ଡାକ୍ତର ଶ୍ରୀତମଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଯୁବତୀ ଜଣକ ହସ୍ପିଟାଲରେ ମୃତଦେହ ଛାଡ଼ି କୁଆଡ଼େ ଚାଲିଯାଇଥିଲେ। ଶ୍ରୀତମଙ୍କ ପରିବାର ଲୋକେ ଖବର ପାଇ ହସ୍ପିଟାଲ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତ ଶ୍ରୀତମ ଓ ସମ୍ପୃକ୍ତ ଯୁବତୀ ପ୍ରେମିକ-ପ୍ରେମିକା ଏବଂ ସେମାନେ ଘରୁ ଫେରାର ହୋଇ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଚର୍ଚ୍ଚାର ବିଷୟ ହୋଇଛି।

# ଜାମିନରେ ଆସି ବାହୁଡ଼ାଯାତ୍ରାରେ ଗୋବିନ୍ଦ



ଗୋବିନ୍ଦ ସାହୁ ବାହୁଡା ଯାତ୍ରାରେ ସାମିଲ ହୋଇଛନ୍ତି।

**ଭବାନୀପାଟଣା/ଗୋଲାମୁଣ୍ଡା, ୧୧।୭(ସ୍ୱ.ପ୍ର./ଡି.ଏନ୍.ଏ.)**

ସର୍ତ୍ତମୂଳକ ଜାମିନରେ ଆସି ଗାଁ ବାହୁଡ଼ା ଯାତ୍ରାରେ ସାମିଲ ହେଲେ ବହୁ ଚର୍ଚ୍ଚିତ କଳାହାଣ୍ଡି ଜିଲା ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ। ସ୍ତ୍ରୀ ଓ ଝିଅର ଚିକିତ୍ସା ପାଇଁ ଗୋବିନ୍ଦଙ୍କୁ ଗତ ୮ ତାରିଖରେ ହାଇକୋର୍ଟ ୧୪ ଦିନିଆ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ହେଲେ ସେ ସାଧାରଣ ଲୋକଙ୍କ ପରି ଗାଁ ବାହୁଡାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଜଣେ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସ୍ତ୍ରୀ ଓ ଝିଅର ଚିକିତ୍ସା ପାଇଁ ଜେଲ୍‌ରୁ ଜାମିନରେ ଆସି ବାହୁଡ଼ା ଯାତ୍ରା ଭଳି ସାମୂହିକ କାର୍ଯ୍ୟକ୍ରମରେ କିପରି ସାମିଲ ହୋଇପାରୁଛନ୍ତି ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏପରି ଖୋଲାଖୋଲି ବୁଲାବୁଲି କରୁଥିବା ଅଭିଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ପ୍ରଭାବିତ କରିବାକୁ ଚେଷ୍ଟା କରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ସୂଚନା ଯେ, ଗୋବିନ୍ଦ ୧୪ ଦିନର ଅନ୍ତରୀଣ ଜାମିନ ପାଇ ଗତ ୯ ତାରିଖରେ କଣ୍ଟାବାଞ୍ଜି ଜେଲରୁ ବାହାରିଥିବା ବେଳେ ଆସନ୍ତା ୨୨ ତାରିଖରେ କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ଆତ୍ମସମର୍ପଣ କରିବେ। କୋର୍ଟ ଗୋବିନ୍ଦଙ୍କୁ ୮ଟି ସର୍ତ୍ତ ଓ ୫୦ ହଜାରର ଦୁଇଟି ବଣ୍ଡ ବଳରେ ୧୪ ଦିନ ପାଇଁ ଜାମିନ ଦେଇଛନ୍ତି। ସେହିପରି କୋର୍ଟଙ୍କ ଜାମିନ ସର୍ତ୍ତ ଅନୁସାରେ ବିନା ଅନୁମତିରେ ସେ ନିଜ ଅଞ୍ଚଳ ଛାଡ଼ି ପାରିବେ ନାହିଁ। ସାକ୍ଷୀଙ୍କୁ ପ୍ରଭାବିତ କରିପାରିବେ ନାହିଁ କିମ୍ବା ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିବେନି। ପ୍ରତିଦିନ ସନ୍ଧ୍ୟାରେ ସେ ଏହି ମାମଲାର ଆଇଓଙ୍କ ପାଖରେ ହାଜର ହେବେ। ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ କୌଣସି ପ୍ରକାରର ପ୍ରତିକ୍ରିୟା ଦେଇପାରିବେ ନାହିଁ ବୋଲି କୋର୍ଟ ସର୍ତ୍ତ ରଖିଛନ୍ତି। ସୂଚନାଯୋଗ୍ୟ, କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କୁ ହତ୍ୟା କରାଯାଇଥିଲା। ମମିତାଙ୍କୁ ମହାଲିଙ୍ଗ କଲେଜ ସଭାପତି ଗୋବିନ୍ଦ ସାହୁ ହତ୍ୟା କରି ଗାତରେ ପୋତି ଦେଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ସେ ଗିରଫ ହୋଇ ଜେଲ୍‌ରେ ଥିଲେ। ତେବେ ଗୋବିନ୍ଦ ସହିତ ତତ୍କାଳୀନ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପର୍କ ସାମ୍ନାକୁ ଆସିବା ପରେ ରାଜ୍ୟ ରାଜନୀତି ଉଷ୍ମ ହୋଇଥିଲା।

**ମମିତା ମେହେର ହତ୍ୟା ଘଟଣା**

- ଅଭିଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ପ୍ରଭାବିତ କରିବା ଚେଷ୍ଟା ନେଇ ସନ୍ଦେହ
- ସାମୂହିକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ନେଇ ପ୍ରଶ୍ନ

# ସାବାଳକ ହେବା ପରେ ଦୋଷୀଙ୍କୁ ୨୦ ବର୍ଷ ଜେଲ

**ନାବାଳିକା ଗଣବଳାତ୍କାର ଘଟଣା**

**କେନ୍ଦୁଝର, ୧୧।୭ (ସ୍ୱ.ପ୍ର.)**

କେନ୍ଦୁଝର ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ଜଜ୍ ଶୁଭଶ୍ରୀ ତ୍ରିପାଠୀ ସୋମବାର ଏକ ନାବାଳିକା ଗଣବଳାତ୍କାର ମାମଲାର ଶୁଣାଣି କରି ତୃତୀୟ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫୩ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ଦେଢ଼ ବର୍ଷ ଜେଲ୍ ଦଣ୍ଡାଦେଶ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦୋଷୀ ଜଣକ ହେଲେ ଘଟଗାଁ ବ୍ଲକ ଡଳଙ୍ଗପାଣି ଗ୍ରାମର ଶ୍ରୀକାନ୍ତ ନାଏକ। ମାମଲା ରୁଜୁ ହେବା ସମୟରେ ସେ ନାବାଳକ ଥିଲେ। ଏବେ ସାବାଳକ ହେବା ପରେ କୋର୍ଟ ତାଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାରେ ପୂର୍ବରୁ ଗତ ମେ' ୩୧ରେ ଦୁଇଜଣ ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ଜେଲ୍ ଦଣ୍ଡ ହୋଇଥିଲା।

ପ୍ରକାଶ ଯେ, ୨୦୧୭ ଏପ୍ରିଲ ୧୯ରେ ନାବାଳିକା ଜଣକ ପାଲା ଦେଖିବାକୁ ଯାଇଥିବା ବେଳେ ଶ୍ରୀକାନ୍ତଙ୍କ ସମେତ ତିନିଜଣ ତାଙ୍କୁ ଟେକି ନେଇ ବଳାତ୍କାର କରିଥିଲେ। ଘଟଗାଁ ପୋଲିସ ୨୦ ତାରିଖରେ ଏକ ମାମଲା (ନଂ.୭୪/୨୦୧୭) ରୁଜୁ କରି ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସେ ସମୟରେ ଶ୍ରୀକାନ୍ତଙ୍କୁ ୧୭ ବର୍ଷ ହୋଇଥିଲା। ନାବାଳକ ଥିବାରୁ ତାଙ୍କୁ ବାଳସୁଧାର ଗୃହରେ ହାଜର କରାଯାଇଥିଲା।

# ସମୁଦ୍ରରେ ଭାସିଯାଇ ନାବାଳକ ନିଖୋଜ

**ମହାପ୍ରଭୁଙ୍କ ଦର୍ଶନ ପାଇଁ ପରିବାର ସହ ପୁରୀ ଆସିଥିଲେ**

**ପୁରୀ ଅଫିସ,୧୧।୭**

ସମୁଦ୍ରରେ ଭାସିଯାଇ ଜଣେ ୧୬ବର୍ଷର ନାବାଳକ ନିଖୋଜ ହୋଇଯାଇଛନ୍ତି। ସୋମବାର ସମ୍ପୃକ୍ତ ନାବାଳକ ପରିବାର ସହ ପୁରୀ ବେଳାଭୂମିରେ ଗାଧୋଉଥିବା ବେଳେ ଏଭଳି ଅଘଟଣ ଘଟିଛି। ନିଖୋଜ ନାବାଳକ ହେଲେ ଯାଜପୁର ଜିଲା ବରୀ ମାଳସାହି ଅଞ୍ଚଳର ଆୟୁଷ ଜେନା। ସେ ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲେ। ଲାଇଫଗାର୍ଡଙ୍କ ସହାୟତାରେ ଅଗ୍ନିଶମ ବାହିନୀ ପକ୍ଷରୁ ତାଙ୍କୁ ଖୋଜାଖୋଜି କରାଯାଉଛି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ଚୈତନ୍ୟ ଛକ ନିକଟ ସମୁଦ୍ରରେ ଆୟୁଷ ମାତା, ପିତା ଓ ବଡ଼ଭାଇଙ୍କ ସହ ସ୍ନାନ କରୁଥିଲେ। ଏକ ବଡ଼ ଲହଡ଼ି ପ୍ରଭାବରେ ଆୟୁଷ ନିଜ ପାଣି ଭିତରକୁ ଟାଣି ହୋଇଯାଇଥିଲେ। ଲାଇଫଗାର୍ଡ ଓ ପରିବାର ଲୋକଙ୍କ ଉପସ୍ଥିତିରେ ସେ ଭାସି ଯାଇଥିଲେ ମଧ କେହି ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇ ନ ଥିଲା। ଆୟୁଷଙ୍କ ପିତା ଜଳନ୍ଧର ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଛନ୍ତି। ସମୁଦ୍ରକୂଳ ଥାନା ଆଇଆଇସି ଚିନ୍ମୟ ରାଉତ କହିଛନ୍ତି, ଅଗ୍ନିଶମ ବାହିନୀ ଓ ଲାଇଫଗାର୍ଡଙ୍କ ସହ ମିଶି ପୁରୀ ପୋଲିସ ରାତ୍ର ପର୍ଯ୍ୟନ୍ତ ଆୟୁଷଙ୍କୁ ଖୋଜାଖୋଜି କରୁଛୁ। ମାତ୍ର ତାଙ୍କୁ ଠାବ କରିପାରିନାହୁଁ। ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକ କହିଛନ୍ତି, ଘଟଣାସ୍ଥଳରେ ଲାଇଫଗାର୍ଡ ଉପସ୍ଥିତ ଥିଲେ। ମାତ୍ର ସ୍ଥାନଟି ଏତେ ଗହଳିପୂର୍ଣ୍ଣ ଥିବାରୁ ତୁରନ୍ତ ପହଞ୍ଚିବା ସମ୍ଭବପର ହୋଇ ନ ଥିଲା। ନାବାଳକ ଜଣକ ସମୁଦ୍ରର ବେଶି ଭିତରକୁ ଯାଇ ନ ଥିଲେ, ମାତ୍ର ଓସେନ୍ କରେଣ୍ଟ ପ୍ରଭାବରେ ସେ ଭାସିଯାଇଛନ୍ତି। ପୁରୀ ସମୁଦ୍ରରେ ଓସେନ କରେଣ୍ଟର ପ୍ରଭାବ ବଢ଼ିବାରେ ଲାଗିଛି। ସମୟ ସମୟରେ ୧୦ରୁ ୧୫ ମିନିଟ୍ ପାଇଁ ଏହା ସକ୍ରିୟ ରହୁଛି, ଫଳରେ ଲୋକେ ଭାସି ଯାଉଛନ୍ତି। ଏଣୁ ପର୍ଯ୍ୟଟକ ସମୁଦ୍ର ସ୍ନାନ ବେଳେ ବ୍ୟାପକ ସତର୍କତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ବିଳମ୍ବରୁ ଜୀବନ ଗଲା

- ଖଟିଆରେ ବୁହା ହୋଇଯାଇଥିଲେ ମହିଳା
- ଅନାଥ ସାଜିଲେ ୨ ସନ୍ତାନ

**ବିଶୋଇ,୧୧।୭(ଡି.ଏନ.ଏ.)**

ଗାଁକୁ ଭଲ ରାସ୍ତାଟିଏ ନାହିଁ। ଆମ୍ବୁଲାନ୍ସ ପଶିପାରିଲା ନାହିଁ। ଦେଢ କି.ମି. ଦୂରରେ ଠିଆ ହୋଇରହିଲା ଆମ୍ବୁଲାନ୍ସ। ଖଟିଆରେ ବୋହି ରୋଗୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଗଲା। ସେଠାରୁ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ରୋଗୀଙ୍କ ଜୀବନ ଚାଲିଗଲା। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକ ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ବଣକାଟିଗ୍ରାମର ଚାରୁପାଣି ସାହିରେ। ମୃତ ମହିଳା ହେଲେ ମିନୁ ନାଏକ (୩୭)। ମା'ଙ୍କୁ ହରାଇ ତାଙ୍କର ଦୁଇ ପିଲା ଏବେ ଅନାଥ ହୋଇଯାଇଛନ୍ତି।

୪ବର୍ଷ ପୂର୍ବେ ଦିବ୍ୟାଙ୍ଗ ସ୍ୱାମୀ ଦାସମ୍ବା ନାଏକଙ୍କ ମୃତ୍ୟୁ ପରେ ମିନୁ ପରିବାର ଦାୟିତ୍ୱ ତୁଲାଉଥିଲେ। ଦିନ ମଜୁରିଆ କାମ କରି ୧୦ ବର୍ଷର ପୁଅ ସାଲଖୁ ଓ ୭ ବର୍ଷର ଝିଅ ନାଲଙ୍କୁ ଲାଳନପାଳନ କରିବା ସହ ପାଠ ପଢ଼ାଇ ଆସୁଥିଲେ। ତେବେ କିଛିଦିନ ଧରି ମିନୁଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ସହ ରବିବାର ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କ ସାହିକୁ ଭଲ ରାସ୍ତା ନ ଥିବା ବେଳେ କାଦୁଅ ପଚପଚ ରାସ୍ତା ଦେଇ ସାହି ବାସିନ୍ଦା ତାଙ୍କୁ ଦୀର୍ଘ ଦେଢ଼ କି.ମି. ପର୍ଯ୍ୟନ୍ତ ଖଟିଆରେ ବୋହି ନେଇ ନୂଆସାହି ଗ୍ରାମ ନିକଟରେ ପହଞ୍ଚାଇଥିଲେ। ସେଠାରୁ ଆମ୍ବୁଲାନ୍ସ ସହାୟତାରେ ମିନୁଙ୍କୁ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ମେଡିକାଲରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସ୍ଥାନୀୟ ସାହିବାସିନ୍ଦାଙ୍କ ସହାୟତାରେ ମିନୁଙ୍କ ଅନ୍ତିମ ସତ୍କାର କରାଯାଇଥିଲା। ରାଶନକାର୍ଡରେ ଉକ୍ତ ପରିବାରକୁ ଚାଉଳ ମିଳୁଥିଲେ ମଧ ଦୁଇ ପିଲାଙ୍କ ଭବିଷ୍ୟତ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନାଥ ଭଉଣୀଭାଇଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଝାଟିମାଟିର ଏକ ଚାଳ ଘର ସାହାରା ଥିବା ବେଳେ ଏବେ ସେମାନେ କାହା ଭରସାରେ ଜୀବନ ଅତିବାହିତ କରିବେ ତାହା ଚିନ୍ତାର ବିଷୟ ହୋଇଛି। ସରକାର ଏହି ଅନାଥ ଭଉଣୀଭାଇଙ୍କୁ ସହାୟତା ଯୋଗାଇ ଦେବା ସହିତ ସେମାନଙ୍କ ପାଠପଢ଼ାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରିବା ପାଇଁ ସାହିବାସିନ୍ଦା ଦାବି କରିଛନ୍ତି। ଅନ୍ୟପକ୍ଷରେ ଚାରୁପାଣି ସାହିରେ କୋହ୍ଲ ସମ୍ପ୍ରଦାୟର ୨୦ପରିବାର ବସବାସ କରୁଥିଲେ ହେଁ ଗାଁକୁ ଭଲ ରାସ୍ତାଟିଏ ନାହିଁ। ଜରୁରୀ ପରିସ୍ଥିତି ସମୟରେ ଏହି ଗାଁକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ପହଞ୍ଚି ପାରୁନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଗୁରୁତର ମହିଳାଙ୍କୁ ଗ୍ରାମବାସୀ ଖଟିଆରେ ବୋହି ନେଉଛନ୍ତି।

## ଏୟାରଟେଲ ନେଟ୍‌ୱର୍କ ମାପ ପରୀକ୍ଷଣର ବିଜେତା

**ନୂଆଦିଲ୍ଲୀ:** ଭାରତର ପ୍ରମୁଖ ଯୋଗାଯୋଗ ସମାଧାନ ପ୍ରଦାନକାରୀ ଏୟାରଟେଲ ଓଡ଼ିଶାରେ ଭିଡିଓ, ଗେମ ଓ ଭଏସ ଆପ୍ ଏବଂ ଡାଉନଲୋଡ୍ ସ୍ପିଡ ଅନୁଭୂତି ପାଇଁ ଓପନସିଗନାଲ ଦ୍ୱାରା ନେଟ୍‌ୱର୍କ ଉତ୍କର୍ଷ ପାଇଁ ପୁନର୍ବାର ସ୍ୱୀକୃତି ହାସଲ କରିଛି। ଓଡ଼ିଶାରେ ସ୍ମାର୍ଟଫୋନ ବ୍ୟବହାରକାରୀମାନେ ଏୟାରଟେଲ ନେଟ୍‌ୱର୍କରେ ଭିଡିଓ ଷ୍ଟ୍ରିମିଂ, ମଲଟିପ୍ଲେୟର ମୋବାଇଲ ଗେମ ଖେଳିବା କିମ୍ବା ଓଭର-ଦ-ଟପ (ଓଟିଟି) ଭଏସ ସର୍ଭିସଗୁଡ଼ିକର ବ୍ୟବହାର ଏବଂ ଡାଉନଲୋଡ୍ ସମୟରେ ସ୍ପିଡ କ୍ଷେତ୍ରରେ ସର୍ବୋତ୍ତମ ଗୁଣବତ୍ତାର ଅନୁଭୂତିର ଉପଭୋଗ କରିଛନ୍ତି। ଫଳାଫଳ ସ୍ୱରୂପ ଏୟାରଟେଲ ଓଡ଼ିଶାରେ ଓପନ ସିଗନାଲର ନେଟ୍‌ୱର୍କ ମାପ ପରୀକ୍ଷଣର ବିଜେତା ହୋଇଛି।

### ସଂକ୍ଷେପରେ

## ନୀତି ଆୟୋଗ ସିଇଓ ଭାବେ ଆୟରଙ୍କ ଦାୟିତ୍ୱ ଗ୍ରହଣ



ନୂଆଦିଲ୍ଲୀ,୧୧।୭: ବରିଷ୍ଠ ପ୍ରଶାସକ ତଥା ୧୯୮୧ ବ୍ୟାଚ୍ ଉତ୍ତରପ୍ରଦେଶ କ୍ୟାଡର ଆଇଏଏସ୍ ପରମେଶ୍ୱରନ୍ ଆୟର ସୋମବାର ନୀତି ଆୟୋଗର ସିଇଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୦୧୬-୨୦ ମଧ୍ୟରେ ପାନୀୟ ଜଳ ଏବଂ ପରିମଳ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟ କରିଥିଲେ। ସେହିଭଳି ଜଳ ଏବଂ ପରିମଳ କ୍ଷେତ୍ରରେ ଦୀର୍ଘ ୨୫ ବର୍ଷର ଅଭିଜ୍ଞତା ସହ ଆୟର ଭାରତର ଫ୍ଲାଗଶିପ୍ ୨୦ ବିଲିୟନ ଆମେରିକୀୟ ଡଲାର ସ୍ୱଚ୍ଛ ଭାରତ ମିଶନର କାର୍ଯ୍ୟକାରିତାକୁ ଆଗେଇ ନେଇଛନ୍ତି। ଏହା ୫୫୦ନିଯୁତ ଲୋକଙ୍କୁ ନିରାପଦ ପରିମଳ ବ୍ୟବସ୍ଥାରେ ସଫଳତାର ସହ ପହଞ୍ଚାଇଛି ବୋଲି ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଆୟର କହିଛନ୍ତି, ନୀତି ଆୟୋଗ ସିଇଓ ଭାବେ ପୁନର୍ବାର ଦେଶ ସେବା କରିବାର ଅବିଶ୍ୱସନୀୟ ସୁଯୋଗ ପାଇଥିବାରୁ ସେ ଉଭୟ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି।

## ଟଙ୍କା ଜରିଆରେ ଅନ୍ତର୍ଜାତୀୟ ବାଣିଜ୍ୟକୁ ଅନୁମତି

**ନୂଆଦିଲ୍ଲୀ,୧୧।୭:** ଡଲାର ତୁଳନାରେ ଟଙ୍କା ମୂଲ୍ୟ କ୍ରମାଗତ ହ୍ରାସ ପାଉଥିବାରୁ ସୋମବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଟଙ୍କା ଜରିଆରେ ଅନ୍ତର୍ଜାତୀୟ ବାଣିଜ୍ୟକୁ ଅନୁମତି ଦେଇଛନ୍ତି। ଫଳରେ ଆରବିଆଇର ଏହି ନୂଆ ବ୍ୟବସ୍ଥା ଅନୁସାରେ କାରବାର ପାଇଁ କ୍ଷମତାପ୍ରାପ୍ତ ବ୍ୟାଙ୍କମାନେ ମଧ୍ୟ ଆବଶ୍ୟକ ପରିମାଣର ଟଙ୍କା ଯୋଗାଇବାର ସମସ୍ତ ବ୍ୟବସ୍ଥା ସହ ଆକାଉଣ୍ଟ ମଧ୍ୟ ଖୋଲିପାରିବେ। ତେବେ ଏହି ବ୍ୟବସ୍ଥା ସ୍ଥାପନ କରିବା ପୂର୍ବରୁ ବ୍ୟାଙ୍କଗୁଡ଼ିକୁ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ବିଭାଗର ଅନୁମତି ନେବାକୁ ହେବ। ଅପରପକ୍ଷରେ ଆରବିଆଇର ଏଭଳି ପଦକ୍ଷେପକୁ ବିଶେଷଜ୍ଞମାନେ ରୁଷିଆ- ୟୁକ୍ରେନ ଯୁଦ୍ଧ ଏବଂ ଶ୍ରୀଲଙ୍କା ସହ ଯୋଡ଼ି ଦେଖୁଛନ୍ତି।

# କ୍ଷତି ସହୁଛନ୍ତି ତୈଳ ବିପଣନ କମ୍ପାନୀ

- ୧ମ ତ୍ରୈମାସରେ ୧୦, ୭୦୦ କୋଟି ଟଙ୍କା
- ଆଇଓସିଏଲ୍,ବିପିସିଏଲ୍ ଓ ଏଚ୍‌ପିସିଏଲ୍‌ର ମିଳିତ ହ୍ରାସ ପରିମାଣ

**ନୂଆଦିଲ୍ଲୀ,୧୧।୭**

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ ଲିମିଟେଡ (ଆଇଓସିଏଲ୍), ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ୍) ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ଏଚ୍‌ପିସିଏଲ୍) ଚଳିତ ବର୍ଷ ୧ମ ତ୍ରୈମାସ(ଏପ୍ରିଲରୁ ଜୁନ୍)ରେ ବ୍ୟାପକ ପରିମାଣର କ୍ଷତି ସହିଛନ୍ତି। ଏପରିକି ଉପରୋକ୍ତ କମ୍ପାନୀଗୁଡ଼ିକ ଉଭୟ ପେଟ୍ରୋଲ ଏବଂ ଡିଜେଲକୁ ମୂଲ୍ୟଠାରୁ କମ୍ ମୂଲ୍ୟରେ ବିକ୍ରି କରି ପ୍ରାୟ ୧୦,୭୦୦ କୋଟି ଟଙ୍କାର କ୍ଷତି ସହିଛନ୍ତି ବୋଲି ସୋମବାର ଆଇସିଆଇସିଆଇ ସିକ୍ୟୁରିଟି ପକ୍ଷରୁ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିଭଳି ଏପ୍ରିଲରୁ ଜୁନ୍ ମଧ୍ୟରେ କଞ୍ଚାମାଲ(ଅଶୋଧିତ ତୈଳ)ର ମୂଲ୍ୟ ବୃଦ୍ଧି ପାଇଥିବା ବେଳେ ପେଟ୍ରୋଲ ଏବଂ ଡିଜେଲ ଦରରେ କୌଣସି ପରିବର୍ତ୍ତନ ବା ସଂଶୋଧନ କରାଯାଇ ନ ଥିଲା। ଫଳରେ ଏହାର ବଜାର ଚାହିଦା ଅଧିକ ଥିଲେ ମଧ୍ୟ କମ୍ପାନୀଗୁଡିକ ମିଳିତ ଭାବେ ମାର୍କେଟିଂ କ୍ଷତି ସହିଛନ୍ତି। ସେହିପରି ଦେଶର ୩ ପ୍ରମୁଖ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ ଆଇଓସିଏଲ,ବିପିସିଏଲ ଏବଂ ଏଚ୍‌ପିସିଏଲ ଭଳି ପ୍ରମୁଖ ଖୁଚୁରା ପେଟ୍ରୋଲ ଏବଂ ଡିଜେଲ ବିକ୍ରେତାମାନେ ମଧ୍ୟ ୯୦% ତୈଳ ନିୟନ୍ତ୍ରଣ କରୁଛନ୍ତି। ଏପରିକି ସେମାନଙ୍କର ରିଫାଇନାରୀ ମଧ୍ୟ ଅଛି, ଯାହା ଅଶୋଧିତ ତୈଳକୁ ଶୁଦ୍ଧ କରି ପେଟ୍ରୋଲ ଏବଂ ଡିଜେଲ ଭଳି ଇନ୍ଧନରେ ପରିଣତ କରିଥାଏ। ଅଶୋଧିତ ତୈଳକୁ ଇନ୍ଧନରେ ପରିଣତ କରିବାର ମାର୍ଜିନ ଅଧିକ ଥିବା ବେଳେ ମାର୍କେଟିଂ ୱିଙ୍ଗ ଅପରିବର୍ତ୍ତିତ ଯୋଗୁ ପେଟ୍ରୋଲ ଏବଂ ଡିଜେଲ ହାରରେ ବ୍ୟାପକ କ୍ଷତି ଘଟିଛି। ଏ ସମ୍ପର୍କରେ ଆଇସିଆଇସିଆଇ ସିକ୍ୟୁରିଟିଜ୍ କହିଛି, କମ୍ପାନୀଗୁଡିକ ପ୍ରତି ଲିଟର ପେଟ୍ରୋଲ ଏବଂ ଡିଜେଲ ପିଛା ୧୨ରୁ ୧୪ ଟଙ୍କା ହରାଉଛନ୍ତି। ଫଳରେ ଏହା ତ୍ରୈମାସରେ ଶକ୍ତିଶାଳୀ ବିଶୋଧନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇଛି। ଏପରିକି ବ୍ୟାରେଲ ସ୍ତରରେ ୧୭ରୁ ୧୮ ଡଲାରରେ ମାର୍କେଟିଂ ଭଲ୍ୟୁମ ଅଭିବୃଦ୍ଧି ୧୭ରୁ ୨୦%କୁ ବୃଦ୍ଧି ପାଇଥିବା ଯୋଗୁ ମୋଟ ରିଫାଇନିଂ ମାର୍ଜିନ ମଧ୍ୟ ଆକଳନ କରୁଛୁ। ତଥାପି ପେଟ୍ରୋଲ ଏବଂ ଡିଜେଲରେ ଅଧିକ ଖୁଚୁରା କ୍ଷତି ଏବିଟା କ୍ଷତି ୬,୬୦୦ କୋଟି ଟଙ୍କା ରହିଛି। ଚଳିତ ଆର୍ଥିକ ବର୍ଷର ୧ମ ତ୍ରୈମାସରେ ଓଏମ୍‌ସି ପାଇଁ ୧୦,୭୦୦ କୋଟି ଟଙ୍କା କ୍ଷତି ଘଟାଇବାର ସମ୍ଭାବନା ରହିଛି ବୋଲି ରିପୋର୍ଟରେ କୁହାଯାଇଛି।

## ଜେଇଇ ମେନ୍‌ରେ ଓଡିଏମ୍‌ର ବାଜିମାତ



କୋଣ୍ଡାପଲ୍ଲୀ ମୋହନ ବାଲ୍‌ସୁବ୍ରମଣ୍ୟମ୍



ମନୀଷା ସାହୁ



ସାର୍ଥକ ପଣ୍ଡା

**ଭୁବନେଶ୍ୱର,୧୧।୭**

ଚଳିତ ବର୍ଷର ଜେଇଇ ମେନ୍ ପରୀକ୍ଷାରେ ସ୍ଥାନୀୟ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ବାଜିମାତ କରିଛନ୍ତି। ଏପରିକି ନ୍ୟାଶ୍ନାଲ ଟେଷ୍ଟିଙ୍ଗ ଏଜେନ୍‌ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ସର୍ବଭାରତୀୟ ଜେଇଇ ମେନ୍, ପର୍ଯ୍ୟାୟ-୧ ପରୀକ୍ଷାର ଫଳାଫଳ ସୋମବାର ପ୍ରକାଶ ପାଇଛି। ଉକ୍ତ ଫଳାଫଳରେ ଓଡିଏମ୍‌ର ୭ଜଣ ଛାତ୍ରୀଛାତ୍ର ୯୯ପରସେଣ୍ଟାଇଲ ଉପରେ ସ୍ଥାନ ପାଇଥିବା ବେଳେ ୧୨ଜଣ ଛାତ୍ରୀଛାତ୍ର ୯୮ପରସେଣ୍ଟାଇଲ୍ ଉପରେ ଅଛନ୍ତି। ସେହିଭଳି ଉକ୍ତ ପରୀକ୍ଷାରେ ୩୦ଜଣ ଛାତ୍ରୀଛାତ୍ର ୯୫ ପରସେଣ୍ଟାଇଲ୍ ଉପରେ ରହି ବିଦ୍ୟାଳୟକୁ ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ ଗୌରବମଣ୍ଡିତ କରିଛନ୍ତି। ବିଦ୍ୟାଳୟର କୃତୀ ଛାତ୍ରଙ୍କ ମଧ୍ୟରେ କୋଣ୍ଡାପଲ୍ଲୀ ମୋହନ ବାଲ୍‌ସୁବ୍ରମଣ୍ୟମ୍ (୯୯.୯୬), ମନୀଷା ସାହୁ (୯୯.୮୨), ସାର୍ଥକ ପଣ୍ଡା(୯୯.୭୭) ସ୍କୋର କରି (ର୍ୟାଙ୍କ୍ ରଖି) ବିଦ୍ୟାଳୟସ୍ତରରେ ଯଥାକ୍ରମେ ୧ମ,୨ୟ ଏବଂ ୩ୟ ସ୍ଥାନ ଅଧିକାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷା-ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ସିଓଓ ସ୍ୱୟନ ସତ୍ୟେନ୍ଦୁଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଏହି ସଫଳତା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।




ଜୁଲାଇ ପ୍ରଥମ ସପ୍ତାହରେ ୧୩ତମ କଟନ ଫ୍ୟାବ ପ୍ରଦର୍ଶନୀର ଶୁଭାରମ୍ଭ ସହ ପ୍ରତି ରବିବାର ସନ୍ଧ୍ୟା ୭ ଘଟିକା ସମୟରେ ଏକ ଲକି ଡ୍ର'ର ଆୟୋଜନ କରାଯାଇ ୩ ଜଣ ବିଜେତାଙ୍କ ନାମ ଘୋଷଣା କରାଯାଉଛି। ଗତ ରବିବାର ଲକି ଡ୍ର'ର ପ୍ରଥମ ବିଜେତା ଆଶିଷ ଦାଶ ହୋଇଥିବା ବେଳେ ୨ୟ ବିଜେତା ସାନଭି ସୂର୍ଯ୍ୟାଶ୍ରୀ ଦାସ ଏବଂ ୩ୟ ବିଜେତା ନମିତା ସେଠୀ ମେଳାର ସମ୍ପାଦକ ଜାଭେଦ ଆଲାମଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ୧୯ ପଇସା ଖସିଲା ଟଙ୍କାର ମୂଲ୍ୟ

**ନୂଆଦିଲ୍ଲୀ,୧୧।୭**

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଇଚାଲିଛି। ଫଳରେ ସୋମବାର ବଜାର କାରବାର ସମୟରେ ଟଙ୍କାର ମୂଲ୍ୟ ୧୯ ପଇସା ହ୍ରାସ ଘଟି ୭୯.୪୫ ଟଙ୍କାରେ ରହିଛି। ବିଶେଷ କରି ଆନ୍ତଃ ବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ସୋମବାରର କାରବାର ୭୯.୩୦ ଟଙ୍କାରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର କାରବାର ଉପର ତଳ ହୋଇଥିଲା। ଦିନରେ ଟଙ୍କାର ବିନିମୟ ମୂଲ୍ୟ ସର୍ବାଧିକ ୭୯.୨୪ ଟଙ୍କାକୁ ବୃଦ୍ଧି ପାଇବା ସହ ୭୯.୫୦ ଟଙ୍କାକୁ ହ୍ରାସ ପାଇଥିଲା। ସୋମବାର ଟଙ୍କାର ବିନିମୟ ମୂଲ୍ୟ ଡଲାର ତୁଳନାରେ ୭୯.୪୫ଟଙ୍କାରେ ବନ୍ଦ ହୋଇଥିଲା।

## ୟୁବିଓଆଇର ସମୂହ କାର୍ଯ୍ୟ ଉଦ୍‌ଘାଟିତ




**ଭୁବନେଶ୍ୱର,୧୧।୭**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଓଆଇ)ର ଲୁଇସ୍ ରୋଡ୍ ଶାଖା ପରିସର ନବୀକରଣ କାର୍ଯ୍ୟ ସାଙ୍ଗକୁ ୟୁନିୟନ୍ ଗୋଲ୍ଡ ଲୋନ୍ ପଏଣ୍ଟ ଏବଂ ଏଟିଏମ୍ ଲବି ଭଳି ସମୂହ କାର୍ଯ୍ୟର ସମାପନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନଙ୍କ ଦ୍ୱାରା ସେ ସବୁ କାର୍ଯ୍ୟର ଉଦ୍‌ଘାଟନୀ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଶୋଭନ ସେନ୍‌ଗୁପ୍ତା, ଶାଖା ପ୍ରବନ୍ଧକ ମନୋଜ କୁମାର ପାତ୍ରଙ୍କ ସମେତ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ବହୁ କର୍ମଚାରୀ ଓ ଭୁବନେଶ୍ୱର ସହରାଞ୍ଚଳ ଶାଖାଗୁଡ଼ିକର ଶାଖା ପ୍ରବନ୍ଧକ ଓ ଶାଖା କର୍ମଚାରୀ ଏବଂ ମୂଲ୍ୟବାନ ଗ୍ରାହକମାନେ ଯୋଗ ଦେଇଥିଲେ।

### ଫୁର୍‌ସତ୍

## ଧନୀଙ୍କ ସ୍ୱପ୍ନର ମୂଲ୍ୟ ଦେଉଛି ଜଳବାୟୁ

**ବିଲିୟନେୟାରମାନଙ୍କ ମହାକାଶ ଯାତ୍ରା ସଉକ ଦିନକୁ ଦିନ ବଢ଼ିବାରେ ଲାଗିଛି। କିନ୍ତୁ ଧନଶାଳୀ ବ୍ୟକ୍ତିଙ୍କ ଏ ପ୍ରକାର ଆକାଂକ୍ଷା ପାଇଁ ବାୟୁମଣ୍ଡଳ ପ୍ରଦୂଷଣ ବୃଦ୍ଧି ପାଉଛି, ଯାହାର ପ୍ରଭାବ ଜୀବଜଗତ ଉପରେ ପଡ଼ିବା ଆରମ୍ଭ ହୋଇସାରିଛି। ଯଦି ଏ ପ୍ରକାର ବିପଦର ମୁକାବିଲା ନ କରାଯାଏ, ତେବେ ଏହାର ମୂଲ୍ୟ ଖାଲି ଜଳବାୟୁ ନୁହେଁ ବରଂ ସମଗ୍ର ଜୀବଜଗତକୁ ଦେବାକୁ ପଡ଼ିବ।**

### ମହାକାଶ ଦୌଡ଼



**ୱାଶିଂଟନ:** ବର୍ତ୍ତମାନ ସମୟରେ ମହାକାଶ ଯାତ୍ରା କେବଳ ମହାକାଶଚାରୀଙ୍କ ନିକଟରେ ସୀମିତ ହୋଇ ରହିନାହିଁ। ବହୁ ଧନଶାଳୀ ବ୍ୟକ୍ତି ସ୍ପେସ୍ ଟ୍ରାଭେଲ ଦ୍ୱାରା ନିଜ ସଉକ ପୂରଣ କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ବ୍ୟକ୍ତିବିଶେଷଙ୍କ ପାଖରେ ବହୁତ ବିକଳ୍ପ ସୁବିଧା ରହିଛି। କେତେ ଲୋକ ଏଲନ୍ ମସ୍କଙ୍କ ଫାଲକନ୯ରେ ସ୍ପେସ୍ ଯାତ୍ରା କରୁଛନ୍ତି ତ ଆଉ କେତେଜଣ ରିଚାର୍ଡ ବ୍ରାନ୍‌ସନ୍‌ଙ୍କ ଭିଏସ୍‌ଏସ୍ ୟୁନିଟି ଏବଂ ଜେଫ୍ ବୋଜେସ୍‌ଙ୍କ ନ୍ୟୁ ଶେପାର୍ଡ ରକେଟ ବ୍ୟବହାର କରୁଛନ୍ତି। ତେବେ ମହାକାଶ ଯାତ୍ରାରେ ବ୍ୟବହୃତ ରକେଟରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ଦ୍ୱାରା ବାୟୁମଣ୍ଡଳ ସ୍ତରରେ ବିଘଟନ ଦେଖିବାକୁ ମିଳୁଛି। ସିଧାସଳଖ କହିବାକୁ ଗଲେ ବିଲିୟନେୟାରମାନଙ୍କ ମହାକାଶ ଯାତ୍ରାର ସଉକ ଯୋଗୁ ଜଳବାୟୁ ଉପରେ ନକାରାତ୍ମକ ପ୍ରଭାବ ପଡୁଥିବା ବିଶେଷଜ୍ଞ କହିଛନ୍ତି। ଆର୍ଥସ୍ ଫ୍ୟୁଚର ଜର୍ନାଲରେ ପ୍ରକାଶିତ ମହାକାଶ ସମ୍ବନ୍ଧୀୟ ରିପୋର୍ଟ ଅନୁସାରେ, ସ୍ପେସ୍ ଟ୍ରାଭେଲରେ ବ୍ୟବହୃତ ରକେଟରୁ ନିର୍ଗତ କଳାଧୂଆଁରେ ବିଷାକ୍ତ ଗ୍ୟାସ୍ ରହିଛି। ବାୟୁମଣ୍ଡଳୀୟ ସ୍ତରରେ ନାଇଟ୍ରୋଜେନ୍ ଅକ୍ସାଇଡ୍, ଆଲୁମିନିୟମ ଅକ୍ସାଇଡ୍, ହାଇଡ୍ରୋକ୍ଲୋରିକ୍ ଏସିଡ୍, କ୍ଲୋରିନ୍ ଏବଂ ଜଳୀୟ ବାଷ୍ପର ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ଓଜୋନ ସ୍ତର ହ୍ରାସ ସାଙ୍ଗକୁ ଗ୍ଲୋବାଲ ୱାର୍ମିଂର ଏହା ଏକ ପ୍ରମୁଖ କାରଣ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସୃଷ୍ଟ ବିପଜ୍ଜନକ ସ୍ଥିତିକୁ ରୋକିବା ଦିଗରେ ସ୍ପେସ୍ ଇଣ୍ଡଷ୍ଟ୍ରିଗୁଡ଼ିକ ବର୍ତ୍ତମାନ ସମୟରୁ ବହୁମୁଖୀ କାର୍ଯ୍ୟ ଆରମ୍ଭ କରିଦେବା ଜରୁରୀ ବୋଲି ୟୁନିଭର୍ସିଟି କଲେଜ ଅଫ୍ ଲଣ୍ଡନର ଭୌଗୋଳିକ ଗବେଷକ ରବର୍ଟ ରୟାନ କହିଛନ୍ତି।

୨୦୧୯ରେ ବିଶ୍ୱବ୍ୟାପୀ ୧୦୩ ସ୍ପେସ୍ ପ୍ରୋଗ୍ରାମ୍ ଲଞ୍ଚ କରାଯାଇଥିବାବେଳେ ଏଥିରୁ ଅଧିକାଂଶ ପ୍ରୋଗାମ୍ ସରକାରଙ୍କ ଦ୍ୱାରା କରାଯାଇଥିଲା। ୨୦୨୦ରେ ଭରଜିନ୍ ପକ୍ଷରୁ ମାତ୍ର ଗୋଟିଏ କ୍ରିଉ ମେମ୍ବର ମହାକାଶ ଯାତ୍ରାରେ ସାମିଲ ହୋଇଥିବାବେଳେ ସ୍ପେସ୍‌ଏକ୍ସ ପକ୍ଷରୁ ୨ଜଣ, ବ୍ଲୁ ଅରିଜିନ ପକ୍ଷରୁ ୫ କ୍ରିଉ ମେମ୍ବର ସ୍ପେସ୍ ଟୁରିଜମ୍‌ରେ ସାମିଲ ହୋଇଥିଲେ। ପୃଥିବୀ ପୃଷ୍ଠରୁ ମହାକାଶ ଯାତ୍ରା ପାଇଁ ସ୍ପେସ୍‌ଏକ୍ସ ୫୦ ନିୟୁତ ଡଲାର ନେଉଥିବାବେଳେ ଭରଜିନ୍ ୧୨ ମିନିଟ ଯାତ୍ରା ପାଇଁ ଟିକେଟ ପିଛା ୪,୫୦,୦୦୦ ଡଲାର ନେଉଛି। ତେବେ ବିମାନରୁ ବାହାରୁଥିବା ତାପ ଏବଂ ଧୂଆଁ ବାୟୁମଣ୍ଡଳକୁ ଯେତିକି ପରିମାଣରେ ପ୍ରଦୂଷିତ କରେ ତା'ଠାରୁ ଅଧିକମାତ୍ରାରେ ମହାକାଶ ଯାତ୍ରାରେ ବ୍ୟବହୃତ ରକେଟ୍‌ରୁ ବାହାରୁଥିବା ହାନିକାରକ ଗ୍ୟାସ୍ ଜଳବାୟୁ ସହିତ ବାୟୁମଣ୍ଡଳକୁ ପ୍ରଭାବିତ କରିବାରେ ଲାଗିଛି। ବିମାନ ତୁଳନାରେ ରକେଟ ଧୂଆଁ ବାୟୁମଣ୍ଡଳରେ ୫୦ କି.ମି. ପର୍ଯ୍ୟନ୍ତ ବ୍ୟାପିଥାଏ। ୨୦୧୯ରେ ମହାକାଶ ପର୍ଯ୍ୟଟନ ଆରମ୍ଭ ହେବା ପୂର୍ବରୁ ଓଜନ ସ୍ତର ୮.୫ରୁ ୧୦ ପ୍ରତିଶତ କମିବା ନେଇ ବିଶେଷଜ୍ଞମାନେ ଚେତାବନୀ ଦେଇଥିବାବେଳେ ବିଲିୟନେୟାରମାନଙ୍କ ମହାକାଶ ଯାତ୍ରା କାରଣରୁ ଓଜୋନ ସ୍ତର ୧୩ ପ୍ରତିଶତ କମିଥିବା ଜଣାପଡ଼ିଛି। ଅନ୍ୟପଟେ ମହାକାଶରେ ଜମିଥିବା ବର୍ଜ୍ୟବସ୍ତୁର ଅର୍ଦ୍ଧାଧିକ ସ୍ପେସ୍ ଟ୍ରାଭେଲରେ ବ୍ୟବହୃତ ରକେଟରୁ ବାହାରିଛି। ବାୟୁମଣ୍ଡଳରେ ଓଜୋନ ସ୍ତର କମିବା କାରଣରୁ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି ସିଧାସଳଖ ଭାବେ ପୃଥିବୀ ପୃଷ୍ଠରେ ପଡ଼ିବା ଆରମ୍ଭ ହୋଇଛି। ଏହାଦ୍ୱାରା ଜୀବଜଗତ ପ୍ରଭାବିତ ହେବାରେ ଲାଗିଛି।

## ୧୧୯ କୋଟିର ଆପାର୍ଟମେଣ୍ଟ କିଣିଲେ ରଣବୀର



**ମୁମ୍ବାଇ:** ବଲିଉଡର ଲୋକପ୍ରିୟ ଯୋଡ଼ି କୁହାଯାଉଥିବା ରଣବୀର ସିଂ ଓ ଦୀପିକା ପାଦୁକୋନ ଖୁବ୍‌ଶୀଘ୍ର ଶାହାରୁଖ ଖାନ ଏବଂ ସଲମାନ ଖାନଙ୍କ ପଡ଼ୋଶୀ ହେବାକୁ ଯାଉଛନ୍ତି। ରଣବୀର ସିଂ ସାଗର ରେଶମ ରେସିଡେନ୍ସିଆଲ ଟାୱାରରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଛନ୍ତି। ଏହି ଆପାର୍ଟମେଣ୍ଟର ମୂଲ୍ୟ ୧୧୯ କୋଟି ଟଙ୍କା। ଏବେ ଏହାର କାର୍ଯ୍ୟ ଚାଲିଛି। ଶାହାରୁଖଙ୍କ ମନ୍ନତ ଏବଂ ସଲମାନଙ୍କ ଗାଲାକ୍ସି ମଝିରେ ଏହି ଆପାର୍ଟମେଣ୍ଟ ପଡେ। ରଣବୀର କିଣିଥିବା ଆପାର୍ଟମେଣ୍ଟ ୧୬, ୧୭, ୧୮ ଏବଂ ୧୯ ମହଲା ଉପରେ ବ୍ୟାପିଛି। ଏଠାରେ ପ୍ରତି ବର୍ଗଫୁଟ ସ୍ଥାନର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା। ରଣବୀରଙ୍କ ଆପାର୍ଟମେଣ୍ଟ ୧୧,୨୬୬ ବର୍ଗଫୁଟର। ଏଥିରେ ୧୩ ଶହ ବର୍ଗଫୁଟର ଏକ ସ୍ୱତନ୍ତ୍ର ଟେରେସ୍ ରହିଛି। ଆପାର୍ଟମେଣ୍ଟରେ ୧୯ ପାର୍କିଂ ସ୍ଲଟ୍ ରହିଛି। ରଣବୀର ଓ ତାଙ୍କ ବାପା ଟ୍ରାଞ୍ଜାକଶନ ବାବଦ ୭.୧୩ କୋଟିର ଷ୍ଟାମ୍ପ ଡ୍ୟୁଟି ପଇଠ କରିଛନ୍ତି। ରଣବୀର ଏବେ 'ସର୍କସ' ଏବଂ 'ରକି ଔର ରାନୀ କି ପ୍ରେମ କାହାନୀ' ଫିଲ୍ମ ପାଇଁ ବ୍ୟସ୍ତ ଅଛନ୍ତି। ରକି ଔର ରାନୀ କି ପ୍ରେମ କାହାନୀରେ ତାଙ୍କ ବିପକ୍ଷରେ ଆଲିଆ ଭଟ୍ଟଙ୍କୁ ଦେଖିବାକୁ ମିଳିବ। ଏଥିସହ ଧର୍ମେନ୍ଦ୍ର, ଶବାନା ଆଜ୍‌ମୀ, ଜୟା ବଚ୍ଚନ ମଧ୍ୟ ଫିଲ୍ମରେ ଅଭିନୟ କରିଛନ୍ତି। ରୋହିତ ସେଟ୍ଟୀଙ୍କ 'ସର୍କସ'ରେ ପୂଜା ହେଗ୍‌ଡେଙ୍କ ସହ ରଣବୀର ନଜର ଆସିବେ।

## ପ୍ରାକୃତିକ ସାମଗ୍ରୀର ବ୍ୟବହାର ସର୍ବୋପରି

### ବିଶ୍ୱ କାଗଜ ବ୍ୟାଗ୍ ଦିବସ

**ସ**ମ୍ପ୍ରତି ପ୍ଲାଷ୍ଟିକ୍ ବ୍ୟବହାର ଯୋଗୁ ପ୍ରଦୂଷଣ ବଢ଼ିଚାଲିଛି। ଏହାର ବ୍ୟବହାର ଦ୍ୱାରା ପ୍ରାକୃତିକ ପରିବେଶ ପ୍ରତି ଗୁରୁତର ବିପଦ ବିଷୟରେ ଲୋକଙ୍କୁ ଅବଗତ କରାଇବା ପାଇଁ ପ୍ରତିବର୍ଷ ୧୨ ଜୁଲାଇରେ ବିଶ୍ୱ କାଗଜ ବ୍ୟାଗ୍ ଦିବସ ପାଳନ କରାଯାଇଥାଏ। ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ କ୍ଷୟ ହେବାକୁ ହଜାରେ ବର୍ଷ ଲାଗେ। ତେଣୁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟାଗ୍‌ର ଖରାପ ପ୍ରଭାବ ସମ୍ପର୍କରେ ଲୋକଙ୍କୁ ବୁଝାଇବା ଲାଗି ଏହି ଦିବସ ପାଳନର ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ପ୍ରାକୃତିକ ସାମଗ୍ରୀର ବ୍ୟବହାର ସର୍ବୋପରି ବୋଲି ସଭିଙ୍କୁ ସଚେତନ କରାଯାଇଥାଏ। କାଗଜ ବ୍ୟାଗ୍‌ଗୁଡ଼ିକ ଅକ୍ଷୟ କଞ୍ଚାମାଲରେ ନିର୍ମିତ। ଏହାର ପ୍ରକ୍ରିୟାକରଣ ଦ୍ୱାରା ସୁରକ୍ଷିତ ଭାବେ ପୁଣି ଏହାକୁ ବ୍ୟବହାର କରାଯାଇପାରିଥାଏ। ଏହା ସହଜରେ ବିଘଟନ ହୋଇପାରିଥାଏ। କାଗଜରେ ତିଆରି ବ୍ୟାଗ୍ ବ୍ୟବହାର କଲେ ପରିବେଶ ପ୍ରଦୂଷଣକୁ ରୋକି ହୋଇଥାଏ। ଜଗତୀକରଣ, ଜଳବାୟୁ ପରିବର୍ତ୍ତନ ଏବଂ କଞ୍ଚାମାଲର ଅଭାବ ହେତୁ ଲୋକମାନେ ସ୍ଥାୟୀ ଜୀବନୟ ଶୈଳୀକୁ ଅଧିକ ପସନ୍ଦ କରୁଛନ୍ତି ଏବଂ କାଗଜ ବ୍ୟାଗ୍ ବ୍ୟବହାର ସେଥି ମଧ୍ୟରୁ ଗୋଟିଏ ପଦକ୍ଷେପ। ଏହା ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାରକୁ ହ୍ରାସ କରିଥାଏ, ଯାହା ପ୍ରଦୂଷଣର ମୁଖ୍ୟ କାରଣ। ଏହା ଅଣ-ଜୈବ ଡିଗ୍ରେଡେବଲ। ଭବିଷ୍ୟତ ପିଢ଼ିଙ୍କ ପାଇଁ ଆମ ଗ୍ରହକୁ ସଂରକ୍ଷଣ କରିବା ଲାଗି କାଗଜ ବ୍ୟାଗ୍ ବ୍ୟବହାର ଏକ ଗୁରୁତ୍ୱପୂର୍ଣ୍ଣ ମୂଳଦୁଆ।

## ସଂଗ୍ରାମରୁ ସଫଳତା

### ବିଶ୍ୱ ମଲାଲା ଦିବସ



ମଲାଲା ୟୁସୁଫଜାଇ

**ପା**କିସ୍ତାନୀ ସାମାଜିକ କାର୍ଯ୍ୟକର୍ତ୍ତା ମଲାଲା ୟୁସୁଫ୍‌ଜାଇଙ୍କୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଜୁଲାଇ ୧୨ରେ ବିଶ୍ୱ ମଲାଲା ଦିବସ ପାଳନ କରାଯାଇଥାଏ। ସାରା ବିଶ୍ୱରେ ମହିଳାଙ୍କ ଶିକ୍ଷା ଅଧିକାର ପାଇଁ କାର୍ଯ୍ୟ କରୁଥିବା ମଲାଲାଙ୍କୁ ଛୋଟଝିଅ ଭାବରେ ସ୍କୁଲରେ ପ୍ରବେଶ କରିବାକୁ ଦିଆଯାଇ ନ ଥିଲା। କିନ୍ତୁ ମଲାଲା ଏହାକୁ ଗ୍ରହଣ କରି ନ ଥିଲେ ଏବଂ ଘରେ ରହିବାକୁ ମନା କରିଦେଇଥିଲେ। ଯୁବତୀମାନଙ୍କୁ ଶିକ୍ଷା ଦିଆଯିବା ପାଇଁ ସେ ସ୍ୱର ଉତ୍ତୋଳନ କରିଥିଲେ ଏବଂ ଏଥିପାଇଁ ତାଙ୍କୁ ମଧ୍ୟ ହତ୍ୟା ଉଦ୍ୟମ କରାଯାଇଥିଲା। ତେବେ ସଂଗ୍ରାମରୁ ତାଙ୍କୁ ସଫଳତା ମିଳିଥିଲା। ୧୬ ବର୍ଷୀୟା ପାକିସ୍ତାନୀ ସାମାଜିକ କାର୍ଯ୍ୟକର୍ତ୍ତା ମଲାଲା ୧୨ ଜୁଲାଇ ୨୦୧୩ରେ ମିଳିତ ଜାତିସଂଘର ମୁଖ୍ୟାଳୟରେ ଏକ ବକ୍ତବ୍ୟ ପ୍ରଦାନ କରିଥିଲେ। ମହିଳା ଶିକ୍ଷା ପାଇଁ ବିଶ୍ୱବ୍ୟାପୀ ଏହାର ପ୍ରସାରର ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ ଏବଂ ବିଶ୍ୱ ନେତାମାନଙ୍କୁ ସେମାନଙ୍କ ନୀତିରେ ସଂସ୍କାର ଆଣିବାକୁ କହିଥିଲେ। ତାଙ୍କର ଉଲ୍ଲେଖନୀୟ ଭାଷଣ ପାଇଁ ଜୁଲାଇ ୧୨ରେ ତାଙ୍କ ଜନ୍ମଦିନ ପାଳନ ଅବସରରେ ବିଶ୍ୱ ମଲାଲା ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ସଂକ୍ଷେପରେ

### ଅଶୋକ ପଣ୍ଡାଙ୍କୁ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୧।୭(ବ୍ୟୁରୋ): ଫଟୋ ସାମ୍ବାଦିକ ଅଶୋକ ପଣ୍ଡାଙ୍କର ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ସୋମବାର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅଶୋକଙ୍କ ସ୍ମୃତିଚାରଣ କରି ସମନ୍ୱୟ ପରିଚାଳନା ସମିତିର ଅଧକ୍ଷ ଚିରଞ୍ଜୀବ ବିଶ୍ୱାଳ ତାଙ୍କୁ ଜଣେ ଦକ୍ଷ, ଦୃଢ଼ମନା ଓ ନିଷ୍ପାପର ଫଟୋ ସାମ୍ବାଦିକ ଭାବେ ଅଭିହିତ କରି ତାଙ୍କ ଦ୍ୱାରା ଆୟୋଜିତ ୧୯୯୯ ମହାବାତ୍ୟା ସମ୍ପର୍କିତ ଫଟୋ ପ୍ରଦର୍ଶନୀ ତାଙ୍କ ଦକ୍ଷତାର ପ୍ରମାଣ ଦିଏ ବୋଲି କହିଥିଲେ। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସ୍ମୃତିଚାରଣ କରି ସ୍ୱର୍ଗତ ଅଶୋକଙ୍କ ସହିତ କାଟିଥିବା କେତେକ ଅଭୁଲା ସ୍ମୃତିକୁ ରୋମନ୍ଥନ କରିଥିଲେ । ତାଙ୍କ ପରିବାର ପାଇଁ ଯାହା ସରକାରୀ ସହାୟତାର ବ୍ୟବସ୍ଥା ରହିଛି ତାହା ନିଶ୍ଚିତ କରାଯିବ ବୋଲି କହିଥିଲେ। ମେୟର ସୁଲୋଚନା ଦାସ କହିଥିଲେ, ସାମ୍ବାଦିକତା ପେସାରେ ଅଶୋକ ପଣ୍ଡାଙ୍କର ଯେଉଁ ସମର୍ପିତ ଭାବ ଥିଲା ତାହା ଅନନ୍ୟ ବୋଲି କହିହେବ। ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ଅଶୋକ ପଣ୍ଡାଙ୍କ ସହିତ ଥିବା ତାଙ୍କର ପୁରାତନ ସମ୍ପର୍କକୁ ବର୍ଣ୍ଣନା କରିଥିଲେ। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଯୋଗଦେଇ ସାମ୍ବଦିକତା ପେସା ପ୍ରତି ଅଶୋକ ପଣ୍ଡାଙ୍କର ସମର୍ପଣ ଭାବ ସମ୍ପର୍କରେ କହିବା ସହିତ ତାଙ୍କର ଫଟୋ ସାମ୍ବାଦିକତା ନିଆରା ବୋଲି କହିଥିଲେ। ବିଧାୟକ ସୁରେଶ ରାଉତରାୟ ଅଶୋକଙ୍କ ସହାୟତା ପାଇଁ ଏକ ପାଣ୍ଠି ଗଠନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଓ ନିଜେ କିଛି ଆର୍ଥିକ ସହାୟତା ଘୋଷଣା କରିଥିଲେ। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଭାଜପା ସଭାପତି ସମୀର ମହାନ୍ତି, ବିଧାୟକ ମହମ୍ମଦ ମୋକିମ, ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ରବି ବେହେରା, ଉତ୍କଳ ପ୍ରସଙ୍ଗର ମୁଖ୍ୟ ଲେନିନ୍ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବାର୍ତ୍ତା ସମ୍ପାଦକ ପପୁ ମହାନ୍ତି ପରିଚାଳନା ଓ ଖବରଦାତା ବେଣୁଧର ପଣ୍ଡା ଧନ୍ୟବାଦ ଦେଇଥିଲେ ।

### ଜିମ୍ ସେଣ୍ଟରରେ ଗଣ୍ଡଗୋଳ

ଭୁବନେଶ୍ୱର,୧୧।୭(ବ୍ୟୁରୋ): ନୟାପଲ୍ଲୀ ଥାନା ଅଧୀନ ସାଲିଆସାହି ଛକରେ ଥିବା ଏକ ଜିମ୍ ସେଣ୍ଟରରେ କେତେଜଣ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ରଡ୍‌ରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆହତ ଯୁବକ ହେଲେ ପୁରୀ ନୋଳିଆ ସାହିର ସିରିଆ ନାୟକ। ପୋଲିସ ତାଙ୍କୁ ଆହତ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ସୂଚନାନୁଯାୟୀ, ସିରିଆ ପରିବାର ସହ ସାଲିଆ ସାହିରେ ରୁହନ୍ତି। ଉକ୍ତ ଅଞ୍ଚଳରେ ଥିବା ଏକ ଜିମ୍ ସେଣ୍ଟରକୁ ପ୍ରତିଦିନ ସକାଳେ ଯାଇ ଟ୍ରେନିଂ ନିଅନ୍ତି। ସୋମବାର ମଧ ସିରିଆ ଉକ୍ତ ସେଣ୍ଟରରେ ଟ୍ରେନିଂ ନେବାକୁ ଯାଇଥିଲେ। ସେଠାରେ ଥିବା କେତେଜଣ ଯୁବକଙ୍କ ସହ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ଯୁବକମାନେ ଉତ୍‌କ୍ଷିପ୍ତ ହୋଇ ଏକ ଲୁହା ରଡରେ ସିରିଆଙ୍କୁ ଆକ୍ରମଣ କରିଥିଲେ। ଏନେଇ ସିରିଆଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

### ହେଲ୍‌ପରଙ୍କୁ ଆକ୍ରମଣ, କଣ୍ଡକ୍ଟର ଗିରଫ

ଭୁବନେଶ୍ୱର,୧୧।୭ (ବ୍ୟୁରୋ) : ଯାତ୍ରୀ ଉଠାଇବାକୁ କେନ୍ଦ୍ର କରି ଜଣେ ବସ୍ ହେଲପରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ଭରତପୁର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ମଦନମୋହନପୁର ଗାଁର ଖେଳମଣି ପ୍ରଧାନ। ଏଥିସହ ପୋଲିସ ମାମଲା (ନଂ ୨୮୦/୨୨) ରେ ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ରବିବାର ରାତି ୯ଟା ୩୦ରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ କନକ ଦୁର୍ଗା ଓ ଜଗନ୍ନାଥ ବସ୍ ଆଗପଛ ହୋଇ ଗଞ୍ଜାମ ଅଭିମୁଖ୍ୟ ଯାଇଥାନ୍ତା। ଏହି ସମୟରେ କନକ ଦୁର୍ଗା ବସ୍‌ର ହେଲପର ସୁରେନ୍ଦ୍ର ରେଡ୍ଡୀ ଓ ଜଗନ୍ନାଥ ବସ୍‌ର ଖେଳମଣି ପ୍ରଧାନଙ୍କ ମଧରେ ଯାତ୍ରୀ ଉଠାଇବାକୁ ନେଇ ପ୍ରଥମେ ପାଟି ତୁଣ୍ଡ ହୋଇଥିଲା। ଏଥିରେ ଜଗନ୍ନାଥ ବସ୍‌ର କଣ୍ଡକ୍ଟର ଉତ୍ତ୍ୟକ୍ତ ହୋଇ ସୁରନ୍ଦ୍ରଙ୍କୁ ଠେଲି ଦେଇବାରୁ ସେ ତଳେ ପଡିଯାଇଥିଲେ। ଏହାପରେ ଖେଳମଣି ସୁରେନ୍ଦ୍ରଙ୍କ ମୁଣ୍ଡକୁ ଧରି ରାସ୍ତାରେ ବାରମ୍ବାର ପିଟି ଥିଲେ। ଫଳରେ ସୁରନ୍ଦ୍ରଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବା ସହ ସେ ଅଚେତ ହୋଇଯାଇଥିଲେ। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ କନକ ଦୁର୍ଗା କଣ୍ଡେକ୍ଟର ସୀତାରାମ ସାହୁ ଭରତପୁର ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଖେଳମଣିଙ୍କୁ ଗିରଫ କରିଥିଲା।

# ମଲ୍, ସେଲୁନ, ଦୋକାନ ବଜାରରେ ଭିଡ଼ ମନା

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଲଗାତର ଭାବେ ବଢ଼ି ଚାଲିଛି। ଦୈନିକ ସଂକ୍ରମଣ ୫ଶହ ଟପି ଥିବାବେଳେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ତେବେ ଏଥିମଧ୍ୟରୁ ୯୦ ପ୍ରତିଶତ ଆକ୍ରାନ୍ତ ହେଉଛନ୍ତି ଭୁବନେଶ୍ୱରର। ତେଣୁ ସହରରେ ସଂକ୍ରମଣ ରୋକିବା ପାଇଁ କଡ଼ା କଟକଣା ଲାଗୁ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ସପିଙ୍ଗ୍ ମଲ୍, ସେଲୁନ, ସ୍ପା, ଦୋକାନ ବଜାରରେ ଭିଡ଼ ଏଡ଼ାଇବାକୁ ସୋମବାର ନିର୍ଦ୍ଦେଶନାମା ଜାରି ହୋଇଛି। ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ, ଠେଲା ଜଳଖିଆ, ଚା', ଲସି, ଗୁପଚୁପ୍ ଦୋକାନରେ ଭିଡ଼କୁ ବାରଣ କରାଯାଇଛି। ଦୋକାନ ଆଗରେ ଯେମିତି ଭିଡ଼ ନ ହୁଏ ସେଥି ନିମନ୍ତେ ବିଏମ୍‌ସି ତାଗିଦ୍ କରିଛି। ଭିଡ଼ ସମ୍ଭାଳି ନ ପାରିଲେ ଖାଦ୍ୟ ପାର୍ସଲ ଦେବାକୁ ଦୋକାନୀଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ସପିଙ୍ଗ ମଲ୍, ସମସ୍ତ ବ୍ୟାବସାୟିକ ପ୍ରତିଷ୍ଠାନରେ ମଧ ଭିଡ଼ ନ କରିବାକୁ କଡ଼ାକଡ଼ି ଭାବେ କୁହାଯାଇଛି। ମଲ୍ ମଧରେ ସାମାଜିକ ଦୂରତ୍ୱ ସହ ମାସ୍କ ବ୍ୟବହାରକୁ ମଲ୍ କର୍ତ୍ତୃପକ୍ଷ ନିଶ୍ଚିତ କରିବେ। କୋଭିଡ୍ କଟକଣା ପାଳନ ହେଉଛି କି ନାହିଁ ତାହା ତଦାରଖ ପାଇଁ ଜଣେ ଲେଖାଏ ସ୍ୱତନ୍ତ୍ର ଅଧିକାରୀ ରଖିବାକୁ ସବୁ ମଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସିନେମା ହଲ୍, ଅଡିଟୋରିଅମ ଓ ଥିଏଟରରେ ପ୍ରତ୍ୟେକ ଲୋକ ଯେପରି ମୁହଁରେ ମାସ୍କ ପିନ୍ଧି ପ୍ରବେଶ କରିବେ ସେଥିପ୍ରତି ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଠିକ୍ ସେହିପରି କୋଭିଡ଼ କଟକଣା ମାନିବାକୁ ସବୁ ସ୍ପା ଓ ସେଲୁନ୍‌କୁ ମଧ କଡ଼ା ତାଗିଦ କରାଯାଇଛି।



**ବିଏମ୍‌ସିର କରୋନା କଟକଣା**

ଏସବୁ ନିୟମ ଉଲ୍ଲଂଘନ କଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟାରେ ରାଜ୍ୟରେ ୫୭୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରୁ ୨୧୯ ଜଣ ଥିବାବେଳେ ଭୁବନେଶ୍ୱରରୁ ୨୦୩ଜଣ ରହିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ଶିଳ୍ପୀ କଣ୍ଠେ ଜଗନ୍ନାଥ

ଭୁବନେଶ୍ୱର,୧୧।୭ (ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ମାସିକ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ' ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଅବସରରେ 'ଶିଳ୍ପୀ କଣ୍ଠେ ଜଗନ୍ନାଥ' ଆୟୋଜିତ ହୋଇଥିଲା। ଯେଉଁଥିରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଅନ୍ୟାନ୍ୟ କଣ୍ଠଶିଳ୍ପୀମାନଙ୍କ ସଙ୍ଗୀତ ଶୁଣିବାକୁ ମିଳିଥିଲା। ମୁଖ୍ୟ ଅତିଥି ଭାବେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ସମ୍ମାନିତ ଅତିଥି ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ ଦାସ, ଏକାଡେମୀ ସଚିବ ପ୍ରବୋଧ ରଥ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ଏହି ମାସିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟ୍ୟାୟନ ଓ ନୃତ୍ୟାୟନ ସାମିଲ ହେବ ବୋଲି ନିର୍ଦ୍ଦେଶକ ଦାସ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାଢ଼ୀ କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରଥମ ଅଧକ୍ଷ ଡ. ଜେନା ସଙ୍ଗୀତ ପରିବେଷଣ କରିଥିଲେ। ରଥ ଉପରେ ବାମନ ରୂପ ସଙ୍ଗୀତଠୁ ନେଇ ବୈଷ୍ଣବୀ ଘୋଷଙ୍କ ବେଦନାଭରା ଜୀବନେ ମୋର, ଅନୁପ ପାତ୍ରଙ୍କ ଜଗନ୍ନାଥ କିଛି ମାଗୁନାହିଁ ତୋତେ, ବିଜୟିନୀ ବେହେରାଙ୍କ ମୁଁ ପ୍ରସିଦ୍ଧ ପାତକୀ, ଅମରେଶ୍ୱର ବାରିକଙ୍କ ଭକତ ବିଦୁର ଶାଗ ଭଜା ଦେଇ, ଶ୍ୟାମଳୀ ଲେଙ୍କାଙ୍କ ବିଶ୍ୱ ଜଗନ୍ନାଥ ବ୍ରହ୍ମ ଜଗନ୍ନାଥ, ଶ୍ରୀତମ ଶେଖର ପଣ୍ଡାଙ୍କ ମନ ପାରାରେ ଶ୍ରୀକ୍ଷେତ୍ର ଯିବୁ , ଶ୍ୱେତାଲିନ ପଣ୍ଡାଙ୍କ ଶ୍ରୀମନ୍ଦିରରେ ଯାଇ ଶ୍ରୀଜଗନ୍ନାଥଙ୍କୁ, ଚନ୍ଦନ ଜେନାଙ୍କ ଗୋଟିଏ ଡାଳରେ ତୋର ଭଳି ଅନେକ ମନଛୁଆଁ ସଙ୍ଗୀତ ଉପସ୍ଥାପିତ ହୋଇଥିଲା। କଣ୍ଠଶିଳ୍ପୀମାନଙ୍କୁ ତବଲାରେ ଗୁରୁ ପ୍ରମୋଦ କୁମାର ସାହୁ, ଦୀପ୍ତି ରଞ୍ଜନ ବେହେରା, ଢୋଲକରେ ଲଳିତ କୁମାର କର, ହାରମୋନିୟମରେ ଦୁର୍ଗେସ୍ ପଣ୍ଡା, ଅକଟୋପ୍ୟାଡ ଗୁରୁଶ୍ରୀ ଶିବ ନାରାୟଣ ମହାନ୍ତି, କି ବୋର୍ଡରେ ଗୁରୁ ବଳରାମ ବଳ ଓ ବଂଶୀରେ ରୁଦ୍ର ପ୍ରସାଦ ପରିଡ଼ା ସାହାଯ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱଜିତ କୁମାର ପରିଚାଳନା କରିଥିବା ବେଳେ ଅଧକ୍ଷ ଜେନା ଧନ୍ୟବାଦ ଦେଇଥିଲେ।



ବାଲିଅନ୍ତା କାକରୁଦ୍ରପୁର ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀପତିତପାବନ ଜୀଉଙ୍କ ବାହୁଡ଼ା ଯାତ୍ରା।

# ପୁରୁଣା ଗୀତର ନୂଆ ଝଙ୍କାର ଅନାମ



ଭୁବନେଶ୍ୱର,୧୧।୭ (ବ୍ୟୁରୋ)

ମନରେ ଇଚ୍ଛାଶକ୍ତି ଥିଲେ ବୟସ ସାଜେନି ବାଧକ। ପେସାରେ ଜଣେ ଚାଷୀ ହୋଇଥିଲେ ହେଁ ନିଶା ଗୀତ ଗାଇବା। ପୁରୁଣା ସମୟର ଅକ୍ଷୟ ମହାନ୍ତି, ଭିକାରି ବଳ, ପ୍ରଣବ ପଟ୍ଟନାୟକ ଏବଂ ଚିତ୍ତ ଜେନାଙ୍କ ଗୀତକୁ ବିନା ପ୍ରଶିକ୍ଷଣରେ ସୁମଧୁର ଭାବେ ସେ ଗାଉଛନ୍ତି। ଠାକୁରଙ୍କ ଗୀତ ଗାଇବାବେଳେ ସେ ନିଜକୁ ସେଥିରେ ହଜେଇ ଦିଅନ୍ତି। ପିଲାବେଳୁ ଏହି ନିଶାକୁ ପ୍ରୋତ୍ସାହନ ମିଳିପାରି ନ ଥିଲେ ମଧ ବର୍ତ୍ତମାନ ସମୟରେ ସେ ନିଶାକୁ ଉଜ୍ଜୀବିତ କରିଛନ୍ତି। ସେହି କଳାକାର ହେଉଛନ୍ତି ଧଉଳିସ୍ଥିତ ନଖାଉର ଗ୍ରାମର ଅନାମ ଭୋଇ। ଘରେ ୫ ଭଉଣୀ ଭାଇ ଥିବାବେଳେ ଛୋଟବେଳେ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ୧୦ମ ଶ୍ରେଣୀ ପଢୁଥିବାବେଳେ ପାଠରେ ଡୋରି ବାନ୍ଧିଥିଲେ। ଏହି ସମୟରେ ସେ ଗୀତ ମଧ ଗାଉଥିଲେ। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ପରିବାର ପ୍ରତିପୋଷଣର ଦାୟିତ୍ୱ ତାଙ୍କ ଉପରେ ପଡିଥିଲା। ତାଙ୍କୁ ଚାଷ କାର୍ଯ୍ୟ କରିବାକୁ ପଡିଥିଲା। ଏବେ ୫୧ ବର୍ଷ ବୟସରେ ସେ ତାଙ୍କ ନିଶା ପ୍ରତି ପୁଣି ଆକୃଷ୍ଟ ହୋଇଛନ୍ତି। ସ୍କୁଲରେ ପଢିବା ସମୟରେ ବିଦ୍ୟାଳୟରେ ବେଶ୍ ଭଲ ଗୀତ ଗାଉଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଖୁବ୍ ପ୍ରଶଂସା କରୁଥିବା ସେ କହିଛନ୍ତି। ବର୍ତ୍ତମାନ ସମୟରେ ଅଧିକାଂଶ ଆଧୁନିକ ଗୀତ ଗାଇବାକୁ ପସନ୍ଦ କରୁଥିବାବେଳେ ସେ ପୁରୁଣାକାଳର ଗୀତ କାହିଁକି ଗାଇବାକୁ ପସନ୍ଦ କରୁଛନ୍ତି ବୋଲି ପଚାରିବାରୁ କହିଛନ୍ତି, ପୁରୁଣାକାଳର ଗୀତର ଲେଖା, ସ୍ୱରରେ ଯେଉଁ ମାଧୁର୍ଯ୍ୟ ରହିଛି, ତାହା ଆଜିର ଆଧୁନିକ ଗୀତରେ ପରିଲକ୍ଷିତ ହେଉନି। ପୁରୁଣା ଗୀତ ସର୍ବଦା କାଳଜୟୀ ହୋଇରହିବ। ଆଗକୁ ଯଦି ସୁଯୋଗ ମିଳେ ତେବେ ସେ ଗୀତ ଗାଇବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

# ବାହୁଡ଼ିଲେ ଶ୍ରୀପତିତପାବନ ଜୀଉ

ବାଲିଅନ୍ତା,୧୧।୭ (ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ଅଞ୍ଚଳର ଆରାଧ ଠାକୁର ଶ୍ରୀପତିତପାବନ ଜୀଉ ସୋମବାର ମା' ଗୁଣ୍ଡିଚା ମନ୍ଦିରରୁ ବାହୁଡ଼ିଛନ୍ତି। ପୂର୍ବାହ୍ନରେ ନୀତିକାନ୍ତି ଶେଷ ପରେ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରୀପତିତପାବନ ଜୀଉଙ୍କ ଏକମାତ୍ର ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଇ ଅପରାହ୍ନ ୫ଟାରେ ମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ। ପୁରୀରେ ଏହି ଯାତ୍ରା ୯ ଦିନ ଅନୁଷ୍ଠିତ ହେଉଥିବାବେଳେ ଏଠାରେ ଏହି ଯାତ୍ରା ୧୧ ଦିନ ପର୍ଯ୍ୟନ୍ତ ଚାଲେ। ଶ୍ରୀମନ୍ଦିରର ସମସ୍ତ ନୀତିକାନ୍ତି ଏହି ପ୍ରାଚୀନ ମନ୍ଦିରରେ ପାଳିତ ହୋଇଥାଏ। ପୁରୀ ଏମାର ମଠର ମହନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ପରେ ଏଠାକୁ ଆସିବା ପରେ ତାଙ୍କ ଉପସ୍ଥିତିରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏହି ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା।

# ଭାଷାର ଉନ୍ନତି ଭାବ ସହ ଜଡ଼ିତ

ଭୁବନେଶ୍ୱର,୧୧।୭ (ବ୍ୟୁରୋ)

ହେଲ୍ପମେଟ୍ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ସୋମବାର ସୂଚନା ଭବନଠାରେ ଅନୁଷ୍ଠାନର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ କହିଛନ୍ତି, ମୁଁ ରୁ ବାହାରି ଯଦି ଆମେ ସମସ୍ତେ ଆମେରେ ପହଞ୍ଚିବା ତାହେଲେ ଭାଷା ଓ ଜାତିର ଉନ୍ନତି ନିଶ୍ଚିତ। ମୁଖ୍ୟବକ୍ତା ଡ. ଶାନ୍ତନୁ ଆଚାର୍ଯ୍ୟ ଭାଷାର ଉନ୍ନତି ଭାବ ସହ ଜଡ଼ିତ ବୋଲି କହିଥିଲେ। ମୁଖ୍ୟ ଅତିଥି ନିର୍ଦ୍ଦେଶକ ରଞ୍ଜନ ଦାସ କହିଛନ୍ତି, ଭାଷା ହେଉଛି ସମସାମୟିକ ଦର୍ପଣ, ଯାହାଦ୍ୱାରା ଜଣଙ୍କ ପରିଚୟ ମିଳିଥାଏ। ବିଧାୟକ ଅନନ୍ତ ନାରାୟଣ ଜେନା, ରମାକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ଡ. ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହ ସମ୍ପାଦିକା ନିବେଦିତା ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥିଲେ। ଡ. ଦେବାଶିଷ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଖବରଦାତା ଏବଂ ସଂସ୍କୃତିପ୍ରେମୀଙ୍କୁ ସମ୍ମାନିତ କରାଯାଇଥିଲା।

# ସିନ୍ଧି ଚୋରି ର୍ୟାକେଟ ଧରାପଡ଼ିଲା, ୨ ଗିରଫ

ଭୁବନେଶ୍ୱର,୧୧।୭ (ବ୍ୟୁରୋ)

ରାଜଧାନୀରେ ଉତ୍ପାତ କରୁଥିବା ଏକ ସିନ୍ଧିଚୋରି ର୍ୟାକେଟକୁ ଧରିଛି ଖଣ୍ଡଗିରି ଥାନା ପୋଲିସ। ଗ୍ୟାଙ୍ଗର ୨ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୬ଟି ଲାପ୍‌ଟପ୍ ଓ ୭ ମୋବାଇଲ ଫୋନ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଣ୍ଡିଗିରି ଥାନା ଅଞ୍ଚଳରେ ରହୁଥିବା ମଣ୍ଟୁ ପାଇକରାଏ (୩୮) ଓ ରାଜା ଓରଫ ଶେଖ ଜାହିର (୨୨)। ପୋଲିସ ଏକ ମାମଲା (ନଂ ୩୩୬/୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ଏକାଧିକ ଛିନତାଇ, ସିନ୍ଧି ଚୋରି ଆଦି ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ଏଥିସହ ଅଭିଯୁକ୍ତ ମଣ୍ଟୁଙ୍କ ନାମରେ ଖଣ୍ଡଗିରି ଥାନାରେ ୧୫ଟି, ଏୟାରଫିଲ୍ଡ ଓ ଜଟଣୀ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ତେଣୁ ଅଭିଯୁକ୍ତ ମଣ୍ଟୁ ଜଣେ ଅଭ୍ୟାସଗତ ଭାବରେ ଅପରାଧରେ ସମ୍ପୃକ୍ତ ଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି -୧୧୦ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଚାଲିଥିବା ପୋଲିସ ସୂଚନା ଦେଇଛି।

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ କୋର୍ଟଚାଲାଣ




ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

ବାଲିପାଟଣା,୧୧।୭ (ଡି.ଏନ୍.ଏ.)

**ଆଶିଷ ଓଝା ହତ୍ୟା ଘଟଣା**

ବାଲିପାଟଣା ଥାନା ଅଧୀନ ଶିଶିଲୋ ଗ୍ରାମର ଆଶିଷ ଓଝା ଓରଫ ବବୁଲ ହତ୍ୟା ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ମୁଖ୍ୟ ଅଭିଯୁକ୍ତ ରାଜକିଶୋର ଦାସ ଓରଫ ରାଜା(୨୪), ରାକେଶ ସେଠୀ ଓରଫ ରାକା ଏବଂ ଦୁର୍ଯ୍ୟୋଧନ ବେହେରା ଓରଫ ସିପୁ। ପୋଲିସ ସୂଚନା ମୁତାବକ, ଶିଶିଲୋ ଗ୍ରାମର ଜଣେ ଯୁବତୀଙ୍କୁ ରାଜା ଏକତରଫା ଭାବେ ଭଲ ପାଉଥିଲା। ତେବେ ରାଜାଙ୍କ ଭଲପାଇବାକୁ ଯୁବତୀଙ୍କ ଭାଇ ଆଶିଷ ବିରୋଧ କରିବା ସହ ଜାତିକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ହଠାତ୍ ସମ୍ପୃକ୍ତା ଯୁବତୀଙ୍କ ବାହାଘର କଥା ଶୁଣି ରାଜା ବିଚଳିତ ହୋଇଉଠିଥିଲେ। ତେବେ ବିବାହର ପୂର୍ବଦିନ ସନ୍ଧ୍ୟାରେ ରାକେଶ ଫୋନ ମାଧ୍ୟମରେ କୌଣସି କାରଣରୁ ଆଶିଷଙ୍କୁ ଡାକିଥିଲେ। ତେବେ ଆଶିଷ ସେଠାରେ ପହଞ୍ଚି ଘରକୁ ଫେରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଅଭିଯୁକ୍ତମାନେ ଆଶିଷଙ୍କୁ ଏକ କାଚ ବୋତଲରେ ଆକ୍ରମଣ କରିଥିଲେ। ଏହା ପରେ ଗାମୁଛାରେ ଆଶିଷଙ୍କ ବେକକୁ ଚିପିବା ସହ ପାଣିରେ ବୁଡ଼ାଇ ହତ୍ୟା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ମୃତକଙ୍କ ବାପା ପ୍ରମୋଦ ଓଝାଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଏସିପି ପରେଶ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ବିଭିନ୍ନ ସ୍ଥାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା। ତେବେ ନଦୀକୁ ଫିଙ୍ଗାଯାଇଥିବା ଫୋନର ସନ୍ଧାନ ମିଳିଲେ ଅଧିକ ତଥ୍ୟ ମିଳିପାରିବ ବୋଲି ଆଇଆଇସି କୃପାସିନ୍ଧୁ ବରାଡ଼ କହିଛନ୍ତି।

# କ୍ଷେତ୍ର ବନ କର୍ମଚାରୀଙ୍କ ପଦବୀର ନାମ ପରିବର୍ତ୍ତନ ଦାବି

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଅଣ ଗେଜେଟେଡ୍ ବନ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ ଓଡ଼ିଶା ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ସରକାର ଓ ବନ ପ୍ରଶାସନ ନିକଟରେ ୧୧ ଦଫା ଦାବି ଉପସ୍ଥାପନ କରାଯାଇଛି। ଖାକୀ ୟୁନିଫର୍ମ ପରିହିତ କ୍ଷେତ୍ର ବନ କର୍ମଚାରୀଙ୍କ ପଦବୀର ନାମ ପରିବର୍ତ୍ତନ କରିବା ପାଇଁ ସଂଘ ତରଫରୁ ଦାବି କରାଯାଇଛି। ବନ ବିଭାଗରେ ସମ୍ମୁଖ ଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରେ ୪ଟି ପଦବୀରେ ଖାକି ୟୁନିଫର୍ମ ପିନ୍ଧିବାକୁ ପଡ଼ିଥାଏ। ସେମାନେ ହେଲେ ଫରେଷ୍ଟ ଗାର୍ଡ, ଫରେଷ୍ଟର, ଡେପୁଟି ରେଞ୍ଜର ଓ ରେଞ୍ଜର। ତେବେ ଓଡ଼ିଶା ସରକାରଙ୍କ ବିଭିନ୍ନ ସମତୁଲ ଖାକି ବିଭାଗରେ ଫରେଷ୍ଟ ଗାର୍ଡ ର୍ୟାଙ୍କର କର୍ମଚାରୀଙ୍କୁ ପୋଲିସ କନଷ୍ଟେବଳ, ଅବକାରୀ କନେଷ୍ଟବଳ, ଆଗ୍ନିକ, ଜେଲ ୱାର୍ଡର ଆଦି କୁହାଯାଉଥିବା ବେଳେ ବନ ବିଭାଗରେ ଗାର୍ଡ ଶବ୍ଦ ପ୍ରଥମରୁ ରହି ଆସିଛି। ତେଣୁ ଫରେଷ୍ଟ ଗାର୍ଡମାନଙ୍କୁ ଗୃହରକ୍ଷୀ/ଗ୍ରାମରକ୍ଷୀ ଭଳି ବିବେଚନା କରି ସାଧାରଣରେ ହୀନ ଦୃଷ୍ଟିରେ ଦେଖାଯାଉଛି। ଏହି ଗାର୍ଡ ଶବ୍ଦ ଲାଗିଥିବାରୁ ନିର୍ବାଚନ କମିଶନ ମଧ ଫରେଷ୍ଟ ଗାର୍ଡଙ୍କୁ ନିମ୍ନ ଦୃଷ୍ଟିରେ ଦେଖୁଛନ୍ତି ଏବଂ ଗୃହରକ୍ଷୀ/ଗ୍ରାମରକ୍ଷୀ ଭଳି ଡିଏଲ୍‌ଆର କର୍ମଚାରୀଙ୍କ ସହିତ ସମାନ କରି ଫରେଷ୍ଟ ଗାର୍ଡଙ୍କ ରେମ୍ୟୁନେରେଶନ ନିର୍ଦ୍ଧାରଣ କରିଛନ୍ତି। ଏହା ବେଆଇନ ତଥା ଫରେଷ୍ଟ ଗାର୍ଡଙ୍କୁ ଘୋର ଅପମାନ ବୋଲି ସଂଘର ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର କହିଛନ୍ତି। ନିକଟ ଅତୀତରେ ଭାରତୀୟ ରେଳ ବିଭାଗ ମଧ ନିଜର ସମସ୍ତ କ୍ୟାଡରରୁ ଗାର୍ଡ ଶବ୍ଦକୁ ଉଚ୍ଛେଦ କରିଛନ୍ତି। ପୁଣି ବନ ବିଭାଗର କ୍ଷେତ୍ର କର୍ମଚାରୀମାନେ ଲୋକ ସମ୍ପର୍କ ରଖି ବିଭାଗୀୟ କାର୍ଯ୍ୟ ସମ୍ପାଦନ କରିବା ସହିତ ଏନ୍‌ଫୋର୍ସମେଣ୍ଟ ପାଇଁ ଶିକାରୀ, କାଠ ମାଫିଆ, ଜଙ୍ଗଲ କ୍ଷୟ କାରୀ ଖଳ ପ୍ରବୃତ୍ତିର ଲୋକଙ୍କ ସହିତ ମୁକାବିଲା କରିବାକୁ ପଡ଼ିଥାଏ। ତେଣୁ ଫରେଷ୍ଟ ଗାର୍ଡ ପଦବୀ ସହିତ ଫରେଷ୍ଟର/ଡେପୁଟି ରେଞ୍ଜର ଓ ରେଞ୍ଜର ଆଦି କ୍ଷେତ୍ର ବନ କର୍ମଚାରୀ ପଦବୀର ନାମ ପରିବର୍ତ୍ତନ କରି ପୋଲିସ ଓ ଅବକାରୀ ବିଭାଗ ଭଳି ନାମକରଣ କରିବା ପାଇଁ ସରକାରଙ୍କୁ ଦାବି ଜଣାଇଛୁ ବୋଲି ସଂଘର ସାଧାରଣ ସମ୍ପାଦକ ଦିଲୀପ କୁମାର ମିଶ୍ର କହିଛନ୍ତି।

# ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ



ବାଲିପାଟଣା,୧୧।୭(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଜନଶୁଣାଣି କରିଛନ୍ତି। ଜନଶୁଣାଣିରେ ମୋଟ ୬୮ଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ଗୋଟିଏ ଅଭିଯୋଗର ସମାଧାନ କରାଯାଇଥିଲା। ଏହି ଜନଶୁଣାଣି ସମୟରେ ପାଳସାହି ଶାସ୍ତ୍ରିଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ପ୍ରଦୀପ ପାଳଙ୍କ ୯ ବର୍ଷର ଝିଅ ଅର୍ପିତା ପାଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ହଜାର ଟଙ୍କା ପ୍ରଦାନ କରିଥିଲେ। ଜନଶୁଣାଣିରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଏସିପି ପରେଶ କୁମାର ରାଉତ, ବିଡିଓ ଆଦିକନ୍ଦ ବେହେରା, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ଅତିରିକ୍ତ ତହସିଲଦାର ସ୍ନେହଲତା ଆଚାର୍ଯ୍ୟଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଡିଭାଇଡରରେ ପିଟିହୋଇ ଓଲଟିଲା ବସ

ପିପିଲି,୧୧।୭ (ଡି.ଏନ୍.ଏ./ସ୍ୱ.ପ୍ର.)

**୨୦ ଆହତ, ୪ ଗୁରୁତର**

ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସାରଳା ନାମକ ଏକ ଯାତ୍ରୀବାହୀ ବସ୍ ସୋମବାର ସାତଶଙ୍ଖ ବଜାର ନିକଟ ଯଶୁଆପୁର ଛକଠାରେ ଡିଭାଇଡରରେ ପିଟିହୋଇ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ୨୦ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ୪ଜଣଙ୍କ ଅବସ୍ଥା ଗୁରୁତର ହୋଇଛି। ଖବରପାଇ ସ୍ଥାନୀୟ ପୋଲିସ ଓ ଜାତୀୟ ରାଜପଥର ପାଟ୍ରୋଲିଂ ଗାଡ଼ି ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସୂଚନା ମୁତାବକ, ଉକ୍ତ ଯାତ୍ରୀବାହୀ ବସଟି ୬୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଫେରୁଥିଲା। ତେବେ ମଧ୍ୟାହ୍ନ ୧୨ଟା ସମୟରେ ଯଶୁଆପୁର ଛକ ନିକଟରେ ହଠାତ୍ ଡ୍ରାଇଭର ଭାରସାମ୍ୟ ହରାଇବାରୁ ବସ୍‌ଟି ଡିଭାଇଡରେ ପିଟି ହୋଇ ତଳେ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇବା ସହ ଗାଡ଼ି ନିକଟକୁ ଆସି ଯାତ୍ରୀଙ୍କୁ ଉଦ୍ଧାର କରିବାରେ ଲାଗିଥିଲେ। ପରେ ସ୍ଥାନୀୟ ଗ୍ରାମବାସୀ ଏକାଠି ହୋଇ ଓଲଟି ପଡ଼ିଥିବା ଗାଡ଼ିକୁ ଠେଲି ସିଧା କରିବା ସହ ଫସିଥିବା ଯାତ୍ରୀଙ୍କୁ ବାହାର କରିଥିଲେ। ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବାବେଳେ ୪ଜଣ ଗୁରୁତର ହୋଇଥିଲେ। ସାତଶଙ୍ଖ ଫାଣ୍ଡି ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ମେଡିକାଲ ପଠାଇବା ସହ ଗୁରୁତରଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ୪ ଗୁରୁତରଙ୍କ ମଧ୍ୟରୁ ପୋଲିସ ୩ଜଣଙ୍କ ପରିଚୟ ପାଇଛି। ସେମାନେ ହେଲେ ବଡ଼ମ୍ବା ଅଧୀନ କୁମ୍ଭାରସାହିର କହ୍ନେଇ ବେହେରା (୭୦), କୁମ୍ଭାରପଡା ଥାନା ଦେବୀଘାଟର ଜଗନ୍ନାଥ ଦେ(୨୩) ହୋଇଥିବା ବେଳେ ପୁରୀର ମିଟୁ ବେହେରା(୨୭)। ସାତଶଙ୍ଖ ଫାଣ୍ଡି ଅଧିକାରୀ ପି.କେ. ଭୁୟାଁ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରି ତଦନ୍ତ ଚଳାଇଥିବା ବେଳେ ଦୁର୍ଘଟଣା ପରେ ବସ୍‌ର ଡ୍ରାଇଭର ଓ ହେଲ୍ପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।




ଦୁର୍ଘଟଣାଗ୍ରସ୍ତ ବସ୍।

**ବିଶ୍ୱ ଜନସଂଖ୍ୟା ଦିବସ**

ବାଙ୍କୀ,(ସ୍ୱ.ପ୍ର.): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମହିଳା ଏନ୍‌ସିସି ଆନୁକୂଲ୍ୟରେ ସୋମବାର ବିଶ୍ୱ ଜନସଂଖ୍ୟା ଦିବସ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ଏନ୍‌ସିସି କ୍ୟାଡେଟ୍‌ମାନେ ପୋଷ୍ଟର ମାଧମରେ ବିଭିନ୍ନ ପ୍ରକାରର ଚିତ୍ର ଅଙ୍କନ କରି ଜନସଂଖ୍ୟା କିପରି ନିୟନ୍ତ୍ରିତ ହେବ ତା'ର ବାର୍ତ୍ତା ଦେଇଥିଲେ। ଏଥିସହ ସମସ୍ତେ ସୁଖ ଶାନ୍ତିରେ ରହି କିପରି ସମସ୍ତ ସୁବିଧା ପାଇପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅଧକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ଯୋଗଦେଇ ଜନସଂଖ୍ୟା ଦିବସ ଅବସରରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କର ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧାପକ ମନୋଜ ମହାପାତ୍ର ଯୋଗଦେଇ ପରିବାର ନିୟୋଜନ ବିଷୟରେ ସଚେତନ କରିଥିଲେ। ମହିଳା ଏନ୍‌ସିସି ଅଧିକାରିଣୀ କ୍ୟାପଟେନ୍ ଡ. ସନ୍ଧ୍ୟାରାଣୀ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ।

## ସଂକ୍ଷେପରେ

### ବିଦ୍ୟାଳୟ ସାମଗ୍ରୀ ଚୋରି

କଟକ ସଦର,୧୧।୭(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ସରକାରୀ ପ୍ରାଥମିକ ବିଦ୍ୟାଳୟର ଏକ ପୁରୁଣା ଆଜବେଷ୍ଟସ ଗୃହ ଥିଲା। ୨୦୨୧ ଡିସେମ୍ବରରେ ବିଦ୍ୟାଳୟ ଛୁଟି ଥିବାବେଳେ ସାମଗ୍ରୀ ଚୋରି ହୋଇଯାଇଥିବାର ରିପୋର୍ଟ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଗୃହର ଇଟା, ଲୁହା କବାଟ ଓ ଝରକା କାଠ ଚୋରି ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଫଳରେ ବିଦ୍ୟାଳୟ ଗୃହ ଓ ସାମଗ୍ରୀ ଚୋରି ହେବା ଘଟଣାକୁ ନେଇ ସ୍ଥାନୀୟ ଲୋକମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। କାରଣ ବିଦ୍ୟାଳୟର ଚାରିପଟେ ଜନବସତି ଥିବା ଓ ସକ୍ରିୟ ଶିକ୍ଷା କମିଟି ଥିବାବେଳେ ଗୃହକୁ କିଭଳି କେହି ଭାଙ୍ଗି ସାମଗ୍ରୀ ଚୋରି କରିନେଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅବଶ୍ୟ ଚୋରି ହୋଇଥିବା ସମୟରେ ବିଦ୍ୟାଳୟ କରୋନା ପାଇଁ ଛୁଟି ଥିଲା। ତେଣୁ ବିଦ୍ୟାଳୟର କାର୍ଯ୍ୟରତ ୨ ଶିକ୍ଷୟିତ୍ରୀ ନିୟମିତ ବିଦ୍ୟାଳୟକୁ ନ ଆସିବା ସ୍ୱାଭାବିକ କଥା। ଚୋରି ସଂକ୍ରାନ୍ତରେ କନ୍ଦରପୁର ଥାନାରେ କୌଣସି ଏତଲା ମଧ ଦିଆଯାଇ ନ ଥିବା ଥାନା ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନ୍‌ଗୋଙ୍କୁ ପଚାରିବାରୁ ତଦନ୍ତ କରାଯାଇ ଉଚିତ ପଦକ୍ଷେପ ସମ୍ପର୍କରେ ଶୀଘ୍ର ସୂଚନା ଦିଆଯିବ ବୋଲି କହିଥିଲେ।

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

କଟକ ଅଫିସ,୧୧।୭: ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗରେ ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। 'ଏ ୱାର୍ଲ୍ଡ ଅଫ୍ ବିଲିୟନ ଇଣ୍ଡିଆଜ୍ ପପୁଲେଶନ ଟ୍ରାଜେକ୍ଟୋରିଜ୍' ଉପରେ ଏହି ଆଲୋଚନାଚକ୍ର ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ହରିୟାଣାସ୍ଥିତ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟର ପ୍ରଫେସର ମହମ୍ମଦ ଇନ୍ଥାର ହାସାନ ଯୋଗଦେଇ ବିଶ୍ୱ ଜନସଂଖ୍ୟା ଇତିହାସ, ସମ୍ପ୍ରତି ଜନସଂଖ୍ୟା ସ୍ଥାନାନ୍ତରଣ ଓ ଭାରତର ବିଭିନ୍ନ ରାଜ୍ୟରେ ଜନସଂଖ୍ୟା ପ୍ରବୃତ୍ତି ଉପରେ କହିଥିଲେ। ଉକ୍ତ ସଭାରେ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରୀତିରେଖା ଦାସ ପଟ୍ଟନାୟକ ସ୍ୱାଗତ ଭାଷଣ, ପ୍ରଫେସର ଶିବବ୍ରତ ଦାସ ଅତିଥି ପରିଚୟ ଓ ଡ. ରବିଉଲ୍ ଅନ୍‌ସାରୀ ଧନ୍ୟବାଦ ଦେଇଥିଲେ। ଏଥିରେ ଭୂଗୋଳ ବିଭାଗର ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ସିଏମ୍‌ସିରେ ପ୍ରତି ସୋମବାର ହେବ ଜନଶୁଣାଣି

କଟକ ଅଫିସ,୧୧।୭:କଟକ ମହାନଗର ନିଗମ (ସିଏମ୍‌ସି)ରେ ମାସର ପ୍ରତି ସୋମବାର ଜନଶୁଣାଣି କରାଯିବ। ଲୋକମାନେ ନିଜର ଅଭିଯୋଗଗୁଡ଼ିକୁ ସିଧାସଳଖ ଜଣାଇପାରିବେ। ମାସର ପ୍ରଥମ ସୋମବାର ଚୌଧୁରୀବଜାରସ୍ଥିତ ବିଜୁଭବନରେ ଶୁଣାଣି କରାଯିବ। ସେହିପରି ଦ୍ୱିତୀୟ ସୋମବାର ବାଦାମବାଡ଼ିସ୍ଥିତ ବିକାଶ ଭବନ, ତୃତୀୟ ସୋମବାର ଅରୁଣୋଦୟ ନଗରସ୍ଥିତ ସିଡିଏ କାର୍ଯ୍ୟାଳୟ ଓ ଚତୁର୍ଥ ସୋମବାର ବିଜୁ ଭବନଠାରେ ଶୁଣାଣି କରାଯିବ । ଉକ୍ତ ଶୁଣାଣି ଦିନଗୁଡ଼ିକରେ ସିଏମ୍‌ସିର ସମସ୍ତ ଅଧିକାରୀ ଉପସ୍ଥିତ ରହିବେ। ଏ ସମ୍ପର୍କରେ ସିଏମ୍‌ସି କମିଶନରଙ୍କ ପକ୍ଷରୁ ସୋମବାର ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି।

### ବିଜେଡିରେ ମିଶିଲେ ବାରିଗୋଲ ସମିତିସଭ୍ୟା

ସାଲେପୁର,୧୧।୭(ଡି.ଏନ୍.ଏ.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟ ଓ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସାଂଗଠନିକ ଦକ୍ଷତା ପ୍ରତି ଆକୃଷ୍ଟ ହୋଇ ବାରିଗୋଲ ପଞ୍ଚାୟତର ସମିତିସଭ୍ୟା ତ୍ରିପୁରା ବେହେରା ସୋମବାର ଭାଜପା ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ସାଲେପୁର ପଞ୍ଚାୟତ ସମିତି ଅଧକ୍ଷଙ୍କ କାର୍ଯ୍ୟାଳୟ ପରିସରରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଥିଲେ। ଦଳରେ ସାମିଲ ସମିତିସଭ୍ୟାଙ୍କୁ ବିଧାୟକ ବେହେରା ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ରାମଚନ୍ଦ୍ରଭୋଇ, ବାରିଗୋଲ ସରପଞ୍ଚ ଶିବପ୍ରସାଦ ବେହେରା, ଏମ୍‌ପି ପ୍ରତିନିଧି ଗୁଲରେଜ ଅଲ୍ଲୀ, ଶିବରାମ କର, ପରମାନନ୍ଦ ପଲେଇ, ବିଶ୍ୱଜିତ୍ ବିଶ୍ୱାଳ, ସୌମ୍ୟରଞ୍ଜନ ମଲ୍ଲ, ବିନୋଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲକୁ ଖବରଦାତାଙ୍କୁ ବାରଣ ପ୍ରତିବାଦରେ ବିକ୍ଷୋଭ

କଟକ ଅଫିସ/ମଙ୍ଗୁଳି, ୧୧।୭ (ଡି.ଏନ.ଏ.):

ସ୍କୁଲ ପରିସରରେ ଗଣମାଧମ ପ୍ରତିନିଧିଙ୍କ ପ୍ରବେଶ ଉପରେ ଶିକ୍ଷା ବିଭାଗ ପକ୍ଷରୁ କଟକଣା ଲଗାଯାଇଛି। ଏଥିସହ ଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ବିଭିନ୍ନ ଜିଲାକୁ ଚିଠି କରାଯାଇଛି। ଏହି ନିର୍ଦ୍ଦେଶ ଓ କଟକଣାକୁ କଟକ ସହରର ବିଭିନ୍ନ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ଏଭଳି ନିର୍ଦ୍ଦେଶନାମା ଅସଙ୍ଗତ, ଅଗଣତାନ୍ତ୍ରିକ ଏବଂ ଅସାମ୍ବିଧାନିକ ବୋଲି ଦର୍ଶାଇ ତୁରନ୍ତ ପ୍ରତ୍ୟାହାର କରିବାକୁ ସଙ୍ଗଠନଗୁଡ଼ିକ ଦାବି କରିଛନ୍ତି। ଛାତ୍ର ସମାଜ ଓଡ଼ିଶା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଙ୍ଗଠନ କର୍ମକର୍ତ୍ତା ଦୀପକ କୁମାର ଗୁରୁ କହିଛନ୍ତି, ବାରମ୍ବାର ଗଣମାଧମର କଣ୍ଠରୋଧ କରିବା ନିଷ୍ପତ୍ତି ଶୁଭଙ୍କର ନୁହେଁ। ସ୍କୁଲ ପରିସରକୁ ଗଣମାଧମକୁ ଅନୁମତି ଦିଆ ନ ଗଲେ ବିଭିନ୍ନ ଅନୁଦାନର ବାଟମାରଣା ଆଶଙ୍କା ବଢ଼ିଯିବ। ଉକ୍ତ ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ତାଙ୍କ ନେତୃତ୍ୱରେ ଲକିକେତନ ପାତ୍ର, ରିଙ୍କୁ ବିଶୋଇ, ଅନିକେତ ବିଶ୍ୱାଳ, ହୃଷିକେଶ ଦାସ ପ୍ରମୁଖ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସେହିପରି ବିଭିନ୍ନ ସଙ୍ଗଠନ ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲାପାଳ ପ୍ରିୟଦର୍ଶିନୀ ଜେନାଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ମହାନଗର ନାଗରିକ ମଞ୍ଚ ପକ୍ଷରୁ ଚିତ୍ତରଞ୍ଜନ ମହାନ୍ତି କହିଛନ୍ତି, ଶିକ୍ଷା ଏକ ସାମ୍ବିଧାନିକ ମୌଳିକ ଅଧିକାର। ଏଣୁ ଲୋକେ ତାର ଠିକ୍ ସ୍ୱରୂପ ଜାଣିବା ଜରୁରୀ। ଏହା ଜଣାଇବା ଗଣମାଧମର ଦାୟିତ୍ୱ। ଶିକ୍ଷା ଭଳି ମହତ୍ୱପୂର୍ଣ୍ଣ ସାମ୍ବିଧାନିକ ବ୍ୟବସ୍ଥା ତ୍ରୁଟିଶୂନ୍ୟ ହେବା ଆବଶ୍ୟକ। ଏହାର ତ୍ରୁଟି ଢାଙ୍କିବା ଏକ ଅପରାଧ। ବରିଷ୍ଠ ଖବରଦାତା ସତ୍ୟ ରାୟ, ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀ, ଆଇନଜୀବୀ ସୁକାନ୍ତ ନାୟକ ଏବଂ ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ସଂଯୋଜକ ଡା. ବିଶ୍ୱଜିତ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି କଟକ-ଚୌଦ୍ୱାର ବିକାଶ ପରିଷଦ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜଗତପୁରସ୍ଥିତ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଅଜୟ କୁମାର ମଲ୍ଲିକଙ୍କୁ ଦାବିପତ୍ର ଦିଆଯାଇଛି। ପରିଷଦର ସଭାପତି ମାନସ ପରିଡ଼ା କହିଛନ୍ତି, ଓଡ଼ିଶାର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଓ ସ୍ମାର୍ଟ ସ୍କୁଲର ବାସ୍ତବ ଚିତ୍ର ଲୋକଲୋଚନକୁ ଆସିଯିବା ଭୟରେ ଗଣମାଧମକୁ ସ୍କୁଲ ବ୍ୟାନ କରାଯାଇଛି। ପରିଷଦ ସଭାପତି ପରିଡ଼ାଙ୍କ ନେତୃତ୍ୱରେ ତୀର୍ଥାନନ୍ଦ ପଣ୍ଡା, ଅଲେଖ ଚନ୍ଦ୍ର ବେହେରା, ସୁକାନ୍ତ ସାହାଣୀ, ସୂର୍ଯ୍ୟକାନ୍ତ ରାଉତ ଏବଂ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।



ସ୍କୁଲକୁ ଖବରଦାତାଙ୍କୁ ପ୍ରବେଶ ବାରଣ ବିରୋଧରେ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଛାତ୍ର ସମାଜ ଓଡ଼ିଶାର କର୍ମକର୍ତ୍ତା ।

# ମୁଖ୍ୟ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

ତିଗିରିଆ, ୧୧।୭ (ଡି.ଏନ.ଏ.)

ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ଗ୍ରାମରେ ପୂର୍ବ ଶତ୍ରୁତାରୁ ଦୁଇଭାଇଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ହୋଟେଲ ମାଲିକ ଜୀବନାନନ୍ଦ ମଲ୍ଲିକ ଓରଫ ସୁକୁଟା ସୋମବାର ସନ୍ଧ୍ୟାରେ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ବିଶିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏଣେ ହତ୍ୟାକାଣ୍ଡରେ ବ୍ୟବହୃତ ଟ୍ରକ(ଓଡି-୧୫ସି-୦୯୫୫)କୁ ତିଗିରିଆ ଥାନା ପୋଲିସ ତାଳଚେରରୁ ଜବତ କରି ଥାନାକୁ ଆଣିଛି। ଜୀବନାନନ୍ଦ ଆତ୍ମସମର୍ପଣ କରିବା ପରେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ନେଇ ସ୍ୱୀକାର କରିଥିବା ପୋଲିସ କହିଛି। ଅଧିକ ତଦନ୍ତ ପାଇଁ ତାଙ୍କୁ ତିଗିରିଆ ଥାନାକୁ ଆଣି ପୋଲିସ ପଚରାଉଚରା କରୁଛି। ଥାନା ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏକ ସ୍ୱତନ୍ତ୍ର ଦଳ ଅନୁସନ୍ଧାନରେ ରହିଥିବା ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କଠାରୁ ମିଳିଥିବା ସୂଚନାରୁ ଜଣାପଡ଼ିଛି।

ଗତ ଗୁରୁବାର ଅପରାହ୍ନରେ ଭିରୁଡ଼ା ଗରପଡ଼ାସାହିର ଦୁଇ ଭାଇ ଶରତ ଦେହୁରୀ ଏବଂ ଲକ୍ଷ୍ମଣ ଦେହୁରୀଙ୍କୁ ଗ୍ରାମ ନିକଟ ଏଟିଏମ୍ ଛକଠାରେ ଯୋଜନାବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରାଯାଇ ରାସ୍ତାରେ ମୁମୂର୍ଷୁ ଅବସ୍ଥାରେ ପକାଇ ଦେବା ପରେ ସେମାନଙ୍କ ଉପରେ ବାରମ୍ବାର ଟ୍ରକ ଚଢ଼ାଇ ହତ୍ୟା କରାଯାଇଥିଲା। ଏହି ଘଟଣାର କେତେକ ସିସିଟିଭି ଫୁଟେଜ୍ ଏବେ ଭାଇରାଲ ହେବାରେ ଲାଗିଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନଜାତିବର୍ଗର ଜନସାଧାରଣ ଘଟଣା ପରଦିନ ରାସ୍ତା ରୋକୋ କରି ଆନ୍ଦୋଳନ କରିଥିଲେ। ହେଲେ ଏପର୍ଯ୍ୟନ୍ତ ଅନ୍ୟ ଅଭିଯୁକ୍ତମାନେ ଧରାପଡ଼ି ନାହାନ୍ତି। ମୃତକଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ଜୀବନାନନ୍ଦଙ୍କ ସହିତ ମିହିର ମଲ୍ଲିକ, ଜିତୁ ମଲ୍ଲିକ, ରାଜୁ ମଲ୍ଲିକ, ରସାନନ୍ଦ ସାହୁଙ୍କ ନାମ ଉଲ୍ଲେଖ କରାଯାଇଛି।

**ଭିରୁଡ଼ାରେ ଦୁଇଭାଇଙ୍କୁ ଟ୍ରକ ଚଢ଼ାଇ ହତ୍ୟା ଘଟଣା**



# ପୁଅ ମୃତ୍ୟୁକୁ ନେଇ ବାପାଙ୍କ ହତ୍ୟା ଅଭିଯୋଗ

ମାହାଙ୍ଗା, ୧୧।୭(ସ୍ୱ.ପ୍ର.)

ମାହାଙ୍ଗା ଥାନା ମୂଳବସନ୍ତ ପଞ୍ଚାୟତ ଗୁଣ୍ଡୁପୁର ଗ୍ରାମର ନିର୍ମଳ କୁମାର କରଙ୍କ ଏକମାତ୍ର ପୁତ୍ର ମୋହନ ପ୍ରସାଦ କର (୧୯)ଙ୍କ ବୁଧବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ତେବେ ମୋହନଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ନିର୍ମଳ କଟକ ଜିଆରପି ଥାନାରେ ଅଭିଯୋଗ କରିଛନ୍ତି।

ଚଣ୍ଡିଖୋଲସ୍ଥିତ ଏକ ଘରୋଇ ଅନୁଷ୍ଠାନରେ ରୋଷେୟା ଭାବେ ନିର୍ମଳ କାମ କରନ୍ତି । ଅଭିଯୋଗ ଅନୁସାରେ ତାଙ୍କ ପୁଅ ମୋହନ ଗତ ବୁଧବାର ସକାଳ ସମୟରେ ସ୍ଥାନୀୟ ରିଟେଲରଙ୍କଠାରୁ କଣ୍ଟ୍ରୋଲ ସାମଗ୍ରୀ ଆଣିବା ପାଇଁ ଯାଇ ନିଖୋଜ ହୋଇଯାଇଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ମୋହନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କଟକ ଜିଆର୍‌ପି ଥାନା ଅଧିକାରୀଙ୍କଠାରୁ ନିର୍ମଳ ଫୋନ କଲ୍ ପାଇଥିଲେ। ନିର୍ମଳ ଜିଆରପି ଥାନାରେ ପହଞ୍ଚିବା ପରେ ତାଙ୍କ ପୁଅର ମୃତଦେହ ବାରଙ୍ଗ ରେଳଷ୍ଟେଶନ ନିକଟରୁ ମିଳିଥିବା ଏବଂ ସେ ଆତ୍ମହତ୍ୟା କରିଥିବା ଥାନା ଅଧିକାରୀଙ୍କଠାରୁ ଜାଣିବାକୁ ପାଇଥିଲେ। ମୋହନ ମାଟ୍ରିକ ପାସ୍ କରିଥିବା ଜଣେ ସରଳ ସ୍ୱଭାବର ଯୁବକ ଥିଲେ। ତାଙ୍କୁ ଘରେ ଅତ୍ୟନ୍ତ ସ୍ନେହ, ଶ୍ରଦ୍ଧା କରାଯାଉଥିଲା। ତେଣୁ ସେ ଆତ୍ମହତ୍ୟା କରିବା କଥା ଗ୍ରହଣଯୋଗ୍ୟ ନୁହେଁ। ଏହାଛଡ଼ା ଥାନା ଅଧିକାରୀ କିପରି ଜାଣିଲେ ଯେ ମୋହନ ଆତ୍ମହତ୍ୟା କରିଛନ୍ତି। ତେଣୁ ମୋହନଙ୍କ ମୃତ୍ୟୁ ସନ୍ଦେହଜନକ ରହିଛି। ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହେଉଛି। ତେଣୁ ମୋହନ ଧରିଥିବା ମୋବାଇଲ ଫୋନର ସିମ୍ ତଥ୍ୟକୁ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନିର୍ମଳ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

## ୫୩ ଅଭିଯୋଗର ତ୍ୱରିତ ସମାଧାନ

ନିଶ୍ଚିନ୍ତକୋଇଲି,୧୧।୭(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ କଟକ ଜିଲାପାଳ ଭବାନୀ ଶଙ୍କର ଚଇନି ଯୋଗଦେଇ ୯୩ ଅଭିଯୋଗର ଶୁଣାଣି କରି ୫୩ଟି ଅଭିଯୋଗର ତ୍ୱରିତ ସମାଧାନ କରିଥିଲେ। ହସ୍ତଗତ ହୋଇଥିବା ଅଭିଯୋଗ ମଧ୍ୟରୁ ୭୩ଟି ବ୍ୟକ୍ତିଗତ, ୨୦ଟି ସାମୂହିକ ଅଭିଯୋଗ ରହିଛି। ରେଡକ୍ରସ ଫଣ୍ଡରୁ କଟରପଡା ପଞ୍ଚାୟତର ରମେଶ ଚନ୍ଦ୍ର ମଲିକ, ବରାଦର ରମେଶଚନ୍ଦ୍ର ଜେନା, ଦୁର୍ଯ୍ୟୋଧନ ସମାଲଙ୍କୁ ୫ ହଜାର ଲେଖାଏ ଓ ନତକାଇର ହେମଲତା ପଣ୍ଡାଙ୍କୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଶିବିରରେ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ, ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗଳ କିଶୋର, ସିଡିଏମଓ ସତ୍ୟବ୍ରତ ଛୋଟରାୟ,ବିଡିଓ କର୍ଣ୍ଣଦେବ ସମାଦ୍ଦାର ପ୍ରମୁଖ ଯୋଗ ଦେଇଥିଲେ।



କଣ୍ଠାପଡ଼ା ବ୍ଲକ କନ୍ଦଳ ଗ୍ରାମରେ ସୋମବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଧରପଣା ନୀତି ହୋଇଯାଇଛି। ଏଥିରେ ଗ୍ରାମର ରାଜା ନାରାୟଣ କୁମାର ସ୍ୱାଇଁ, ବେଣୁଧର ମହାନ୍ତି, ମହେଶ୍ୱର ମହାରଣା, କୃପାସିନ୍ଧୁ ମହାରଣା, ବିକ୍ରମ ରଣାଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ନୀତି କାର୍ଯ୍ୟରେ କନ୍ଦଳ ଗ୍ରାମବାସୀ ସହଯୋଗ କରିଥିଲେ।

# ନିର୍ବାଚନମଣ୍ଡଳୀର ଅଭିଯୋଗ ଶୁଣାଣି ପାଇଁ ସ୍ୱତନ୍ତ୍ର ପୋର୍ଟାଲ

**'ମୋ ଅଭିଯୋଗ'ର ଶୁଭାରମ୍ଭ**

ଆଠଗଡ, ୧୧।୭(ସ୍ୱ.ପ୍ର.)

ଆଠଗଡ ନିର୍ବାଚନ ମଣ୍ଡଳୀର ଅଭିଯୋଗ ଶୁଣାଣି ପାଇଁ ସ୍ୱତନ୍ତ୍ର ପୋର୍ଟାଲ 'ମୋ ଅଭିଯୋଗ'ର ଶୁଭାରମ୍ଭ ହୋଇଛି। ଆଠଗଡ ଏନ୍‌ଏସିସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପରେ ସୋମବାର ଏହି କାର୍ଯ୍ୟକ୍ରମକୁ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମର ସମସ୍ୟା ଓ ଅଭିଯୋଗଗୁଡିକୁ ଅନ୍‌ଲାଇନ ମାଧମରେ ମନ୍ତ୍ରୀଙ୍କୁ ଅବଗତ କରାଯାଇପାରିବ। ଏଥିପାଇଁ ବିଭିନ୍ନ ପଞ୍ଚାୟତରେ ସ୍ୱତନ୍ତ୍ର କ୍ୟୁ ଆର୍-ସ୍କାନର ଉପଲବ୍ଧହେବ। ଏହି ପୋର୍ଟାଲ ଦ୍ୱାରା ଗରିବ ଲୋକେ ଖର୍ଚ୍ଚାନ୍ତ ନ ହୋଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ ବୋଲି ସ୍ୱାଇଁ ଆଶାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଆଠଗଡ ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ବ୍ଲକ ଅଧକ୍ଷା ମିନତି ଆଚାର୍ଯ୍ୟ, ତିଗିରିଆ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ଯୋଗଦେଇଥିଲେ।



ପୋର୍ଟାଲ ଉନ୍ମୋଚନ ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅତିଥି ।

## ରାମଚନ୍ଦ୍ରପୁର, ଅରାଚଣ୍ଡୀ ସମବାୟ ସମିତିର ସଭାପତି ନିର୍ବାଚିତ

ବାଙ୍କୀ,୧୧।୭(ସ୍ୱ.ପ୍ର.):

ବାଙ୍କୀ ଉପଖଣ୍ଡ କ୍ରେଡିଟ୍ ସମବାୟ ବ୍ୟାଙ୍କ ଏବଂ ରାମଚନ୍ଦ୍ରପୁର ସେବା ସମବାୟ ସମିତିର ସଭାପତି ଭାବେ ସମବାୟବିତ୍ ସମରେନ୍ଦ୍ର ମହାପାତ୍ର ସୋମବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ମହାପାତ୍ର ବାଙ୍କୀ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ। ନିର୍ବାଚନ ଅଧିକାରୀ ସରୋଜକାନ୍ତ ଜେନା ନିର୍ବାଚନ ପରିଚାଳନା କରିଥିବାବେଳେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ କୃତ୍ତିବାସ ପଣ୍ଡା ଏଥିରେ ସହଯୋଗ କରିଥିଲେ। ସେହିପରି ଡମପଡ଼ା ବ୍ଲକ ଅରାଚଣ୍ଡୀ ସେବା ସମବାୟ ସମିତି ସଭାପତି ଭାବେ ଜୟଦେବ ଜେନା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେବା ସମବାୟ ସମିତିର ନିର୍ଦ୍ଦେଶକ ରତ୍ନାକର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ମହାନ୍ତି, ସୋମନାଥ ପରିଡ଼ା, ଖଗେଶ୍ୱର ପିରୋଇ, ବାଙ୍କନିଧି ସ୍ୱାଇଁ, ଅକ୍ଷୟ ସେଠୀ, ଗୋବିନ୍ଦ ସାମଲ, ଜୟନ୍ତୀ ରାଉତ, ଶାନ୍ତିଲତା ରଣା ପ୍ରମୁଖ ଉପସ୍ଥିତ ଥିଲେ।

# 'ଖାଉଟି ମାରଣ ନୀତି ଯୋଗୁ ମୂଲ୍ୟ ବଢୁଛି'

କଟକ ଅଫିସ, ୧୧।୭:

ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ସୋମବାର କଟକ ନଗର ମହିଳା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କଚେରୀଗଡ଼ାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ କଟକ ନଗର କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରା ଯୋଗଦେଇ କହିଥିଲେ, କେନ୍ଦ୍ର ସରକାରଙ୍କ ଖାଉଟି ମାରଣ ନୀତି ଯୋଗୁ ରନ୍ଧନ ଗ୍ୟାସର ଏଭଳି ଅହେତୁକ ମୂଲ୍ୟ ବୃଦ୍ଧି ହେଉଛି। ଏଥିସହ ପେଟ୍ରୋଲ, ଡିଜେଲ, କିରୋସିନ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ନିୟମିତ ଦରବୃଦ୍ଧି ଘଟୁଛି। ଏହା ଦ୍ୱାରା ଲୋକେ ଆର୍ଥିକ ଦୁର୍ଦ୍ଦଶା ମଧ ଦେଇ ଜୀବନ ବିତାଉଛନ୍ତି ବୋଲି ବେହେରା କହିଥିଲେ। ବିକ୍ଷୋଭରେ ଲିଜାରାଣୀ ରାଉତ, ଭାନୁ ସେନାପତି, ତୃପ୍ତି ଦାସ, ସ୍ୱର୍ଣ୍ଣପ୍ରଭା ପଶାୟତ, ଅନିତ ବେହେରା ପ୍ରମୁଖ ସାମିଲ ଥିଲେ।

# ପ୍ରାର୍ଥନା ସଭାରେ ହିନ୍ଦୁ, ମୁସଲ୍‌ମାନ ଏକାଠି

ନିଶ୍ଚିନ୍ତକୋଇଲି,୧୧।୭(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକରେ ୨ଥର ଅଧକ୍ଷ ହୋଇଥିବା ବ୍ରଜ କିଶୋର ବିଶ୍ୱାଳଙ୍କ ସ୍ମୃତିସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡାୟତ ପଟିକିରା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜନ କରାଯାଇଥିଲା। ଏଥିରେ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକେ ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା ଯୋଗଦେଇ ବ୍ରଜବାବୁ କେବଳ ଜଣେ ରାଜନେତା ନ ଥିଲେ ସେ ଏକାଧାରରେ ଜଣେ ଆଧାତ୍ମିକବାଦୀ, ବାଗ୍ମୀ, ପରୋପକାରୀ ଓ ଜଣେ ଅମାୟିକ ବ୍ୟକ୍ତିତ୍ୱର ମଣିଷ ଥିଲେ ବୋଲି କହିଥିଲେ। ଏଥିରେ ପୂର୍ବତନ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ରୋଜି ସେଠୀ, ଉପାଧକ୍ଷ ଅଶୋକ ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଗିରିଶ ମହାପାତ୍ର, ବିଜୟ କୁମାର ବଳ ପ୍ରମୁଖ ଯୋଗଦେଇଥିଲେ।

# ଗ୍ରାମ ନିକଟରୁ ଅଳିଆ ସ୍ଥାନାନ୍ତର ଦାବି

**ମେୟରଙ୍କୁ ସ୍ମାରକପତ୍ର ପ୍ରଦାନ**

କଟକ ଅଫିସ,୧୧।୭

କଟକ ସହରରୁ ଦୈନିକ ୮ରୁ ୧୦ଟି ଟ୍ରକରେ ଅଳିଆ ଆବର୍ଜନା ଆଣି ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳି ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ବେଣ୍ଟୁଆ ଗ୍ରାମ ନିକଟରେ ଗଦା କରାଯାଉଛି। ବର୍ଷା ଋତୁରେ ପାହାଡ ଭଳି ଜମା ହୋଇ ରହିଥିବା ଅଳିଆ ଗଦାରୁ ଦୂଷିତ ପାଣି ବୋହିଯାଇ ପୋଖରୀରେ ମିଶୁଛି। ସେଠାରେ ବାସ କରୁଥିବା ୫୦ଟି ଆଦିବାସୀ ପରିବାର ସେହି ଦୂଷିତ ଜଳ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥିସହ ପରିବେଶ ବିପର୍ଯ୍ୟସ୍ତ ହୋଇପଡିଛି। ମଶା, ମାଛି ଓ ବିଷାକ୍ତ ପୋକଙ୍କ ପ୍ରାଦୁର୍ଭାବରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଅନ୍ୟପକ୍ଷେ ଏହି ଅଳିଆ ଆବର୍ଜନାକୁ ଖତ ପ୍ରସ୍ତୁତ କରିବା ପାଇଁ ଯୋଜନା କରାଯାଇଥିଲା। ହେଲେ ଉକ୍ତ ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଏଣୁ ଅଳିଆ ଆବର୍ଜନାକୁ ତୁରନ୍ତ ସ୍ଥାନାନ୍ତର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କିତ ଏକ ସ୍ମାରକପତ୍ର ସାମାଜିକ କର୍ମୀ ଅଶ୍ୱିନୀ ସାହୁ, ସନ୍ତୋଷ ଜେନା, ଧର୍ମାନନ୍ଦ ବେହେରା, ବିଶ୍ୱଜିତ ବେହେରା ଓ ଅଭିଜିତ ଜେନା ପ୍ରମୁଖ ମେୟର ସୁବାସ ସିଂଙ୍କୁ ସୋମବାର ପ୍ରଦାନ କରିଥିଲେ । ମେୟର ସିଂ ସ୍ମାରକପତ୍ର ଗ୍ରହଣ କରି ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ସାଟେଲାଇଟରେ ଚାଷ ଜମି ଯାଞ୍ଚ ହେବ

**ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ପ୍ରଶିକ୍ଷଣ ଶିବିର**

ଆଠଗଡ,୧୧।୭(ସ୍ୱ.ପ୍ର.)

ଆଠଗଡ ଉପଖଣ୍ଡ ସମବାୟ ଓ ଯୋଗାଣ ବିଭାଗ ଆନୁକୂଲ୍ୟରେ ପଞ୍ଚାୟତ ସମିତି କାର୍ଯ୍ୟାଳୟସ୍ଥିତ ସଭାଗୃହରେ ସୋମବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆସନ୍ତା ଖରିଫ ଋତୁରେ ଧାନ ବିକ୍ରି ନିମନ୍ତେ ଚାଷୀଙ୍କ ନାମ କିପରି ପଞ୍ଜୀକରଣ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାକୁ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲା କମ୍ପ୍ୟୁଟର ପ୍ରୋଗ୍ରାମର ଜାମିନୀକାନ୍ତ ମହାପାତ୍ର, ଆଠଗଡ ସମବାୟ କାର୍ଯ୍ୟାଳୟ ସହକାରୀ ନିବନ୍ଧକ ସଞ୍ଜୀବ କୁମାର ପଣ୍ଡା, ଆଲୋକ କୁମାର ବଳ, କାହ୍ନୁ ଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଚାଷୀମାନେ ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ, ଜମିର ପଟ୍ଟା ଆଦିର ତଥ୍ୟ ଯୋଗାଇ ନିକଟସ୍ଥ ସେବା ସମବାୟ ସମିତି ସମ୍ପାଦକଙ୍କ ନିକଟରେ ନାମ ପଞ୍ଜୀକୃତ କରିପାରିବେ। ଚଳିତ ବର୍ଷ ଚାଷୀମାନଙ୍କ ଦ୍ୱାରା ପ୍ରଦତ୍ତ ଜମି ପଟ୍ଟାକୁ ସାଟେଲାଇଟ ମାଧ୍ୟମରେ ଯାଞ୍ଚ କରାଯିବ। ଭୁଲ ତଥ୍ୟ ପ୍ରଦାନ କରିଥିବା ନକଲି ଚାଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଚାଷୀଙ୍କ ନାମ ପଞ୍ଜିକରଣ ପାଇଁ ନିର୍ଦ୍ଧାରିତ ସମୟ, ତାରିଖ ଓ କାର୍ଯ୍ୟସୂଚୀ ସମ୍ପର୍କରେ ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ତରଫରୁ ଘୋଷଣା କରାଯିବ। ଏହା ବିଭିନ୍ନ ସେବା ସମବାୟ ସମିତି କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରତିଫଳିତ ହେବ ବୋଲି ଶିବିରରେ ସୂଚନା ଦିଆଯାଇଥିଲା। ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରାମ ନାରାୟଣ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ଆଠଗଡ ଉପଖଣ୍ଡ ଅନ୍ତର୍ଗତ ଏନ୍‌ଏସି ସମେତ ତିଗିରିଆ, ବଡମ୍ବା ଓ ନରସିଂହପୁର ବ୍ଲକର ୭୨ଟି ସେବା ସମବାୟ ସମିତିର ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟରମାନେ ଯୋଗ ଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିମାନେ ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଆଦିବାସୀ

ଖୋର୍ଦ୍ଧା ଅଫିସ,୧୧।୭

ଜାତୀୟ ଦଳିତ ଆଦିବାସୀ ମହାସଂଘ ଓଡ଼ିଶା ଶାଖା ଆନୁକୂଲ୍ୟରେ ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଘାଟିକିଆ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ନ୍ୟାୟ ଦାବିରେ ସୋମବାର ନୂଆ ବସ୍‌ଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଓ ପ୍ରତିବାଦ କରିଥିଲେ। ଏଥିସହ ୩ ଦଫା ଦାବିରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

ଏଥିରେ ଦର୍ଶାଯାଇଛି ଯେ, ରାଜ୍ୟର ବିଭିନ୍ନ ବ୍ଲକ, ତହସିଲ ଅଞ୍ଚଳରେ ରହୁଥିବା ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରତି ସରକାର ଅବହେଳା କରୁଛନ୍ତି। ଅବହେଳିତ ଅବସ୍ଥାରେ ସମସ୍ୟା ସମାଧାନ ପାଇଁ ଏମାନେ ସଂଘର୍ଷ କରୁଛନ୍ତି। ଘାଟିକିଆ ମୌଜା ବାରମାଣିଆ ଗ୍ରାମରେ ୧୦ଟି ଆଦିବାସୀ ପରିବାର ୧ ଏକର ୨୦ ଡିସିମିଲ ଜାଗାରେ ଦୀର୍ଘବର୍ଷ ଧରି ରହିଆସୁଛନ୍ତି। ୧୯୬୨ ମସିହାରୁ ସ୍ଥିତିବାନ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ପ୍ରତିବାଦ କରୁଛନ୍ତି।

ଥାଇ ମଧ୍ୟ ଜଣେ ଠିକାସଂସ୍ଥା(ବିଲ୍ଡର) ଦମ୍ପତି ଓ ତାଙ୍କ ସହଯୋଗୀ ୨୦୦୬-୦୭ ଓ ୨୦୦୭-୦୮ରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜାତିକୁ ଅପବ୍ୟବହାର କରି ନିଜ ନାଁରେ ଜମି ହଡ଼ପ କରିନେଇଛନ୍ତି। ଅକ୍ତିଆରରେ ରଖିଥିବା ୨୯୩ ଡିସିମିଲରେ ୧୪୬ଟି କୋଠା ନିର୍ମାଣ କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି, ଯାହାକି ଓଏଲଆର ଆକ୍ଟ ୨୨କୁ ଉଲ୍ଲଂଘନ କରୁଛି। ଏପରି କି ଗୋଟିଏ ପରିବାର ଠିକାସଂସ୍ଥା ଅକ୍ତିଆରରେ ରଖିଥିବା ଜମିରେ ପୂର୍ବରୁ ଚାଷବାସ କରି ପରିବାର ଚଳୁଥିଲେ। ଏବେ ଏହି ପରିବାର ରାଜରାସ୍ତାକୁ ଚାଲିଆସିଛନ୍ତି। ସମ୍ପୃକ୍ତ ଆଦିବାସୀଙ୍କ ପକ୍ଷରୁ ଉକ୍ତ ଠିକାସଂସ୍ଥା ଦମ୍ପତିଙ୍କ ନାଁରେ ଭରତପୁର ଥାନାରେ ମାମଲା (ନଂ.୧୫୦/୨୨) ରୁଜୁ ପରେ ବି ପୋଲିସ ଚୁପ୍ ବସିଛି। ଠିକାସଂସ୍ଥା ମାଲିକ ଭଡ଼ାଟିଆ ଗୁଣ୍ଡାଙ୍କୁ ଆଣି ଡରାଉଛନ୍ତି। ଜିଲା ପ୍ରଶାସନଠାରୁ ପୋଲିସ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ଶୁଣୁନାହାନ୍ତି। ଅନ୍ୟପଟେ ନିଜ ଭିଟାମାଟି ହରାଇ ବହୁ ଗ୍ରାମବାସୀ ହଇରାଣ ହେଉଛନ୍ତି। ନ୍ୟାୟ ପାଇଁ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଉପରୋକ୍ତ ମୌଜା ବାରମାଣିଆ ଗ୍ରାମର ୧୦ଟି ପରିବାରଙ୍କ ଜମି ହଡ଼ପକାରୀ ଦମ୍ପତିଙ୍କୁ ଗିରଫ କରାଯାଉ। ସପ୍ତାହ ମଧ୍ୟରେ ଜମି ଫେରସ୍ତ ସହ ବେଆଇନ ଜବରଦଖଲମୁକ୍ତ କରି ପଟ୍ଟା ହସ୍ତାନ୍ତର କରାଯାଉ। କାର୍ଯ୍ୟରେ ଅବହେଳା କରୁଥିବା ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛନ୍ତି। ଜାତୀୟ ଦଳିତ ଆଦିବାସୀ ମହାସଂଘ ରାଜ୍ୟ ସଭାପତି ଲିଟୁ ଦାସ, ଉପସଭାପତି ପ୍ରକାଶ ଚନ୍ଦ୍ର ପ୍ରଧାନ, ପୀତବାସ ନାୟକ, ଟିଙ୍କିନା ପରିଡା, ଜଗନ୍ନାଥ ଭୋଇ, ଅଶୋକ ଭୋଇ, କୁନ୍ଦନ ନାୟକ, ବଳରାମ ସୁନ୍ଦରା, ପ୍ରକାଶ ଭୋଇ, ଜୟଦେବ ବେହେରା, ବିଜୟ ଭୋଇ, ବିଶ୍ୱଜିତ୍ ସେଠୀଙ୍କ ସମେତ ଶତାଧିକ ମହିଳା, ପୁରୁଷ ଏହି ପ୍ରତିବାଦରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### କେବିଏନ୍ ଗ୍ୟାଙ୍ଗ୍ ମୁଖ୍ୟ ବୁବୁ ଜେନା ପୁଣି ଗିରଫ

ଭୁବନେଶ୍ୱର,୧୧।୭ (ବ୍ୟୁରୋ) : କୋଇ ଭାଇ ନେହିଁ ହେ (କେବିଏନ) ଗ୍ୟାଙ୍ଗ୍‌ର ମୁଖ୍ୟଙ୍କୁ ସୋମବାର ପୁଣିଥରେ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅଧୀନ ପୋଖୋରୀପୁଟ ତାଳବଣିଆର ବୁବୁ ଓରଫ ଦେବୀ ପ୍ରସାଦ ଜେନା (୨୪)। ଜେଲରୁ ବାହାରିବା ପରେ ସେ ପୁଣି ରାତିରେ ବୁଲି ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଆତଙ୍କିତ କରିବା ସହ ବଟି ମାଗିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ ବୁବୁଙ୍କୁ ପୋଲିସ ସେହି ପୁରୁଣା ମାମଲା (ନଂ.୧୫୬/୨୨)ରେ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି। ସୂଚନାଯୋଗ୍ୟ, ବୁବୁ ଓ ତାଙ୍କ ଗ୍ୟାଙ୍ଗ୍‌ର ସଦସ୍ୟମାନେ ମାରଣାସ୍ତ୍ର ଧରି ସହରସାରା ଆତଙ୍କ ଖେଳାଇବା ସହ ତାହାର ଭିଡିଓ ସୋସିଆଲ ମିଡିଆକୁ ଛାଡ଼ି ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିଲେ। ଏପରି ଭାବେ ନିଜର ଉପସ୍ଥିତି ଜାହିର କରିବା ସହ ଦାଦାବଟି ଆଦାୟ କରୁଥିଲେ। ପୂର୍ବରୁ ଦାଦାବଟିକୁ ନେଇ ଏକ ଗଣ୍ଡଗୋଳ ମାମଲାରେ ପୋଲିସ ବୁବୁଙ୍କ ଗିରଫ କରିଥିଲା। ଏଥିସହ ତାଙ୍କ ଗ୍ୟାଙ୍ଗ୍‌ର ଅନ୍ୟ କେତେଜଣ ସଦସ୍ୟଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା।

### ମହିଳା, ପୁରୁଷ ବନ୍ଧୁ ଗୁରୁତର ଅବସ୍ଥାରେ ଉଦ୍ଧାର

ଝାଁଳା,୧୧।୭(ଡି.ଏନ୍.ଏ.): ଇନ୍‌ଫୋସିଟି ଥାନା ଅଧୀନ ଦୁର୍ଗାପୁର ଖେଳପଡିଆରୁ ସୋମବାର ପୋଲିସ ଜଣେ ମହିଳା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍ସ ହସ୍ପିଟାଲକୁ ପଠାଇଛି। ସୂଚନା ଅନୁଯାୟୀ, ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ସହ ସ୍ଥାନୀୟ ଅଞ୍ଚଳରେ ରୁହନ୍ତି। ଗତ କିଛି ମାସ ହେବ ସମ୍ପୃକ୍ତ ମହିଳାଙ୍କ ସହ ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। କୌଣସି କାରଣକୁ ନେଇ ଉଭୟ ବ୍ଲେଡରେ ପେଟକୁ କାଟିଦେଇ ଗୁରୁତର ଅବସ୍ଥାରେ ଦୁର୍ଗାପୁର ଖେଳପଡ଼ିଆରେ ପଡି ରହିଥିଲେ। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ।

### ଫାର୍ମରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଡେଲାଙ୍ଗ,୧୧।୭(ଡି.ଏନ୍.ଏ.): ଲେମ୍ବୁଆପଡ଼ା ଗ୍ରାମସ୍ଥିତ ଏକ କୁକୁଡ଼ା ଫାର୍ମରୁ ଫାର୍ମ ମାଲିକଙ୍କ ଝୁଲନ୍ତା ମୃତଦେହ ହରିରାଜପୁର ଫାଣ୍ଡି ପୋଲିସ ସୋମବାର ଜବତ କରିଛି। ମୃତକ ହେଲେ ପିପିଲି ଥାନା ଅନ୍ତର୍ଗତ କାକୁଡିଆ ଗ୍ରାମର ପ୍ରଶାନ୍ତ ବେହେରା। ମୃତକଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ଡେଲାଙ୍ଗ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି। ସୂଚନା ଅନୁଯାୟୀ, ରବିବାର ରାତିରେ ପ୍ରଶାନ୍ତ ସବୁଦିନ ଭଳି ପରିବାର ସହିତ ରାତ୍ରଭୋଜନ ସାରି କୁକୁଡ଼ା ଫାର୍ମକୁ ଶୋଇବାକୁ ଯାଇଥିଲେ। ପରଦିନ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିବାକୁ ଫାର୍ମକୁ ଯାଇଥିଲେ। ସେଠାରେ ପ୍ରଶାନ୍ତଙ୍କୁ ଆଜବେଷ୍ଟ ଘରର ଉପର କାଠାରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ।

## ବାଇକ୍ ଚୋରି, ୨ ଗିରଫ

ବାଣପୁର,୧୧।୭(ଡି.ଏନ୍.ଏ.)

ବାଇକ୍ ଚୋରି ଅଭିଯୋଗରେ ବାଣପୁର ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଭେଷରି ଗ୍ରାମର କୈଳାସ ଖୁଣ୍ଟିଆ, କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ଗୌତମ ପ୍ରଧାନ। ସୂଚନା ମୁତାବକ, ବାଣପୁର ଥାନା ଭେଷରି ଗ୍ରାମର ନୀଳମଣି ରାଉତରାୟ ବାଇକ୍‌ରେ ଘଣ୍ଟଶିଳା ପାହାଡ଼ ନିକଟ ମନ୍ଦିରକୁ ପୂଜା କରିବା ପାଇଁ ଯାଇଥିଲେ। ପୂଜାସାରି ବାହାରକୁ ଆସି ଦେଖିବା ବେଳକୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ପରେ କୈଳାସଙ୍କ ସହ ଅନ୍ୟ ଜଣେ ବ୍ୟକ୍ତି ତାଙ୍କ ବାଇକ୍‌କୁ ଚୋରି କରି ନେଇଥିବା ଜାଣିବା ପରେ ନୀଳମଣି ଏନେଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମର କେତେଜଣ ଯୁବକ କୈଳାସଙ୍କ ଘରକୁ ଯିବା ସହ ଗାଡ଼ିଟି କପଡ଼ା ଓ ତାଳପତ୍ର ଘୋଡ଼ାଯାଇଥିବା ଦେଖିବାକୁ ପାଇଥିଲେ। ଗାଡ଼ି ଚୋରି କରିଥିବା କୈଳାସ ମାନିବା ସହ ତାଙ୍କୁ ଚୋରିରେ ଗୌତମ ସାହାଯ୍ୟ କରିଥିବା କହିଥିଲେ। ଗ୍ରାମବାସୀ ଗାଡ଼ି ସହ ଉଭୟଙ୍କୁ ପୋଲିସ ଜିମା ଦେଇଥିଲେ। ପୋଲିସ ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରିଥିଲା।

# ପରିବାର ନିୟୋଜନ ନିୟନ୍ତ୍ରଣରେ ଖୋର୍ଦ୍ଧା ଜିଲା ପ୍ରଥମ



କାର୍ଯ୍ୟକ୍ରମରେ ଅତିଥିଙ୍କଠାରୁ ଖୋର୍ଦ୍ଧା ସିଡିଏମ୍‌ଓ ଡା.ଆର୍ତ୍ତବନ୍ଧୁ ନାୟକ ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଅଫିସ,୧୧।୭

ଜନସଂଖ୍ୟା ନିୟନ୍ତ୍ରଣ ଦିଗରେ ରାଜ୍ୟ ସରକାର ସଫଳତା ହାସଲ କରିଛନ୍ତି। ନ୍ୟାଶନାଲ ଫ୍ୟାମିଲ ହେଲ୍‌ଥ ସର୍ଭେ ରିପୋର୍ଟରୁ ଏହି ତଥ୍ୟ ପ୍ରଦାନ କରିଛି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ। ରାଜ୍ୟ ସରକାରଙ୍କ ପରିବାର ନିୟୋଜନ ନିୟନ୍ତ୍ରଣ ଦିଗରେ ଖୋର୍ଦ୍ଧା ଜିଲା ପ୍ରଥମ ସ୍ଥାନ ଅଧିକାର କରିଛି। ସୋମବାର ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମ ଖୋର୍ଦ୍ଧା ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଡା. ଦୀନବନ୍ଧୁ ପଣ୍ଡା, ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ବିଜୟ ମହାପାତ୍ର, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ(ଜନସ୍ୱାସ୍ଥ୍ୟ ବିଭାଗ) ଡା. ନିରଞ୍ଜନ ମିଶ୍ର, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ(ପରିବାର କଲ୍ୟାଣ) ଡା. ବିଜୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ସିଡିଏମ୍‌ଓ ନାୟକ କୁହନ୍ତି, ପରିବାର ନିୟୋଜନ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ, ରାଜ୍ୟ ଓ ଦେଶର ଜନସଂଖ୍ୟା ସ୍ଥିରତା ଆଣିବାରେ ସହାୟକ ହୋଇଥାଏ। ଗତ କିଛିବର୍ଷ ଭିତରେ ରାଜ୍ୟ ସରକାର ଏଥିରେ ବେଶ୍ ସଫଳତା ହାସଲ କରିଛନ୍ତି। ଫ୍ୟାମିଲି ପ୍ଲାନିଂ, ଲଜିଷ୍ଟିକ ମ୍ୟାନେଜ୍‌ମେଣ୍ଟ ଇନ୍‌ଫର୍‌ମେଶନ ସିଷ୍ଟମ ପରି ଅନ୍‌ଲାଇନ ପଦ୍ଧତି ଜରିଆରେ ଆଶା, ଅଙ୍ଗନୱାଡ଼ି କର୍ମୀ, ସ୍ୱାସ୍ଥ୍ୟକର୍ମୀଙ୍କ ଜରିଆରେ ସର୍ଭେ କରାଯାଇ ଦମ୍ପତିଙ୍କ ପାଖରେ ଠିକ୍ ସମୟରେ ଗର୍ଭ ନିରୋଧକ ପହଞ୍ଚାଇବା ବ୍ୟବସ୍ଥା କରାଯାଉଛି। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ପରବର୍ତ୍ତୀ ସେବାକୁ ଅଧିକ ପ୍ରୋତ୍ସାହିତ କରାଯାଉଛି। ଏଥିସହିତ ଜିଲାରେ ସ୍ୱାସ୍ଥ୍ୟ ବିଭାଗରେ ଉନ୍ନତି ଆଣିବା ପାଇଁ ଉଦ୍ୟମ ଜାରି ରହିଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ଏହି ସଫଳତା ଲାଗି ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ପ୍ରକାଶ ଯେ, ଖୋର୍ଦ୍ଧା ଜିଲାରେ ତମାଖୁ ସେବନ ନିୟନ୍ତ୍ରଣ ଦିଗରେ ସଫଳ ପ୍ରୟାସ, ସ୍କୁଲ କଲେଜ ଛାତ୍ରୀଛାତ୍ର, ସ୍ୱାସ୍ଥ୍ୟକର୍ମୀ, ଜନସାଧାରଣଙ୍କୁ ନେଇ ବ୍ୟାପକ ଜନସଚେତନତା ନେଇ ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲାକୁ ଶ୍ରେଷ୍ଠ ଜିଲା ଭାବେ ପୁରସ୍କୃତ କରାଯାଇଥିଲା। ସିଡିଏମ୍‌ଓ ନାୟକ ଏହି ସମ୍ମାନ ଗ୍ରହଣ କରିଥିଲେ।

## ଯୁବକଙ୍କୁ ବରଯାତ୍ରୀଙ୍କ ସଂଘବଦ୍ଧ ଆକ୍ରମଣ, ୩ ଗିରଫ

ନିମାପଡ଼ା,୧୧।୭(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ କନପୁର ଗ୍ରାମରେ ରବିବାର ଏକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିବାହରେ ନିଆଳି ଥାନା ଅଞ୍ଚଳରୁ ଆସିଥିବା ବରଯାତ୍ରୀଙ୍କ ସଂଘବଦ୍ଧ ଆକ୍ରମଣରେ ଗ୍ରାମର ଜଣେ ଯୁବକଙ୍କ କାନ ଛିଣ୍ଡିଯାଇ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଶୁଭେନ୍ଦୁ ପ୍ରଧାନ। ଶୁଭେନ୍ଦୁଙ୍କ ଭାଇ ସମରଜିତ୍‌ଙ୍କ ଅଭିଯୋଗ କ୍ରମେ ପୋଲିସ ଏନେଇ ଏକ ମାମଲା (କେସ୍ ନଂ. ୨୩୩/୨୨) ରୁଜୁ କରି ୩ଜଣଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ବରଯାତ୍ରୀରେ ନିଆଳି ଥାନା ଅନ୍ତର୍ଗତ ଅଁଳ ଗ୍ରାମରୁ ଆସିଥିବା ତ୍ରିଲୋଚନ ସାମଲ, ସୌମ୍ୟରଞ୍ଜନ ସାମଲ, ମନୋଜ ସ୍ୱାଇଁଙ୍କ ସହ ଶୁଭେନ୍ଦୁଙ୍କ କୌଣସି କାରଣରୁ ବଚସା ହୋଇଥିଲା। ସେଥିରେ ଉତ୍ତେଜିତ ହୋଇ ୩ଜଣ ମିଶି ଶୁଭେନ୍ଦୁଙ୍କୁ ଆକ୍ରମଣ କରିବା ସହ ତାଙ୍କ କାନକୁ କାମୁଡି ଛିଡାଇ ଦେଇଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ୩ଜଣଙ୍କୁ ଗିରଫ କରିଥିଲା। ତେବେ ପରିବାର ଲୋକ ଓ ଗ୍ରାମବାସୀ ଶୁଭେନ୍ଦୁଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରୁ ପଠାଇ ଦିଆଯାଇଛି।

## ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ

ବାଲିପାଟଣା,୧୧।୭(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଜନଶୁଣାଣି କରିଛନ୍ତି। ଜନଶୁଣାଣିରେ ମୋଟ ୬୮ଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ଗୋଟିଏ ଅଭିଯୋଗର ସମାଧାନ କରାଯାଇଥିଲା। ଏହି ଜନଶୁଣାଣି ସମୟରେ ପାଳସାହି ଶାସ୍ତ୍ରିଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ପ୍ରଦୀପ ପାଳଙ୍କ ୯ ବର୍ଷର ଝିଅ ଅର୍ପିତା ପାଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ହଜାର ଟଙ୍କା ପ୍ରଦାନ କରିଥିଲେ। ଜନଶୁଣାଣିରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଏସିପି ପରେଶ କୁମାର ରାଉତ, ବିଡିଓ ଆଦିକନ୍ଦ ବେହେରା, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ଅତିରିକ୍ତ ତହସିଲଦାର ସ୍ନେହଲତା ଆଚାର୍ଯ୍ୟଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## 'ହିଂସାକୁ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା କର'



ଶ୍ରଦ୍ଧାଞ୍ଜଳି ସଭାରେ ଆପ୍ କର୍ମକର୍ତ୍ତା ଓ ଅନ୍ୟମାନେ।

ବୋଲଗଡ଼,୧୧।୭(ଡି.ଏନ୍.ଏ.)

ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏନେଇ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଜରିପଡ଼ା ଗ୍ରାମର ରଘୁନାଥ ଦେବଙ୍କ ପୀଠରେ ତାଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସୁଶାନ୍ତ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଆମ୍ ଆଦ୍‌ମୀ ପାର୍ଟିର ଖୋର୍ଦ୍ଧା ଜିଲା ସଭାପତି ଶୁଭାଶିଷ ସ୍ୱାଇଁ, ବ୍ଲକ ସଭାପତି କଳ୍ପତରୁ ପଣ୍ଡା ଯୋଗଦେଇ ବିଶ୍ୱ ରାଜନୀତିରେ ଆବେଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଭାରତ ସହ ତାଙ୍କ ସମ୍ପର୍କ ସମ୍ବନ୍ଧରେ ଆଲୋକପାତ କରିଥିଲେ। ରାଜନୈତିକ ହିଂସା ପ୍ରତିହିଂସାକୁ ଦୃଢ଼ ନିନ୍ଦା କରିଥିଲେ। ବର୍ତ୍ତମାନ ସମୟରେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହିଂସାର ଶିକାର ଆପ୍‌ର ନେତାମାନେ ହେଉଥିବା ବେଳେ ପ୍ରତିହିଂସା ପରାୟଣ ନ ହୋଇ ସାହସ ଓ ଧୈର୍ଯ୍ୟର ସହିତ ମୁକାବିଲା କରାଯାଉଥିବା କହିଥିଲେ। ପରେ ଆପ୍‌ର ନେତା ଓ କର୍ମୀ ଜରିପଡ଼ା ଗ୍ରାମବାସୀ ପୀଠରେ ମହମବତି ଜଳାଇ ଆବେଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ଜବତ

ଖୋର୍ଦ୍ଧା ଅଫିସ,୧୧।୭

ନାଳିପଡା ଅର୍ଜୁନପୁର ପଞ୍ଚାୟତ ନିକଟ ଜଙ୍ଗଲରୁ ସୋମବାର ଜଣେ ନିଖୋଜ ଯୁବକଙ୍କ ମୃତଦେହକୁ ଟାଉନ ପୋଲିସ ଜବତ କରିଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, କିଛିଦିନ ପୂର୍ବେ ଯୁବକ ଜଣଙ୍କ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ସନ୍ଧାନ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ସୋମବାର ଜଙ୍ଗଲରେ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ।

# ଯାତ୍ରୀଙ୍କଠାରୁ ଲୁଟ୍: ୩ ମହିଳା ଗିରଫ

**୬ ମୋବାଇଲ, ୩୮ ହଜାର ୨୮୦ ଟଙ୍କା ଜବତ**

ପୁରୀ ଅଫିସ, ୧୧।୭

ରଥଯାତ୍ରା ସମୟରେ ଯାତ୍ରୀଙ୍କଠାରୁ ଲୁଟ୍ ଅଭିଯୋଗରେ ରେଲୱେ ପୋଲିସ ୩ଜଣ ମହିଳାଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ତାମିଲନାଡୁ ସାଉଥ ମଦୁରାଇ ଜିଲାର ମୁରୁଗେଶ୍ୱରୀ, ପଶ୍ଚିମବଙ୍ଗ ହୁଗୁଲି ଜିଲାର ବିଦ୍ୟା ଏବଂ ନେହା। ଏମାନଙ୍କଠାରୁ ୬ଟି ମୋବାଇଲ ଫୋନ୍, ଚାର୍ଜର, ଇୟରଫୋନ, ଝୁଣ୍ଟିଆ, ତାବିଜ ଏବଂ ୩୮ ହଜାର ୨୮୦ ଟଙ୍କା ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ମୁରୁଗେଶ୍ୱରୀ, ବିଦ୍ୟା ଓ ନେହା ମୋବାଇଲ, ଟଙ୍କା, ପର୍ସ, ଅଳଙ୍କାର ପ୍ରଭୃତି ଚୋରି କରିବା ଉଦ୍ଦେଶ୍ୟରେ ୧୦ ଦିନ ପୂର୍ବରୁ ନିଜ ଗାଁରୁ ଟ୍ରେନ ଯୋଗେ ପୁରୀ ଆସିଥିଲେ। ସେମାନେ ରଥଯାତ୍ରା ସମୟରେ ଯାତ୍ରୀମାନଙ୍କଠାରୁ ଲୁଟ୍ କରିବା ଉଦ୍ଦେଶ୍ୟରେ ପୁରୀ ଆସିଥିଲେ। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଡିଭାଇଡରରେ ପିଟି ହୋଇ ଓଲଟିଲା ବସ୍

ପିପିଲି,୧୧।୭(ଡି.ଏନ୍.ଏ./ସ୍ୱ.ପ୍ର.)



ଦୁର୍ଘଟଣାଗ୍ରସ୍ତ ବସ।

ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସାରଳା ନାମକ ଏକ ଯାତ୍ରୀବାହୀ ବସ୍ ସୋମବାର ସାତଶଙ୍ଖ ବଜାର ନିକଟ ଯଶୁଆପୁର ଛକଠାରେ ଡିଭାଇଡରରେ ପିଟି ହୋଇ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ୨୦ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ୪ଜଣଙ୍କ ଅବସ୍ଥା ଗୁରୁତର ହୋଇଛି। ଖବରପାଇ ସ୍ଥାନୀୟ ପୋଲିସ ଓ ଜାତୀୟ ରାଜପଥର ପାଟ୍ରୋଲିଂ ଗାଡ଼ି ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସୂଚନା ମୁତାବକ, ଉକ୍ତ ଯାତ୍ରୀବାହୀ ବସଟି ୬୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଫେରୁଥିଲା। ତେବେ ମଧ୍ୟାହ୍ନ ୧୨ଟା ସମୟରେ ଯଶୁଆପୁର ଛକ ନିକଟରେ ହଠାତ୍ ଡ୍ରାଇଭର ଭାରସାମ୍ୟ ହରାଇବାରୁ ବସ୍‌ଟି ଡିଭାଇଡରେ ପିଟି ହୋଇ ତଳେ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇବା ସହ ଗାଡ଼ି ନିକଟକୁ ଆସି ଯାତ୍ରୀଙ୍କୁ ଉଦ୍ଧାର କରିବାରେ ଲାଗିଥିଲେ। ପରେ ସ୍ଥାନୀୟ ଗ୍ରାମବାସୀ ଏକାଠି ହୋଇ ଓଲଟି ପଡ଼ିଥିବା ଗାଡ଼ିକୁ ଠେଲି ସିଧା କରିବା ସହ ଫସିଥିବା ଯାତ୍ରୀଙ୍କୁ ବାହାର କରିଥିଲେ। ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବାବେଳେ ୪ଜଣ ଗୁରୁତର ହୋଇଥିଲେ। ସାତଶଙ୍ଖ ଫାଣ୍ଡି ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ମେଡିକାଲ ପଠାଇବା ସହ ଗୁରୁତରଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ୪ ଗୁରୁତରଙ୍କ ମଧ୍ୟରୁ ପୋଲିସ ୩ଜଣଙ୍କ ପରିଚୟ ପାଇଛି। ସେମାନେ ହେଲେ ବଡ଼ମ୍ବା ଅଧୀନ କୁମ୍ଭାରସାହିର କହ୍ନେଇ ବେହେରା (୭୦), କୁମ୍ଭାରପଡା ଥାନା ଦେବୀଘାଟର ଜଗନ୍ନାଥ ଦେ(୨୩) ହୋଇଥିବା ବେଳେ ପୁରୀର ମିଟୁ ବେହେରା(୨୭)। ସାତଶଙ୍ଖ ଫାଣ୍ଡି ଅଧିକାରୀ ପି.କେ. ଭୂୟାଁ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରି ତଦନ୍ତ ଚଳାଇଥିବା ବେଳେ ଦୁର୍ଘଟଣା ପରେ ବସ୍‌ର ଡ୍ରାଇଭର ଓ ହେଲ୍ପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

# ୧୨ ବର୍ଷରେ ଗଲାଣି ୧୨ ହାତୀଙ୍କ ଜୀବନ

**ଖୋର୍ଦ୍ଧା ବନଖଣ୍ଡ**

ଖୋର୍ଦ୍ଧା ଅଫିସ,୧୧।୭

ରାଜ୍ୟର ବିଭିନ୍ନ ଜଙ୍ଗଲରେ ଗଜରାଜଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ବିଧାନସଭାରେ ମନ୍ତ୍ରୀ ଦେଇଥିବା ସୂଚନା ଅନୁସାରେ ୧୦ବର୍ଷରେ ୭୮୪ ହାତୀଙ୍କ ଜୀବନ ଗଲାଣି। ବିଶେଷତଃ ୩ ବର୍ଷ ମଧ୍ୟରେ ରାଜ୍ୟର ୩୫ଟି ବନଖଣ୍ଡରେ ୨୪୫ ହାତୀଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଖୋର୍ଦ୍ଧା ବନଖଣ୍ଡ ଅଞ୍ଚଳରେ ଗତ ୧୨ବର୍ଷ ମଧ୍ୟରେ ୧୨ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯ଜଣଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ଏହି ବନଖଣ୍ଡରେ ହାତୀ-ମଣିଷ ଲଢେଇରେ କେତେବେଳେ ହାତୀର ଜୀବନ ଯାଉଛି ତ ଆଉ କେତେବେଳେ ମଣିଷର ଜୀବନ ଯାଉଛି। ଟାଙ୍ଗୀ ବନାଞ୍ଚଳରେ ୨୦୨୧ ମସିହାରେ ୩ଟି ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ୫ଜଣଙ୍କ ଜୀବନ ଯାଇଛି। ସୋମବାର ଏହି ବନାଞ୍ଚଳ ଅନ୍ତର୍ଗତ ଗୋଳବାଇ ମୁଣ୍ଡାଆମ୍ବ ଜଙ୍ଗଲରେ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଏକ ହାତୀର ମୃତ୍ୟୁ ଘଟିଛି। ସୂଚନା ମୁତାବକ, ଟାଙ୍ଗୀ ବନାଞ୍ଚଳ ଭୁଷଣ୍ଡପୁର ଜଙ୍ଗଲରେ ୧୮ଟିକିଆ ହାତୀପଲ ଅଛନ୍ତି। ଏହି ବନାଞ୍ଚଳ ଅନ୍ତର୍ଗତ ଡମଣଭୂଇଁ, ଗୟାବନ୍ଧ, ରାମେଶ୍ୱର, ଭୁଷଣ୍ଡପୁର ଆଦି ଅଞ୍ଚଳରେ ହାତୀପଲ ଯାତାୟାତ କରୁଛନ୍ତି। ସଞ୍ଜ ନଇଁଲେ ହାତୀପଲ ଜଙ୍ଗଲ ରାସ୍ତା ଦେଇ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। କେତେବେଳେ ଶିକାରୀ ହାବୁଡରେ ପଡି ତ ଆଉ କେତେବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ଏପରିକି ଜଙ୍ଗଲ ରାସ୍ତା ଦେଇ ଯାଇଥିବା ରେଳ ଧାରଣା ପାର ବେଳେ ଟ୍ରେନ ଧକ୍କାରେ ପ୍ରାଣ ହରାଉଛନ୍ତି। ରାତି ହେଲେ ହାତୀପଲ ରେଳ ଧାରଣା ଦେଇ ଏପଟ ଜଙ୍ଗଲରୁ ସେପଟ ଜଙ୍ଗଲକୁ ଯାଇଥାନ୍ତି। ପ୍ରକାଶ ଯେ, ଗତ ଡିସେମ୍ବର ୨୫ ତାରିଖ ରାତିରେ ଏକ ମାଲବାହୀ ଟ୍ରେନ ଧକ୍କାରେ ଦୁଇଟି ହାତୀଙ୍କ ମୃତ୍ୟୁ ଘଟିଥିଲା।

### ଏମାନେ ଯାହା କୁହନ୍ତି...

“ ହାତୀର ଗତିବିଧି ଉପରେ ନଜର ରଖାଯାଉଛି। ଟାଙ୍ଗୀ ବନାଞ୍ଚଳରୁ ମିଳିଥିବା ସୂଚନା ପ୍ରକାରେ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ୧୦ଟି ସ୍କ୍ୱାଡ୍ ବୁଲୁଛନ୍ତି। ଭୁଷଣ୍ଡପୁର ଅଞ୍ଚଳରେ ୩ଜଣ ଫରେଷ୍ଟର ଜଗି ରହୁଛନ୍ତି। ହାତୀଙ୍କ ଗତିବିଧି ସମ୍ପର୍କରେ ଜଙ୍ଗଲ ନିକଟବର୍ତ୍ତୀ ଲୋକଙ୍କୁ ଡାକବାଜି ସାହାଯ୍ୟରେ ସଚେତନ କରାଯାଉଛି। ଟାଙ୍ଗୀ ବନାଞ୍ଚଳ ଦେଇ ଯାଇଥିବା ରେଳ ଲାଇନରେ ହାତୀ ପାର ହେଉଛନ୍ତି। ଏ ନେଇ ପୂର୍ବତଟ ରେଲୱେ ବିଭାଗକୁ ଅବଗତ କରାଯାଉଛି।

**- ଅସିତ୍ ମିଶ୍ର, ଏସିଏଫ୍**

“ ବନ ବିଭାଗ ଏବଂ ରେଲୱେ ବିଭାଗର ଅପରଗତାରୁ ଗତ ବର୍ଷ ୨ଟି ହାତୀର ମୃତ୍ୟୁ ଘଟିଥିଲା। ସରକାର ହାତୀଙ୍କ ସୁରକ୍ଷା ପାଇଁ ଅପରେଶନ ଗଜରାଜ ଯୋଜନା କରିଛନ୍ତି। ପାଣି ଭଳି ଅର୍ଥ ଖର୍ଚ୍ଚ ହେଉଛି। ତେବେ ହାତୀ ନିୟନ୍ତ୍ରଣରେ ଖୋର୍ଦ୍ଧା ବନଖଣ୍ଡ ବିଫଳ ହୋଇଛି।

**- ଶ୍ରୀରଞ୍ଜନ ମଙ୍ଗରାଜ, କୃଷକ ନେତା**

“ ଜଙ୍ଗଲ ରାସ୍ତାରେ ହାତୀ ଚଳପ୍ରଚଳ କରିବା ସ୍ୱାଭାବିକ କଥା। ଯେପରି ହାତୀଙ୍କ ଚଳପ୍ରଚଳରେ କୌଣସି ବାଧା ନ ଉପୁଜିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉ। ଟ୍ରେନ ଲାଇନ ଯାଇଥିବା ଅଞ୍ଚଳରେ ହାତୀଙ୍କ ଗତିବିଧି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ। ଅନେକ ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀ ମୃତ୍ୟୁବରଣ କରୁଛନ୍ତି। ବନ, ରେଲୱେ ଏବଂ ବିଦ୍ୟୁତ ବିଭାଗ ମଧ୍ୟରେ ଉତ୍ତମ ବୁଝାମଣା ସହ ସମନ୍ୱୟ ରହିଲେ ଦୁର୍ଘଟଣା କମିବ। ହାତୀ ଗତିବିଧି ଉପରେ ତୀକ୍ଷ୍ଣ ନଜର ରହିବା ଜରୁରୀ ହୋଇପଡ଼ିଛି।

**- ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୭।୨୦୨୨

| | |
|---|---|
| ୪,୩୧,୨୦୪ ଟଙ୍କା | |
| ସୁନା | ୫୦୦ ମିଲିଗ୍ରାମ |
| ରୁପା | ୧୩ ଗ୍ରାମ |

# ଡିଭାଇଡରରେ ପିଟି ହୋଇ ଓଲଟିଲା ବସ୍

## ୨୦ ଆହତ, ୪ ଗୁରୁତର

ପିପିଲି,୧୧।୭(ଡି.ଏନ୍.ଏ./ସ୍ୱ.ପ୍ର.)

ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସାରଳା ନାମକ ଏକ ଯାତ୍ରୀବାହୀ ବସ୍ ସୋମବାର ସାତଶଙ୍ଖ ବଜାର ନିକଟ ଯଶୁଆପୁର ଛକଠାରେ ଡିଭାଇଡରରେ ପିଟି ହୋଇ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ୨୦ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ୪ଜଣଙ୍କ ଅବସ୍ଥା ଗୁରୁତର ହୋଇଛି। ଖବରପାଇ ସ୍ଥାନୀୟ ପୋଲିସ ଓ ଜାତୀୟ ରାଜପଥର ପାଟ୍ରୋଲିଂ ଗାଡ଼ି ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସୂଚନା ମୁତାବକ, ଉକ୍ତ ଯାତ୍ରୀବାହୀ ବସଟି ୬୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଫେରୁଥିଲା। ତେବେ ମଧ୍ୟାହ୍ନ ୧୨ଟା ସମୟରେ ଯଶୁଆପୁର ଛକ ନିକଟରେ ହଠାତ୍ ଡ୍ରାଇଭର ଭାରସାମ୍ୟ ହରାଇବାରୁ ବସ୍‌ଟି ଡିଭାଇଡରେ ପିଟି ହୋଇ ତଳେ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇବା ସହ ଗାଡ଼ି ନିକଟକୁ ଆସି ଯାତ୍ରୀଙ୍କୁ ଉଦ୍ଧାର କରିବାରେ ଲାଗିଥିଲେ। ପରେ ସ୍ଥାନୀୟ ଗ୍ରାମବାସୀ ଏକାଠି ହୋଇ ଓଲଟି ପଡ଼ିଥିବା ଗାଡ଼ିକୁ ଠେଲି ସିଧା କରିବା ସହ ଫସିଥିବା ଯାତ୍ରୀଙ୍କୁ ବାହାର କରିଥିଲେ। ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବାବେଳେ ୪ଜଣ ଗୁରୁତର ହୋଇଥିଲେ। ସାତଶଙ୍ଖ ଫାଣ୍ଡି ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ମେଡିକାଲ ପଠାଇବା ସହ ଗୁରୁତରଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ୪ ଗୁରୁତରଙ୍କ ମଧ୍ୟରୁ ପୋଲିସ ୩ଜଣଙ୍କ ପରିଚୟ ପାଇଛି। ସେମାନେ ହେଲେ ବଡ଼ମ୍ବା ଅଧୀନ କୁମ୍ଭାରସାହିର କହ୍ନେଇ ବେହେରା (୭୦), କୁମ୍ଭାରପଡା ଥାନା ଦେବୀଘାଟର ଜଗନ୍ନାଥ ଦେ(୨୩) ହୋଇଥିବା ବେଳେ ପୁରୀର ମିଟୁ ବେହେରା(୨୭)। ସାତଶଙ୍ଖ ଫାଣ୍ଡି ଅଧିକାରୀ ପି.କେ. ଭୂୟାଁ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରି ତଦନ୍ତ ଚଳାଇଥିବା ବେଳେ ଦୁର୍ଘଟଣା ପରେ ବସ୍‌ର ଡ୍ରାଇଭର ଓ ହେଲ୍ପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।



ଦୁର୍ଘଟଣାଗ୍ରସ୍ତ ବସ୍ ନିକଟରେ ପୋଲିସ ତଦନ୍ତ କରୁଛି।

# ଯାତ୍ରୀଙ୍କଠାରୁ ଲୁଟ୍: ୩ ମହିଳା ଗିରଫ

## ୬ ମୋବାଇଲ, ୩୮ ହଜାର ୨୮୦ ଟଙ୍କା ଜବତ

ପୁରୀ ଅଫିସ, ୧୧।୭:

ରଥଯାତ୍ରା ସମୟରେ ଯାତ୍ରୀଙ୍କଠାରୁ ଲୁଟ୍ ଅଭିଯୋଗରେ ରେଲୱେ ପୋଲିସ ୩ ମହିଳାଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ତାମିଲନାଡୁ ସାଉଥ ମଦୁରାଇ ଜିଲାର ମୁରୁଗେଶ୍ୱରୀ, ପଶ୍ଚିମବଙ୍ଗ ହୁଗୁଳି ଜିଲାର ବିଦ୍ୟା ଏବଂ ନେହା। ଏମାନଙ୍କଠାରୁ ୬ଟି ମୋବାଇଲ ଫୋନ୍, ଚାର୍ଜର, ଇୟରଫୋନ, ଝୁଣ୍ଟିଆ, ତାବିଜ ଏବଂ ୩୮ ହଜାର ୨୮୦ ଟଙ୍କା ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ମୁରୁଗେଶ୍ୱରୀ, ବିଦ୍ୟା ଓ ନେହା ମୋବାଇଲ, ଟଙ୍କା, ପର୍ସ, ଅଳଙ୍କାର ପ୍ରଭୃତି ଚୋରି କରିବା ଉଦ୍ଦେଶ୍ୟରେ ୧୦ ଦିନ ପୂର୍ବରୁ ନିଜ ଗାଁରୁ ଟ୍ରେନ ଯୋଗେ ପୁରୀ ଆସିଥିଲେ। ସେମାନେ ରଥଯାତ୍ରା ସମୟରେ ଯାତ୍ରୀମାନଙ୍କଠାରୁ ଲୁଟ୍ କରିବା ଉଦ୍ଦେଶ୍ୟରେ ପୁରୀ ଆସିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ରେଲୱେ ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଲକ୍ଷଣ ସତ୍ତ୍ୱେ ଟେଷ୍ଟ କରୁନାହାନ୍ତି ଲୋକେ

ପୁରୀ ଅଫିସ, ୧୧।୭:

ପୁରୀ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଘରେ ଘରେ ଏବେ ଲୋକଙ୍କୁ କାଶ, ଥଣ୍ଡା, ଜ୍ୱର ଲାଗି ରହିଛି। ଅଧିକାଂଶ ଲୋକଙ୍କଠାରେ କରୋନା ଲକ୍ଷଣ ଦେଖାଯାଉଥିଲେ ମଧ୍ୟ ସେମାନେ ଡାକ୍ତରଖାନା ଯାଇ କୋଭିଡ୍ ଟେଷ୍ଟ କରୁ ନ ଥିବା ଜଣାପଡ଼ିଛି। ପ୍ରଶାସନର ସୂଚନା ଅନୁଯାୟୀ, ସମ୍ପ୍ରତି ଜିଲାରେ ୧୨୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପିପିଲି ବ୍ଲକ୍‌ରେ ୧୪, ଡେଲାଙ୍ଗ ୨, କଣାସ ୨, ସତ୍ୟବାଦୀ ୩, ବ୍ରହ୍ମଗିରି ୧୧, ପୁରୀ ସଦର ୧୮, ଗୋପ ଜଣେ, କାକଟପୁର ୩, ନିମାପଡ଼ା ୩, ଅସ୍ତରଙ୍ଗ ଜଣେ, ପୁରୀ ସହରରୁ ୫୨, ଅନ୍ୟ ଜିଲାରୁ ୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ରାଜ୍ୟରୁ ଆସିଥିବା ୫ଜଣ ସଂକ୍ରମିତ ରହିଛନ୍ତି। ଯେଉଁମାନଙ୍କଠାରେ କୋଭିଡ୍ ଲକ୍ଷଣ ଦେଖାଦେଉଛି, ସେମାନେ ପରୀକ୍ଷା କରାଇ ଔଷଧ ସେବନ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ସଂକ୍ଷେପରେ

### ପଲ୍ଲିଶ୍ରୀ ମେଳାରେ ଭକ୍ତି ସଙ୍ଗୀତ ପରିବେଷଣ

ପୁରୀ ଅଫିସ ୧୧।୭: ବାହୁଡ଼ା ଯାତ୍ରା ଅବସରରେ ଭୋଳାନାଥ ବିଦ୍ୟାପୀଠ ପରିସରସ୍ଥ ପଲ୍ଲିଶ୍ରୀ ମେଳା ମଞ୍ଚରେ ଲିଙ୍ଗରାଜ ଯୋଗ ସଙ୍ଗୀତ ସଂସ୍କୃତି ମହାବିଦ୍ୟାଳୟ ଯୋଗ ନିକେତନ ପକ୍ଷରୁ ପାରମ୍ପରିକ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ କଣ୍ଠଶିଳ୍ପୀ ରାମଚନ୍ଦ୍ର ସାହୁ, ବିଷ୍ଣୁ ପ୍ରସାଦ ମହାପାତ୍ର, ମମତା ଶ୍ରୀଚନ୍ଦନ, ପ୍ରଭାତ ତ୍ରିପାଠୀ, ରମାକାନ୍ତ କର, ଗଣେଶ୍ୱର ପ୍ରହରାଜ ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ପଣ୍ଡିତ ରମାକାନ୍ତ କର, ଚନ୍ଦନ ଦାଶ, ଗୌରୀଶଙ୍କର ମିଶ୍ର ଓ ବିଜୟ କୁମାର ମହାରଣା ସହାୟତା କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ପରିଚାଳନା କରିଥିଲେ।

### ଯାତ୍ରୀ ଉଠାକୁ ନେଇ ହେଲ୍‌ପରଙ୍କୁ ଆକ୍ରମଣ: ବସ୍ କଣ୍ଡକ୍ଟର ଗିରଫ

ଭୁବନେଶ୍ୱର,୧୧।୭ (ବ୍ୟୁରୋ): ଯାତ୍ରୀ ଉଠାଇବାକୁ କେନ୍ଦ୍ର କରି ଜଣେ ବସ୍ ହେଲପରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ସୋମବାର ଭରତପୁର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ମଦନମୋହନପୁର ଗାଁର ଖେଳମଣି ପ୍ରଧାନ। ଏ ନେଇ ପୋଲିସ ଏକ ମାମଲା (ନଂ. ୨୮୦/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ରବିବାର ରାତି ୯ଟା ୩୦ରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ କନକ ଦୁର୍ଗା ଓ ଜଗନ୍ନାଥ ବସ୍ ଆଗପଛ ହୋଇ ଗଞ୍ଜାମ ଅଭିମୁଖେ ଯାଉଥାନ୍ତି। ଏହି ସମୟରେ କନକ ଦୁର୍ଗା ବସ୍‌ର ହେଲପର ସୁରେନ୍ଦ୍ର ରେଡ୍ଡୀ ଓ ଜଗନ୍ନାଥ ବସ୍‌ର ହେଲପର ଖେଳମଣି ପ୍ରଧାନଙ୍କ ମଧ୍ୟରେ ଯାତ୍ରୀ ଉଠାଇବାକୁ ନେଇ ପ୍ରଥମେ ପାଟି ତୁଣ୍ଡ ହୋଇଥିଲା। ଏଥିରେ ଜଗନ୍ନାଥ ବସ୍‌ର କଣ୍ଡକ୍ଟର ଉତ୍ତ୍ୟକ୍ତ ହୋଇ ସୁରେନ୍ଦ୍ରଙ୍କୁ ଠେଲି ଦେବାରୁ ସେ ତଳେ ପଡ଼ିଯାଇଥିଲେ। ଏହାପରେ ଖେଳମଣି ସୁରେନ୍ଦ୍ରଙ୍କ ମୁଣ୍ଡକୁ ଧରି ରାସ୍ତାରେ ବାରମ୍ବାର ପିଟିଥିଲେ। ଫଳରେ ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବା ସହ ସେ ଅଚେତ ହୋଇଯାଇଥିଲେ। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଏମ୍ସରେ ଭର୍ତ୍ତି କରାଯାଇଥିଲା।

# ଜଗନ୍ନାଥ ସଡ଼କ ଅବସ୍ଥା ଶୋଚନୀୟ

କଣାସ,୧୧।୭(ସ୍ୱ.ପ୍ର.):

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳ ପ୍ରଗତି ପାଇଁ ରାସ୍ତାଘାଟ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେବେ କଣାସ ବ୍ଲକର ରାସ୍ତାଘାଟ ରକ୍ଷଣାବେକ୍ଷଣ ନେଇ ଅଧିକାରୀମାନେ ନଜର ଦେଉନାହାନ୍ତି। ଫଳରେ ବ୍ଲକର ଅନେକ ରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନୀତି ହେବା ସହ ରାସ୍ତା ଶୋଚନୀୟ ହୋଇପଡିଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, କଣାସଠାରୁ ପଶିଆପଡ଼ା ଦେଇ କୋଟକଣା ଛକଠାରେ ନୂଆ ଜଗନ୍ନାଥ ସଡ଼କକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡିଛି। ଉକ୍ତ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀମାନେ ନଜର ରଖୁନାହାନ୍ତି। ରାସ୍ତାରେ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଦୈନନ୍ଦିନ ଅନେକ ଛୋଟବଡ଼ ଦୁର୍ଘଟଣାମାନ ଘଟୁଥିବା ଦେଖିବାକୁ ମିଳୁଛି। ଉକ୍ତ ରାସ୍ତା ଦେଇ କଣାସ ବ୍ଲକ ଓ ସମସ୍ତ କାର୍ଯ୍ୟାଳୟର ଅଧିକାରୀମାନେ ପୁରୀକୁ ଯିବାବେଳେ ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି। ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗର ହୋଇଥିବାରୁ ବିଭାଗର କାର୍ଯ୍ୟାଳୟ କଣାସରେ ଥିଲେ ମଧ୍ୟ କୌଣସି ଅଧିକାରୀ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ କାର୍ଯ୍ୟାଳୟରେ ସବୁବେଳେ ତାଲା ଝୁଲୁଛି। କଣାସ ବ୍ଲକର ସମସ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲେ ମଧ୍ୟ ଦେଖିବାକୁ କେହିନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।


କଣାସଠାରୁ ପଶିଆପଡ଼ା ଦେଇ କୋଟକଣା ଛକଠାରେ ନୂଆ ଜଗନ୍ନାଥ ସଡ଼କକୁ ସଂଯୋଗ କରୁଥିବା ରାସ୍ତା।

## କ୍ଷେତ୍ର ବନ କର୍ମଚାରୀଙ୍କ ପଦବୀ ନାମ ପରିବର୍ତ୍ତନ ଦାବି

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଅଣ ଗେଜେଟେଡ୍ ବନ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ ଓଡ଼େଶା ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ସରକାର ଓ ବନ ପ୍ରଶାସନ ନିକଟରେ ୧୧ ଦଫା ଦାବି ଉପସ୍ଥାପନ କରାଯାଇଛି। ଖାକି ୟୁନିଫର୍ମ ପରିହିତ କ୍ଷେତ୍ର ବନ କର୍ମଚାରୀଙ୍କ ପଦବୀର ନାମ ପରିବର୍ତ୍ତନ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। କ୍ଷେତ୍ର ବନ କର୍ମଚାରୀ ପଦବୀର ନାମ ପରିବର୍ତ୍ତନ କରି ପୋଲିସ ଓ ଅବକାରୀ ବିଭାଗ ଭଳି ନାମକରଣ କରିବା ପାଇଁ ସଂଘର ସାଧାରଣ ସମ୍ପାଦକ ଦିଲୀପ କୁମାର ମିଶ୍ର ଦାବି କରିଛନ୍ତି।

# ଯୁବକଙ୍କୁ ବରଯାତ୍ରୀଙ୍କ ସଂଘବଦ୍ଧ ଆକ୍ରମଣ

## ୩ ଗିରଫ

ନିମାପଡ଼ା,୧୧।୭(ଡି.ଏନ୍.ଏ.):

ନିମାପଡ଼ା ଥାନା ଅନ୍ତର୍ଗତ କନପୁର ଗ୍ରାମରେ ରବିବାର ଏକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିବାହରେ ନିଆଳି ଥାନା ଅଞ୍ଚଳରୁ ଆସିଥିବା ବରଯାତ୍ରୀଙ୍କ ସଂଘବଦ୍ଧ ଆକ୍ରମଣରେ ଗ୍ରାମର ଜଣେ ଯୁବକଙ୍କ କାନ ଛିଣ୍ଡିଯାଇ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଶୁଭେନ୍ଦୁ ପ୍ରଧାନ। ଶୁଭେନ୍ଦୁଙ୍କ ଭାଇ ସମରଜିତ୍‌ଙ୍କ ଅଭିଯୋଗ କ୍ରମେ ପୋଲିସ ଏନେଇ ଏକ ମାମଲା (କେସ୍ ନଂ. ୨୩୩/୨୨) ରୁଜୁ କରି ୩ଜଣଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ବରଯାତ୍ରୀରେ ନିଆଳି ଥାନା ଅନ୍ତର୍ଗତ ଅଁଳ ଗ୍ରାମରୁ ଆସିଥିବା ତ୍ରିଲୋଚନ ସାମଲ, ସୌମ୍ୟରଞ୍ଜନ ସାମଲ, ମନୋଜ ସ୍ୱାଇଁଙ୍କ ସହ ଶୁଭେନ୍ଦୁଙ୍କ କୌଣସି କାରଣରୁ ବଚସା ହୋଇଥିଲା। ସେଥିରେ ଉତ୍‌କ୍ଷିପ୍ତ ହୋଇ ୩ଜଣ ମିଶି ଶୁଭେନ୍ଦୁଙ୍କୁ ଆକ୍ରମଣ କରିବା ସହ ତାଙ୍କ କାନକୁ କାମୁଡି ଛିଡାଇ ଦେଇଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ୩ଜଣଙ୍କୁ ଗିରଫ କରିଥିଲା। ତେବେ ପରିବାର ଲୋକ ଓ ଗ୍ରାମବାସୀ ଶୁଭେନ୍ଦୁଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରୁ ପଠାଇ ଦିଆଯାଇଛି।

# କୁକୁଡ଼ା ଫାର୍ମରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ: ହତ୍ୟା ସନ୍ଦେହ

ଡେଲାଙ୍ଗ,୧୧।୦୭(ଡି.ଏନ୍.ଏ.):

ଲେମ୍ବୁଆପଡ଼ା ଗ୍ରାମସ୍ଥିତ ଏକ କୁକୁଡ଼ା ଫାର୍ମରୁ ଫାର୍ମ ମାଲିକଙ୍କ ଝୁଲନ୍ତା ମୃତଦେହ ହରିରାଜପୁର ଫାଣ୍ଡି ପୋଲିସ ସୋମବାର ଜବତ କରିଛି। ମୃତକ ହେଲେ ପିପିଲି ଥାନା ଅନ୍ତର୍ଗତ କାକୁଡିଆ ଗ୍ରାମର ପ୍ରଶାନ୍ତ ବେହେରା(୩୨)। ମୃତକଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ଡେଲାଙ୍ଗ ପୋଲିସ ଏକ ଅପମୃତ୍ୟୁ ମାମଲା (କେସ୍ ନଂ. ୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି।

ସୂଚନା ଅନୁଯାୟୀ, ରବିବାର ରାତିରେ ପ୍ରଶାନ୍ତ ସବୁଦିନ ଭଳି ପରିବାର ସହିତ ରାତ୍ରଭୋଜନ ସାରି କୁକୁଡ଼ା ଫାର୍ମକୁ ଶୋଇବାକୁ ଯାଇଥିଲେ। ହେଲେ ସେ ପରଦିନ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିବାକୁ ଫାର୍ମକୁ ଯାଇଥିଲେ। ସେଠାରେ ପ୍ରଶାନ୍ତଙ୍କୁ ଆଜବେଷ୍ଟ ଘରର ଉପର କାଠରେ ବେକରେ ରଶି ଲଗାଇ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତାଙ୍କ ପୁଅକୁ କେହି ହତ୍ୟା କରିଥିବା ତାଙ୍କ ବାପା ତ୍ରିନାଥ ବେହେରା ଥାନାରେ ଅଭିଯୋଗ କରିଛନ୍ତି।

# ୧୨ ବର୍ଷରେ ଗଲାଣି ୧୨ ହାତୀଙ୍କ ଜୀବନ

## ଖୋର୍ଦ୍ଧା ବନଖଣ୍ଡ

ଖୋର୍ଦ୍ଧା ଅଫିସ,୧୧।୭:

ରାଜ୍ୟରେ ବିଭିନ୍ନ ଜଙ୍ଗଲରେ ଗଜରାଜଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ବିଧାନସଭାରେ ମନ୍ତ୍ରୀ ଦେଇଥିବା ସୂଚନା ଅନୁସାରେ ୧୦ବର୍ଷରେ ୭୮୪ ହାତୀଙ୍କ ଜୀବନ ଗଲାଣି। ବିଶେଷତଃ ୩ ବର୍ଷ ମଧ୍ୟରେ ରାଜ୍ୟର ୩୫ଟି ବନଖଣ୍ଡରେ ୨୪୫ ହାତୀଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଖୋର୍ଦ୍ଧା ବନଖଣ୍ଡ ଅଞ୍ଚଳରେ ଗତ ୧୨ବର୍ଷ ମଧ୍ୟରେ ୧୨ଟି ହାତୀର ମୃତ୍ୟୁ ଘଟିଥିବା ବେଳେ ୧୯ଜଣଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ଏହି ବନଖଣ୍ଡରେ ହାତୀ ମଣିଷ ଲଢେଇରେ କେତେବେଳେ ହାତୀର ଜୀବନ ଯାଉଛି ତ ଆଉ କେତେବେଳେ ମଣିଷର ଜୀବନ ଯାଉଛି। ଟାଙ୍ଗୀ ବନାଞ୍ଚଳରେ ୨୦୨୧ ମସିହାରେ ୩ଟି ହାତୀର ମୃତ୍ୟୁ ଘଟିଥିବା ବେଳେ ୫ଜଣଙ୍କ ଜୀବନ ଯାଇଛି। ସୋମବାର ଏହି ବନାଞ୍ଚଳ ଅନ୍ତର୍ଗତ ଗୋଳବାଇ ମୁଣ୍ଡାଆମ୍ବ ଜଙ୍ଗଲରେ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଏକ ହାତୀର ମୃତ୍ୟୁ ଘଟିଛି। ସୂଚନା ମୁତାବକ, ଟାଙ୍ଗୀ ବନାଞ୍ଚଳ ଭୁଷଣ୍ଡପୁର ଜଙ୍ଗଲରେ ୧୮ଟିକିଆ ହାତୀ ପଲ ଅଛନ୍ତି। ଏହି ବନାଞ୍ଚଳ ଅନ୍ତର୍ଗତ ଡମଣଭୂଇଁ, ଗୟାବନ୍ଧ, ରାମେଶ୍ୱର, ଭୁଷଣ୍ଡପୁର ଆଦି ଅଞ୍ଚଳରେ ହାତୀପଲ ଯାତାୟାତ କରୁଛନ୍ତି। ସଞ୍ଜ ନଇଁଲେ ହାତୀପଲ ଜଙ୍ଗଲ ରାସ୍ତା ଦେଇ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। କେତେବେଳେ ଶିକାରୀ ହାବୁଡରେ ପଡି ତ ଆଉ କେତେବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ଏପରିକି ଜଙ୍ଗଲ ରାସ୍ତା ଦେଇ ଯାଇଥିବା ରେଳ ଧାରଣା ପାର ବେଳେ ଟ୍ରେନ ଧକ୍କାରେ ପ୍ରାଣ ହରାଉଛନ୍ତି। ରାତି ହେଲେ ହାତୀ ପଲ ରେଳ ଧାରଣା ଦେଇ ଏପଟ ଜଙ୍ଗଲରୁ ସେପଟ ଜଙ୍ଗଲକୁ ଯାଇଥାନ୍ତି। ପ୍ରକାଶ ଯେ, ଗତ ଡିସେମ୍ବର ୨୫ ତାରିଖ ରାତିରେ ଏକ ମାଲବାହୀ ଟ୍ରେନ ଧକ୍କାରେ ଦୁଇଟି ହାତୀଙ୍କ ମୃତ୍ୟୁ ଘଟିଥିଲା।

# କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ସ୍ୱଲିଖିତ ବହି ଦେଲେ ଅର୍ଚ୍ଚିତା

## ତୃତୀୟ ଶ୍ରେଣୀରେ ରଚନା କରିଥିଲେ 'ମାମା ମୂର୍ଚ୍ଛନା'

କଣାସ ୧୧।୭(ସ୍ୱ.ପ୍ର.):

କଣାସ ବ୍ଲକ ଅନ୍ତର୍ଗତ ଗଡ଼ିଶାଗୋଦା ପଞ୍ଚାୟତ ନୂଆଗାଁ ଗ୍ରାମର ଷଷ୍ଠ ଶ୍ରେଣୀ ଛାତ୍ରୀ ଅର୍ଚ୍ଚିତା ଶ୍ରୀଚନ୍ଦନ 'ମାମା ମୂର୍ଚ୍ଛନା' ନାମକ ଏକ ପୁସ୍ତକ ରଚନା କରିଛନ୍ତି। ରବିବାର ପୁରୀଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଅର୍ଚ୍ଚିତା ନିଜ ଲିଖିତ ଏହି ପୁସ୍ତକ ପ୍ରଦାନ କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରଧାନ ଉକ୍ତ ପୁସ୍ତକ ସମ୍ପର୍କରେ ଅର୍ଚ୍ଚିତାଙ୍କୁ ପଚାରି ବୁଝିବା ସହ ନିରନ୍ତର ସାହିତ୍ୟ ସୃଷ୍ଟି ଜାରି ରଖିବାକୁ ପରାମର୍ଶ ଦେବା ସହ ଏ ଦିଗରେ ଉତ୍ସାହ ପ୍ରଦାନ କରିଥିଲେ। ଅର୍ଚ୍ଚିତାଙ୍କ ପ୍ରତିଭା ସମ୍ପର୍କରେ ବିସ୍ତୃତ ତଥ୍ୟ ଗବେଷକ ମହେଶ ସାହୁ ଅବଗତ କରାଇବା ପରେ ପ୍ରଧାନ ତାଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କ ପାଠପଢା ବିଷୟରେ ପଚାରି ବୁଝିଥିଲେ। ସୂଚନା ଥାଉ କି, ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ଅର୍ଚ୍ଚିତା ଏହି ପୁସ୍ତକ ଲେଖିଥିଲେ। ଏହା ପ୍ରକାଶ ପାଇବା ପରେ ସେ ଚର୍ଚ୍ଚାର ପରିସରକୁ ଆସିଥିଲେ।


କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅର୍ଚ୍ଚିତା ଶ୍ରୀଚନ୍ଦନ ଏବଂ ଅନ୍ୟମାନେ।

# ବିପଦସଙ୍କୁଳ ଅବସ୍ଥାରେ ପ୍ରାଚୀନ କୁଶଭଦ୍ରା ସେତୁ

ନିମାପଡ଼ା,୧୧।୭(ଡି.ଏନ୍.ଏ.):

ନିମାପଡ଼ା ଦୋଳବେଦୀ ଛକଠାରେ କୁଶଭଦ୍ରା ନଦୀ ଉପରେ ଥିବା କୁଶଭଦ୍ରା ସେତୁଟି ଏବେ ବିପଦସଙ୍କୁଳ, ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପୂର୍ତ୍ତ ବିଭାଗର ରକ୍ଷଣାବେକ୍ଷଣ ଅଭାବରୁ ଶହ ଶହ ବର୍ଷର ବହୁ ପ୍ରାଚୀନ ସେତୁର ଅବସ୍ଥା ଏବେ ଅତି ଶୋଚନୀୟ ହୋଇପଡିଛି। ଯଦି ଏହି ସେତୁକୁ ମରାମତି କରା ନ ଯାଏ, ତେବେ ଖୁବ୍ କମ୍ ଦିନ ମଧ୍ୟରେ ସେତୁ ତା'ର ସତ୍ତା ହରାଇ ବସି ଭୁଶୁଡ଼ି ପଡିବାର ଆଶଙ୍କା କରାଯାଉଛି। ହେଲେ ଏ ଦିଗରେ ସ୍ଥାନୀୟ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ନିଘା ନ ଥିବା ଦେଖାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିମାପଡ଼ା ପୂର୍ତ୍ତ ବିଭାଗ ଉପଖଣ୍ଡ ଅଫିସଠାରୁ ମାତ୍ର ୭୦୦ ମିଟର ଦୂରରେ ଏହି ସେତୁ ରହିଛି। ତେବେ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କର ଏ ଦିଗରେ ଦୃଷ୍ଟି ନ ପଡିବା ଦୁର୍ଭାଗ୍ୟଜନକ ବିଷୟ ବୋଲି ବିଭିନ୍ନ ମହଲରୁ କୁହାଯାଉଛି। ଶହଶହ ବର୍ଷର ଏହି କୁଶଭଦ୍ରା ସେତୁଟି ନିମାପଡ଼ା ମାଟିର ବରପୁତ୍ର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା କୃଷକ ନେତା ସ୍ୱର୍ଗତ ମୋହନ ଦାସଙ୍କ ସମୟର। ସ୍ୱର୍ଗତ ଦାସ ୧୯୫୭ରୁ ୧୯୬୧ ମସିହା ପର୍ଯ୍ୟନ୍ତ ନିମାପଡ଼ାର ବିଧାୟକ ଥିବାବେଳେ ୧୯୫୮ରେ ସେତୁଟି ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ସେତୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି। ନିମାପଡ଼ାର କିମ୍ବଦନ୍ତୀ ମୂକସାକ୍ଷୀ ଏହି ପ୍ରାଚୀନ ସେତୁଟି ବର୍ତ୍ତମାନ ଜରାଜୀର୍ଣ୍ଣ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେତୁର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇ ସେଠାରେ ଗଛ ଉଠିଗଲାଣି। ବହୁ ସ୍ଥାନରେ ଖାଲ ସୃଷ୍ଟି ହୋଇ ବର୍ଷା ଜଳ ଜମି ରହୁଛି। ସେତୁର ଉଭୟ ପାର୍ଶ୍ୱରେ ଥିବା ବାଡ଼ ବହୁ ଜାଗାରେ ଭାଙ୍ଗି ଯାଇଛି। ଦୟନୀୟ ଅବସ୍ଥା ଯୋଗୁ ସେତୁଟି ଦିନକୁ ଦିନ ଦୁର୍ବଳ ହୋଇପଡୁଛି। ଶହଶହ ବର୍ଷ ଧରି ପୁରୀ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଆଦି ୪ଟି ଜିଲା ସହ କୋଣାର୍କ, ପିପିଲି, କାକଟପୁର, ଅସ୍ତରଙ୍ଗ, ଭୁବନେଶ୍ୱର, କଟକକୁ ଏହି ସେତୁ ସଂଯୋଗ କରୁଛି। ଦୈନିକ ଏହି ସେତୁ ଦେଇ ବହୁ ସଂଖ୍ୟାରେ ଯାନବାହନ ଯାତାୟାତ କରୁଛି। ତେଣୁ ଏହି ସେତୁର ତୁରନ୍ତ ମରାମତି ଓ ରକ୍ଷଣାବେକ୍ଷଣ କରାଯିବା ଦିଗରେ ପଦକ୍ଷେପ ନିଆଯିବାକୁ ବହୁ ବୁଦ୍ଧିଜୀବୀ, ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସ୍ଥାନୀୟ ଲୋକେ ୫-ଟି ସଚିବ, ପୂର୍ତ୍ତ ମନ୍ତ୍ରୀ, ପୂର୍ତ୍ତ ବିଭାଗ ସଚିବ, ସ୍ଥାନୀୟ ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କଠାରେ ଦାବି କରିଛନ୍ତି। ଯଦି ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଯାଏ, ତେବେ କୁଶଭଦ୍ରା ସେତୁର ସୁରକ୍ଷା ଦାବିରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଜନପ୍ରତିନିଧି, ସ୍ୱେଚ୍ଛାସେବୀ, ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶାଲ କୁମାର ହେମ୍ବ୍ରମ୍‌ଙ୍କୁ ଫୋନ୍ ନଂ.-୯୪୩୮୪୦୫୫୫୨ ଯୋଗେ ସୋମବାର ପୂର୍ବାହ୍ନ ୧୧ଟା ୩୫ରେ ଯୋଗାଯୋଗ କରିବାରେ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ଏହା ପୂର୍ବରୁ ୩ ଦିନ ଧରି ଏହି



## ତୁରନ୍ତ ମରାମତି ଦାବି

ଘଟଣା ନେଇ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନର ଜବାବ ରଖି ନ ଥିଲେ। ଏ ବାବଦରେ ଗାଡ଼ିଚାଳକ ରମେଶ ବେହେରାଙ୍କୁ ପଚାରିବାରେ, ବିଭିନ୍ନ ସ୍ଥାନରେ ସେତୁ ଭାଙ୍ଗିରୁଜି ମେଲା ହୋଇଯାଇଛି। ସଂଯୋଗ ସ୍ଥଳିରେ ଲୁହାପ୍ଲେଟ୍ ଉଠିଯାଇଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି। ଏଥିପାଇଁ ଆମକୁ ଗାଡି ଚଳାଇବାକୁ ଭୟ ଲାଗୁଥିବା ରମେଶ କହିଛନ୍ତି। ସେତୁରେ ହୋଇଯାଇଥିବା ଖାଲ ଜାଗାରେ ଆମର ଛୋଟ ପିଲାଙ୍କ ଗୋଡ଼ ପଶିଯାଇ ଦୁର୍ଘଟଣା ଘଟିବାର ଆଶଙ୍କା ଥିବା ସ୍ଥାନୀୟ ବାସିନ୍ଦା ମଇନ ସେଠୀ କହିଛନ୍ତି। ବର୍ଷା ହେଲେ ସେଠାରେ ପାଣି ଜମି ରହୁଥିବାରୁ ରାସ୍ତାରେ ଯିବା ସମୟରେ ଖାଲ ଜଣା ପଡୁ ନ ଥିବାରୁ ଗାଡି ଚକା ଫସିଯାଉଥିବା ବାସିନ୍ଦା କୈଳାସ ବେହେରା, କପିଳ ସେଠୀ ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ଏହି ସେତୁ ଉପରେ ଭାରିଯାନ ଯାତାୟତବେଳେ ସେତୁଟି ଥରିଲା ଭଳି ଲାଗିବାରୁ ଏହା ଭୁଶୁଡ଼ି ପଡିବାର ଭୟ ରହିଥିବା ସ୍ଥାନୀୟ ବାସିନ୍ଦା ପ୍ରସନ୍ନ ସାହୁ କହିଛନ୍ତି।

# ପ୍ରଥମଥର ର୍‍ୟାଙ୍କିଙ୍ଗ୍ ବାହାରେ ଫେଡେରର

**ୱିମ୍ବେଲଡନ, ୧୧।୭ (ଏପି)**

ସୋମବାର ଏଟିପି ର୍‍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ରୋଜର ଫେଡେରର ୨୫ ବର୍ଷ ମଧ୍ୟରେ ପ୍ରଥମ ଥର ଏହି ତାଲିକା ବାହାରେ ରହିଛନ୍ତି। ଅନ୍ୟପକ୍ଷରେ ରବିବାର ୭ମ ଥର ପାଇଁ ୱିମ୍ବେଲଡନ ଟାଇଟଲ ଜିତିଥିବା ନୋଭାକ୍ ଜୋକୋଭିଚ୍ ୪ ସ୍ଥାନ ତଳକୁ ଖସି ୭ମ ସ୍ଥାନରେ ରହିଛନ୍ତି। ଫେଡେରର ୧୯୯୭ ସେପ୍ଟେମ୍ବରରେ ମାତ୍ର ୧୬ ବର୍ଷ ବୟସରେ ତାଙ୍କ ପଦାର୍ପଣ କରିଥିଲେ। ସେତେବେଳେ ର୍‍ୟାଙ୍କିଙ୍ଗ୍ ତାଲିକାରେ ସେ ମିଳିତ ୮୦୩ତମ ସ୍ଥାନରେ ରହିଥିଲେ। ପରବର୍ତ୍ତୀ ସମୟରେ ସେ ଅଧିକ ଦିନ ଧରି ନମ୍ବର ୱାନ ସ୍ଥାନରେ ରହି ରେକର୍ଡ ପ୍ରତିଷ୍ଠା କରିଥିଲେ। ତେବେ ଏହାକୁ ଜୋକୋଭିଚ୍ ଭାଙ୍ଗି ଦେଇଥିଲେ। ଅଲ୍ ଇଂଲଣ୍ଡ କ୍ଲବରେ ଖେଳ ଆରମ୍ଭ ହେବାବେଳକୁ ଫେଡେରର ୯୭ତମ ସ୍ଥାନରେ ରହିଥିଲେ। ବର୍ତ୍ତମାନ ତାଙ୍କ ପଏଣ୍ଟ ସଂଖ୍ୟା ଶୂନ୍ୟ ହୋଇଯାଇଛି।

ଗତ ୫୨ ସପ୍ତାହରେ ଖେଳାଳିଙ୍କ ଫଳାଫଳକୁ ଭିତ୍ତିକରି ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ କରାଯାଇଛି। ବର୍ଷକ ପୂର୍ବେ ୱିମ୍ବେଲଡନ କ୍ୱାର୍ଟର ଫାଇନାଲରେ ପ୍ରବେଶ ପରଠାରୁ ଫେଡେରର କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିନାହାନ୍ତି। ଏହି ପରାଜୟ ପରେ ଫେଡେରର ୧୮ ମାସ ମଧ୍ୟରେ ତାଙ୍କ ଡାହାଣ ଆଣ୍ଠୁରେ ତୃତୀୟଥର ଅସ୍ତ୍ରୋପଚାର କରାଇଥିଲେ। ଅଗଷ୍ଟ ୮ରେ ୪୧ବର୍ଷ ବୟସରେ ପଦାର୍ପଣ କରିବାକୁ ଥିବା ଫେଡେରର ଅକ୍ଟୋବରରେ ତାଙ୍କ ଦେଶ ସ୍ୱିଜରଲାଣ୍ଡରେ ଟୁର୍ଣ୍ଣାମେଣ୍ଟ ଖେଳି ଟେନିସ୍‌କୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଯୋଜନା ରଖିଛନ୍ତି। ଆସନ୍ତା ବର୍ଷ ସେ ୱିମ୍ବେଲଡନ ଖେଳିବା ଲାଗି ଆଶା ରଖିଛନ୍ତି। ଜୋକୋଭିଚ୍‌ଙ୍କ ବ୍ୟତୀତ ଚଳିତ ବର୍ଷର ୱିମ୍ବେଲଡନ ରନର୍ସଅପ୍ ସତ୍ତ୍ୱେ ନିକ୍ କିର୍ଗିଓସ ର୍‍ୟାଙ୍କିଙ୍ଗ ତାଲିକାର ୪୦ତମ ସ୍ଥାନରୁ ୪୫ତମ ସ୍ଥାନକୁ ଖସି ଆସିଛନ୍ତି।


ରୋଜର ଫେଡେରର

କିର୍ଗିଓସ୍ ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିଥିଲେ।

ସୂଚନାଯୋଗ୍ୟ, ୟୁକ୍ରେନ୍ ବିରୋଧରେ ଯୁଦ୍ଧ ପାଇଁ ଅଲ୍ ଇଂଲଣ୍ଡ କ୍ଲବ ରୁଷିଆ ଓ ବେଲାରୁଷ୍ ଖେଳାଳିଙ୍କୁ ବାସନ୍ଦ କରିଥିବାରୁ ୱିମ୍ବେଲଡନରେ ଉଭୟ ଡବ୍ଲୁଟିଏ ଓ ଏଟିପି ଏଥର କୌଣସି ପଏଣ୍ଟ ବ୍ୟବସ୍ଥା କରିନାହାନ୍ତି। ତେଣୁ ଜୋକୋଭିଚ୍ ଓ କିର୍ଗିଓସ୍ ଏଥର ୱିମ୍ବେଲଡନରୁ କୌଣସି ର୍‍ୟାଙ୍କିଙ୍ଗ ପଏଣ୍ଟ ପାଇନାହାନ୍ତି। ସେହିପରି ଏଲିନା ରିବାକିନା ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ ମଧ୍ୟ ସଦ୍ୟ ପ୍ରକାଶିତ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ତାଙ୍କର ଉନ୍ନତି ଘଟିନାହିଁ। ସେ ପୂର୍ବଭଳି ତାଲିକାର ୨୩ତମ ସ୍ଥାନରେ ରହିଛନ୍ତି। ଶନିବାର ଫାଇନାଲରେ ସେ ଓନ୍ସ ଜାବେରଙ୍କୁ ପରାସ୍ତ କରିଥିଲେ। ଏକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ଜାବେରଙ୍କ ଏହା ଶ୍ରେଷ୍ଠ ପ୍ରଦର୍ଶନ ହୋଇଥିଲେ ମଧ୍ୟ ସେ ୨ ନମ୍ବର ସ୍ଥାନରୁ ୫ମ ସ୍ଥାନକୁ ଖସି ଆସିଛନ୍ତି। ଫ୍ରେଞ୍ଚ ଓପନ୍ ଚାମ୍ପିୟନ ଇଗା ସ୍ୱିଟେକ୍, ଯାହାଙ୍କର କ୍ରମାଗତ ୩୭ ମ୍ୟାଚ ବିଜୟ ୱିମ୍ବେଲଡନ ତୃତୀୟ ରାଉଣ୍ଡରେ ବ୍ରେକ୍ ଲାଗିଥିଲା। ସେ ପୂର୍ବଭଳି ନମ୍ବର ୱାନ୍ ସ୍ଥାନରେ ରହିଛନ୍ତି। ୱିମ୍ବେଲଡନରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଥିବା ରୁଷିଆର ଡାନିଲ ମେଡଭେଡେଭ୍ ପୁରୁଷ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷରେ ରହିଛନ୍ତି। ସେ ଗତବର୍ଷ ୟୁଏସ୍ ଓପନ ଜିତିଥିବା ବେଳେ ଚଳିତ ବର୍ଷ ଅଷ୍ଟ୍ରେଲିଆନ ଓପନ୍ ରନର୍ସଅପ୍ ହୋଇଥିଲେ।

## କାଉଣ୍ଟି ଖେଳିବେ ଉମେଶ ଯାଦବ



**ଲଣ୍ଡନ,୧୧।୭ (ପି.ଟି) :** ଭାରତୀୟ ଦ୍ରୁତ ବୋଲର ଉମେଶ ଯାଦବ କାଉଣ୍ଟି କ୍ରିକେଟ ଖେଳିବାକୁ ଯାଉଛନ୍ତି। ସୋମବାର ଇଂଲିଶ କାଉଣ୍ଟି କ୍ଲବ୍ ମିଡିଲସେକ୍ସ ପକ୍ଷରୁ ଉମେଶଙ୍କୁ ଚୁକ୍ତିବଦ୍ଧ କରାଯାଇଛି। ଶ୍ରୀଲଙ୍କା ସିରିଜ୍ ପାଇଁ ପାକିସ୍ତାନର ଶାହିନ୍ ଆଫ୍ରିଦି ନିଜ ଦେଶକୁ ଫେରି ଆସିବା କାରଣରୁ ଉମେଶ ଯାଦବଙ୍କୁ ଏହି ସୁଯୋଗ ମିଳିଛି। ୩୪ ବର୍ଷୀୟ ଉମେଶ ଭାରତ ପାଇଁ ୫୨ଟି ଟେଷ୍ଟ, ୭୭ଟି ଦିନିକିଆ ଏବଂ ୭ଟି ଟି୨୦ ମ୍ୟାଚ ଖେଳିଛନ୍ତି। ଉମେଶ ଇସିବି ସହିତ ପଞ୍ଜୀକୃତ ଥିବାରୁ ଖେଳିବା ପାଇଁ ସବୁଜ ସଙ୍କେତ ମିଳିଥିଲା। ଚଳିତ ସପ୍ତାହରେ ସେ ଦଳ ସହିତ ଯୋଗ ଦେବେ। ଉମେଶ ଚଳିତ ୨୦୨୨ ସିଜିନର ଅବଶିଷ୍ଟ ସମୟ ମିଡିଲସେକ୍ସ ସହିତ ଖେଳିବେ। କାଉଣ୍ଟି ଚାମ୍ପିୟନଶିପ୍ ସହିତ ରୟାଲ ଲଣ୍ଡନ କପରେ ମଧ୍ୟ ଉମେଶ ଖେଳିବେ ବୋଲି କହିଛନ୍ତି ମିଡିଲସେକ୍ସ ପୁରୁଷ କ୍ରିକେଟ ମୁଖ୍ୟ ଆଲେକ୍ସ କୋଲମ୍ୟାନ୍। ଉମେଶଙ୍କ ଆଗରୁ ଚେତେଶ୍ୱର ପୂଜାରା, ୱାଶିଂଟନ୍ ସୁନ୍ଦର ଓ କୃଣାଲ ପାଣ୍ଡ୍ୟା ମଧ୍ୟ କାଉଣ୍ଟି ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ପୂଜାରା ସସେକ୍ସ, ସୁନ୍ଦର ଲାଙ୍କାଶାୟର ଏବଂ କୃନାଲ ୱାରୱିକଶାୟାର ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି।

## ମହିଳା କ୍ରିକେଟ ଦଳ ଘୋଷିତ

**ନୂଆଦିଲ୍ଲୀ,୧୧।୭**

ଆସନ୍ତା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ସୋମବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ୧୮ ଜଣିଆ ଦଳ ଘୋଷଣା କରାଯାଇଛି। ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମ ଥର ପାଇଁ ମହିଳା କ୍ରିକେଟକୁ ସାମିଲ କରାଯାଇଛି। ପ୍ରଥମ ସଂସ୍କରଣ ପାଇଁ ହରମନପ୍ରୀତ୍ କୌରଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଥିବା ବେଳେ ସ୍ମୃତି ମନ୍ଧାନାଙ୍କୁ ତାଙ୍କର ଡେପୁଟୀ ଚୟନ କରାଯାଇଛି। ଏହି ଦଳରେ ୧୫ ଜଣିଆ ମୁଖ୍ୟ ଟିମ୍ ସହିତ ୩ ଜଣ ଷ୍ଟାଣ୍ଡବାଇ ଖେଳାଳିଙ୍କୁ ସ୍ଥାନ ଦିଆଯାଇଛି। ଏହା ସହିତ ଶ୍ରୀଲଙ୍କା ସିରିଜରୁ ବାଦ ପଡିଥିବା ସ୍ନେହ ରାଣା, ହରଲିନ୍ ଦେଓଲ ଏବଂ ଉଇକେଟ୍ କିପର ତାନିୟା ଭାଟିଆ ଦଳକୁ ଫେରିଛନ୍ତି। ଦଳରେ ଦୁଇ ଜଣ ୱିକେଟ କିପର ରହିଥିବା ବେଳେ ରିଚା ଘୋଷ, ସିମରନ୍ ବାହାଦୂର ଏବଂ ପୁନମ ଯାଦବଙ୍କୁ ଷ୍ଟାଣ୍ଡବାଇ ଭାବରେ ରଖାଯାଇଛି।

ଭାରତୀୟ ଦଳ: ହରମନପ୍ରୀତ କୌର୍(ଅଧିନାୟିକା), ସ୍ମୃତି ମନ୍ଧାନା(ଉପ ଅଧିନାୟିକା), ଶେଫାଳି ବର୍ମା, ଏସ୍. ମେଘନା, ତାନିୟା ଭାଟିଆ (ଉଇକେଟ୍ କିପର), ଯଷ୍ଟିକା ଭାଟିଆ (ଉଇକେଟ୍ କିପର), ଦୀପ୍ତି ଶର୍ମା, ରାଜେଶ୍ୱରୀ ଗାଏକ୍ୱାଡ, ପୂଜା ବସ୍ତ୍ରକାର,ମେଘନା ସିଂ, ରେଣୁକା ଠାକୁର, ଜେମିମା ରଡ୍ରିଗ୍ସେଜ୍, ରାଧା ଯାଦବ, ହରଲିନ୍ ଦେଓଲ, ସ୍ନେହ ରାଣା।

ଷ୍ଟାଣ୍ଡବାଇ: ରିଚା ଘୋଷ, ସିମରନ୍ ବାହାଦୂର, ପୁନମ ଯାଦବ।

## ବିସିସିଆଇକୁ ଅନୁସରଣ କରିପାରେ ଏଆଇଏଫ୍ଏଫ୍

**ନୂଆଦିଲ୍ଲୀ,୧୧।୭ (ପି.ଟି.)**

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପଦାଙ୍କ ଅନୁସରଣ କରିପାରେ। ରାଜ୍ୟ ଶାଖା ଆସୋସିଏଶନଗୁଡ଼ିକରେ ପୂର୍ବତନ ଭାରତୀୟ ଖେଳାଳିଙ୍କୁ ଅଧିକ ସମ୍ପୃକ୍ତ କରାଇବା ଲାଗି ଏଆଇଏଫ୍ଏଫ୍ ବିଚାର କରୁଛି। ବିସିସିଆଇ ଏହାର ରାଜ୍ୟ ଶାଖା ୟୁନିଟ୍ ନିର୍ବାଚନରେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳିଙ୍କୁ ଭୋଟିଂ ଅଧିକାର ଦେଇଛି। ଏଆଇଏଫ୍ଏଫ୍ ମଧ୍ୟ ସେଇ ପଥ ଅନୁସରଣ କରିପାରେ। ଫୁଟବଲ ମହାସଂଘ ତରଫରୁ ଇତିମଧ୍ୟରେ ଏକ ସର୍କୁଲାର ଜାରି କରାଯାଇଛି। ସମସ୍ତ ପୂର୍ବତନ ଫୁଟ୍‌ବଲ ଖେଳାଳିଙ୍କଠାରୁ ସେମାନଙ୍କ ମତାମତ ମଗାଯାଇଛି, ଯେଉଁମାନେ କି ଅତିକମ୍‌ରେ ଜାତୀୟ ଦଳ ତରଫରୁ ୫ଟି ମ୍ୟାଚ୍ ଖେଳିଥିବେ ଏବଂ ସକ୍ରିୟ ଫୁଟ୍‌ବଲରୁ ୨ ବର୍ଷ ଅବସର ନେଇ ସାରିଥିବେ। ଫୁଟ୍‌ବଲ ପ୍ରଶାସନରେ ଅଧିକ ସଂଖ୍ୟାରେ ପୂର୍ବତନ ଫୁଟ୍‌ବଲରଙ୍କୁ ସମ୍ପୃକ୍ତ କରାଇବା ଏହାର ମୂଳ ଲକ୍ଷ୍ୟ। ଉଦାହରଣ ସ୍ୱରୂପ, ଜଣେ ଖେଳାଳି ୩୮ ବର୍ଷ ବୟସରେ କ୍ଲବ ଫୁଟ୍‌ବଲରୁ ଅବସର ନେଇଥିବ ଏବଂ ୫ଟି ସମ୍ପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍ (୨୩ ବର୍ଷରୁ କମ୍ ନୁହେଁ) ଖେଳିଥିବ। ୪୦ ବର୍ଷ ବୟସରେ ଖେଳାଳି ଜଣକ ରାଜ୍ୟ ଆସୋସିଏଶନର ଅଂଶବିଶେଷ ହୋଇପାରିବେ ବୋଲି ଏଆଇଏଫ୍ଏଫ୍‌ର ଜଣେ ବରିଷ୍ଠ କର୍ମକର୍ତ୍ତା ଭିତିରି ସୂଚନା ଦେଇଛନ୍ତି। କେବଳ ଭୋଟିଂ ଅଧିକାର ନୁହେଁ, ସେମାନେ ମତାମତ ଦେଇପାରିବେ ଏବଂ ଖେଳର ପ୍ରଶାସନ ବ୍ୟାପାରରେ ସମ୍ପୃକ୍ତ ହୋଇପାରିବେ।

## ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପାଇଁ ଭଲ୍ୟୁଣ୍ଟିୟର କାର୍ଯ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର, ୧୧।୭**




ଯେକୌଣସି ଟୁର୍ଣ୍ଣାମେଣ୍ଟ ପାଇଁ ଭଲ୍ୟୁଣ୍ଟିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାରତ ପ୍ରଥମଥର ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଏଥିଲାଗି ସ୍ଥାନୀୟ ଆୟୋଜକ କମିଟି ତରଫରୁ ସୋମବାରଠାରୁ ଫିଫା ଭଲ୍ୟୁଣ୍ଟିୟର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିରେ ସମସ୍ତ ପୃଷ୍ଠଭୂମି ଏବଂ ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ ହେବା ଲାଗି ଆହ୍ୱାନ ଦିଆଯାଇଛି। ଆଗ୍ରହୀ ବ୍ୟକ୍ତିମାନଙ୍କୁ ନାମ ପଞ୍ଜୀକରଣ ପାଇଁ ଦରଖାସ୍ତ କରିବା ଲାଗି ଅନୁରୋଧ କରାଯାଇଛି। ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ହେବ। ମ୍ୟାଚ୍‌ଗୁଡ଼ିକ ଭୁବନେଶ୍ୱର ବ୍ୟତୀତ ଗୋଆ ଓ ନଭି ମୁମ୍ବାଇରେ ଖେଳାଯିବ। ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ବେଳେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପାଇଁ ପ୍ରାୟ ୬୦୦ ଭଲ୍ୟୁଣ୍ଟିୟରଙ୍କ ଆବଶ୍ୟକତା ରହିଛି। ଏଥିପାଇଁ ଆବେଦନପତ୍ର ଦାଖଲ କରିବା ସମୟସୀମା ଜୁଲାଇ ୩୧ ତାରିଖ ରଖାଯାଇଥିବା ଆୟୋଜକ କମିଟି ପ୍ରକଳ୍ପ ନିର୍ଦ୍ଦେଶକ ନନ୍ଦିନୀ ଆରୋରା ପ୍ରକାଶ କରିଛନ୍ତି। ଭାରତରେ ପ୍ରଥମଥର ହେଉଥିବା ଫିଫା ମହିଳା ପ୍ରତିଯୋଗିତା ଭଲ୍ୟୁଣ୍ଟିୟର କାର୍ଯ୍ୟକ୍ରମ ଜରିଆରେ ଦେଶର ଯୁବା ମହିଳାଙ୍କ ଲାଗି ଅଧିକ ସୁଯୋଗ ସୃଷ୍ଟି କରିଛି। ଜୀବନରେ ଏହି ଅଭିଜ୍ଞତା ହାସଲ କରିବା ସୁଯୋଗ ଥରେମାତ୍ର ଆସିଥାଏ ବୋଲି ଆରୋରା କହିଛନ୍ତି।

## ବାଂଲାଦେଶର ପ୍ରଥମ ବିଜୟ

**ଜର୍ଜଟାଉନ୍ (ଗୁଆନା), ୧୧।୭ (ପି.ଟି):** ୱେଷ୍ଟଇଣ୍ଡିଜ୍ ଗସ୍ତରେ ରହିଥିବା ବାଂଲାଦେଶ ପ୍ରଥମ ବିଜୟ ହାସଲ କରିଛି। ଗୁୟାନାରେ ଖେଳାଯାଉଥିବା ଏହି ମ୍ୟାଚ୍‌କୁ ଓଦା ଆଉଟଫିଲ୍ଡ କାରଣରୁ ୪୧ ଓଭରକୁ ହ୍ରାସ କରାଯାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ୯ ଉଇକେଟ ହରାଇ ୧୪୯ ରନ କରିଥିବା ବେଳେ ମ୍ୟାଚ୍‌କୁ ୬ ଉଇକେଟରେ ଜିତି ନେଇଥିଲା ବାଂଲାଦେଶ।

ୱେଷ୍ଟଇଣ୍ଡିଜ୍ ପକ୍ଷରୁ ସମାରା ବ୍ରୁକ୍ସ ସର୍ବାଧିକ ୩୩ ରନ କରିଥିଲେ। ନିମ୍ନକ୍ରମ ବ୍ୟାଟର ଆଣ୍ଡରସନ୍ ଫିଲିପ୍(୨୧) ଓ ଜେଡେନ୍ ସେଲ୍ସ(୧୬) ଅନ୍ତିମ ଉଇକେଟରେ ୩୯ ରନ୍ ଯୋଡ଼ି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଶୋରିଫୁଲ ଇସ୍‌ଲାମ ସର୍ବାଧିକ ୪ଟି ଓ ମେହଦୀ ହସନ ମିରାଜ ୩ଟି ଉଇକେଟ ନେଇଥିଲେ। ୧୫୦ ରନ୍‌ର ବିଜୟ ଲକ୍ଷ୍ୟ ପିଛାକରି ବାଂଲାଦେଶ ମାତ୍ର ୩୧.୫ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଟପ୍ ସ୍କୋରର ମହମ୍ମଦୁଲ୍ଲା ୬୯ ବଲରୁ ଅପରାଜିତ ୪୧ ଓ ନଜମୁଲ ହୋସେନ୍ ଶାନ୍ତୋ ୩୭ ରନ୍ କରିଥିଲେ। ତିନି ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ ସମାନ ଭେନ୍ୟୁରେ ବୁଧବାର ଖେଳାଯିବ। ପୂର୍ବରୁ ଉଭୟ ଟେଷ୍ଟ ଏବଂ ଟି୨୦ ସିରିଜ ଜିତିନେଇଥିଲା ୱେଷ୍ଟଇଣ୍ଡିଜ।

## ଫାଓ ଲିଗ୍: ରୟାଲ କ୍ଲବ ୨-୦ରେ ବିଜୟୀ

**ଭୁବନେଶ୍ୱର, ୧୧।୭ (କ୍ରୀଡ଼ା ପ୍ରତିନିଧି):** ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟ୍‌ବଲ ଲିଗ୍‌ର ସୋମବାର ଅନୁଷ୍ଠିତ ମ୍ୟାଚରେ ରୟାଲ କ୍ଲବ ୨-୦ ଗୋଲରେ ଓଡ଼ିଶା ସରକାରୀ ପ୍ରେସ୍ କ୍ଲବ ଦଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସବୀର ଖାଁ ୩୨ ଓ ଅବିନାଶ ସାମଲ ୪୦ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବିଜୟ ମଙ୍ଗରାଜ, ଅରୁଣ କୁମାର ନାୟକ, ଶଶିକାନ୍ତ ଦାସିଆ ଓ ସୁନୀଲ କୁମାର ହେମ୍ବ୍ରମ୍ ମ୍ୟାଚ୍ ପରିଚାଳନା କରିଥିଲେ। ସୁଜିତ କୁମାର ପାତ୍ରୋ ମ୍ୟାଚ୍ ରେଫରି ଥିଲେ। ମଙ୍ଗଳବାର ସ୍ପୋର୍ଟ୍ସ ହଷ୍ଟେଲ ଓ ସନ୍‌ରାଇଜ୍ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ରେ ସୋମବାର ରୟାଲ କ୍ଲବ ଓ ଓଡ଼ିଶା ସରକାରୀ ପ୍ରେସ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ଅର୍ଜୁନ ବବୁତାଙ୍କୁ ସ୍ୱର୍ଣ୍ଣ ପଦକ

**ଚାଙ୍ଗଓନ୍,୧୧।୭(ପି.ଟି):** ଭାରତ ଯୁବ ଶୁଟର ଅର୍ଜୁନ ବବୁତା ଟୋକିଓ ଅଲିମ୍ପିକ୍ସ ରୌପ୍ୟ ବିଜେତା ଲୁକାସ କୋଜେନିସ୍କିଙ୍କୁ ପଛରେ ପକାଇ ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ବିଶ୍ୱକପ ପୁରୁଷ ୧୦ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସୋମବାର ଅନୁଷ୍ଠିତ ଏକତରଫା ଟାଇଟଲ ମୁକାବିଲାରେ ସେ କୋଜେନିସ୍କିଙ୍କୁ ୧୯-୭ରେ ହରାଇ ଦେଇଥିଲେ। ସିନିୟର ବର୍ଗରେ ତାଙ୍କର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ। ପୂର୍ବରୁ ଆଜରବୈଜାନର ଗାବାଲାଠାରେ ଅନୁଷ୍ଠିତ ୨୦୧୬ ଜୁନିୟର ବିଶ୍ୱକପ୍‌ରେ ସେ ସ୍ୱର୍ଣ୍ଣ ଜିତିଥିଲେ। ପଞ୍ଜାବର ଏହି ୨୩ ବର୍ଷୀୟ ଶୁଟର ୨୦୧୬ରୁ ଭାରତ ତରଫରୁ ପ୍ରତିନିଧିତ୍ୱ କରିଆସୁଛନ୍ତି। ପୂର୍ବରୁ ର୍‍ୟାଙ୍କିଙ୍ଗ୍ ରାଉଣ୍ଡରେ ସେ ୨୬୧.୧ ପଏଣ୍ଟ ସହ ଶୀର୍ଷରେ ରହି ସ୍ୱର୍ଣ୍ଣ ପଦକ ମୁକାବିଲା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। କୋଜେନିସ୍କି ୨୬୦.୪ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟପକ୍ଷରେ ୨୫୯.୯ ସ୍କୋର ସହ କ୍ୱାଲିଫିକେଶନ ଲିଡର ଇସ୍ରାଏଲର ସର୍ଗେ ରିଚର ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟ ଜଣେ ଭାରତୀୟ ପାର୍ଥ ମାଖିଜା ମଧ୍ୟ ର୍‍ୟାଙ୍କିଙ୍ଗ୍ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେ ୨୫୮.୧ ପଏଣ୍ଟ ସ୍କୋର ସହ ଚତୁର୍ଥ ହୋଇଥିଲେ।



## ସ୍ପେନ୍‌ଠାରୁ ହାରିଲା ମହିଳା ହକି ଦଳ

**ଟେରାସା (ସ୍ପେନ୍), ୧୧।୭ (ପି.ଟି.):** ସୋମବାର ଆୟୋଜକ ସ୍ପେନ୍ ବିପକ୍ଷରେ ଖେଳାଯାଇଥିବା ଏକ ସଂଘର୍ଷପୂର୍ଣ୍ଣ କ୍ରସ୍‌ଓଭର ମ୍ୟାଚ୍‌ରେ ଭାରତୀୟ ମହିଳା ହକି ଦଳ ୧-୦ ଗୋଲରେ ପରାଜିତ ହେବାପରେ ଏଫ୍ଆଇଏଚ୍ ବିଶ୍ୱକପ୍ ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଛି। ମ୍ୟାଚ୍‌ର ପ୍ରଥମ ୩ କ୍ୱାର୍ଟର ଖେଳ ଖୁବ୍ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଫାଇନାଲ ହୁଟର ପାଇଁ ଆଉ ମାତ୍ର ୩ ମିନିଟ୍ ସମୟ ବାକି ରହିଥିବା ବେଳେ ମାର୍ଟା ସେଗୁ ଏକ ଗୋଲସ୍କୋର କରି ସ୍ପେନ୍‌କୁ ବିଜୟୀ କରାଇଥିଲେ। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରେ ଭାରତ ପୁଣି ବିଫଳ ହୋଇଥିଲା। ମ୍ୟାଚ୍‌ରେ ଦଳ ୪ଟି ପେନାଲ୍ଟି କର୍ନର ପାଇଥିବା ବେଳେ ସ୍ପେନ୍‌କୁ ୩ଟି ମିଳିଥିଲା। ଭାରତ ସମସ୍ତ ସୁଯୋଗ ହାତଛଡ଼ା କରିଥିଲା। ୯ମରୁ ୧୬ ସ୍ଥାନ ପାଇଁ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର କାନାଡ଼ା ବିପକ୍ଷରେ ଖେଳିବ। କ୍ୱାର୍ଟର ଫାଇନାଲ ନ୍ୟୁଜିଲାଣ୍ଡ ବନାମ ଜର୍ମାନୀ, ନେଦରଲାଣ୍ଡ୍ସ ବନାମ ବେଲ୍‌ଜିୟମ, ଅଷ୍ଟ୍ରେଲିଆ ବନାମ ସ୍ପେନ୍ ଏବଂ ଇଂଲଣ୍ଡ ବନାମ ଆର୍ଜେଣ୍ଟିନା ମଧ୍ୟରେ ଖେଳାଯିବ।

## ଇନିଂସ ବିଜୟ ସହ ସିରିଜ ବରାବର କଲା ଶ୍ରୀଲଙ୍କା

**ଗାଲେ,୧୧।୭**

ଅଷ୍ଟ୍ରେଲିଆ ବିପକ୍ଷ ନିର୍ଣ୍ଣାୟକ ଟେଷ୍ଟ ଜିତିବା ସହ ସିରିଜ୍ ବରାବର କରିଛି ଶ୍ରୀଲଙ୍କା। ଘରୋଇ ଦଳ ପକ୍ଷରୁ ଦୀନେଶ ଚାଣ୍ଡିମଲ ଅପରାଜିତ ଦ୍ୱିଶତକ ହାସଲ କରିଥିବା ବେଳେ ୧୨ଟି ଉଇକେଟ ନେଇଥିଲେ ପଦାର୍ପଣକାରୀ ପ୍ରଭାତ ଜୟସୁରିୟା। ୧୯୦ ରନ୍ ପଛରେ ରହିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ମାତ୍ର ୧୫୧ ରନ୍‌ରେ ଅଲ୍‌ଆଉଟ ହେବାରୁ ଇନିଂସ ଓ ୩୯ ରନ୍‌ରେ ପରାଜୟ ବରଣ କରିଥିଲା। ଗାଲେର ସ୍ପିନ୍ ସହାୟକ ପିଚ୍‌ରେ ଶ୍ରୀଲଙ୍କାର ୩ ସ୍ପିନର ୧୦ଟି ଯାକ ଉଇକେଟ ନେଇଥିବା ବେଳେ ଗୋଟିଏ ସେସନରେ ଅଷ୍ଟ୍ରେଲିଆ ହରାଇଥିଲା ୯ଟି ଉଇକେଟ। ପ୍ରଥମ ଇନିଂସରେ ଷ୍ଟିଭ୍ ସ୍ମିଥ୍‌ଙ୍କ ୧୪୫ ଓ ଲାବୁଶେନଙ୍କ ୧୦୪ ରନ୍ ବଳରେ ଅଷ୍ଟ୍ରେଲିଆ ୩୬୪ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ୫୫୪ ରନ୍‌ର ବୃହତ୍ ସ୍କୋର ଛିଡ଼ା କରିଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋର ୪୩୧/୬ରୁ ଖେଳ ଆରମ୍ଭ କରିଥିଲା ଶ୍ରୀଲଙ୍କା। ପୂର୍ବ ଦିନରୁ ୧୧୮ ରନ୍‌ରେ ଅପରାଜିତ ରହିଥିବା ଚାଣ୍ଡିମଲ ନିମ୍ନକ୍ରମର ବ୍ୟାଟରଙ୍କୁ ସାଥିକରି ନିଜର ପ୍ରଥମ ଟେଷ୍ଟ ଦ୍ୱିଶତକ ହାସଲ କରିଥିଲେ। ସେ ୩୨୬ଟି ବଲ୍ ଖେଳି ୧୬ ଚୌକା ଓ ୫ ଛକା ସହାୟତାରେ ୨୦୬ ରନକରି ଅପରାଜିତ ରହିଥିଲେ। ଅନ୍ତିମ ଉଇକେଟରେ କସୁନ ରଜିଥାଙ୍କ ସହିତ ସେ ୪୯ ରନ୍ ଯୋଡ଼ିଥିଲେ। ତେବେ ଏଥିରେ ରଜିଥାଙ୍କ ଅବଦାନ ରହିଥିଲା ୦। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ୍ ଷ୍ଟାର୍କ ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଜୟସୁରିୟାଙ୍କ ସ୍ପିନ୍ ଜାଲରେ ଫସିଯାଇଥିଲା ଅଷ୍ଟ୍ରେଲିଆ। ଜୟସୁରିୟା ପ୍ରଥମ ଇନିଂସ ଭଳି ୬ଟି ଉଇକେଟ ନେଇଥିବା ବେଳେ ମହେଶ ଥିକସାନା ଓ ରମେଶ ମେଣ୍ଡିସ୍ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଅଷ୍ଟ୍ରେଲିଆର ୫ ଜଣ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିବା ବେଳେ ୪୧ ଓଭରରେ ମାତ୍ର ୧୫୧ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା ଅଷ୍ଟ୍ରେଲିଆ। ପ୍ରଭାତ ଜୟସୁରିୟାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ଦୀନେଶ ଚାଣ୍ଡିମଲଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ମନୋନୀତ କରାଯାଇଥିଲା।

**ଚାଣ୍ଡିମଲଙ୍କ ଦ୍ୱିଶତକ, ଜୟସୁରିୟାଙ୍କୁ ୧୨ ଉଇକେଟ**



ୱର୍ନ-ମୁରଲୀଧରନ ଟ୍ରଫି ସହ ଦିମୁଥ କରୁଣାରତ୍ନେ ଓ ପ୍ୟାଟ୍ କମିନ୍ସ।

## ଅଡୁଆରେ ପୂର୍ବତନ ଫର୍ମୁଲା ୱାନ୍ ମୁଖ୍ୟ

**ଲଣ୍ଡନ, ୧୧।୭ (ଏପି):** ପୂର୍ବତନ ଫର୍ମୁଲା ୱାନ୍ ମୁଖ୍ୟ ବର୍ନି ଏକ୍ଲେଷ୍ଟୋନ୍ ନିଜର ସମ୍ପତ୍ତି ସମ୍ପର୍କରେ ଭୁଲ୍ ତଥ୍ୟ ଦେଇଥିବା ଏକ ସରକାରୀ ତଦନ୍ତ ପରେ ଜଣାପଡ଼ିଥିବା ବ୍ରିଟିଶ୍ ପ୍ରସିକ୍ୟୁଟରମାନେ ସୋମବାର ପ୍ରକାଶ କରିଛନ୍ତି। ଟିକସ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟର ସମୀକ୍ଷା କରିବା ପରେ ଚିଫ୍ କ୍ରାଉନ୍ ପ୍ରସିକ୍ୟୁଟର ଆଣ୍ଡ୍ର୍ୟୁ ପେନ୍‌ହେଲ୍ କହିଛନ୍ତି ଏକ୍ଲେଷ୍ଟୋନ୍‌ଙ୍କର ବିଦେଶରେ ୪୦୦ ନିୟୁତ ପାଉଣ୍ଡ (୪୭୭ ନିୟୁତ ଡଲାର)ମୂଲ୍ୟର ସମ୍ପତ୍ତି ରହିଛି, ତାହାକୁ ସେ ଘୋଷଣା କରିନାହାନ୍ତି। ତାଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବା ଲାଗି କର୍ତ୍ତୃପକ୍ଷ ସେମାନଙ୍କୁ କ୍ଷମତା ପ୍ରଦାନ କରିଛନ୍ତି। ୯୧ ବର୍ଷୀୟ ଏକ୍ଲେଷ୍ଟୋନ ହେଉଛନ୍ତି ଜଣେ ବିଜ୍‌ନେସ୍‌ମ୍ୟାନ୍। ତାଙ୍କ ବିରୋଧରେ ମାମଲାର ଶୁଣାଣି ଅଗଷ୍ଟ ୨୨ରେ ଲଣ୍ଡନସ୍ଥିତ ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହେବା ଆଶା ରହିଛି।

## ଜୁଭେଣ୍ଟସ୍‌କୁ ଫେରିବେ ପଲ୍ ପୋଗବା

**ନୂଆଦିଲ୍ଲୀ,୧୧।୭:** ପୁଣିଥରେ ଜୁଭେଣ୍ଟସ୍‌କୁ ଫେରିବେ ପଲ୍ ପୋଗବା। ଗତ ମାସରେ ମାଞ୍ଚେଷ୍ଟର ୟୁନାଇଟେଡ୍ ସହିତ ଚୁକ୍ତି ଶେଷ ହେବା ପରେ ପୋଗବା ଆସନ୍ତା ୪ ବର୍ଷ ପାଇଁ ନିଜ ପୁରୁଣା ଇଟାଲିଆନ କ୍ଲବକୁ ଫେରୁଛନ୍ତି। ଆସନ୍ତା ଜୁନ୍ ୨୦୨୬ ଯାଏ ସେ ଜୁଭେଣ୍ଟସ୍ ସହିତ ରହିବେ। ତେବେ ଏହି ଫ୍ରି ଟ୍ରାନ୍ସଫର ଚୁକ୍ତି କେତେ ଟଙ୍କାରେ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ୨୦୧୬ରେ ଜୁଭେଣ୍ଟସ ଛାଡି ସେ ୟୁନାଇଟେଡ୍‌କୁ ଆସିଥିଲେ।

ମନେ ପଡ଼ନ୍ତି
ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଦୁର୍ଗାବତୀ ଦେବୀ
ଏନ୍-୧/୨୫, ନୂଆପଲ୍ଲୀ, ଭୁବନେଶ୍ୱର
ଜନ୍ମ : ୧୨-୧୧-୧୯୩୨
ସ୍ୱର୍ଗାରୋହଣ : ୨୨-୦୭-୨୦୨୧
(ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ, ଗୁରୁବାର)
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ- ବନ୍ଧୁ ଓ ପରିବାରବର୍ଗ
ଧ-୭୧୫୩୫

# ରେନି ସିଜନରେ ଡ୍ରେସ୍




ବର୍ଷା ଋତୁ ଆରମ୍ଭ ହୋଇଗଲାଣି। ଏଥିରେ ଯଦି ଆପଣ କୌଣସି ଡ୍ରେସ୍ ପିନ୍ଧୁଛନ୍ତି ଦେଖିଚାହିଁ ପିନ୍ଧିବାକୁ ପଡ଼ିଥାଏ। କାରଣ ଏହି ସିଜନ୍‌ରେ ଯଦି ଡ୍ରେସ୍ ଓଦା ହୋଇଗଲା ତେବେ ଶୁଖିବା ପାଇଁ ଅଧିକ ସମୟ ଲାଗେ । ଥରେ ଯଦି ଡ୍ରେସ୍ ଓଦା ହୋଇଗଲା ସେ ଦିନଟା ପୂରା ଯେମିତି ବରବାଦ ହୋଇଗଲା ପରି ଲାଗେ। ଏମିତି କିଛି ଟିପ୍ସ ଯଦି ଆପଣାଇବେ ତେବେ ଫ୍ୟାଶନକୁ ଆପଣ କେବେ ବି ଭୁଲିବେ ନାହିଁ। ସେ ସମ୍ପର୍କରେ ଟିପ୍ସ...

➤ବର୍ଷା ସିଜନ୍‌ରେ ଆପଣ କେବେ ବି ଭିଜିପାରନ୍ତି । ଏଥିପାଇଁ ଧଳାରଙ୍ଗର ଡ୍ରେସ୍ ପିନ୍ଧନ୍ତୁ ନାହିଁ। କାରଣ ଏହି ରଙ୍ଗର ଡ୍ରେସ୍ ପିନ୍ଧିଲେ ତାହା ନଷ୍ଟ ହେବାର ଆଶଙ୍କା ରହିଛି। ଯଦି ଏହା ଓଦା ହୋଇଯାଏ ଆପଣ ଅନ୍‌କମ୍ଫଟେବଲ ଫିଲ୍ କରିଥାନ୍ତି।

➤ଯାହା ପିନ୍ଧିଲେ ମାଟିକୁ ଟଚ୍ କରୁଥିବ ସେପରି ଡ୍ରେସ୍ ପିନ୍ଧନ୍ତୁ ନାହିଁ। ଯେମିତିକି ଲମ୍ବା ସ୍କର୍ଟ, ଟ୍ରାଉଜର, ପ୍ଲାଜୋ ଆଦି ପିନ୍ଧିବାଠୁ ନିଜକୁ ଦୂରେଇ ରଖନ୍ତୁ। ଏହା ଯଦି ଓଦା ହୋଇଗଲା ଆପଣଙ୍କୁ ବହୁତ ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ।



➤ଏହିଦିନରେ ନାରଙ୍ଗୀ, ବ୍ଲୁ, ରେଡ୍ ଆଦି କଲରର ଡ୍ରେସ୍ ପିନ୍ଧିପାରିବେ, ଯାହାଦ୍ୱାରା ଆପଣ ସୁନ୍ଦର ଦେଖାଯିବେ।

➤ଆପଣ ନିଜ ଡ୍ରେସ୍ ଉପରେ କପଡ଼ାର ଜ୍ୟାକେଟ୍, ଶ୍ରଗ୍ ଆଦି ପିନ୍ଧିପାରିବେ। ଯଦି ଉପର ଜ୍ୟାକେଟ୍ ଓଦା ହୋଇଗଲା ତାକୁ କାଢ଼ି ପରେ ଶୁଖାଇପାରିବେ।

➤ଏହି ସମୟରେ ଇଣ୍ଡିଆନ୍ ଟ୍ରାଡିସ୍‌ନାଲ ଡ୍ରେସ୍ ଖୁବ୍ ମାନିଥାଏ। ତଥାପି ବି ଧ୍ୟାନରଖନ୍ତୁ ଯେ ଏଥିରେ ପଟିଆଲା କିମ୍ବା ସାଲଓ୍ୱାର ସୁଟ୍ ପିନ୍ଧନ୍ତୁ ନାହିଁ। ଏହିଦିନରେ ଛୋଟ କୁର୍ତ୍ତି ଉପରେ ଚୁଡ଼ିଦାର ଓ ଲେଗିଙ୍ଗ ପିନ୍ଧିପାରିବେ। ଏହି ସମୟରେ ଚୁନି ବଦଳରେ ସ୍କାର୍ପ କିମ୍ବା ଷ୍ଟୋଲର ବ୍ୟବହାର କରିପାରିବେ।

➤ଆପଣ ଏମିତି କୌଣସି ଡ୍ରେସ୍ ପିନ୍ଧନ୍ତୁ ନାହିଁ ଯାହା ଓଦା ହେଲା ମାତ୍ରେ ରଙ୍ଗ ଛାଡୁଥିବ। ଏହା ଆପଣଙ୍କ ଇମ୍ପ୍ରେସନ୍‌କୁ ଖରାପ କରିଦେବ।

➤ଜିନ୍ସ କିମ୍ବା ଡେନିମ୍ କପଡ଼ା ଡ୍ରେସ୍ ପିନ୍ଧନ୍ତୁ ନାହିଁ। ଏହା ଥରେ ଓଦା ହୋଇଗଲେ ସହଜରେ ଶୁଖି ନ ଥାଏ।

➤ଡ୍ରେସ୍ ପିନ୍ଧୁଥିଲେ ସିନ୍ଥେଟିକ୍ ଫାବ୍ରିକ୍‌ରେ ଡ୍ରେସ୍ ପିନ୍ଧନ୍ତୁ। କାରଣ ଏହା ଓଦା ହୋଇଗଲେ ଖୁବ୍ କମ୍ ସମୟ ମଧ୍ୟରେ ଶୁଖିଯାଇଥାଏ।

➤ଆପଣ ଏହି ସିଜନ୍‌ରେ ଏକ୍ସଟ୍ରା ପେୟାର ଡ୍ରେସ୍ ରଖିପାରନ୍ତି। ଯଦି ଆପଣ ଅଫିସ୍ ଯାଉଛନ୍ତି ସେଠାରେ ଚେଞ୍ଜି ରୁମ୍‌ର ସୁବିଧା ଅଛି ତେବେ ଓଦା ହୋଇଥିବା ଡ୍ରେସ୍‌କୁ ଚେଞ୍ଜ କରି ଏକ୍ସଟ୍ରା ପେୟାର ଡ୍ରେସ୍ ପିନ୍ଧିପାରିବେ।

# ମନି ମ୍ୟାନେଜ୍‌ମେଣ୍ଟ



ଯଦି ଆପଣ ପ୍ରପର୍ଟି କିଣିବା ଲାଗି ଲୋନ୍ ନେବାକୁ ଯୋଜନା କରୁଥାନ୍ତି, ତେବେ ତା' ପୂର୍ବରୁ କେତେକ କଥା ପ୍ରତି ଧ୍ୟାନଦେବା ନିହାତି ଜରୁରୀ। ଆସନ୍ତୁ, ଜାଣିବା ଏ ସମ୍ପର୍କରେ.....

ଯଦି ଆପଣ ନୂଆ ଫ୍ଲାଟ୍ କିମ୍ବା ଘର କିଣିବାକୁ ଯୋଜନା ରଖିଛନ୍ତି ତେବେ ନିଷ୍ପତ୍ତି ନେବା ପୂର୍ବରୁ ତରବର ହୁଅନ୍ତୁ ନାହିଁ। ଏହା ଆପଣଙ୍କ ପାଇଁ ଅନୁକୂଳ ସମୟ କାରଣ କୋଭିଡ୍ ପରେ ଏବେ ପ୍ରପର୍ଟି ମାର୍କେଟରେ କିଣାବିକା ଆରମ୍ଭ ହୋଇଗଲାଣି। ଏଥିପାଇଁ ଆପଣ ବି ଏବେ ଫ୍ଲାଟ୍ କିଣିବାର ଯୋଜନା କରିପାରନ୍ତି। ଯଦି ଆପଣ ହୋମ୍ ଲୋନ୍ ନେବାକୁ ଚାହୁଁଥାନ୍ତି ତେବେ ଲୋନ୍ ଆବେଦନ କରିବା ପୂର୍ବରୁ ଏହି ସମ୍ବନ୍ଧିତ ସବୁ ପ୍ରୋସେସ୍ ଜାଣିବା ଜରୁରୀ, ଅନ୍ୟଥା ଏହାର ଫାଇଦା ନେବା ବଦଳରେ ଆପଣଙ୍କୁ କ୍ଷତି ସହିବାକୁ ପଡ଼ିପାରେ।

**କ'ଣ ଏମ୍‌ସିଏଲ୍‌ଆର୍:** ମାର୍ଜିନାଲ କଷ୍ଟ-ବେସ୍ଡ ଲିଡିଂ ରେଟ୍ ବା ଏମ୍‌ସିଏଲ୍‌ଆର୍ ହୋମ୍ ଲୋନ୍ ସନ୍ଦର୍ଭରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ନୂଆ ବେଞ୍ଚ ମାର୍କ ରେଟ୍। ଏହାର ଫାଇଦା କେବଳ ସେଇ ଗ୍ରାହକଙ୍କୁ ମିଳିଥାଏ, ଯେଉଁମାନେ ଫ୍ଲୋଟିଂ ରେଟ୍‌ରେ ସୁଧ ଦେବାକୁ ପସନ୍ଦ କରୁଛନ୍ତି। ଏବେ ଅଧିକାଂଶ ବ୍ୟାଙ୍କ ଏହି ନିୟମକୁ ଆଧାରକରି ହୋମ୍ ଲୋନ୍‌ର ସୁଧ ନିର୍ଦ୍ଧାରଣ କରିଥାନ୍ତି। ଏହା ସହ ହୋମ୍ ଲୋନ୍‌ର ସୁଧର ଦର ବିକଳ୍ପ ମଧ୍ୟ ଏହି ପ୍ଲାନ୍ ମଧ୍ୟରେ ରହିଛି, ଯାହା ୬ମାସରୁ ୧ ବର୍ଷ ମଧ୍ୟରେ ନିର୍ଦ୍ଧାରଣ ହୋଇଥାଏ, ତାହା ମଧ୍ୟ କମ୍ ବେଶି ହୋଇପାରେ। ଯଦି ଆପଣ ୬ମାସ ମଧ୍ୟରେ ଇଣ୍ଟରେଷ୍ଟ ରେଟ୍ ଅପ୍‌ସନ୍ ଚୟନ କରିଛନ୍ତି ଏଥିରେ ଆପଣଙ୍କୁ ଲାଭ ଏବଂ କ୍ଷତି ସହିବାକୁ ପଡ଼ିପାରେ। ସେହିପରି ଯଦି ଆପଣ ୧ ବର୍ଷ ମଧ୍ୟରେ ଇଣ୍ଟରେଷ୍ଟ ରେଟ୍ ବଦଳାଇବାର ବିକଳ୍ପ ଚୟନ କରୁଛନ୍ତି ତେବେ ଏହାର ଫାଇଦା ନେବାକୁ ହେଲେ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡ଼ିବ। ଏମ୍‌ସିଏଲ୍‌ଆର୍ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋମ୍ ଲୋନ୍ ଅନ୍ୟ କୌଣସି ବ୍ୟାଙ୍କକୁ ସୁଇଚ୍ କରିବାର ଅପ୍‌ସନ୍ ରହିଛି। ଯଦି ଆପଣ ହୋମ୍ ଲୋନ୍ ନେବା ପରେ ଲାଗୁଛି ଯେ ଯେଉଁ ବ୍ୟାଙ୍କରୁ ଆପଣ ଲୋନ୍ ନେଇଛନ୍ତି ତାହା ଆପଣଙ୍କ ଲାଗି ଅଧିକ ଇଣ୍ଟରେଷ୍ଟ ରେଟ୍ ଦେବାକୁ ପଡୁଛି, ତେବେ ଏଥିଲାଗି ଆପଣ ଅନ୍ୟ କୌଣସି ବ୍ୟାଙ୍କକୁ ଲୋନ୍‌କୁ ସୁଇଚ୍ କରି ନିଅନ୍ତୁ। ଏପରି କରିବା ଦ୍ୱାରା ହୋମ୍ ଲୋନ୍‌ର ଅବଧି ଆଜି ସମୟରେ ଦର ଅନ୍ତର ହେବ ଯାହା ସେଭିଂ ଏବଂ ପ୍ରୋସେସିଂ ଫି'ର ଆକଳନ ନିଶ୍ଚିତ କରନ୍ତୁ। କାହିଁକି ନା ଗୋଟିଏ ବ୍ୟାଙ୍କ ତୁଳନାରେ ଅନ୍ୟ ବ୍ୟାଙ୍କର ଦର ମଧ୍ୟରେ ଅଳ୍ପ ଅନ୍ତର ରହିଥାଏ। ଶୁଝାହୋଇ ନ ଥିବା ହୋମ୍ ଲୋନ୍‌ର ଇଣ୍ଟରେଷ୍ଟ ରାଶି ଟିକେ ଅଧିକ ହୋଇଥାଏ। ଏମିତିରେ ଆପଣ ଯଦି ୧ ପ୍ରତିଶତ ତଫାତ୍‌ରେ ଆପଣ କିଛି ଟଙ୍କା ସଞ୍ଚୟ କରିପାରିବେ। ଯଦି ଆପଣ ୨୦ଲକ୍ଷ ଟଙ୍କାର ହୋମ୍‌ଲୋନ୍ ନେଇଛନ୍ତି ତେବେ ସୁଧ ହାର ୧ ପ୍ରତିଶତ ହିସାବରେ ଯଦି ପଡ଼େ ତେବେ ସିଧାସଳଖ ୨୦ ହଜାର ଟଙ୍କା ସେଭିଂ କରିପାରିବେ। ଏମିତିରେ ବି ଯଦି କିଛି ବି ଟଙ୍କା ପ୍ରୋସେସିଂ ଫି'ରେ ଲାଗେ ତେବେ ଆପଣଙ୍କ ଲାଗି କ୍ଷତି ହୋଇ ନ ପାରେ।

**କ୍ରେଡିଟ୍ ସ୍କୋରର ରଖନ୍ତୁ ଧ୍ୟାନ:** ଯଦି ଆପଣ ଲୋନ୍ ନେବାକୁ ପ୍ଲାନିଂ କରୁଥାନ୍ତି ତେବେ କ୍ରେଡିଡ୍ କାର୍ଡର ବିଲ୍, ଶପିଂ କିମ୍ବା ଅନ୍ୟ ଲୋନ୍‌ର ଇଏମ୍‌ଆଇର କିସ୍ତି କିମ୍ବା ଅନ୍ୟ ବିତ୍ତୀୟ ସଂସ୍ଥା ଦ୍ୱାରା ଜଡ଼ିତ ସବୁ ନେଣଦେଣକୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପେ କରି ଦିଅନ୍ତୁ। ଏହା ଆପଣଙ୍କ କ୍ରେଡିଟ୍ ସ୍କୋର ସୁଧାରିବାରେ ସାହାଯ୍ୟ କରିଥାଏ। ଆଜିକାଲି ଅଧିକାଂଶ ବ୍ୟାଙ୍କ କ୍ରେଡିଟ୍ ସ୍କୋରକୁ ଆଧାରକରି ଲୋନ୍ ଦେବେ କି ନ ଦେବେ ସେମାନେ ସ୍ଥିର କରିଥାନ୍ତି। କ୍ରେଡିଟ୍ ସ୍କୋରକୁ ଆଧାରକରି ସେମାନେ କଷ୍ଟମରଙ୍କ ବିଶ୍ୱସନୀୟତା ଉପରେ ଆକଳନ କରନ୍ତି। ଠିକ୍ କ୍ରେଡିଟ୍ ସ୍କୋର ବିତ୍ତୀୟ ବଜାରରେ ଆପଣଙ୍କ ସାକ୍ଷୀ ମଜଭୁତ ହୋଇଥାଏ। ଲୋନ୍ ଦେଉଥିବା ବ୍ୟାଙ୍କ ଏହି କଥା ଉପରେ ଭରସା ଆସେ ଯେ କଷ୍ଟମର ଠିକ୍ ସମୟରେ କିସ୍ତିକୁ ଶୁଝିପାରିବେ। ଯଦି ଆପଣଙ୍କ କ୍ରେଡିଟ୍ ସ୍କୋର ଭଲ ଅଛି ତେବେ ବ୍ୟାଙ୍କ ଆପଣଙ୍କୁ ଖୁବ୍ ସହଜରେ ଲୋନ୍ ଦେବାକୁ ସ୍ଥିର କରିଥାନ୍ତି। ବ୍ୟାଙ୍କର ରେଟ୍ ଅଫ୍ ଇଣ୍ଟରେଷ୍ଟ କ୍ରେଡିଟ୍ ସ୍କୋର ଉପରେ ନିର୍ଭର କରେ। ଯେତେ ଆପଣଙ୍କ ସ୍କୋର ଭଲହେବ ରେଟ୍ ଅଫ୍ ଇଣ୍ଟରେଷ୍ଟ ସେତେ କମ୍ ହେବ। ସୁଧରେ କିଛି ଆପଣଙ୍କୁ ଡିସ୍‌କାଉଣ୍ଟ ମଧ୍ୟ ଦେଇପାରିବେ। ଆପଣଙ୍କ କ୍ରେଡିଟ୍ ସ୍କୋର ଯଦି ଭଲ ଅଛି ତେବେ ଲୋନ୍ ନେବା ସମୟରେ ବ୍ୟାଙ୍କ ସହିତ ମୂଲଚାଲ କରିପାରିବେ। ଏପରି କରିବା ଦ୍ୱାରା ଆପଣଙ୍କ ବ୍ୟାଙ୍କର ପ୍ରୋସେସିଂ ଫି'ରେ କିଛି ରିହାତି ମିଳିପାରେ। ଦ୍ୱିତୀୟରେ ଦେଖିବାକୁ ଗଲେ ବିଲ୍‌ଡର ବି ସେହି ଗ୍ରାହକଙ୍କୁ ପସନ୍ଦ କରନ୍ତି ଯେଉଁମାନେ ଟଙ୍କା ଶୀଘ୍ର ପେମେଣ୍ଟ କରିଦିଅନ୍ତି। ଭଲ କ୍ରେଡିଟ୍ ସ୍କୋର ଥିବା ଗ୍ରାହକଙ୍କୁ ବ୍ୟାଙ୍କ ପ୍ରି ଆପ୍ରୁଭଡ୍ ଲୋନ୍ ବି ଦେଇଥାନ୍ତି। ଏପରି ସ୍ଥିତିରେ ଆପଣ ଭଲ କଷ୍ଟମର ହିସାବରେ ବିଲ୍‌ଡ୍‌ର ସହ ଭଲଭାବେ ମୂଲଚାଲ କରିପାରିବେ। କାରଣ ତାଙ୍କୁ ଏହା ଜଣାଥାଏ ଯେ ଏହି ଗ୍ରାହକଙ୍କର ଲୋନ୍ ନେବାରେ କୌଣସି ବାଧା ଉପୁଜିବ ନାହିଁ। ଏମାନେ ତୁରନ୍ତ ଫ୍ଲାଟ୍ କିଣିପାରିବେ। ଏଥିପାଇଁ ସେମାନେ ସେଇ କଷ୍ଟମରଙ୍କୁ ଅଧିକ ପ୍ରାଧାନ୍ୟ ଦିଅନ୍ତି, ଯେଉଁମାନେ ଠିକ୍ ସମୟରେ ଟଙ୍କା ପେମେଣ୍ଟ କରିଥାନ୍ତି। ଲୋନ୍ ସୁଇଚ୍ କରିବାର ନିର୍ଣ୍ଣୟ ଲୋନ୍ ନେବା ସମୟରେ ଫ୍ଲୋଟିଂ ରେଟ୍ ଦେଉଥିବା ଇଣ୍ଟରେଷ୍ଟକୁ ଚୟନ କରନ୍ତୁ। କାରଣ ଏପରି କରିବା ଦ୍ୱାରା ଆପଣ ଅନ୍ୟ କୌଣସି ବ୍ୟାଙ୍କରୁ ସୁଇଚ୍ କରିବାର ସୁଯୋଗ ପାଇପାରିବେ। ଏହି ସୁବିଧା ଅନୁସାରେ ଯଦି ଆପଣ ବର୍ତ୍ତମାନ ଯେଉଁ ବ୍ୟାଙ୍କରୁ ଲୋନ୍ ନେଇଛନ୍ତି ତେବେ ତା'ର ଲୋନ୍ ସୁଧ ବେଶି ଲାଗିଥାଏ। ତେବେ ଅନ୍ୟ ବ୍ୟାଙ୍କକୁ ଆପଣ ନିଜ ଲୋନ୍ ଟ୍ରାନ୍ସଫର କରିପାରିବେ ଯେଉଁଠି ସୁଧ ଆମାଉଣ୍ଟ ଆପାତତଃ ଟିକେ କମ୍। ଏହି ସୁବିଧାର ଲାଭ ଉଠାଇବା ପାଇଁ ଗ୍ରାହକମାନେ ସଜାଗ ହେବା ଆବଶ୍ୟକ। ସାଧାରଣତଃ ଦେଖିବାକୁ ଗଲେ ହୋମ୍‌ଲୋନ୍ ୨୦ବର୍ଷ ପର୍ଯ୍ୟନ୍ତ ନେଇଥାନ୍ତି। ଏଠାରେ ଧ୍ୟାନଦେବାର କଥା ହେଲା ଯେ ଆପଣଙ୍କ ଲୋନ୍‌ର ଅବଧି ଯଦି ୧୦ବର୍ଷରୁ ଅଧିକ ତେବେ ଲୋନ୍ ସୁଇଚ୍ କରିବାର ଟିକେ ଫାଇଦା ମିଳିଥାଏ। ଯେତେବେଳେ ଲୋନ୍ ଶୁଝିବାକୁ କେବଳ ୨-୪ବର୍ଷ ଅଛି ତେବେ ଏପରି ପରିସ୍ଥିତିରେ କୌଣସି ପରିବର୍ତ୍ତନ କରନ୍ତୁ ନାହିଁ। କାରଣ ଲୋନ୍ ସୁଇଚ୍ କଲେ ବ୍ୟାଙ୍କ ଏହାର ପ୍ରୋସେସିଂ ଆମାଉଣ୍ଟ ଆପଣଙ୍କଠୁ ହିଁ କ୍ଲେମ୍ କରିଥାଏ। ଏମିତିରେ ବ୍ୟାଙ୍କ ବଦଳାଇବାକୁ ଯେତିକି ଇଣ୍ଟରେଷ୍ଟ ରେଟ୍ ଏହାକୁ ଅଧିକ ଟଙ୍କା ପ୍ରୋସେସିଂ ଫି'ରେ ଖର୍ଚ୍ଚ ହୋଇଥାଏ। ଏଥିସହ ଲୋନ୍ ସୁଇଚ୍ କରିବା ପୂର୍ବରୁ ଅନ୍ୟ ବ୍ୟାଙ୍କ ସହ ଇଣ୍ଟରେଷ୍ଟ ରେଟ୍ ଉପରେ ତୁଳନା କରନ୍ତୁ। ଏଥିପାଇଁ କୌଣସି ସାଙ୍ଗସାଥୀ କିମ୍ବା ସମ୍ପର୍କୀୟଙ୍କ କଥାରେ ପଡ଼ି କିଛି ନିଷ୍ପତ୍ତି ନିଅନ୍ତୁ ନାହିଁ। ଆପଣ ଲୋନ୍ ନେବା ସମୟରେ ଛୋଟଛୋଟ କଥାକୁ ଯଦି ଧ୍ୟାନ ରଖିବେ ତେବେ ଆପଣ ଚିନ୍ତାଗ୍ରସ୍ତ ରହିବେ ନାହିଁ।



## କିଛି ଜରୁରୀ କଥା

ଅଧିକାଂଶ ପ୍ରପର୍ଟି ଚୟନ କରିବା ପୂର୍ବରୁ ବ୍ୟାଙ୍କର ଚୟନ କରିଦେଇଥାନ୍ତି। ଏପରି କରନ୍ତୁ ନାହିଁ। ଅଧିକାଂଶ ଭାବିଥାନ୍ତି ଯେ ପୋଜେସନ୍ ମିଳିବାକୁ ବହୁତ ସମୟ ଅଛି, କିନ୍ତୁ ଆବଶ୍ୟକ ସମୟରେ ଟଙ୍କାର ବନ୍ଦୋବସ୍ତ ନ ହୋଇପାରିବା କାରଣରୁ ବିବ୍ରତ ହୋଇପଡନ୍ତି । ଏଥିପାଇଁ ଡାଉନ୍ ପେମେଣ୍ଟ ଲାଗି ଆପଣଙ୍କ ଧନରାଶି ଆଗରୁ ଯୋଗାଡ଼ କରି ରଖନ୍ତୁ।

-କେତେକ ଅନ୍ୟମାନଙ୍କ ପ୍ରରୋଚନାରେ ପଡ଼ି ବିନା ଭାବି ନ ଚିନ୍ତି ସେମାନେ ଠିକ୍ କରିଥିବା ବ୍ୟାଙ୍କରୁ ଲୋନ୍ ଆଣିଥାଆନ୍ତି। ହେଲେ ଏ ନେଇ ପ୍ରଥମେ ନିଜେ ଚିନ୍ତା କରି ପ୍ରତ୍ୟକ୍ଷ ଭାବରେ ବ୍ୟାଙ୍କକୁ ଯାଇ ଲୋନ୍ ବିଷୟରେ ଆଲୋଚନା କରନ୍ତୁ। ତା'ପରେ ଆପଣ ସେହି ବ୍ୟାଙ୍କରୁ ନିଜର ଲୋନ୍ ଆପ୍ରୁଭ କରାଇବାରେ କୌଣସି ଅସୁବିଧା ରହିବ ନାହିଁ। ଇଣ୍ଟରେଷ୍ଟ ରେଟ୍ ବ୍ୟତୀତ ପ୍ରୋସେସିଂ ଫି, ପ୍ରିପେମେଣ୍ଟ ଚାର୍ଜ, ଲିଗାଲ ଓ ଭାଲ୍ୟୁଏସନ୍ ଚାର୍ଜ ଆଦି ବିଷୟରେ ଭଲ ଭାବରେ ବୁଝିବା ପରେ ଲୋନ୍ ଫାଇନାଲ କରିବାକୁ ନିଷ୍ପତ୍ତି ନିଅନ୍ତୁ।



# ଘରେ ଯଦି ମହମବତି ଜାଳିବା...



➔ଆପଣ ଜାଣନ୍ତି କି ମହମବତି ଛୋଟ ଜିନିଷଟିଏ ହେଲେ ବି ଏହାର କେତେକ ଗୁଣ ରହିଛି, ଯଦ୍ୱାରା ଆପଣଙ୍କ ଜୀବନରେ ବଡ଼ ସମସ୍ୟାକୁ ଖୁବ୍ ସହଜରେ ସମାଧାନ ହୋଇପାରିବ। ଫେଙ୍ଗ୍‌ଶୁଇ ଅନୁସାରେ ଘରକୁ ଯଦି କୌଣସି ସମସ୍ୟା ଆସୁଥାଏ ତେବେ ଏହାକୁ ଲଗାଇବା ଦ୍ୱାରା ଏହାର ସମାଧାନ ମିଳିଥାଏ।

➔ଘରେ ମହମବତି ଜଳାଇବା ଦ୍ୱାରା ଘରକୁ ନକାରାତ୍ମକ ଭାବନାରୁ ରକ୍ଷା ମିଳିଥାଏ । ଏଥିସହ ଘରର ଉତ୍ତର ଦିଗରେ ଯଦି ଧଳା କ୍ୟାଣ୍ଡେଲ ଲଗାଇ ରଖାଯାଏ ତେବେ ଘରେ ରହୁଥିବା ଲୋକଙ୍କର ଭାବନା ରଚନାତ୍ମକ ହୋଇଥାଏ।

➔ଯଦି ଆପଣଙ୍କ ପିଲା ପାଠପଢ଼ାରେ ମନ ଦେଉନି ତେବେ ତା' ରୁମ୍‌ରେ ଉତ୍ତର ପୂର୍ବ ଦିଗରେ ଗ୍ରୀନ୍ କଲର କ୍ୟାଣ୍ଡେଲ ଲଗାନ୍ତୁ। ଏପରି କରିବା ଦ୍ୱାରା ପିଲାର ଏକାଗ୍ରତା ବଢ଼ିବ ଓ ପାଠପଢ଼ାରେ ମନ ଲାଗିବ।

➔ଯଦି ଘରେ ସୁଖ ଶାନ୍ତି ରଖିବାକୁ ଚାହୁଁଛନ୍ତି ତେବେ ଗୋଲାପି ଓ ହଳଦିଆ କ୍ୟାଣ୍ଡେଲ ଜଳାନ୍ତୁ। ଏପରି କରିବା ଦ୍ୱାରା ଘରର ସମସ୍ତ ସଦସ୍ୟଙ୍କ ମନରେ ଭଲପାଇବା ବଢ଼ିଥାଏ।

# ହଳଦୀ ଫେସ୍ ପ୍ୟାକ୍

ସୌନ୍ଦର୍ଯ୍ୟ

ହଳଦୀ ଆମ ସ୍ୱାସ୍ଥ୍ୟ ଓ ସ୍କିନ୍ ଦୁଇଟି ପାଇଁ ବହୁ ଅଧିକ ଜରୁରୀ। ଏହାକୁ ଖାଇବା ଏବଂ ଫେସ୍‌ପ୍ୟାକ୍ ରୂପେ ବ୍ୟବହାର କରିବା ଦ୍ୱାରା ତ୍ୱଚା ସଫା, ଦାଗହୀନ ତ୍ୱଚା ଆପଣ ପାଇ ପାରିବେ। ଏହା ବ୍ୟତୀତ ହଳଦୀ ଫେସ୍‌ପ୍ୟାକ୍ ଲଗାଇବା ଦ୍ୱାରା କେତେକ ଫାଇଦା ମଧ୍ୟ ରହିଛି। ଜାଣନ୍ତୁ ଏହାର ଫାଇଦା ବିଷୟରେ...





**ଷ୍ଟ୍ରେଚ୍ ମାର୍କ:** ଷ୍ଟ୍ରେଚ୍ ମାର୍କ ଦୂର କରିବାକୁ ହେଲେ ହଳଦୀ ଔଷଧ ପରି କାମ କରିଥାଏ। ଏହି ଦାଗ ଦୂର କରିବାକୁ ହେଲେ ହଳଦୀ, କେସର ସହିତ ଲେମ୍ବୁ ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଷ୍ଟ୍ରେଚ୍ ମାର୍କ ହୋଇଥିବା ସ୍ଥାନରେ ୨୦ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହା ଶୁଖିଗଲା ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ। କିଛି ଦିନ ପର୍ଯ୍ୟନ୍ତ ଏପରି କରିବା ଦ୍ୱାରା ଷ୍ଟ୍ରେଚ୍ ମାର୍କ ଦାଗ ଦୂରହୋଇଯିବ।

**ବ୍ରଣ ସମସ୍ୟା:** ମୁଖ ବ୍ରଣ ସମସ୍ୟା ଥିଲେ ଏଥିପାଇଁ ଚନ୍ଦନ, ହଳଦୀ, କ୍ଷୀର ଫେସ୍ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହି ପ୍ୟାକ୍‌କୁ ମୁହଁ, ବେକରେ ଲଗାନ୍ତୁ। ୧୫-୨୦ମିନିଟ୍ ପରେ ପ୍ୟାକ୍‌କୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ୨-୩ ଦିନ ପର୍ଯ୍ୟନ୍ତ ଏପରି କଲେ ମୁଖବ୍ରଣ ମୂଳରୁ ସଫା ହୋଇଯିବ। ଫଳରେ କୌଣସି ଦାଗ ବି ରହିବନାହିଁ।

**ଦୂରିହେବ ରିଙ୍କଲ୍ସ:** ବୟସ ବଢ଼ିଲେ ରିଙ୍କଲ୍ସ ଦେଖାଯିବା ଏକ ସାଧାରଣ କଥା। ବେଳେବେଳେ ଦେଖାଯାଏ ଯଦି ଖାଦ୍ୟପେୟରେ ଅନିୟମିତତା ଦେଖାଯାଏ ତେବେ ଏହା ରିଙ୍କଲ୍ସର କାରଣ ମଧ୍ୟ ହୋଇପାରେ। ଏଥିରୁ ରକ୍ଷା ପାଇବାକୁ ହେଲେ ମହୁ ସହିତ ହଳଦୀ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟ ପ୍ରସ୍ତୁତ କରିବାକୁ ହେଲେ ୩ ଚାମଚ ହଳଦୀ ସହିତ ୧ ଚାମଚ ମହୁ ମିଶାନ୍ତୁ। ରିଙ୍କଲ୍ସରୁ ରକ୍ଷାପାଇବାକୁ ହେଲେ ଏଥିରେ ଅଳ୍ପ ପରିମାଣରେ ଲେମ୍ବୁ ରସ ମିଶାନ୍ତୁ। ଏବେ ଏହି ପେଷ୍ଟକୁ ମୁହଁ ଓ ବେକରେ ଲଗାନ୍ତୁ। ଏବେ ଏହାକୁ ୧୫-୨୦ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖିବା ପରେ ଏହାକୁ ନଖ ଉଷୁମ ପାଣିରେ ଭଲଭାବେ ଧୋଇ ଦିଅନ୍ତୁ।

**ଦାଗ ଦୂରହେବ:** ହଳଦୀ ଶରୀରରେ ଲଗାଇବା ଦ୍ୱାରା ଦାଗ ଦୂର ହୋଇଥାଏ। ଏଥିସହିତ ହଳଦୀ ଫେସ୍‌ପ୍ୟାକ୍ ପ୍ରତିଦିନ ମୁହଁରେ ଲଗାଇବା ଦ୍ୱାରା ତ୍ୱଚା ସଫା ଦେଖାଯାଏ ଏବଂ ଦାଗ ଦୂର ହୋଇଥାଏ। ଏଥିପାଇଁ ଆପଣ ଅଳ୍ପ ହଳଦୀ ସହିତ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଅନ୍ତତଃ ସପ୍ତାହରେ ୨ଥର ଲଗାଇଲେ ଦେଖିବେ ଆପଣଙ୍କ ତ୍ୱଚାରେ କୌଣସି ଦାଗ ରହିବନାହିଁ।



# ପ୍ରଥମ ଦିନିକିଆ ଆଜି



ଶିଖର ଧାୱନ

**ଭାରତ ବନାମ ଇଂଲଣ୍ଡ**

**ଲଣ୍ଡନ, ୧୧।୭(ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ଗେମ୍ ମଙ୍ଗଳବାର କେନିଙ୍ଗଷ୍ଟନ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଭାରତ ୨-୧ରେ ଟି୨୦ ସିରିଜ ଜିତିବା ପରେ ଦିନିକିଆ ଖେଳିବାକୁ ଯାଉଛି। ତେଣୁ ଭାରତୀୟ ବ୍ୟାଟରମାନେ ଟି୨୦ରେ ପ୍ରଦର୍ଶନ କରିଥିବା ନୀର୍ଭିକ ବ୍ୟାଟିଂକୁ ଦିନିକିଆରେ ମଧ୍ୟ ଅପରିବର୍ତ୍ତିତ ରଖିବା ସମ୍ଭାବନା ରହିଛି। ହାଇ-ରିସ୍କ ପ୍ଲେଇଂ ଷ୍ଟାଇଲ ଗତ ସିରିଜରେ ଭାରତକୁ ଫାଇଦାରେ ରଖିଥିଲା। ତେଣୁ ଏଥିରେ ପରିବର୍ତ୍ତନ ଆଣିବାର କୌଣସି କାରଣ ଦେଖିବାକୁ ପାଉ ନ ଥିବା ଅଧିନାୟକ ରୋହିତ ଶର୍ମା ପ୍ରକାଶ କରିଛନ୍ତି।

୨୦୧୯ ବିଶ୍ୱକପ ଜିତିବା ସହିତ ଇଂଲଣ୍ଡ ଦିନିକିଆରେ ଆଧିପତ୍ୟ ବିସ୍ତାର କରି ଆସିଛି। ଏହାର କିଛିଟା ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିଛି। ଆସନ୍ତା ଟି୨୦ ବିଶ୍ୱକପ ପୂର୍ବରୁ ଭାରତ ଏହି ୫୦ ଓଭର ବିଶିଷ୍ଟ ଦିନିକିଆ ସିରିଜ ଖେଳିବାକୁ ଯାଉଛି। ତେବେ ଏହାକୁ ସମାନ ଗୁରୁତ୍ୱ ଦିଆଯାଉଥିବା ସମ୍ପର୍କରେ ରୋହିତ ସୂଚନା ଦେଇଛନ୍ତି। କେବଳ ଗୋଟିଏ ଫର୍ମାଟ୍‌ରେ ଖେଳୁଥିବା ଶିଖର ଧାୱନଙ୍କ ପରି ଖେଳାଳିଙ୍କ ପାଇଁ ଇଂଲଣ୍ଡ ଆକ୍ରମଣକୁ ସମ୍ମୁଖୀନ ହେବା ଏକ ଚ୍ୟାଲେଞ୍ଜ ସଦୃଶ। ତେବେ ଦିନିକିଆ ହେଉ କିମ୍ବା ଇଣ୍ଡିଆନ ପ୍ରିମିୟର ଲିଗ୍ ଏହି ଖେଳାଳି ସବୁବେଳେ ଏକାଗ୍ରତା ରଖିବାକୁ ଚେଷ୍ଟା କରିଆସିଛନ୍ତି। ବିରାଟ କୋହଲି ଟି୨୦ରେ ଫର୍ମକୁ ଫେରନ୍ତୁ ବୋଲି ଶହେ କୋଟିରୁ ଉର୍ଦ୍ଧ୍ୱ ଲୋକ ଅପେକ୍ଷା କରିଥିଲେ। ମାତ୍ର ତାହା ସମ୍ଭବ ହୋଇ ନ ଥିଲା। ଦିନିକିଆ ଭିନ୍ନ ଫର୍ମାଟର ଗେମ୍ ହୋଇଥିବାରୁ ସିରିଜରେ ସେ ଅଧିକ ରନ୍ ସଂଗ୍ରହ କରନ୍ତୁ ବୋଲି ତାଙ୍କ ପ୍ରଶଂସକମାନେ ଚାହୁଁଛନ୍ତି।

ଇଅନ ମୋର୍ଗାନ୍‌ଙ୍କଠାରୁ ଦାୟିତ୍ୱ ନେବାପରେ ଦିନିକିଆରେ ଏହା ହେବ ଅଧିନାୟକ ଜୋସ ବଟ୍‌ଲରଙ୍କର ପ୍ରଥମ ପରୀକ୍ଷା। ଟି୨୦ର ନୈରାଶ୍ୟ ପରେ ଘରୋଇ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛି। ବଡ଼ ସ୍କୋର ପାଇଁ ବିଶେଷ ପରିଚିତ ବଟ୍‌ଲର ଟି୨୦ରେ ତାହା କରିପାରି ନ ଥିଲେ। ତେଣୁ ଦିନିକିଆରେ ସେ ସ୍ୱାଭାବିକ ପ୍ରଦର୍ଶନ ପାଇଁ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି। ବର୍ମିଂହାମ୍ ଟେଷ୍ଟ ବିଜୟର ହିରୋ ବେନ୍ ଷ୍ଟୋକ୍ସ, ଜୋ ରୁଟ୍ ଓ ଜନି ବେୟାରଷ୍ଟୋଙ୍କ ପ୍ରତ୍ୟାବର୍ତ୍ତନ ପରେ ଇଂଲଣ୍ଡ ଦଳର ଶକ୍ତି ବୃଦ୍ଧି ହୋଇଛି।

ଇଂଲଣ୍ଡ ଦଳ: ଜୋସ୍ ବଟ୍‌ଲର (ଅଧିନାୟକ), ମୋଇନ ଅଲୀ, ଜୋନାଥନ ବେୟାରଷ୍ଟୋ, ହ୍ୟାରୀ ବ୍ରୁକ୍, ବ୍ରେଡନ କାର୍ସ, ସାମ୍ କୁରାନ, ଲିଆମ ଲିଭିଂଷ୍ଟୋନ, କ୍ରେଗ୍ ଓଭର୍ଟନ, ମାଥ୍ୟୁ ପାର୍କିନସନ, ଜୋ ରୁଟ୍, ଜାସନ ରୟ, ଫିଲ୍ ସଲ୍ଟ, ବେନ୍ ଷ୍ଟୋକ୍ସ, ରିସି ଟୋପ୍‌ଲେ, ଡାଭିଡ ୱିଲି।

ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ଇଶାନ କିଷନ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୂଳ ଠାକୁର, ଯୁଜ୍‌ବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଯଶ୍‌ପ୍ରୀତ୍ ବୁମ୍ରା, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ଶାମି, ମହମ୍ମଦ ସିରାଜ, ଅର୍ଶଦୀପ ସିଂ।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୫ଟା ୩୦**




# ଫେୟାର ପ୍ଲେ ପ୍ୟାନେଲରେ ଅପରାଜିତା



ଅପରାଜିତା ଗୋଚ୍ଛିକାର

**ଚେସ୍ ଅଲିମ୍ପିଆଡ୍**

**ଭୁବନେଶ୍ୱର, ୧୧।୭ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଚେସ୍ ତାରକା ଅପରାଜିତା ଗୋଚ୍ଛିକାରଙ୍କୁ ମିଳିଛି ଆଉ ଏକ ସମ୍ମାନଜନକ ଏବଂ ଗୁରୁ ଦାୟିତ୍ୱ। ଆସନ୍ତା ଚେସ୍ ଅଲିମ୍ପିଆଡ୍ ପାଇଁ ଓଡ଼ିଶାର ଏହି କ୍ୟାଣ୍ଡିଡେଟ୍ ମାଷ୍ଟର ଏବଂ ଫିଡେ ଆର୍ବିଟରଙ୍କୁ ଫେୟାର ପ୍ଲେ ପ୍ୟାନେଲ (ଏଫ୍‌ପିପି)ରେ ସାମିଲ କରାଯାଇଛି। ଚେନ୍ନାଇର ମହାବଳୀପୁରମ୍‌ଠାରେ ଚଳିତ ମାସ ୨୮ରୁ ଆରମ୍ଭ ହେବାକୁ ଯାଉଥିବା ଚେସ୍ ଅଲିମ୍ପିଆଡ୍‌ରେ ସେ ଫେୟାର ପ୍ଲେ ଏକ୍ସପର୍ଟ ଭାବେ ଦାୟିତ୍ୱ ତୁଲାଇବେ। ଏଫ୍‌ପିପି ପାଇଁ ସର୍ବଭାରତୀୟ ଚେସ୍ ଫେଡେରେଶନ ପକ୍ଷରୁ ୱାର୍ଲ୍ଡ ଚେସ୍ ଫେଡେରେଶନ (ଫିଡେ) ନିକଟକୁ ୨ ଜଣଙ୍କ ନାମ ସୁପାରିସ କରାଯାଇଥିଲା। ସେମାନେ ହେଲେ ଅପରାଜିତା ଏବଂ ଅନ୍ତର୍ଜାତୀୟ ଆର୍ବିଟର ଧର୍ମେନ୍ଦ୍ର କୁମାର। ତେଣୁ ଭାରତର ଏକମାତ୍ର ମହିଳା ଭାବେ ଅପରାଜିତା ଏହି ପ୍ୟାନେଲରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି। ୱାର୍ଲ୍ଡ ଚେସ୍ କ୍ୟାଲେଣ୍ଡରରେ ଚେସ୍ ଅଲିମ୍ପିଆଡ୍ ଏକ ବଡ଼ ପ୍ରତିଯୋଗିତା। ଏଥିରେ ୧୮୮ଟି ଦେଶର ପ୍ରତିଯୋଗୀ ଭାଗନେବା ସମ୍ଭାବନା ରହିଛି। ଏଥିପାଇଁ ବିଶ୍ୱର ମୋଟ୍ ୧୮ ଜଣଙ୍କୁ ଫେୟାର ପ୍ଲେ ଏକ୍ସପର୍ଟ ଭାବେ ଫିଡେ ପକ୍ଷରୁ ମନୋନୟନ କରାଯାଇଛି। ସେମାନଙ୍କ ମଧ୍ୟରେ ଅପରାଜିତା ଅନ୍ୟତମ। ଏପରି ଏକ ଗୁରୁଦାୟିତ୍ୱ ଦିଆଯାଇଥିବାରୁ ୨୯ ବର୍ଷୀୟା ଅପରାଜିତା ୱାର୍ଲ୍ଡ ଚେସ୍ ଫେଡେରେଶନ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଓ ନାଲ୍‌କୋକୁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କ ଉପରେ ଯେଉଁ ଆସ୍ଥା ସ୍ଥାପନ କରାଯାଇଛି, ତାହାକୁ ସେ କାର୍ଯ୍ୟ ମାଧ୍ୟମରେ କରି ଦେଖାଇବାକୁ ଚେଷ୍ଟା କରିବେ। ଏହି ଚ୍ୟାଲେଞ୍ଜ୍‌ର ମୁକାବିଲା ପାଇଁ ସେ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସରେ ଥିବା ପ୍ରକାଶ କରିଛନ୍ତି।

# କୋହଲି ଆହତ

**ନୂଆଦିଲ୍ଲୀ, ୧୧।୭ (ପି.ଟି.):** ସମ୍ପ୍ରତି ଫର୍ମ ସନ୍ଧାନରେ ଥିବା ବିରାଟ କୋହଲି ଆହତ ହୋଇଛନ୍ତି। ତେଣୁ ସେ ମଙ୍ଗଳବାର ହେବାକୁଥିବା ପ୍ରଥମ ଦିନିକିଆରେ ଖେଳିବା ସମ୍ଭାବନା କମ୍। ଇଂଲଣ୍ଡ ବିପକ୍ଷ ୩ୟ ଟି୨୦ ଅନ୍ତର୍ଜାତୀୟ ସମୟରେ ସେ ତଳିପେଟ ଓ ଜଙ୍ଘ ମଧ୍ୟସ୍ଥ ସ୍ଥାନରେ ଆଘାତ ପାଇଥିଲେ। ଆଘାତ ସମସ୍ୟା କେତେ ପରିମାଣରେ ହୋଇଛି ଯଦିଓ ତାହା ଜଣା ପଡ଼ିନାହିଁ ତେବେ ଟିମ୍ ମ୍ୟାନେଜମେଣ୍ଟ ୩୩ ବର୍ଷୀୟ କୋହଲିଙ୍କୁ ବ୍ରେକ୍ ଦେବା ଲକ୍ଷ୍ୟରେ ନାହିଁ। ତେଣୁ ସେ ଜୁଲାଇ ୧୪ରେ ଲର୍ଡ୍ସ ଓ ୧୭ରେ ମାଞ୍ଚେଷ୍ଟରରେ ହେବାକୁଥିବା ପରବର୍ତ୍ତୀ ୨ଟି ଗେମ୍ ପାଇଁ ଉପଲବ୍ଧ ହେବେ। ଜଣାଯାଇଛି ଯେ, କୋହଲି ଟିମ୍ ବସ୍‌ରେ ନଟିଂହାମ୍‌ରୁ ଲଣ୍ଡନ ଯାଇ ନାହାନ୍ତି। ମେଡିକାଲ୍ ଚେକ୍-ଅପ୍ ପାଇଁ ସେ ରହିଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ସୋମବାର ଇଚ୍ଛାଧୀନ ଟ୍ରେନିଂ ସେସନରେ ଶିଖର ଧାୱନ, ଶାର୍ଦ୍ଦୂଳ ଠାକୁର ଓ ପ୍ରସିଦ୍ଧ କ୍ରିଷ୍ଣା ଯୋଗ ଦେଇଥିଲେ।




# ଜାତୀୟ କ୍ୟାମ୍ପ ପାଇଁ ଓଡ଼ିଶାରୁ ୧୧

**ଭୁବନେଶ୍ୱର, ୧୧।୭ (କ୍ରୀଡ଼ା ପ୍ରତିନିଧି):** ସ୍ୱତନ୍ତ୍ର ଅଲିମ୍ପିକ ଭାରତ ଦ୍ୱାରା ଗାନ୍ଧୀନଗରଠାରେ ସୋମବାର ଆରମ୍ଭ ହୋଇଥିବା ଜାତୀୟ ପ୍ରଶିକ୍ଷଣ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ନିମନ୍ତେ ଚୟନ ଶିବିରରେ ଭାଗନେବାକୁ ଓଡ଼ିଶାର ୧୧ ଜଣିଆ ଦଳ ଯାତ୍ରା କରିଛି। ମହିଳା ବିଭାଗରେ ସିପ୍ରା ପ୍ରିୟଦର୍ଶିନୀ, ଅରିଦିତା ଚକ୍ରବର୍ତ୍ତୀ, ସଙ୍ଗୀତା ନାୟକ ଓ କଳ୍ପନା ଜେନା ଥିବାବେଳେ ସ୍ୱତନ୍ତ୍ର ଶିକ୍ଷକ ଗୀତା ପଣ୍ଡା କୋଚ୍ ଅଛନ୍ତି। ସେହିପରି ପୁରୁଷ ବିଭାଗରେ ସନ୍ତୋଷ ମଲ୍ଲିକ, ପ୍ରିୟରଞ୍ଜନ, ଦଧିଚି, ଆଦିତ୍ୟ ହେମ୍ବ୍ରମ ଓ ପ୍ରଜ୍ୟୋତ ଦାସ ଖେଳାଳି ଥିବାବେଳେ ସ୍ୱତନ୍ତ୍ର ଶିକ୍ଷକ ପ୍ରିୟବ୍ରତ ଦାସ କୋଚ୍ ଭାବେ ଗାନ୍ଧୀନଗର ଯାଇଛନ୍ତି। ଶିବିର ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ୱତନ୍ତ୍ର ଅଲିମ୍ପିକ ଭାରତ- ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର ଓ ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର ଓଡ଼ିଶା ଦଳକୁ ଶୁଭକାମନା ଜଣାଇଛନ୍ତି।

**ସ୍ୱତନ୍ତ୍ର ଅଲିମ୍ପିକ ଭାରତ ରୋଲର ସ୍କେଟିଂ**



ସ୍ୱତନ୍ତ୍ର ଅଲିମ୍ପିକ୍ ଭାରତ ରୋଲର ସ୍କେଟିଂ ଜାତୀୟ କ୍ୟାମ୍ପ ପାଇଁ ମନୋନୀତ ଓଡ଼ିଶା ଦଳ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୨/୨୦୨୨ Bhubaneswar, Tuesday, July 12/ 2022

# ପ୍ରଥମ ଦିନିକିଆ ଆଜି



ଶିଖର ଧାୱନ

**ଲଣ୍ଡନ, ୧୧।୭(ପି.ଟି.)**

## ଭାରତ ବନାମ ଇଂଲଣ୍ଡ

ଭାରତ ଓ ଇଂଲଣ୍ଡ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ଗେମ୍ ମଙ୍ଗଳବାର କେନିଙ୍ଗଷ୍ଟନ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଭାରତ ୨-୧ରେ ଟି୨୦ ସିରିଜ ଜିତିବା ପରେ ଦିନିକିଆ ଖେଳିବାକୁ ଯାଉଛି। ତେଣୁ ଭାରତୀୟ ବ୍ୟାଟରମାନେ ଟି୨୦ରେ ପ୍ରଦର୍ଶନ କରିଥିବା ନୀର୍ଭିକ ବ୍ୟାଟିଂକୁ ଦିନିକିଆରେ ମଧ୍ୟ ଅପରିବର୍ତ୍ତିତ ରଖିବା ସମ୍ଭାବନା ରହିଛି। ହାଇ-ରିସ୍କ ପ୍ଲେଇଂ ଷ୍ଟାଇଲ ଗତ ସିରିଜରେ ଭାରତକୁ ଫାଇଦାରେ ରଖିଥିଲା। ତେଣୁ ଏଥିରେ ପରିବର୍ତ୍ତନ ଆଣିବାର କୌଣସି କାରଣ ଦେଖିବାକୁ ପାଉ ନ ଥିବା ଅଧିନାୟକ ରୋହିତ ଶର୍ମା ପ୍ରକାଶ କରିଛନ୍ତି।

୨୦୧୯ ବିଶ୍ୱକପ ଜିତିବା ସହିତ ଇଂଲଣ୍ଡ ଦିନିକିଆରେ ଆଧିପତ୍ୟ ବିସ୍ତାର କରି ଆସିଛି। ଏହାର କିଛିଟା ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିଛି। ଆସନ୍ତା ଟି୨୦ ବିଶ୍ୱକପ ପୂର୍ବରୁ ଭାରତ ଏହି ୫୦ ଓଭର ବିଶିଷ୍ଟ ଦିନିକିଆ ସିରିଜ ଖେଳିବାକୁ ଯାଉଛି। ତେବେ ଏହାକୁ ସମାନ ଗୁରୁତ୍ୱ ଦିଆଯାଉଥିବା ସମ୍ପର୍କରେ ରୋହିତ ସୂଚନା ଦେଇଛନ୍ତି। କେବଳ ଗୋଟିଏ ଫର୍ମାଟ୍‌ରେ ଖେଳୁଥିବା ଶିଖର ଧାୱନଙ୍କ ପରି ଖେଳାଳିଙ୍କ ପାଇଁ ଇଂଲଣ୍ଡ ଆକ୍ରମଣକୁ ସମ୍ମୁଖୀନ ହେବା ଏକ ଚ୍ୟାଲେଞ୍ଜ ସଦୃଶ। ତେବେ ଦିନିକିଆ ହେଉ କିମ୍ବା ଇଣ୍ଡିଆନ ପ୍ରିମିୟର ଲିଗ୍ ଏହି ଖେଳାଳି ସବୁବେଳେ ଏକାଗ୍ରତା ରଖିବାକୁ ଚେଷ୍ଟା କରିଆସିଛନ୍ତି। ବିରାଟ କୋହଲି ଟି୨୦ରେ ଫର୍ମକୁ ଫେରନ୍ତୁ ବୋଲି ଶହେ କୋଟିରୁ ଊର୍ଦ୍ଧ୍ୱ ଲୋକ ଅପେକ୍ଷା କରିଥିଲେ। ମାତ୍ର ତାହା ସମ୍ଭବ ହୋଇ ନ ଥିଲା। ଦିନିକିଆ ଭିନ୍ନ ଫର୍ମାଟର ଗେମ୍ ହୋଇଥିବାରୁ ସିରିଜରେ ସେ ଅଧିକ ରନ୍ ସଂଗ୍ରହ କରନ୍ତୁ ବୋଲି ତାଙ୍କ ପ୍ରଶଂସକମାନେ ଚାହୁଁଛନ୍ତି।

ଇଅନ ମୋର୍ଗାନ୍‌ଙ୍କଠାରୁ ଦାୟିତ୍ୱ ନେବାପରେ ଦିନିକିଆରେ ଏହା ହେବ ଅଧିନାୟକ ଜୋସ ବଟ୍‌ଲରଙ୍କର ପ୍ରଥମ ପରୀକ୍ଷା। ଟି୨୦ର ନୈରାଶ୍ୟ ପରେ ଘରୋଇ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛି। ବଡ଼ ସ୍କୋର ପାଇଁ ବିଶେଷ ପରିଚିତ ବଟଲର ଟି୨୦ରେ ତାହା କରିପାରି ନ ଥିଲେ। ତେଣୁ ଦିନିକିଆରେ ସେ ସ୍ୱାଭାବିକ ପ୍ରଦର୍ଶନ ପାଇଁ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି। ବର୍ମିଂହାମ୍ ଟେଷ୍ଟ ବିଜୟର ହିରୋ ବେନ୍ ଷ୍ଟୋକ୍ସ, ଜୋ ରୁଟ୍ ଓ ଜନି ବେୟାରଷ୍ଟୋଙ୍କ ପ୍ରତ୍ୟାବର୍ତ୍ତନ ପରେ ଇଂଲଣ୍ଡ ଦଳର ଶକ୍ତି ବୃଦ୍ଧି ହୋଇଛି।

ଇଂଲଣ୍ଡ ଦଳ: ଜୋସ୍ ବଟ୍‌ଲର (ଅଧିନାୟକ), ମୋଇନ ଅଲୀ, ଜୋନାଥନ ବେୟାରଷ୍ଟୋ, ହ୍ୟାରୀ ବ୍ରୁକ୍, ବ୍ରେଡନ କାର୍ସ, ସାମ୍ କୁରାନ, ଲିଆମ ଲିଭିଂଷ୍ଟୋନ, କ୍ରେଗ୍ ଓଭର୍ଟନ, ମାଥ୍ୟୁ ପାର୍କିନସନ, ଜୋ ରୁଟ୍, ଜାସନ ରୟ, ଫିଲ୍ ସଲ୍ଟ, ବେନ୍ ଷ୍ଟୋକ୍ସ, ରିସି ଟୋପ୍‌ଲେ, ଡାଭିଡ ୱିଲି।

ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ଇଶାନ କିଷନ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୂଳ ଠାକୁର, ଯୁଜ୍‌ବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଯଶ୍‌ପ୍ରୀତ୍ ବୁମ୍ରା, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ଶାମି, ମହମ୍ମଦ ସିରାଜ, ଅର୍ଶଦୀପ ସିଂ।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୫ଟା ୩୦**




# ଫେୟାର ପ୍ଲେ ପ୍ୟାନେଲରେ ଅପରାଜିତା



ଅପରାଜିତା ଗୋଚ୍ଛିକାର

**ଭୁବନେଶ୍ୱର, ୧୧।୭ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଚେସ୍ ତାରକା ଅପରାଜିତା ଗୋଚ୍ଛିକାରଙ୍କୁ ମିଳିଛି ଆଉ ଏକ ସମ୍ମାନଜନକ ଏବଂ ଗୁରୁ ଦାୟିତ୍ୱ। ଆସନ୍ତା ଚେସ୍ ଅଲିମ୍ପିଆଡ୍ ପାଇଁ ଓଡ଼ିଶାର ଏହି କ୍ୟାଣ୍ଡିଡେଟ୍ ମାଷ୍ଟର ଏବଂ ଫିଡେ ଆର୍ବିଟରଙ୍କୁ ଫେୟାର ପ୍ଲେ ପ୍ୟାନେଲ (ଏଫ୍‌ପିପି)ରେ ସାମିଲ କରାଯାଇଛି। ଚେନ୍ନାଇର ମହାବଳୀପୁରମ୍‌ଠାରେ ଚଳିତ ମାସ ୨୮ରୁ ଆରମ୍ଭ ହେବାକୁ ଯାଉଥିବା ଚେସ୍ ଅଲିମ୍ପିଆଡ୍‌ରେ ସେ ଫେୟାର ପ୍ଲେ ଏକ୍ସପର୍ଟ ଭାବେ ଦାୟିତ୍ୱ ତୁଲାଇବେ। ଏଫ୍‌ପିପି ପାଇଁ ସର୍ବଭାରତୀୟ ଚେସ୍ ଫେଡେରେଶନ ପକ୍ଷରୁ ୱାର୍ଲ୍ଡ ଚେସ୍ ଫେଡେରେଶନ (ଫିଡେ) ନିକଟକୁ ୨ ଜଣଙ୍କ ନାମ ସୁପାରିସ କରାଯାଇଥିଲା। ସେମାନେ ହେଲେ ଅପରାଜିତା ଏବଂ ଅନ୍ତର୍ଜାତୀୟ ଆର୍ବିଟର ଧର୍ମେନ୍ଦ୍ର କୁମାର। ତେଣୁ ଭାରତର ଏକମାତ୍ର ମହିଳା ଭାବେ ଅପରାଜିତା ଏହି ପ୍ୟାନେଲରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି। ୱାର୍ଲ୍ଡ ଚେସ୍ କ୍ୟାଲେଣ୍ଡରରେ ଚେସ୍ ଅଲିମ୍ପିଆଡ୍ ଏକ ବଡ଼ ପ୍ରତିଯୋଗିତା। ଏଥିରେ ୧୮୮ଟି ଦେଶର ପ୍ରତିଯୋଗୀ ଭାଗନେବା ସମ୍ଭାବନା ରହିଛି। ଏଥିପାଇଁ ବିଶ୍ୱର ମୋଟ୍ ୧୮ ଜଣଙ୍କୁ ଫେୟାର ପ୍ଲେ ଏକ୍ସପର୍ଟ ଭାବେ ଫିଡେ ପକ୍ଷରୁ ମନୋନୟନ କରାଯାଇଛି। ସେମାନଙ୍କ ମଧ୍ୟରେ ଅପରାଜିତା ଅନ୍ୟତମ। ଏପରି ଏକ ଗୁରୁଦାୟିତ୍ୱ ଦିଆଯାଇଥିବାରୁ ୨୯ ବର୍ଷୀୟା ଅପରାଜିତା ୱାର୍ଲ୍ଡ ଚେସ୍ ଫେଡେରେଶନ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଓ ନାଲ୍‌କୋକୁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କ ଉପରେ ଯେଉଁ ଆସ୍ଥା ସ୍ଥାପନ କରାଯାଇଛି, ତାହାକୁ ସେ କାର୍ଯ୍ୟ ମାଧ୍ୟମରେ କରି ଦେଖାଇବାକୁ ଚେଷ୍ଟା କରିବେ। ଏହି ଚ୍ୟାଲେଞ୍ଜ୍‌ର ମୁକାବିଲା ପାଇଁ ସେ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସରେ ଥିବା ପ୍ରକାଶ କରିଛନ୍ତି।

## ଚେସ୍ ଅଲିମ୍ପିଆଡ୍

# କୋହଲି ଆହତ

**ନୂଆଦିଲ୍ଲୀ, ୧୧।୭ (ପି.ଟି.):** ସମ୍ପ୍ରତି ଫର୍ମ ସନ୍ଧାନରେ ଥିବା ବିରାଟ କୋହଲି ଆହତ ହୋଇଛନ୍ତି। ତେଣୁ ସେ ମଙ୍ଗଳବାର ହେବାକୁଥିବା ପ୍ରଥମ ଦିନିକିଆରେ ଖେଳିବା ସମ୍ଭାବନା କମ୍। ଇଂଲଣ୍ଡ ବିପକ୍ଷ ୩ୟ ଟି୨୦ ଅନ୍ତର୍ଜାତୀୟ ସମୟରେ ସେ ତଳିପେଟ ଓ ଜଙ୍ଘ ମଧ୍ୟସ୍ଥ ସ୍ଥାନରେ ଆଘାତ ପାଇଥିଲେ। ଆଘାତ ସମସ୍ୟା କେତେ ପରିମାଣରେ ହୋଇଛି ଯଦିଓ ତାହା ଜଣା ପଡ଼ିନାହିଁ ତେବେ ଟିମ୍ ମ୍ୟାନେଜମେଣ୍ଟ ୩୩ ବର୍ଷୀୟ କୋହଲିଙ୍କୁ ବ୍ରେକ୍ ଦେବା ଲକ୍ଷ୍ୟରେ ନାହିଁ। ତେଣୁ ସେ ଜୁଲାଇ ୧୪ରେ ଲର୍ଡ୍ସ ଓ ୧୭ରେ ମାଞ୍ଚେଷ୍ଟରରେ ହେବାକୁଥିବା ପରବର୍ତ୍ତୀ ୨ଟି ଗେମ୍ ପାଇଁ ଉପଲବ୍ଧ ହେବେ। ଜଣାଯାଇଛି ଯେ, କୋହଲି ଟିମ୍ ବସ୍‌ରେ ନଟିଂହାମ୍‌ରୁ ଲଣ୍ଡନ ଯାଇ ନାହାନ୍ତି। ମେଡିକାଲ୍ ଚେକ୍-ଅପ୍ ପାଇଁ ସେ ରହିଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ସୋମବାର ଇଚ୍ଛାଧୀନ ଟ୍ରେନିଂ ସେସନରେ ଶିଖର ଧାୱନ, ଶାର୍ଦ୍ଦୂଳ ଠାକୁର ଓ ପ୍ରସିଦ୍ଧ କ୍ରିଷ୍ଣା ଯୋଗ ଦେଇଥିଲେ।

# ଜାତୀୟ କ୍ୟାମ୍ପ ପାଇଁ ଓଡ଼ିଶାରୁ ୧୧

**ଭୁବନେଶ୍ୱର, ୧୧।୭ (କ୍ରୀଡ଼ା ପ୍ରତିନିଧି):** ସ୍ୱତନ୍ତ୍ର ଅଲିମ୍ପିକ ଭାରତ ଦ୍ୱାରା ଗାନ୍ଧୀନଗରଠାରେ ସୋମବାର ଆରମ୍ଭ ହୋଇଥିବା ଜାତୀୟ ପ୍ରଶିକ୍ଷଣ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ନିମନ୍ତେ ଚୟନ ଶିବିରରେ ଭାଗନେବାକୁ ଓଡ଼ିଶାର ୧୧ ଜଣିଆ ଦଳ ଯାତ୍ରା କରିଛି। ମହିଳା ବିଭାଗରେ ସିପ୍ରା ପ୍ରିୟଦର୍ଶିନୀ, ଅରିନ୍ଦିତା ଚକ୍ରବର୍ତ୍ତୀ, ସଙ୍ଗୀତା ନାୟକ ଓ କଳ୍ପନା ଜେନା ଥିବାବେଳେ ସ୍ୱତନ୍ତ୍ର ଶିକ୍ଷକ ଗୀତା ପଣ୍ଡା କୋଚ୍ ଅଛନ୍ତି। ସେହିପରି ପୁରୁଷ ବିଭାଗରେ ସନ୍ତୋଷ ମଲ୍ଲିକ, ପ୍ରିୟରଞ୍ଜନ, ଦଧିଚି, ଆଦିତ୍ୟ ହେମ୍ବ୍ରମ ଓ ପ୍ରଜ୍ୟୋତ ଦାସ ଖେଳାଳି ଥିବାବେଳେ ସ୍ୱତନ୍ତ୍ର ଶିକ୍ଷକ ପ୍ରିୟବ୍ରତ ଦାସ କୋଚ୍ ଭାବେ ଗାନ୍ଧୀନଗର ଯାଇଛନ୍ତି। ଶିବିର ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ୱତନ୍ତ୍ର ଅଲିମ୍ପିକ ଭାରତ- ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର ଓ ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର ଓଡ଼ିଶା ଦଳକୁ ଶୁଭକାମନା ଜଣାଇଛନ୍ତି।

## ସ୍ୱତନ୍ତ୍ର ଅଲିମ୍ପିକ ଭାରତ ରୋଲର ସ୍କେଟିଂ



ସ୍ୱତନ୍ତ୍ର ଅଲିମ୍ପିକ୍ ଭାରତ ରୋଲର ସ୍କେଟିଂ ଜାତୀୟ କ୍ୟାମ୍ପ ପାଇଁ ମନୋନୀତ ଓଡ଼ିଶା ଦଳ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ